



# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 174 | ଭାଗ ୩୩ | ସଂଖ୍ୟା ୧୭୪ | Sunday 14 September 2025 | Page 8 Rs. 5.00 | ଭୁବନେଶ୍ୱର ରବିବାର ୧୪ ସେପ୍ଟେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ଓଲଟିଲା ଡଙ୍ଗା: ୧୦୭ ମୃତ

● ମୃତକଙ୍କ ମଧ୍ୟରେ ଅଧିକାଂଶ ଛାତ୍ର

**କଙ୍ଗୋ,୧୩।୯:** କଙ୍ଗୋରେ ଦେଖିବାକୁ ମିଳିଛି ଭୟଙ୍କର ବୋଟ ଟ୍ରାଜେଡି। ଯେଉଁଥିରେ ଅତି କମରେ ୧୦୭ ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ଛାତ୍ର ଥିବା ଜଣାପଡ଼ିଛି। ଏହି ଘଟଣା ବସନକୁସୁ ଅଞ୍ଚଳରେ ଘଟିଛି। ଅନ୍ୟ ୧୪୬ ଜଣଙ୍କ ନିଖୋଜ ଅଛନ୍ତି। ସେମାନଙ୍କୁ ଉଦ୍ଧାର ପାଇଁ ଅଭିଯାନ ଚାଲିଛି।

ନର୍ଥ ୱେଷ୍ଟର୍ଣ୍ଣ ଇକ୍ୟୁଏଟର ପ୍ରୋଭିନ୍ସରେ ଏହି ଭୟଙ୍କର ବୋଟ ଦୁର୍ଘଟଣା ଘଟିଛି। ମାଲେଞ୍ଜି ଗାଁ ନିକଟ କଙ୍ଗୋ ନଦୀରେ ଡଙ୍ଗାରେ ୫ଶହରୁ ଅଧିକ ଯାତ୍ରୀ ଯାଉଥିବା ବେଳେ ହଠାତ ନିଆଁ ଲାଗିଯାଇଥିଲା। ବୋଟରେ କ୍ଷମତାଠାରୁ ଅଧିକ ଯାତ୍ରୀ ଥିଲେ। ଦୁର୍ଘଟଣା ପରେ ୨୦୯ ଜଣଙ୍କୁ ଉଦ୍ଧାର କରାଯାଇଛି। ରିପୋର୍ଟ ଅନୁଯାୟୀ, ଏକ ମୋଟରଚାଳିତ ଡଙ୍ଗା ଓଲଟି ପଡ଼ିବା ଫଳରେ ଏହି ଦୁର୍ଘଟଣା ➪ପୃଷ୍ଠା-୬

## ଭାଙ୍ଗିଲା ନେପାଳ ସଂସଦ
## ୨୦୨୬ ମାର୍ଚ୍ଚ ୫ରେ ନିର୍ବାଚନ

୬ ମାସ ଶାସନ ଭାର ସମ୍ଭାଳିବେ ସୁଶୀଳା କାର୍କି



**କାଠମାଣ୍ଡୁ,୧୩।୯:** ନେପାଳ ସଂସଦକୁ ଭଙ୍ଗ କରାଯାଇଛି। ଏଥିସହ ନିର୍ବାଚନ ପାଇଁ ରାଷ୍ଟ୍ରପତି କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ୨୦୨୬ ମସିହା ମାର୍ଚ୍ଚ ୫ ତାରିଖରେ ହେବ ନେପାଳ ନିର୍ବାଚନ। ନେପାଳ ଅନ୍ତରୀଣ ପ୍ରଧାନମନ୍ତ୍ରୀ ସୁଶୀଳା କାର୍କି ଏବେ ଦାୟିତ୍ୱରେ ଅଛନ୍ତି। ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଭାବେ ସେ ଗତକାଲି ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପଦ ଓ ଗୋପନୀୟତାର ଶପଥ ନେଇଥିଲେ। ସୁଶୀଳା କାର୍କି ୬ ମାସ ଶାସନ ଭାର ସମ୍ଭାଳିବା ପରେ ଆସନ୍ତା ବର୍ଷ ମାର୍ଚ୍ଚ ୫ ତାରିଖରେ ଅନୁଷ୍ଠିତ ହେବ ନେପାଳର ସାଧାରଣ ନିର୍ବାଚନ। ଆସନ୍ତାବର୍ଷ ମାର୍ଚ୍ଚ ୫ରେ ନେପାଳରେ ନୂଆ ସରକାର ଗଠନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ।

ଓଡ଼ିଶାକୁ ଦୁର୍ଘଟଣାଶୂନ୍ୟ ଭାବେ ଗଢ଼ିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

# କେନ୍ଦୁଝରରୁ ଆରମ୍ଭ ହେଲା ଅଭିଯାନ

- ୧୩ ବ୍ଲକରେ ଗଡ଼ିଲା ପ୍ରଚାର ରଥ
- ସୁରକ୍ଷା ପ୍ରତିଟି ବ୍ୟକ୍ତିଙ୍କର ସାମୂହିକ ଦାୟିତ୍ୱ



**ଭୁବନେଶ୍ୱର/କେନ୍ଦୁଝର, ୧୩।୯(ସଂଚାର ବ୍ୟୁରୋ):** 'ସମୃଦ୍ଧ ଓଡିଶା, ବିକଶିତ ଓଡ଼ିଶା'ର ପ୍ରତିଶ୍ରୁତିକୁ ଆଗକୁ ବଢ଼ାଇ ନେଇ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝର ଠାରେ ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ଆୟୋଜିତ 'ଜିରୋ ଆକ୍ସିଡେଣ୍ଟ ଡେ' ବା ଶୂନ ଦୁର୍ଘଟଣା ଦିବସ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡିଶାକୁ ଏକ ଦୁର୍ଘଟଣା-ଶୂନ୍ୟ ରାଜ୍ୟ ଭାବେ ଗଢ଼ିବା ପାଇଁ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜିରୋ ଆକ୍ସିଡେଣ୍ଟ ସେଲ୍ଫି ପଏଣ୍ଟକୁ ଉଦଘାଟନ କରିବା ସହିତ ସଡକ ସୁରକ୍ଷା ବାର୍ତ୍ତା ପ୍ରଚାରକମାନଙ୍କୁ ସେହିଠାରେ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲ୍ଲାର ସମସ୍ତ ୧୩ ଟି ବ୍ଲକରେ ସଡକ ସୁରକ୍ଷା ସଚେତନତା ତଥା ଶୂନ ଦୁର୍ଘଟଣା ବାର୍ତ୍ତା ପ୍ରଚାର ରଥର ଶୁଭାରମ୍ଭ କରିଥିଲେ ଓ ସିଗନେଚର କ୍ୟାମ୍ପେନକୁ ଉଦଘାଟନ କରିଥିଲେ।

ଗଣମାଧ୍ୟମକୁ ବିବୃତି ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସୁରକ୍ଷା କେବଳ ସରକାରଙ୍କର ଦାୟିତ୍ୱ ନୁହେଁ। ଏଥିପ୍ରତି ସଚେତନ ହେବା ପ୍ରତ୍ୟେକ ବ୍ୟକ୍ତିଙ୍କର ସାମୂହିକ ଦାୟିତ୍ୱ। ଭୁବନେଶ୍ୱରରେ ଶୂନ ଦୁର୍ଘଟଣା ଦିବସର ଏକ ବିଶେଷ ସଫଳତା ପରେ କେନ୍ଦୁଝର ଏହି ଅଭିଯାନକୁ ଆଗକୁ ନେବାରେ ଓଡ଼ିଶାର ପ୍ରଥମ ଜିଲ୍ଲା ହୋଇଛି। ଆମର ଲକ୍ଷ୍ୟ ହେବ, ଶୂନ ➪ପୃଷ୍ଠା-୬

## ଏସିଆ କପ କ୍ରିକେଟ
## ଆଜି ଭାରତ- ପାକିସ୍ତାନ ଟକ୍କର



**ଦୁବାଇ/ନୂଆଦିଲ୍ଲୀ,୧୩।୯:** ଦୁବାଇରେ ରବିବାର ଖେଳାଯିବ ଭାରତ-ପାକିସ୍ତାନ ହାଇ ଭୋଲଟେଜ କ୍ରିକେଟ୍ ମ୍ୟାଚ୍। ଚଳିତ ଏସିଆ କପ୍‌ର ଷଷ୍ଠ ମ୍ୟାଚ୍ ଉପରେ ପୂରା ବିଶ୍ୱର ନଜର। ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ୨୬ ଭାରତୀୟ ପ୍ରାଣ ହରାଇବା ଓ 'ଅପରେଶନ ସିନ୍ଦୂର' ପରେ ଦୁଇଦେଶ ପରସ୍ପର ବିରୋଧରେ ଏହି ମ୍ୟାଚ ଖେଳିବେ। ଏହି ମ୍ୟାଚ୍ ନେଇ ଦେଶରେ ରାଜନୈତିକ ବିବାଦ ତୀବ୍ର ହୋଇଛି। ବିରୋଧୀ ଦଳଗୁଡ଼ିକ ପହଲଗାମ୍ ଆକ୍ରମଣକୁ ନେଇ ମ୍ୟାଚ୍ ବାତିଲ କରିବାକୁ ଦାବି କରିଛନ୍ତି। କିନ୍ତୁ ବିଜେପି ସାଂସଦ ଅନୁରାଗ ଠାକୁର ନିୟମର ଦ୍ୱାହି ଦେଇ ମ୍ୟାଚ୍ ଖେଳିବାକୁ କହିଛନ୍ତି। ସୋସିଆଲ ମିଡିଆରେ ଲକ୍ଷାଧିକ ୟୁଜର୍ସ ଏହାର ତୀବ୍ର ସମାଲୋଚନା କରିଛନ୍ତି।

ଭାରତୀୟ ଦଳର ନେତୃତ୍ୱ ନେଉଛନ୍ତି ସୂର୍ଯ୍ୟକୁମାର ଯାଦବ। ପାକିସ୍ତାନ କ୍ୟାପଟେନ୍ ଅଛନ୍ତି ସଲମାନ ଆଘା। ଏସିଆ ➪ପୃଷ୍ଠା-୬

## ପୁଲିସ ହାଉସିଂ କର୍ପୋରେସନରେ ମହାଘୋଟାଲା

- ତାଲିକାରେ ନାଁ ନଥାଇ କୋଟି କୋଟି ଟଙ୍କାର କାମ
- ଭିଲିଆନ ସାଜିଛନ୍ତି ପ୍ରୋଜେକ୍ଟ ମ୍ୟାନେଜର




**ଭୁବନେଶ୍ୱର,୧୩।୯(ସଂଚାର ବ୍ୟୁରୋ):** ରାଜ୍ୟ ପୁଲିସ୍ ହାଉସିଂ କର୍ପୋରେସନ ଚାଲିଛି ଟେଣ୍ଡର ଘୋଟାଲା। ଭିଲିଆନ ସାଜିଛନ୍ତି ପ୍ରୋଜେକ୍ଟ ମ୍ୟାନେଜର। ଯାହାକୁ ରସୁଛନ୍ତି ତାକୁ କାମତକ ଦେଉଛନ୍ତି। କାମ ଦେବା ପାଇଁ ଅଭିନବ ଉପାୟ ବି ଆପଣେଇଛନ୍ତି। ବଡ଼ କାମ ପାଇଁ ଟେଣ୍ଡର ବାଧ୍ୟତାମୂଳକ ହୋଇଥିବାରୁ ମ୍ୟାନେଜର ବାବୁ ବଡ କାମରେ କତୁରୀ ମାରି ତାକୁ ଛୋଟ କରି ନିଜ ନିଜ ମନପସନ୍ଦର ଠିକାଦାରଙ୍କୁ ଧରାଇ ଦେଉଛନ୍ତି।

ଖାଲି ସେତିକି ନୁହେଁ, ନୂଆ ଲାଇସେନ୍ସ ହୋଲ୍ଡରଙ୍କୁ ଅନୁକମ୍ପା ଦେଖାଇଛନ୍ତି । ବିଶେଷ ଭାବରେ ଦଲାଲଙ୍କୁ ଠିକାଦାରୀ ଦେବା ପାଇଁ ହୋଇଛି ବଡ ଯୋଜନା । ବିନା ଟେଣ୍ଡରରେ ପ୍ରାୟ ୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପୋଲିସ ହାଉସିଂ କର୍ପୋରେସନରେ କାର୍ଯ୍ୟ ହେଉଛି । ଯେଉଁଠି ପ୍ରୋଜେକ୍ଟ ମ୍ୟାନେଜର ଦଲାଲଙ୍କୁ କାମ ବାଣ୍ଟିଛନ୍ତି । ନିଜର ପକେଟ ଗରମ ଆଉ ଉପରିସ୍ଥ ଅଧିକାରୀଙ୍କୁ ଖୁସ୍ କରିବାକୁ ମ୍ୟାନେଜର ଜଣଙ୍କ ଏପରି କରିଛନ୍ତି ବୋଲି ଅଭିଯୋଗ ହେଉଛି । ତେବେ ଏତିକି ଟଙ୍କାର କାର୍ଯ୍ୟାଦେଶ ବିଭାଗୀୟ ଦର୍ଶାଇ ମୁଷ୍ଟିମେୟ ଗୋଷ୍ଠୀକୁ ପ୍ରଦାନ କରାଯାଇଥିବା ନେଇ ଆଲୋଚନା ଜୋର ଧରିଛି।

୫୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ କାର୍ଯ୍ୟାଦେଶ ଟେଣ୍ଡର ମାଧ୍ୟମରେ ହେବାର ନିୟମ ଥିବାବେଳେ ବିନା ଟେଣ୍ଡରରେ କୋଟି କୋଟି ଟଙ୍କାର କାର୍ଯ୍ୟାଦେଶକୁ ବିଭାଗୀୟ ଦର୍ଶାଇ କିପରି ମୁଷ୍ଟିମେୟଙ୍କୁ ବଣ୍ଟନ କରାଗଲା, ସେନେଇ ତଦନ୍ତ କରାଯାଉ ବୋଲି ଦାବି ହେଉଛି । କେମିତି ନିଜ ପଦବୀର ଅପବ୍ୟବହାର କରି ମୁଷ୍ଟିମେୟଙ୍କୁ ଅହେତୁକ ଅନୁକମ୍ପା ଦେଖାଇ ପ୍ରୋଜେକ୍ଟ ମ୍ୟାନେଜର ଜଣଙ୍କ ସ୍କାନରକୁ ଆସିଛନ୍ତି । ଏହିସବୁ କାର୍ଯ୍ୟ ବିନା ଟେଣ୍ଡରରେ ଦେବା ପଛର ଉଦ୍ଦେଶ୍ୟ କ'ଣ ରହିଛି ଏବଂ ଏହାଦ୍ୱାରା କେମିତି ଆଉ କିଏ କିଏ ଲାଭବାନ ହୋଇଛନ୍ତି, ସେନେଇ ସମସ୍ତ ତଥ୍ୟ ହାସଲ କରି ସରକାର ଭିଜିଲାନ୍ସ ବିଭାଗକୁ ତଦନ୍ତ ନିର୍ଦ୍ଦେଶ ଦେବାକୁ ଦାବି ହୋଇଛି ।

## ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ




**ଭୁବନେଶ୍ୱର,୧୩।୯(ସଂଚାର ବ୍ୟୁରୋ):** ରାଜ୍ୟର ସବୁ ରାଜନୈତିକ ଦଳଙ୍କ ପାଇଁ ନୂଆପଡା ବିଧାନସଭା ଉପନିର୍ବାଚନ ଏବେ ଏକ ଆହ୍ୱାନରେ ପରିଣତ ହେବାକୁ ଯାଉଛି। ବିଶେଷକରି ବିଜେଡି, ବିଜେପି ଓ କଂଗ୍ରେସ ପାଇଁ ଏହା ସମ୍ମାନର ପ୍ରଶ୍ନବାଚୀ ଛିଡା କରିଛି। ପୂର୍ବତନ ମନ୍ତ୍ରୀ ତଥା ନୂଆପଡାର ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ମୃତ୍ୟୁର ୧୦ଦିନ ନବିତୁଣୁ ଏହି ଆସନ କେଉଁଦଳ ହାତେଇବ ସେଥିଘେନି ଚର୍ଚ୍ଚା ଚାଲିଥିବା ବେଳେ ଓଡିଶା ବିଧାନସଭା ପକ୍ଷରୁ ନୂଆପଡା ବିଧାୟକ ଶ୍ରୀ ଢୋଲକିଆଙ୍କ ମୃତ୍ୟୁ ଜନିତ କାରଣରୁ ଏହି ଆସନ ଖାଲି ପଡିଥିବା ନିର୍ବାଚନ କମିଶନଙ୍କୁ ଜଣାଇ ଦିଆଯାଇଛି। ଅନ୍ୟ ପକ୍ଷରେ ଉପନିର୍ବାଚନକୁ ଆଖିଆଗରେ ରଖି ନୂଆପଡା ବିଧାନସଭା କ୍ଷେତ୍ରର ଭୋଟର ତାଲିକାରେ ସଂକ୍ଷିପ୍ତ ସଂଶୋଧନ ଲାଗି ନିର୍ବାଚନ କମିଶନଙ୍କ ପକ୍ଷରୁ ଘୋଷଣା କରାଯାଇଛି। ସଂଶୋଧନ ପରେ ଆସନ୍ତା ଅକ୍ଟୋବର ୯ତାରିଖରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି କାର୍ଯ୍ୟସୂଚୀ ରହିଛି।

> ତିନି ଦଳ ପାଇଁ ଆହ୍ୱାନ
>
> ଅକ୍ଟୋବର ୯ରେ ଚୂଡ଼ାନ୍ତ ଭୋଟର ତାଲିକା

ଗତ ନିର୍ବାଚନରେ ଢୋଲକିଆ ବିଜେଡି ଟିକଟରେ ଏଠାରୁ ପାଖାପାଖି ୬୨ହଜାର ଭୋଟ ପାଇ ବିଜୟୀ ହୋଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପି ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା ୪୫ ହଜାରରୁ କମ୍ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେତେବେଳର ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଏହି ଆସନରୁ ମାତ୍ର ୧୫,୫୦୧ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ଥିଲେ। ଏହି ଆସନରୁ ବି ବହୁଜନ ସମାଜପାର୍ଟି, ସମାଜବାଦୀ ପାର୍ଟିର ପ୍ରାର୍ଥୀଙ୍କ ସମେତ ଆଉ ୨ଜଣ ସ୍ୱାଧୀନ ପ୍ରାର୍ଥୀ ଲଢିଥିଲେ।

ଓଡିଶାରେ ବିଜେପି ଶାସନ କ୍ଷମତାକୁ ଆସିବା ପରେ ଏହା ହେଉଛି ପ୍ରଥମ ଉପନିର୍ବାଚନ। ➪ପୃଷ୍ଠା-୬

## ରାଜ୍ୟ ସରକାର କିଣିବେ ଏଆଇ ଉପକରଣ
### ବିଭିନ୍ନ ବିଭାଗକୁ ଜିଏଜିଜି ବିଭାଗର ଚିଠି

**ଭୁବନେଶ୍ୱର,୧୩।୯ (ସଂଚାର ବ୍ୟୁରୋ):** ସେମିକଣ୍ଡକଟର ପରେ ରାଜ୍ୟ ସରକାର କୃତ୍ରିମ ବୁଦ୍ଧିମତା ବା ଏଆଇକୁ ଗୁରୁତ୍ୱ ଦେଇଛନ୍ତି। ମୋହନ ସରକାର ଏଆଇ ଉପରେ ଗୁରୁତ୍ୱ ଦେଇ ପ୍ରଶାସନର ଆଧୁନିକୀକରଣ ଦିଗରେ ପଦକ୍ଷେପ ନେଇଛନ୍ତି। ପ୍ରଶାସନିକ ଦକ୍ଷତା ବୃଦ୍ଧି ପାଇଁ ଖୁବ୍ ଶୀଘ୍ର ସରକାର ଏଆଇ ଉପକରଣ କିଣିବେ। ଏନେଇ ସମସ୍ତ ବିଭାଗକୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ (ଜିଏଜିଜି) ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ସୁରେନ୍ଦ୍ର କୁମାର ଚିଠି ଲେଖିଥିବା ଜଣାପଡ଼ିଛି। ସାଧାରଣ ପ୍ରଶାସନର ଅତ୍ୟାଧୁନିକରଣ ପାଇଁ ଏଆଇର ବ୍ୟବହାର ମାଧ୍ୟମରେ ପ୍ରଶାସନିକ ସୁଧାର ସୁଶାସନ ନେଇ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। ସରକାରୀ କାର୍ଯ୍ୟର ଦୈନନ୍ଦିନ ପରିଚାଳନାରେ ନୂଆ ପ୍ରଶାସନିକ ଆହ୍ୱାନର ସମାଧାନ କରିବାରେ ଏଆଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଏହାଦ୍ୱାରା କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ମଧ୍ୟ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଏଆଇର ବ୍ୟବହାର ଦ୍ୱାରା କାର୍ଯ୍ୟପ୍ରଣାଳୀ ସୁଗମ, ତଥ୍ୟଚାଳିତ ନିଷ୍ପତ୍ତି ଗ୍ରହଣ ମାତ୍ରା ବୃଦ୍ଧି ପାଇପାରିବ। ଫଳତଃ ଜନସାଧାରଣଙ୍କୁ ଅପେକ୍ଷାକୃତ କମ୍ ସମୟ ମଧ୍ୟରେ ଉତ୍କୃଷ୍ଟ ସେବା ଯୋଗାଇ ଦିଆଯାଇପାରିବ। ଏହାକୁ ଦୃଷ୍ଟିରେ ରଖି ସମସ୍ତ ବିଭାଗକୁ ଗୋଟିଏ ଲେଖାଏଁ ଏଆଇ ଉପକରଣ କିଣିବା ସକାଶେ ଚିଠିରେ କୁହାଯାଇଛି। ତେବେ ଡାଟା ସିକ୍ୟୁରିଟିକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ତେଣୁ ଏଆଇର ବ୍ୟବହାର ଦ୍ୱାରା କୌଣସି ବାହ୍ୟ ପ୍ଲାଟଫର୍ମରେ ଗୋପନୀୟ ଡକ୍ୟୁମେଣ୍ଟ ଅପଲୋଡ୍ କରାଯିବ ନାହିଁ ବୋଲି ଉକ୍ତ ଚିଠିରେ କଡ଼ା ନିର୍ଦ୍ଦେଶ ରହିଛି।

ସମ୍ବଲପୁର ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ସମାରୋହରେ କେନ୍ଦ୍ରମନ୍ତ୍ରୀ

## 'ଓଡ଼ିଶାବାସୀଙ୍କ ସମୃଦ୍ଧି ବିଶ୍ୱବିଦ୍ୟାଳୟ ଚିନ୍ତା କରିବା ଆବଶ୍ୟକ'

- ପଦକ ପାଇଥିବା ଛାତ୍ରଛାତ୍ରୀ ଓ ଗବେଷକଙ୍କୁ ଅଭିନନ୍ଦନ ଜଣାଇଲେ
- ସମ୍ବଲପୁର ବିଶ୍ୱବିଦ୍ୟାଳୟ ପାଇଁ ସରକାର ୧୫୭ କୋଟି ଟଙ୍କା ଦେଇଛନ୍ତି
- ଓଡ଼ିଶାକୁ ଆଗକୁ ନେବାକୁ ହେଲେ ଶିକ୍ଷା ପଦ୍ଧତିକୁ ଆହୁରି ଗୁଣାତ୍ମକ କରିବା




**ସମ୍ବଲପୁର,୧୩।୯(ସଂଚାର ବ୍ୟୁରୋ):** ଓଡ଼ିଶାବାସୀଙ୍କ ସୁଖ, ସମୃଦ୍ଧି ଓ ସମ୍ପନ୍ନତା ବଢାଇବା ପାଇଁ ବିଶ୍ୱବିଦ୍ୟାଳୟ ଚିନ୍ତା କରିବା ଆବଶ୍ୟକ । କେବଳ ଏତିକି ନୁହେଁ, ମାତୃଭାଷାରେ ଶିକ୍ଷାଦାନ କରିବା ଉପରେ ମଧ୍ୟ ଶିକ୍ଷାୟତନକୁ ଯଥେଷ୍ଟ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ଶନିବାର ସମ୍ବଲପୁର ବିଶ୍ୱବିଦ୍ୟାଳୟର ୩୫ତମ ସମାବର୍ତ୍ତନ ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଓଡ଼ିଶା ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ଡ. ହରିବାବୁ କମ୍ଭମପାଟିଙ୍କ ସହ ଏହି ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଏହି ସମାବର୍ତ୍ତନ ଉତ୍ସବ ନୂତନ ଯାତ୍ରାର ଅୟମାରମ୍ଭ। ଆଜିର ଦିନରେ ଡିଗ୍ରୀ ଏବଂ ପଦକ ପାଇଥିବା ଛାତ୍ରଛାତ୍ରୀ ଓ ଗବେଷକମାନଙ୍କୁ ଅଭିନନ୍ଦନ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ସହ ମୋର ସମ୍ପର୍କ ବହୁତ ପୁରୁଣା। ➪ପୃଷ୍ଠା-୬

## ଏକ୍ ପେଡ୍ ମା' କେ ନାମ୍ ୨.୦
## ଅଭିଯାନରେ ସାମିଲ ହେବାକୁ ଅପିଲ୍



**ଭୁବନେଶ୍ୱର,୧୩।୯(ସଂଚାର ବ୍ୟୁରୋ):** ଦୁନିଆର ସବୁଠୁ ବଡ଼ ଆଶୀର୍ବାଦ ହେଉଛି ମା'। ନିଜ ଜନ୍ମଦାତ୍ରୀ ମା' ଭଳି ଧରିତ୍ରୀ ମଧ୍ୟ ଆମର ଆଉ ଏକ ମା'। ନିଜ ମା' ପ୍ରତି ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ପ୍ରଦର୍ଶନ କରିବା ସହିତ ଧରିତ୍ରୀ ମା'ର ସୁରକ୍ଷା ଲାଗି, ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ 'ଏକ୍ ପେଡ୍ ମା' କେ ନାମ୍', ବା 'ମା ପାଇଁ ଗଛଟିଏ' ଅଭିଯାନ ଆରମ୍ଭ କରିଛନ୍ତି। ଗତବର୍ଷଠାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ଗଛ ହେଉଛି ଆମର ପ୍ରାଣ। ପରିବେଶ ସୁରକ୍ଷା, ଶୁଦ୍ଧ ପବନ ଓ ସୁସ୍ଥ ଜୀବନ ପାଇଁ ଗଛର ମହତ୍ୱ ଗୁରୁତ୍ୱପୂର୍ଣ୍ଣ। ଏହି ଅଭିଯାନକୁ ସଫଳ କରିବା ଲାଗି ବ୍ୟାପକ ବୃକ୍ଷରୋପଣ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ➪ପୃଷ୍ଠା-୬

## ୨୭ରେ ଆସିବେ ମୋଦି!
### ରାଜ୍ୟ କ୍ୟାବିନେଟ ପାଇଁ ନିଆଯାଇପାରେ ବଡ଼ ନିଷ୍ପତ୍ତି



**ଭୁବନେଶ୍ୱର,୧୩।୯(ସଂଚାର ବ୍ୟୁରୋ):** ପୁଣି ୨୭ ତାରିଖରେ ଓଡିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ। ବ୍ରହ୍ମପୁରରେ ଆୟୋଜିତ ଯୁବ ସମାବେଶରେ ସେ ଯୋଗଦେବେ। ତେଣୁ ପ୍ରଧାନମନ୍ତ୍ରୀ ଆସିବା ପୂର୍ବରୁ ଏହି ମାସରେ ବହୁତ କିଛି ହୋଇପାରେ ବୋଲି ସଙ୍କେତ ଦେଇଛନ୍ତି ବିଜେପି ରାଜ୍ୟ ପ୍ରଭାରୀ। ୨୭ ତାରିଖରେ ଏକ ଜନସମାବେଶରେ ସାମିଲ ହେବେ। ୧୭ ତାରିଖରେ ମୋଦିଙ୍କ ଜନ୍ମଦିନଠାରୁ ଆରମ୍ଭ କରି ୨ ତାରିଖ ଗାନ୍ଧି ଜୟନ୍ତୀ ଯାଏଁ ସେବାପକ୍ଷ ପାଳନ ହେବ। ସେ ବ୍ରହ୍ମପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ➪ପୃଷ୍ଠା-୬

## ବିଧାନସଭାରେ ଅନାସ୍ଥା ଆଣିବାକୁ ସଜବାଜ
# କଂଗ୍ରେସ ପ୍ରସ୍ତୁତ: ଦୋ'ଛକିରେ ବିଜେଡି

**ଭୁବନେଶ୍ୱର,୧୩।୯(ସଂଚାର ବ୍ୟୁରୋ):** ବିଧାନସଭାର ବର୍ଷାକାଳୀନ ଅଧିବେଶନ ପାଖେଇ ଆସୁଥିବା ବେଳେ ପୁଣିଥରେ ଅନାସ୍ଥା ପ୍ରସ୍ତାବକୁ ନେଇ ଛକାପଞ୍ଝାର ରାଜନୀତି ଆରମ୍ଭ ହୋଇଯାଇଛି। ପୂର୍ବରୁ କଂଗ୍ରେସ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ବିଜେଡିକୁ ଆହ୍ୱାନ ଦେବା ସହିତ ଯଦି ବିଜେଡି ନିଜେ ନଆଣିବ, ତେବେ କଂଗ୍ରେସ ଆଣିବ ବୋଲି ଘୋଷଣା କରିଥିଲା।

ତେବେ ଅନାସ୍ଥା ପ୍ରସଙ୍ଗ କିଛିଦିନ ଶୀତଳଭଣ୍ଡାରରେ ରହିବା ପରେ ଏବେ ପୁଣିଥରେ ଏହାକୁ ନେଇ ଆଲୋଚନା ଆରମ୍ଭ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ଅନାସ୍ଥା ଆଣିବା ଜିଦ୍‌ରେ କଂଗ୍ରେସ ଅଟଳ ଥିବାବେଳେ ବିଜେଡି କିନ୍ତୁ ଦୋଛକିରେ ରହିଛି। ଯଦିଓ ରାଜ୍ୟର ବିଜେପି ସରକାର ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ବିଜେଡି ନିକଟରେ ସଂଖ୍ୟା ରହିଛି, କିନ୍ତୁ ରାଜନୈତିକ ବାଧ୍ୟବାଧକତା ଯୋଗୁଁ ସାହସ ଜୁଟାଇ ପାରୁନାହିଁ।



ଏହାର ପ୍ରମୁଖ କାରଣଟି ହେଉଛି ଯେହେତୁ କଂଗ୍ରେସ ଏହି ପ୍ରସଙ୍ଗକୁ ପ୍ରଥମେ ଉଠାଇଥିଲା, ତେଣୁ ଅନାସ୍ଥା ଆଣିଲେ କଂଗ୍ରେସକୁ ଅଧିକ ଫାଇଦା ମିଳିବ। ସେହିଭଳି ଅନାସ୍ଥା ଉପରେ ଦୀର୍ଘ ଆଲୋଚନା ସମୟରେ କଂଗ୍ରେସ ଓ ବିଜେପି ମିଶି ବିଜେଡିର ପୂର୍ବ ଚିଠା ଖୋଲିବାର ବି ସମ୍ଭାବନା ରହିଛି। ଉଲ୍ଲେଖନୀୟ ଯେ, ନାରୀ ନିର୍ଯ୍ୟାତନା ପ୍ରସଙ୍ଗକୁ ଆୟୁଧ କରି କଂଗ୍ରେସ ଅନାସ୍ଥା କଥା ଉଠାଇଥିଲା। ଏଥିପାଇଁ ବିଜେଡିକୁ ଆହ୍ୱାନ ଦେଇଥିଲା। ବର୍ତ୍ତମାନ ଏହା ସହିତ ସାର ଓ ଆଉ କିଛି ପ୍ରସଙ୍ଗ ବି ଯୋଡି ହୋଇଗଲାଣି। ହେଲେ ମୁଖ୍ୟ ପ୍ରସଙ୍ଗ ହେଉଛି ନାରୀ ନିର୍ଯ୍ୟାତନା। ଯଦି ଏହା ଉପରେ ଜୋରଦାର ଆଲୋଚନା ହୁଏ ତେବେ ବିଜେପି ଅପେକ୍ଷା ବିଜେଡି ଅଧିକ ଅକଳରେ ପଡ଼ିଯିବ। କାରଣ ଉଭୟ କଂଗ୍ରେସ ଓ ବିଜେପି ମିଶି ବିଜେଡି ଶାସନ କାଳରେ ଘଟିଥିବା ନାରୀ ନିର୍ଯ୍ୟାତନାର ଗୋହି ଖୋଳିବେ।

### ଘାରୁଛି ବଦନାମ ଭୟ

ସବୁ ଦିଗରୁ ବିଚାର କରି ବିଜେଡି ଦୋଛକିରେ ଥିବାବେଳେ କଂଗ୍ରେସ କିନ୍ତୁ ପୂରା ଦମ୍‌ରେ ଏଥିପାଇଁ ପ୍ରସ୍ତୁତି ଚଳାଇଥିବା ସୂଚନା ମିଳୁଛି। ଏହାର କାରଣ ହେଉଛି କଂଗ୍ରେସ ପାଖରେ ସଂଖ୍ୟାଗରିଷ୍ଠତା ନଥିଲେ ମଧ୍ୟ ଅନାସ୍ଥା ଆଗତ କଲେ ଦୁଇପଟୁ ଲାଭରେ ରହିବ। ବିଜେଡି ସହଯୋଗ ନକଲେ ଅନାସ୍ଥା କାଟ୍ ଖାଇଯିବ। ସେତେବେଳେ କଂଗ୍ରେସ କହିବ ଯେ, ବିଜେପି ସହିତ ବିଜେଡି ରହିଛି, ତେଣୁ ଅନାସ୍ଥାକୁ ସମର୍ଥନ ଦେଲା ନାହିଁ। ଯଦି ଅନାସ୍ଥାକୁ ବିଜେଡି ସମର୍ଥନ ଦେଇଦେବ, ତେବେ କଂଗ୍ରେସ ଏହାକୁ ଆଗତ କରିଥିବାରୁ ଅଧିକ ଫାଇଦା ନେଇଯିବ। ଦୁଇ ଦଳ ଏଭଳି ଛକାପଞ୍ଝା ସ୍ଥିତିରେ ଥିବାବେଳେ ସରକାରୀ ଦଳ କିନ୍ତୁ ଏହାକୁ ନେଇ ସେଭଳି ସିରିୟସ ଥିବାଭଳି ଲକ୍ଷ୍ୟ କରାଯାଉ ନାହିଁ। କାରଣ ବିଜେପି ଭଲଭାବେ ଜାଣିଛି ଅନାସ୍ଥା ଆଲୋଚନା ହେଲେ ବିଜେଡିକୁ ଆକ୍ରମଣ କରିବାର ସୁଯୋଗ ସେମାନଙ୍କୁ ମିଳିଯିବ। ଏହି ମଉକାରେ କଂଗ୍ରେସକୁ ମଧ୍ୟ ସମାଲୋଚନା କରିହେବ। ତେଣୁ ସରକାରୀ କଳ ଏକ ପ୍ରକାର ନିରବତା ଅବଲମ୍ବନ କରୁଛି। ତେବେ ବିଧାନସଭା ଆରମ୍ଭ ହେଲେ ଅନାସ୍ଥା ପ୍ରସ୍ତାବ କିଏ ଆଣିବ ଓ ଏହା କେଉଁ ଦିଗରେ ଯିବ, ତାହା ଉପରେ ସମସ୍ତଙ୍କ ନଜର।

ସଂଚାର SANCHAR

# କେବେ ସରିବ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୃହ ନିର୍ମାଣ କାର୍ଯ୍ୟ ?

**ସାଲେପୁର,୧୩।୯ (ସଂଚାର ବ୍ୟୁରୋ):** ସାଲେପୁର ବ୍ଲକ ସଉରୀ ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିମନ୍ତେ ସାଲେପୁର ବିଡ଼ିଓ ତହସିଲଦାରଙ୍କୁ ଆବଶ୍ୟକୀୟ ଜମି ଚିହ୍ନଟ ପାଇଁ ଚିଠି ଲେଖିଥିଲେ ହେଁ ୨ବର୍ଷ ଧରି ସଉରୀ ପଞ୍ଚାୟତ ଉପକେନ୍ଦ୍ର ନିର୍ମାଣ କାର୍ଯ୍ୟ ଚାଲିଥିଲେ ମଧ ଅଦ୍ୟାବଧି ନିର୍ମାଣ କାର୍ଯ୍ୟ ଶେଷ ହୋଇପାରିନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଅଭିଯୋଗରୁ ପ୍ରକାଶ ଯେ ସାଲେପୁର ବ୍ଲକ ଅନ୍ତର୍ଗତ ସଉରୀ ପଞ୍ଚାୟତର ଉପକେନ୍ଦ୍ର ନିର୍ମାଣ ନିମନ୍ତେ ଜାଗା ଚିହ୍ନଟ କରାଯାଇ ଠିକାଦାର ମଧ ଚୟନ ସରିଥିଲା। ଠିକାଦାର ଉପକେନ୍ଦ୍ର ନିର୍ମାଣ କାର୍ଯ୍ୟ ପ୍ଲିନ୍ଥ ଲେବୁଲ ପର୍ଯ୍ୟନ୍ତ କାର୍ଯ୍ୟ ସମ୍ପାଦନ କରିଥିଲାବେଳେ ପ୍ଲିନ୍ଥ ଲେବୁଲରୁ କାର୍ଯ୍ୟ ଅଦ୍ୟାବଧି ବନ୍ଦ ରହିଛି। ୨ବର୍ଷ ବିତିଯାଇଥିଲେ ମଧ ଅଦ୍ୟାବଧି ଏହି ନିର୍ମାଣ କାର୍ଯ୍ୟ ହେଉନାହିଁ। ଫଳରେ ଏହି ପଞ୍ଚାୟତର ଜନସାଧାରଣ ତତ୍କାଳୀନ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ସମସ୍ୟା ନେଇ ସଉରୀ ସରପଞ୍ଚ ପ୍ରଭାତୀ ବେହେରା ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିଥିଲେ ମଧ ଉତ୍ତରରେ ଚିଫ୍ ଡିଷ୍ଟ୍ରିକ୍ଟ ମେଡ଼ିକାଲ ଅଫିସର ଆଣ୍ଡ୍ ପବ୍ଲିକ୍ ହେଲ୍‌ଥ ଅଫିସର ଏହା ପବ୍ଲିକ୍ ଇସ୍ୟୁ ପାଇଁ ଏହି ନିର୍ମାଣ କାର୍ଯ୍ୟ ଶେଷ ହୋଇପାରିନି ବୋଲି ପ୍ରକାଶ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଏଭଳି ଦାୟୀତ୍ୱହୀନ ମନ୍ତବ୍ୟନେଇ ଗ୍ରାମବାସୀଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦୁଇ ବର୍ଷ ବିତିଯାଇଥିଲେ ମଧ ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ର ପ୍ଲିନ୍ଥ ଲେବୁଲ ପର୍ଯ୍ୟନ୍ତ କାର୍ଯ୍ୟ କରାଯାଇ କାର୍ଯ୍ୟ ବନ୍ଦ ରହିଛି।

ଉକ୍ତ ଅର୍ଦ୍ଧ ନିର୍ମିତ ଗୃହରେ ଗଛଲତା ମାଡ଼ି ଜନ୍ତୁଜାନ୍ତୁଙ୍କ ଆଶ୍ରୟସ୍ଥଳ ପାଲଟି ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ଫଳରେ ସରକାର ଯେଉଁ ଉଦ୍ଦେଶ୍ୟ ରଖି ବିଭିନ୍ନ ପଞ୍ଚାୟତରେ ଏହି ସ୍ୱାସ୍ଥ୍ୟଉପକେନ୍ଦ୍ର ନିର୍ମାଣ କରୁଛନ୍ତି, ତାହାର ସୁଫଳ ପଞ୍ଚାୟତବାସୀ ପାଇବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ତୁରନ୍ତ ସଉରୀ ପଞ୍ଚାୟତରେ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଥିବା ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୃହର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି ହୋଇଛି।



■ କେନ୍ଦ୍ରାପଡ଼ା ସହରରେ ବ୍ରାଉନସୁଗର ଘଟଣା

## ଟାଉନ ଥାନା ଅଞ୍ଚଳରୁ ଜଣେ ଗିରଫ



**କେନ୍ଦ୍ରାପଡ଼ା,୧୩।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାରେ ଦିନକୁ ଦିନ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ଗତ ତିନିଦିନ ହେବ ନିଶାଡିଙ୍କ ପାଇଁ ସହରବାସୀ ଅଣ ନିଶ୍ୱାସୀ ହୋଇଯାଇଛନ୍ତି। କାରଣ ଏମାନଙ୍କ ପାଦୁର୍ଭାବ ଏଭଳି ହୋଇଛି ଯେ ଲୋକେ ସନ୍ଧ୍ୟା ହେଲେ ଘରୁ ବାହାରିବା କଷ୍ଟକର ହୋଇପଡିଛି। ପୂର୍ବରୁ ମଦ, ଗଞ୍ଜେଇ ଭଳି ନିଶା କାରବାର ବୃଦ୍ଧି ପାଇଥିବା ବେଳେ ବର୍ତ୍ତମାନ ଅଧିକାଂଶ ଶିକ୍ଷିତ ଯୁବପିଢ଼ିଙ୍କୁ ଧଳା ଜହର ଅର୍ଥାତ୍ ବ୍ରାଉନ ସୁଗାର୍ କବଳିତ କରିଥିବା ବେଳେ ଆଜି ଏହି ବ୍ୟବସାୟୀରେ ଲିପ୍ତ ଥିବା ଜଣେ ଯୁବକ ନିକଟରୁ ୮.୬୨ ଗ୍ରାମର ବ୍ରାଉନସୁଗାର ଜବତ କରିବା ସହ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଯୁବକ ଜଣଙ୍କ ଘର ଟାଉନ ଥାନା ଅଧୀନ ଗୋପ ଗ୍ରାମର ନାରାୟଣ ପରିଡାଙ୍କ ପୁଅ ୩୪ ବର୍ଷୀୟ ଜ୍ଞାନଦୀପ ପରିଡା। ସେ ଏହି କାରବାରରେ ଦୀର୍ଘଦିନ ହେବ ସଂପୃକ୍ତ ଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁସାରେ ଏହି ଘଟଣାରେ ଉକ୍ତ ଅଞ୍ଚଳର ଆହୁରି ଅନେକ ଯୁବକ ଏଥିରେ ସଂଶ୍ଲିଷ୍ଟ ଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି।

ଗତ ସେପ୍ଟେମ୍ବର ୧୧ ତାରିଖ ଦିନ 'ସଂଚାର'ରେ "ସହରରେ ଏବେ ଧଳା ଜହର କବଳିତ" ପ୍ରକାଶିତ ହେବାପରେ ଏନେଇ କେନ୍ଦ୍ରାପଡା ଜିଲ୍ଲାର ଯୁବ ସାମାଜିକ କର୍ମୀ ପ୍ରଭାତ କୁମାର ଜେନା ଉକ୍ତ ଖବରକୁ ନିଜର ଏକ୍ସ ମାଧମରେ ଅଭିଯୋଗ ଜଣାଇଥିଲେ। ଏହାକୁ ରାଜ୍ୟ ଗୃହ ବିଭାଗ ସଙ୍ଗେ ସଙ୍ଗେ ଘଟଣାକୁ ଗୁରୁତ୍ୱ ସହକାରେ ନେଇ କେନ୍ଦ୍ରାପଡା ଏସପିଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଆଜି କେନ୍ଦ୍ରାପଡା ଟାଉନ ଥାନା ପୁଲିସ ଅଚାନକ ଚଢ଼ାଉ କରି ବ୍ରାଉନ ସୁଗାର ବ୍ୟବସାୟୀ ଜ୍ଞାନଦୀପକୁ କାବୁ କରିବା ସହିତ ୧୯୮/୨୫ ୟୁ ଏସ ୨୧ (ବି) ଏନ.ଡି.ବି.ଏସରେ ମାମଲା ରୁଜୁକରି ତାକୁ ଗିରଫ ସହ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି ।

■ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସକୁ ବଡ଼ ସଫଳତା

## ୮୦ ହଜାର ଟଙ୍କାର ବ୍ରାଉନସୁଗର ଜବତ



**ପଟ୍ଟାମୁଣ୍ଡାଇ,୧୩।୯ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଆର୍ଦଶ ଥାନା ପୁଲିସକୁ ମିଳିଛି ବଡ ସଫଳତା। ସ୍ଥାନୀୟ ପୁଲିସ ଜନୈକ ଯୁବକଙ୍କ ଠାରୁ ୮ ଗ୍ରାମ ୭୦୦ ମିଲିଗ୍ରାମ ବ୍ରାଉନ ସୁଗାର ଜବତ କରିଛି। ପଟ୍ଟାମୁଣ୍ଡାଇ ଇତିହାସରେ ଏହା ପୁଲିସ ବିଭାଗର ଉଲ୍ଲେଖନୀୟ ବଡ ସଫଳତା। ପଟ୍ଟାମୁଣ୍ଡାଇ ପୁଲିସ ସଂପୃକ୍ତ ବ୍ରାଉନ ସୁଗାର ବେପାରୀକୁ ଗିରଫ କରିଛି। ପ୍ରକାଶ ଯେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବ୍ୟାପକ ବ୍ରାଉନସୁଗାର କାରବାର ହେଉଥିବା ନେଇ ଅଭିଯୋଗ ହୋଇଆସୁଛି। କେନ୍ଦ୍ରାପଡା ଏସପି ସିର୍ଦ୍ଧାଥ କଟାରିଆଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ଏ ଦିଗରେ ଅଭିଯାନ ଆରମ୍ଭ କରିଛି। ପଟ୍ଟାମୁଣ୍ଡାଇ ସ୍ମାଟ ପାର୍କ ନିକଟରେ ବ୍ରାଉନ ସୁଗାର କାରବାର ହେଉଥିବା ସଂପର୍କରେ ଆଜି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରୀ ବନ୍ଦନା ପାତ୍ର ପୁଲିସ ଟିମ୍ ସହିତ ସଦଳବଳେ ଚଢ଼ାଉ କରି ୮ଗ୍ରାମ ଓ ୭୭୦ ମିଲିଗ୍ରାମ ବ୍ରାଉନ ସୁଗାର ଜବତ କରିବା ସହିତ ବ୍ରାଉନ ସୁଗାର କାରବାର କରିବା ଅଭିଯୋଗରେ ପବନ ମଳିକ ନାମକ ଯୁବକଙ୍କୁ ପୋଲିସ ଗିରଫ କରିଛି। ସ୍ଥାନିୟ ପୁଲିସ ଥାନା କେଶ ନଂ୨୮୬/୨୦୨୫ରେ ଏକ ମକଦମା ରୁଜୁ କରି ବ୍ରାଉନ ସୁଗାର ବିକ୍ରି ଅଭିଯୋଗରେ ଅଭିଯୁକ୍ତ ପବନକୁ କୋର୍ଟ ଚାଲାଣ କରିଛି।

## ରାସ୍ତା ଅବରୋଧ କରି ଗଣେଶ ଭସାଣୀ ଅଭିଯୋଗରେ ୫ ଗିରଫ



**ସାଲେପୁର,୧୩।୯ (ସଂଚାର ବ୍ୟୁରୋ):** ବେଆଇନ୍ ଭାବେ ଗଣେଶ ପ୍ରଶେସନ୍ କରିବା, ସର୍ବସାଧାରଣ ରାସ୍ତାକୁ ଅବରୋଧ କରି ଗଣ୍ଡଗୋଳ କରିବା ଅଭିଯୋଗରେ ଆଜି ସାଲେପୁର ପୁଲିସ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ସାଲେପୁର ଥାନା ଅନ୍ତର୍ଗତ ଓଡ଼ାସିଂହ ପଞ୍ଚାୟତରେ ଗଣେଶ ଭସାଣୀ ଅନୁଷ୍ଠିତ ହେଉଥିବାବେଳେ ମା'ବୁଢ଼ୀଆଣି ଶଙ୍ଖାରିସାହି ଗଣେଶ ପୂଜା କମିଟିର ସମ୍ପାଦକ ବୈଦ୍ୟଲୋଚନ ପଣ୍ଡା (ଗଣେଶ), ଉକ୍ତ ଗ୍ରାମର ସୁରେନ୍ଦ୍ର ପାତ୍ର ଓରଫ୍ ମୁନୁ, ଅଜୟ ଦାଶ, ପ୍ରଫୁଲ୍ଲ ସେଠୀ, ଗଗନ ବିହାରୀ ଦାସ ଓରଫ୍ ଗଗି ବେଆଇନ୍ ଭାବେ ସରକାରଙ୍କ ପ୍ରଶେସନ୍ ନିୟମକୁ ବେଖାତିର କରି ସର୍ବସାଧାରଣ ରାସ୍ତା ଅବରୋଧ କରିବା ଓ ଗଣ୍ଡଗୋଳ କରିବା ଅଭିଯୋଗରେ ସାଲେପୁର ପୁଲିସ ୪୧୭/୨୦୨୫ରେ ଏକ ମାମଲା ରୁଜୁ କରି ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସାଲେପୁର ଆଇ.ଆଇ.ସି. ଅନିତା ସାହୁ ପ୍ରକାଶ କରିଛନ୍ତି। ପ୍ରକାଶ ଯେ ସରକାର ପାର୍ବଣ ଋତୁରେ ଶୋଭାଯାତ୍ରା ଉପରେ କଟକଣା ଜାରି କରିଥିବାବେଳେ ଏହି କଟକଣାକୁ ବେଖାତିର କରି ଓ ସର୍ବସାଧାରଣ ରାସ୍ତାକୁ ଅବରୋଧ କରି ଗଣ୍ଡଗୋଳ ସୃଷ୍ଟି କରୁଥିବାବେଳେ ସାଲେପୁର ପୁଲିସ ଏହି ୫ଜଣଙ୍କୁ ଗିରଫ କରିଥିବା ଜଣାଯାଇଛି।

## ଚୋରା ଗଞ୍ଜେଇ ଜବତ, ଜଣେ ଗିରଫ

**ସାଲେପୁର,୧୩।୯ (ସଂଚାର ବ୍ୟୁରୋ):** ଚୋରା ଗଞ୍ଜେଇ ବେପାର କରୁଥିବା ଅଭିଯୋଗରେ ସାଲେପୁର ପୁଲିସ ଜଣକୁ ଗିରଫ କରିବା ସହ ତା'ନିକଟରୁ ୧କେଜି ୪ଶହ ଗ୍ରାମରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଥିବା ଜଣାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ବାହାରପଡ଼ା ଗ୍ରାମର ମାଗୁଣି ସାହୁ ଜଳହରି ଗ୍ରାମ ଦେଇ ଏକ ବ୍ୟାଗରେ ଗଞ୍ଜେଇ ଭର୍ତ୍ତି କରି ବ୍ୟାରେଜ ଛକ ଆଡକୁ ଆସୁଥିବାବେଳେ ସାଲେପୁର ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ମାଗୁଣିକୁ ଧରିବା ସହ ତା'ନିକଟରୁ ୧କେଜି ୪ଶହ ଗ୍ରାମ ଗଞ୍ଜେଇ ଜବତ କରିଛି। ଏ ସମ୍ପର୍କରେ ୪୪୦/୨୫ରେ ଏକ ମାମଲା ରୁଜୁ କରି ମାଗୁଣିକୁ କୋର୍ଟ ଚାଲାଣ କରିଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି।

## ଘରୋଇ ନର୍ସିଂ କଲେଜରେ ଅଧ୍ୟକ୍ଷ କିଏ ?

### ସରକାରୀ ଶିକ୍ଷକ ନା ସରକାରୀ ଆଇନଜୀବୀ ?

**କେନ୍ଦ୍ରାପଡା,୧୩।୯(ସଂଚାର ବ୍ୟୁରୋ):** କଲେଜ୍ ଛକ ନିକଟରେ ଥିବା ଘରୋଇ ବଳଦେବଜୀଉ ନର୍ସିଂ କଲେଜ ଅଧ୍ୟକ୍ଷ ପଦକୁ ଥମୁନି ବିବାଦ । ବଳଦେବଜୀଉ ନର୍ସିଂ କଲେଜ ର ତଥ୍ୟ କହୁଛି ଜଣେ ସରକାରୀ ପ୍ରଧାନ ଶିକ୍ଷକ ନିମାଇଁ ଚରଣ ଦାସ କଲେଜର ଅଧ୍ୟକ୍ଷ ପଦରେ ନିଜେ ଦାବିଦାର ଥିଲାବେଳେ ଅନୁଷ୍ଠାନର ଅନ୍ୟଜଣେ ସଦସ୍ୟ କଳାକାର ରାଉତ ଅଧ୍ୟକ୍ଷ ଥିବାନେଇ ମଧ ଦାବି କରୁଥିବା ନେଇ ଜଣାପଡିଛି। ହେଲେ ସରକାରଙ୍କ ନିୟମ ଅନୁଯାୟୀ କୌଣସି ସରକାରୀ ବେତନ ଉପଭୋଗି ବ୍ୟକ୍ତି ଅନ୍ୟ କୌଣସି ସରକାରୀ ଲାଭଜନକ ବ୍ୟବସାୟୀ କ ଘରୋଇ ଅନୁଷ୍ଠାନରେ କାର୍ଯ୍ୟ କିମ୍ବା ଅଧ୍ୟକ୍ଷ ହୋଇପାରିବେ ନାହିଁ ।

ହେଲେ ଖୁଲମ୍ ଖୋଲା ନିୟମ ଉଲଂଘନ କରି କିଭଳି ଘରୋଇ ନର୍ସିଂ କଲେଜ ଚଳାଛନ୍ତି ତାକୁ ନେଇ ବର୍ତ୍ତମାନ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି। ଘରୋଇ କଲେଜର ଅଧ୍ୟକ୍ଷ ପଦ ପାଇଁ ଦୁଇଜଣ ସରକାରୀ ବେତନ ଭୋଗୀଙ୍କ ବାକ ଯୁଦ୍ଧରେ ବଳିପଡ଼ିବନିତ ତିନିଶହରୁ ଉର୍ଦ୍ଧ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ? ଯାହା ଏବେ ଜିଲ୍ଲା ପ୍ରଶାସନ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେଉ ବୋଲି ଦାବି ହୋଇଛି ।

## ରାଜ୍ୟ ସରକାରଙ୍କ ଦ୍ୱାରା ୨ ଚିତ୍ରଗୁରୁ ସମ୍ମାନିତ

**କେନ୍ଦ୍ରାପଡ଼ା,୧୩।୯(ସଂଚାର ବ୍ୟୁରୋ):** ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଆୟୋଜନ କରାଯାଇଥିବା, ମୋ ସ୍ୱପ୍ନର ଓଡ଼ିଶା ୨୦୩୬ ଚିତ୍ରକଳା ପ୍ରତିଯୋଗୀତା ପୁରସ୍କାର ବିତରଣ ଉତ୍ସବ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଅନୁଷ୍ଠିତ ହୋଇ ଥିଲା ଏବଂ ଏହି ପ୍ରତିଯୋଗିତା ରେ ଶ୍ରେଷ୍ଠ ୭ ଜଣ ବରିଷ୍ଠ ୪୯ ଜଣ କନିଷ୍ଠ ବିଭାଗରେ ରାଜ୍ୟର ଶ୍ରେଷ୍ଠ ଚିତ୍ରଶିଳ୍ପୀ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ରାଜ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶି ସୂରଜ, ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଦେବପ୍ରସାଦ ଦାଶ, ଓଡିଶା ସାହିତ୍ୟ ଏକାଡେମୀର ସଚିବ ଡାଃ ଚନ୍ଦ୍ର ଶେଖର ହୋତା, ଓଡ଼ିଶା ଲଳିତ କଳା ଏକାଡେମୀ ର ସଚିବ ଶ୍ରୀମତୀ ଦେବଯାନୀ ଭୂୟାଁ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ରାପଡା ର ମିରପାଟଣା। ସ୍ଥିତ କ୍ରିଷ୍ଣା ଏକାଡେମୀ ଅଫ ଆର୍ଟ ଆଣ୍ଡ କଲଚର ର ପ୍ରତିଷ୍ଠାତା ଆନ୍ତର୍ଜାତୀୟ ସ୍ତରରେ ଅନେକ ପୁରସ୍କାର ଅଧିକାରୀ ଚିତ୍ରଗୁରୁ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ନାରୀ ଚିତ୍ରଶିଳ୍ପୀ ଶତାବ୍ଦୀ ରାଉତରାୟ ଙ୍କୁ ବରିଷ୍ଠ ବିଭାଗରେ ସମ୍ବର୍ଦ୍ଧିତ ହୋଇଥିବା ବେଳେ ସୌମ୍ୟରଞ୍ଜନ ମହାରଣା,ଜୀତ ପ୍ରସାଦ ରାଉତ ଓ ବିଦ୍ୟାଶ୍ରି ବିଶ୍ୱରୂପା ସାହୁ କନିଷ୍ଠ ବିଭାଗରେ ମୋ ସ୍ୱପ୍ନର ଓଡ଼ିଶା ୨୦୩୬ ଚିତ୍ରକଳା ପ୍ରତିଯୋଗୀତାରେ ଶ୍ରେଷ୍ଠ ଚିତ୍ରଶିଳ୍ପୀ ଭାବେ ସମ୍ବର୍ଦ୍ଧିତ ହୋଇ କେନ୍ଦ୍ରାପଡ଼ା ପାଇଁ ଗୌରବ ଆଣିଛନ୍ତି।



## ବୃଦ୍ଧଙ୍କ ସାକ୍ଷ୍ୟ ପାଇଁ ଘରେ ପହଞ୍ଚିଲେ କୋର୍ଟ କର୍ମଚାରୀ

**କେନ୍ଦ୍ରାପଡା,୧୩।୯(ସଂଚାର ବ୍ୟୁରୋ):** ଏକ ଭରଣ ପୋଷଣର ମାମଲା ବହୁତ ଦିନ ବିଚାରଧିନ ରହିଥିଲା । ଏଥିରେ ସାକ୍ଷୀ ଜଣକ ବୟସର ଶେଷ ସୀମାରେ ଥିବାରୁ କୋର୍ଟକୁ ଆସି ସାକ୍ଷୀ ଦେବା ତାଙ୍କ ପକ୍ଷରେ ସମ୍ଭବ ନଥିବାରୁ ମାନ୍ୟବର ବିଚାରପତିଙ୍କ ନିର୍ଦ୍ଦେଶରେ କୋର୍ଟ କର୍ମଚାରୀ କମ୍ପ୍ୟୁଟର ସହ ତାଙ୍କ ଘରେ ପହଁଚି ସାକ୍ଷ୍ୟ କାର୍ଯ୍ୟକ୍ରମ କରିଥିଲେ । ଘଟଣାରୁ ପ୍ରକାଶ ଯେ ପରିବାର ଅଦାଲତର ସି.ପି କେଶ୍ ନମ୍ବର- ୧୧୮/୨୦ରେ ମୋନାଲିସା ପରିଡା ତାଙ୍କ ସ୍ୱାମୀର ମୃତ୍ୟୁ ପରେ ଶ୍ୱଶୁରଙ୍କ ଠାରୁ ଭରଣ ପୋଷଣ ପାଇଁ ମାମଲା ରୁଜୁ କରିଛନ୍ତି । ଶ୍ୱଶୁର ଶଙ୍କର୍ଷଣ ପରିଡା (୮୩) ଏରା ଗ୍ରାମର ଅସୁସ୍ଥ ଥାଇ ଶଯ୍ୟାଶାୟୀ ଥିବାରୁ କୋର୍ଟରେ ପହଁଚି ସାକ୍ଷ୍ୟ ଦେବା ସମ୍ଭବ ନ ହେବାରୁ ମାନ୍ୟବର ପରିବାର ଅଦାଲତ୍ ବିଚାରପତି ଦେବାଶିଷ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ କମ୍ପ୍ୟୁଟର କିରାଣୀ ମନୋଜ କୁମାର ସ୍ୱାଇଁ ଓ ଉମା ପ୍ରସାଦ ଜେନା ତାଙ୍କ ଘରେ ପହଁଚି ଭିଡିଓ ମାଧମରେ ସାକ୍ଷ୍ୟ କାର୍ଯ୍ୟକ୍ରମ କରିଥିଲେ ।

● ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ ଓ ଶିକ୍ଷା ସଚିବଙ୍କୁ ଏନପିଏସ ମାଧ୍ୟମିକ ଶିକ୍ଷକ ସଙ୍ଘର ଦାବିପତ୍ର

## ଦାବି ପୂରଣ ନହେଲେ ବିଧାନସଭା ଘେରାଉ ଚେତାବନୀ

**କେନ୍ଦ୍ରାପଡ଼ା,୧୩।୯ (ସଂଚାର ବ୍ୟୁରୋ):** ମିଳିତ ମଞ୍ଚ ଏନପିଏସ ମାଧମିକ ଶିକ୍ଷକ ସଙ୍ଘ, କେନ୍ଦ୍ରାପଡା ସଂଗଠନ କେନ୍ଦ୍ରାପଡା ଜିଲ୍ଲାର ମାଧମିକ ସରକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀ ୪ଦଫା ଦାବି ପୁରଣ ନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି ।

ଜିଲ୍ଲାପାଳ ରଘୁରାମ ଆର.ଆୟାର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସ୍ୱାଗତିକା ସ୍ୱାଇଁ, ଦିପ୍ତୀ ନାୟକ ଓ ଶୁଭସ୍ମିତା ତ୍ରିପାଠୀଙ୍କୁ ଜିଲ୍ଲା ମିଳିତ ମଞ୍ଚ ଏନପିଏସ ସଙ୍ଘ ପକ୍ଷରୁ କର୍ମକର୍ତ୍ତା ଓ ସଦସ୍ୟମାନେ ଦାବିପତ୍ର ପ୍ରଦାନ କରିଛନ୍ତି । ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଶିକ୍ଷକମାନଙ୍କ ଚାକିରୀ ଆରମ୍ଭରେ ହୋଇଥିବା ୬ବର୍ଷର ଚୁକ୍ତି ଅବଧିକୁ ମୂଳ ଚାକିରୀ ସହିତ ଗଣନା କରିବା, ବାକିଥିବା ୬ଗୋଟି ନୋସନାଲ ଇନକ୍ରିମେ ପ୍ରଦାନ କରିବା, ସରକାରୀ ମାଧମିକ ଶିକ୍ଷକ,ଶିକ୍ଷୟିତ୍ରୀମାନଙ୍କର କ୍ୟାଡର ପୁନର୍ଗଠନ କରିବା, ଚାକିରୀ ଆରମ୍ଭରୁ ୨୮ଶହ ଗ୍ରେଡପେ ପରିବର୍ତ୍ତେ ୪୨ଶହ ଓ ୪୨ଶହ ପାଉଥିବା ଶିକ୍ଷକମାନଙ୍କୁ ୪୬ଶହ ଗ୍ରେଡପେ ପ୍ରଦାନ ଏବଂ ୨୦୧୬ବ୍ୟାଚର ନିୟମିତ ହୋଇଥିବା ଶିକ୍ଷକଶିକ୍ଷୟିତ୍ରୀଙ୍କୁ ବକେୟା ପାଉଣା ପ୍ରଦାନ କରିବା ପ୍ରଭୃତି ରହିଛି। ଆସନ୍ତା ୭ଦିନ ମଧରେ ଯଦି ଦାବି ଗୁଡିକ ପୁରଣ କରାନଯାଏ ତେବେ ଆସନ୍ତା ୧୮ତାରିଖରେ ସଙ୍ଘର ଶିକ୍ଷକ, ଶିକ୍ଷୟିତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇବା ସହ ବିଧାନସଭା ଘେରାଉ କରାଯିବ ବୋଲି ଜିଲ୍ଲା ମିଳିତ ମଞ୍ଚ ଏନପିଏସ ମାଧମିକ ଶିକ୍ଷକ ସଙ୍ଘ ଚେତାବନୀ ଦେଇଛି।



## ମୃତକଙ୍କ ପରିବାରକୁ ସହାୟତା



**ମହାକାଳପଡ଼ା,୧୩।୯(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ପେଟଛେଲା ଗ୍ରାମ ପଞ୍ଚାୟତର ବିବି କଲୋନୀ ଗାଁର ସୁନିଲ ଦେବନାଥ ଙ୍କ ପୁତ୍ର ଅଭିଜିତ ଦେବନାଥ ବୁଧବାର ଦିବା ୨ଘଟିକା ସମୟରେ ବିଦ୍ୟୁତ୍ ବୋର୍ଡ଼ ସଜାଡୁ ଥିବା ସମୟରେ ବିଦ୍ୟୁତ ସଂସ୍ପର୍ଶ ରେ ଆସି ମୃତ୍ୟୁବରଣ କରିଥିଲେ । ଖବର ପାଇ ମାନ୍ୟବର ସାଂସଦ ଶ୍ରୀ ବୈଜୟନ୍ତ ପଣ୍ଡା ଓ ମାନ୍ୟବର ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକଙ୍କ ପରାମର୍ଶ କ୍ରମେ ମଣ୍ଡଳ ସଭାପତି ତ୍ରିଲୋଚନ ରାଉତ, ଯୁବ ନେତା ଚନ୍ଦ୍ରକାନ୍ତ ସ୍ୱାଇଁ, ବଣ୍ଟି ଦେବନାଥ, ତୋଫାନ ମଣ୍ଡଳ ପ୍ରମୁଖ ପହଞ୍ଚି ପରିବାରକୁ ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

## ମେଡିକାଲ କଲେଜ ଦାବିରେ ୨୨ରୁ ଅହୋରାତ୍ର ଗଣଧାରଣା

**କେନ୍ଦ୍ରାପଡ଼ା,୧୩।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାରେ ମେଡ଼ିକାଲ କଲେଜ ପ୍ରତିଷ୍ଠା ନିମନ୍ତେ ସରକାର ଯେତିକି ବିଳମ୍ବ କରିଚାଲିଛନ୍ତି ସରକାରଙ୍କ ବିରୋଧରେ ଅସନ୍ତୋଷ ସେତିକି ତୀବ୍ର ହେବାରେ ଲାଗିଛି। ଆର୍ଥିକ ଦୃଷ୍ଟିରୁ ରାଜ୍ୟର ଅନ୍ୟତମ ପଛୁଆ ଜିଲ୍ଲା କେନ୍ଦ୍ରାପଡ଼ାର ଏହି ସ୍ଥିତିରେ ପରିର୍ବନ ପାଇଁ ଗତ ପାଞ୍ଚ ବର୍ଷ ଧରି ଏଥିଲାଗି ଲଗାତର ଦାବି କରି ଆସୁଥିବା ମିଳିତ କ୍ରିୟାନୁଷ୍ଠାନ କମିଟି ଏବେ ପୁଣି ଆନ୍ଦୋଳନର ଡାକରା ଦେଇଛି।



ପୂର୍ବ ସରକାର ସମୟରେ ବ୍ଲକ ସ୍ତରରୁ ଆରମ୍ଭ କରି ରାଜଧାନୀ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଏକାଧିକ ବାର ଦାବି ଉପସ୍ଥାପନ କରାଯାଇଥିଲେ ମଧ ତତ୍କାଳୀନ ସରକାର ଏଥିପ୍ରତି ଅଣଦେଖା କରିଥିଲେ । ଜିଲ୍ଲାବାସୀ ଆଶା କରିଥିଲେ ନୂଆ ସରକାର ଜିଲ୍ଲାର ଏହି ନ୍ୟାର୍ଯ୍ୟ ଦାବି ପ୍ରତି ଗୁରୁତ୍ୱ ଦେବ । ମାତ୍ର ଏବର ସରକାର ରାଜ୍ୟରେ ଚାରିଗୋଟି ନୂଆ ମେଡିକାଲ କଲେଜ ପାଇଁ ଘୋଷଣା କରିଥିଲେ ମଧ ସେଥିରେ କେନ୍ଦ୍ରାପଡ଼ାର ନାମ ରହିଲା ନାହିଁ । ଏହା ଜିଲ୍ଲାବାସୀଙ୍କ ପାଇଁ କେବଳ ଅବିଚାର ନୁହେଁ ବରଂ ଅପମାନ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆୟୋଜିତ ଆଜିର ଗଣସମ୍ମେଳନରେ ଅଭିଯୋଗ କରାଯାଇ ଦାବି ହାସଲ ପାଇଁ ଆନ୍ଦୋଳନକୁ ଜୋରଦାର କରିବାକୁ ସ୍ଥିର କରାଯାଇଛି । ଗରାପୁର ସ୍ଥିତ ଦି ପ୍ୟାଲେସ ପରିସରରେ କମିଟିର ସଭାପତି ଅଧାପକ ଅଜୟ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଗଣସମ୍ମେଳନରେ ବହୁ ବିଶିଷ୍ଟ ବ୍ୟକ୍ତି ଆଲୋଚନାରେ ଅଂଶଗ୍ରହଣ କରି ଆସନ୍ତା ବିଧାନସଭା ଅଧିବେଶନ କାଳରେ ସରକାର ଏ ସମ୍ପର୍କରେ ଘୋଷଣା କରିବା ପାଇଁ ଦାବି କରିଥିଲେ।

ସରକାରଙ୍କୁ ଜିଲ୍ଲାବାସୀଙ୍କ କ୍ଷୋଭ ଜଣାଇଦେବା ସହ ଆସନ୍ତା ୨୨ ତାରିଖ ଠାରୁ ଦାବି ହାସଲ ପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଗଣଧାରଣା ଆନ୍ଦୋଳନ ସଙ୍ଗଠିତ କରାଯିବା ପାଇଁ ଏଠାରେ ନିଷ୍ପତ୍ତି ନିଆଯାଇଛି। ଏହି ଆନ୍ଦୋଳନରେ ସାମିଲ ହେବାକୁ ଜିଲ୍ଲାର ସବୁ ବର୍ଗର ଜନସାଧାରଣଙ୍କୁ ଆହ୍ୱାନ କରାଯାଇଛି।

## ଦୁର୍ଘଟଣାରେ ଗୋଡ଼ ହରାଇଥିବା ଅଧାପକଙ୍କୁ ମିଳିଲା ସହାୟତା




**କେନ୍ଦ୍ରାପଡା,୧୩।୯(ସଂଚାର ବ୍ୟୁରୋ):** ଜଣେ କର୍ତବ୍ୟରତ ଅଧାପକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ନିଜର ଗୋଡ ଓ ଚାକିରୀ ହରାଇଥିବାରୁ ତାଙ୍କୁ ବୀମା କମ୍ପାନୀ ତରଫରୁ ୧୮ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି । ଘଟଣାରୁ ପ୍ରକାଶ ଯେ, ଗରଜଙ୍ଗ କଲେଜର ଅଧାପକ ଅର୍ଜୁନ ଚରଣ ନାୟକ ୧୮.୦୩.୨୦୨୪ ମସିହାରେ କଲେଜରୁ ଡ୍ୟୁଟି ସାରି ନିଜ ଘରକୁ ଫେରୁଥିବା ସମୟରେ ମଠ ନିକଟରେ ଏକ ଦୃତଗାମୀ ଜେସିବି ତାଙ୍କ ବାମ ଗୋଡ ଉପରେ ଚଢ଼ାଇ ଦେଇଥିଲା । ଫଳରେ ତାଙ୍କର ବାମ ଗୋଡ କଟା ହେବା ସହ ସେ ଚାକିରୀ ମଧ ହରାଇଥିଲେ । ଏହାକୁ ବିଚାରକୁ ନେଇ ମାନ୍ୟବର ଜିଲ୍ଲା ଦୌରାଜଜ ଶ୍ରୀମତୀ ଲୁନା ମହନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଅଧାପକ ଶ୍ରୀ ନାୟକଙ୍କୁ ୧୮ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି ।

## ଶାରଦୀୟ ଦୁର୍ଗା ପୂଜା ପାଇଁ ଶାନ୍ତି କମିଟି ବୈଠକ

**ରାଜନଗର,୧୩।୯(ସଂଚାର ବ୍ୟୁରୋ):** ରାଜନଗରର ସର୍ବପ୍ରାଚୀନ ଭାଇଚାରାର ଅନନ୍ୟ ପର୍ବ ଶାରଦୀୟ ଦୁର୍ଗାପୂଜାକୁ ଶାନ୍ତି ଶୃଙ୍ଖଳାର ସହ କରିବା ପାଇଁ ଆଜି ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜନଗର ପଞ୍ଚାୟତ ସମିତି ସଭାଗୃହରେ ଶାନ୍ତି କମିଟିର ସଭାପତି ତଥା ତହସିଲଦାର ଯୀଶୁକୃଷ୍ଣ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ରାଜନଗର ବିଡିଓ ଅନିରୁଦ୍ଧ ବେହେରା, ଏଏସଆଇ ସନ୍ତୋଷ କୁମାର ନାୟକ, ଅଗ୍ନିଶ୍ରମ ବିଭାଗର ରୋହିତ କୁମାର ନାୟକ ଏବଂ ସମସ୍ତ ପୂଜା କମିଟିର କର୍ମକର୍ତ୍ତା, ବଣିକ ସଂଘ ଓ ବିଭିନ୍ନ ସରକାରୀ ଅଧିକାରୀମାନେ ଯୋଗଦେଇ ଦୁର୍ଗା ପୂଜାକୁ କିପରି ଶାନ୍ତି ଶୃଙ୍ଖଳାର ସହ କରାଯିବ, ସେ ନେଇ ପ୍ରସ୍ତାବ ରଖିଥିଲେ। ରାଜନଗର ଚଳିତ ବର୍ଷ ୨୮ଟି ମେଢ଼ ହେବ। ୨ଦିନ ଧରି ଭଷାଣି ଉତ୍ସବ ଅନୁଷ୍ଠିତ ହେବ। ଭଷାଣି ସମୟରେ କୌଣସି ପୂଜା କମିଟି ଡିଜେ ବଜାଇ ପାରିବେ ନାହିଁ କିମ୍ବା ବାଣ ଫୁଟାଇବେ ନାହିଁ ବୋଲି ବୈଠକରେ ନିଷ୍ପତି ନିଆଯାଇଛି।



## ସମ୍ଭାଗସ୍ତରୀୟ ପ୍ରଧାନାଚାର୍ଯ୍ୟ ସମ୍ମିଳନୀ ଉଦ୍‌ଘାଟିତ

**ପଟ୍ଟାମୁଣ୍ଡାଇ,୧୩।୯ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ସମ୍ଭାଗସ୍ତରୀୟ ଦୁଇ ଦିନିଆ ପ୍ରଧାନ ଆଚାର୍ଯ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରସନ୍ନ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ପ୍ରମୁଖ କପିଳ ଚରଣ ମିଶ୍ର ସମ୍ମାନିତଅତିଥି ଭାବେ ଯୋଗ ଦେଇଥିଲେ ଓଶିଶୁ ବିଦ୍ୟାମନ୍ଦିର ସମ୍ପାଦକ ଶ୍ରୀଧର ରାଉତ ସ୍ୱାଗତ ଭାଷଣ ଓ ପ୍ରଧାନ ଆଚାର୍ଯ୍ୟ ପ୍ରଭାତ କିଶୋର ନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସମ୍ଭାଗ ସଂଯୋଜକ ତୁଷାର ରଞ୍ଜନ ଦାଶ ସାମୂହିକ ପରିଚୟ ତଥ୍ୟ ସୂଚନା ପ୍ରଦାନ କରିଥିଲେ। ପଟ୍ଟାମୁଣ୍ଡାଇ ସଙ୍କୁଳ ପ୍ରମୁଖ ପ୍ରଦୀପ କୁମାର ମଲିକ, ଶିଶୁ ବିଦ୍ୟା ମନ୍ଦିର କୋଷାଧକ୍ଷ ଡ. ରବିନାରାୟଣ ଦାସ ଯୋଗଦେଇଥିଲେ। ଶେଷରେ ସହ ସଂପାଦକ ଦେବାଶିଷ ପଣ୍ଡା ଧନ୍ୟବାଦ ଦେଇଥିଲେ।

ଓଡିଶା ଶିକ୍ଷା ବିକାଶ ସମିତି ଆନୁକୁଲ୍ୟରେ ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଆଜି ଉତ୍ତର ପୂର୍ବ ସମ୍ଭାଗ ପ୍ରଧାନ ଆଚାର୍ଯ୍ୟ ସମ୍ମିଳନୀ ଉଦଘାଟିତ ହୋଇଯାଇଛି। ବିଦ୍ୟା ମନ୍ଦିର ପରିଚାଳନା କମିଟି ସଭାପତି ପ୍ରମୋଦ କୁମାର ନାୟକ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। କ୍ଷେତ୍ର ଲେଖାଗାର ପ୍ରମୁଖ ପ୍ରସନ୍ନ କୁମାର ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମାର୍ଗଦର୍ଶନ କରିଥିଲେ। ରବିନାରାୟଣ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଭାରତୀୟ ଜ୍ଞାନ ପରମ୍ପରା ଉପରେ ଅଭିଭାଷଣ ଦେଇଥିଲେ ଓ ଏଇ ଅବସରରେ ରାଜସ୍ତରୀୟ ମେଧା ଓ ଶ୍ରୀ ଭାରତୀ କୃଷ୍ଣ ଗଣିତ ପ୍ରତିଭାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।



## ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ

**ରାଜନଗର,୧୩।୯ (ସଂଚାର ବ୍ୟୁରୋ):** ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ୟୁଥ ରେଡ଼କ୍ରସ ପକ୍ଷରୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳନ କରାଯାଇଛି। ମହାବିଦ୍ୟାଳୟର ଅଧକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ପୌରହିତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୟୁଥ ରେଡ଼କ୍ରସ କାଉନଉସେଲର ମୁଖ୍ୟ ଅଧାପିକା ରାଜଶ୍ରୀ ସାମନ୍ତ ଯୋଗଦେଇ ଏହା ପ୍ରତି ବର୍ଷ ସେପ୍ଟେମ୍ବର ମାସର ଦ୍ୱିତୀୟ ସପ୍ତାହରେ ପାଳନ କରାଯାଏ ବୋଲି କହିବା ସହ ଚଳିତ ବର୍ଷର ପ୍ରସଙ୍ଗ ପ୍ରାଥମିକ ଚିକିତ୍ସା ଓ ଜଳବାୟୁ ପରିବର୍ତ୍ତନ ରଖାଯାଇଛି। ଜଳବାୟୁ ପରିବର୍ତ୍ତନ ଫଳରେ ଯେଉଁ ବିପର୍ଯ୍ୟୟ ସୃଷ୍ଟି ହୁଏ ତାହାକୁ ଆମେ ପ୍ରାଥମିକ ଚିକିତ୍ସା ଦ୍ୱାରା ପ୍ରଭାବିତ ଲୋକଙ୍କର କିଛି ଉପକାର କରି ଜୀବନ ବଞ୍ଚାଇ ପାରିବା ବୋଲି ବୁଝାଇଥିଲେ। ଗଣିତ ଅଧାପକ ସନ୍ଦିପ ମହାପାତ୍ର ଘରୋଇ ପ୍ରାଥମିକ ଚିକିତ୍ସା ବିଷୟରେ ଆଲୋଚନା କରିଥିଲେ। ପ୍ରାଣୀ ବିଜ୍ଞାନ ମୁଖ୍ୟ ଅଧାପିକା ଅନୁସୟା ବେହେରା କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ।

## ସମିତି ସମ୍ପାଦକଙ୍କ ମନମାନୀ, ପଞ୍ଜୀକରଣରୁ ଧାନଚାଷୀ ବଞ୍ଚିତ

**ନିଷ୍ଚିନ୍ତକୋଇଲି,୧୩।୯ (ସଂଚାର ବ୍ୟୁରୋ):** ନିଷ୍ଚିନ୍ତକୋଇଲି ବ୍ଲକ୍‌ର ବିଭିନ୍ନ ସେବା ସମବାୟ ସମିତିରେ ଚାଷୀମାନେ କିପରି ସୁରୁଖୁରୁରେ ନାମ ପଞ୍ଜୀକରଣ କରି ବିକ୍ରି କରିପାରିବେ ସେଥି ନିମନ୍ତେ ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା କରାଯାଇଛି। ତେବେ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ମନମୁଖୀ କାରବାର ହେତୁ ବହୁ ଚାଷୀ ନାମ ପଞ୍ଜିକୃତ କରିବାରୁ ବଞ୍ଚିତ ହୋଇଥିବା ଜଣାପଡିଛି।

ଅଚ୍ୟୁତାନନ୍ଦ ସେବା ସମବାୟ ସମିତି ଅଧୀନରେ ଯାଉଥିବା ଚାଷୀ ଫକିର ଚରଣ ବେହେରା ଓ ତାଙ୍କ ପୁତୁରା ତୁଷାର ରଂଜନ ବେହେରା ନିଜ ଜମିରେ ଚଳିତବର୍ଷ ଚାଷ କରିଛନ୍ତି। ସେ ଚଳିତବର୍ଷ ଧାନ ବିକ୍ରି କରିବା ପାଇଁ ଅଚ୍ୟୁତାନନ୍ଦ ସେବା ସମବାୟ ସମିତିକୁ ନିଜ ଆଧାରକାର୍ଡ ସହିତ ସମସ୍ତ କାଗଜପତ୍ର ଦେଇଥିଲେ। ଏ ସମ୍ପର୍କରେ ସେ ଅଚ୍ୟୁତାନନ୍ଦ ସେବା ସମବାୟ ସମିତିର ସଂପାଦକ ଫକିର ନାୟକଙ୍କ ଠାରୁ ପଚାରି ବୁଝିଥିଲେ । କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଜାଣିବାକୁ ପାଇଲେ ଅନ୍ୟ କେହି ଜଣେ ବ୍ୟକ୍ତି ଅଣସ୍ୱୀକୃତିପ୍ରା ପ୍ରାପ୍ତ ଭାବେ ନିକଟସ୍ଥ ଭୀମେଶ୍ୱର ସମବାୟ ସମିତିରେ ତାଙ୍କ ଜମି ଦେଖାଇ ଚାଷୀ ପଞ୍ଜିକୃତ କରିଛନ୍ତି। ଯାହାଫଳରେ ତାଙ୍କର ଆଉ ଅଚ୍ୟୁତାନନ୍ଦରେ ପଞ୍ଜିକୃତ ହୋଇପାରିଲା ନାହିଁ। ଫକିର ନାୟକଙ୍କ ବିନା ସ୍ୱିକୃତୀ ଓ ତାଙ୍କ ଅଜ୍ଞାତରେ କିପରି ଅନ୍ୟ ଏକ ସେବା ସମବାୟ ସମିତିରେ ନାମ ପଞ୍ଜିକୃତ ହେଲା ଓ ସେ କାହିଁକି ଚଳିତବର୍ଷ ଧାନ ବିକ୍ରିରୁ ବଞ୍ଚିତ ହେବେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ସେ କଟକ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଏଆର୍‌ସିଏସ୍, କଟକ ଓ ଡିଆର୍‌ସିଏସ୍ ଙ୍କୁ ଅବଗତି ନିମନ୍ତେ ଜଣାଇଛନ୍ତି । କଟକ ଜିଲ୍ଲାପାଳ ଓ ସମବାୟ ବିଭାଗ ପକ୍ଷରୁ ପ୍ରକୃତ ସତ୍ୟାସତ୍ୟ ତଦନ୍ତ କରାଯାଇ ଚାଷୀ ଫକିର ଚରଣ ବେହେରାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସେ ନିବେଦନ କରିଛନ୍ତି।

ପ୍ରକାଶ ଥାଉକି, ଭୀମେଶ୍ୱର ସେବା ସମବାୟ ସମିତିରେ ଚଳିତବର୍ଷ ଚାଷୀ ପଞ୍ଜୀକରଣରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଛି ।



ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ସହ ମା' ସମଲେଶ୍ୱରୀଙ୍କ ଦର୍ଶନ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ପାଖରେ ଅଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ, ପଞ୍ଚାୟତିରାଜ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ରବି ନାଏକ।

■ ଜଟଣୀରେ ହୋମିଭାବା କ୍ୟାନ୍ସର ହସ୍ପିଟାଲ ଏବଂ ଗବେଷଣା କେନ୍ଦ୍ର ସ୍ଥାପନ

# କାର୍ଯ୍ୟ ଅଗ୍ରଗତି ନେଇ ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା

■ ବିଭିନ୍ନ ବିଭାଗ ସମନ୍ୱୟରେ ହସ୍ପିଟାଲ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ



**ଭୁବନେଶ୍ୱର,୧୩।୯(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା ଜଟଣୀରେ ହୋମିଭାବା କ୍ୟାନ୍ସର ହସ୍ପିଟାଲ ଏବଂ ଗବେଷଣା କେନ୍ଦ୍ର ସ୍ଥାପନ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ଏକ ସମୀକ୍ଷା ବୈଠକ ଆଜି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ଅଗ୍ନିଶମ ମହା ନିର୍ଦ୍ଦେଶକ ଡଃ ସୁଧାଂଶୁ ଷଡ଼ଙ୍ଗୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍ , କୁଟର ପରିଚାଳନା ନିର୍ଦ୍ଦେଶକ ଏନ୍ ତିରୁମାଲା ନାୟକ, ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ସମେତ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ଓଡ଼ିଶା ଏବଂ ସ୍ୱାସ୍ଥ୍ୟ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ, ଟାଟା ମେମୋରିଆଲ ହସ୍ପିଟାଲ, ମୁମ୍ବାଇର କର୍କଟ ରୋଗ ବିଶେଷଜ୍ଞ ପ୍ରାଧ୍ୟପକ ଡଃ ଲିଙ୍ଗରାଜ ନାୟକଙ୍କ ସମେତ ସହକର୍ମୀ, ଓଡ଼ିଶା ସରକାରଙ୍କ ନଗର ଉନ୍ନୟନ, ପୂର୍ତ୍ତ, ଶକ୍ତି ଓ ଅନ୍ୟ ସଂପୃକ୍ତ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ। ଏହି ଚିକିତ୍ସାଳୟ ଓ ଗବେଷଣା ସ୍ଥାପନ ନେଇ ୨୦୨୨ ମସିହାରେ ଓଡ଼ିଶା ରାଜ୍ୟ ସରକାର ଏବଂ ଟାଟା ମେମୋରିଆଲ କ୍ୟାନ୍ସର ହସ୍ପିଟାଲ, ମୁମ୍ବାଇଙ୍କ ସହ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଥିଲା। ବୈଠକରେ ସବିଶେଷ ଆଲୋଚନା କରାଯାଇ ରାଜସ୍ୱ ବିଭାଗ, ପୂର୍ତ୍ତ ବିଭାଗ ଏବଂ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ସମନ୍ୱୟରେ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ବର୍ତ୍ତମାନ ଏହି ଚିକିତ୍ସା କେନ୍ଦ୍ରରେ ୨୯୪ ଟି ଶଯ୍ୟା ପାଇଁ ପ୍ରସ୍ତାବ ରହିଛି। ହସ୍ପିଟାଲ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ସଂପର୍କରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରକାଶ କରିଥିଲେ। କ୍ୟାନ୍ସର ହସ୍ପିଟାଲ ପରିସରରେ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ କର୍କଟ ଚିକିତ୍ସା କେନ୍ଦ୍ର ନିର୍ମାଣର ଅଗ୍ରଗତି, ହସ୍ପିଟାଲ ପରିସରରୁ ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା, ହସ୍ପିଟାଲକୁ ନିରବଚ୍ଛିନ୍ନ ବିଦ୍ୟୁତ ଶକ୍ତି ଯୋଗାଣ, ପ୍ରକଳ୍ପର ଅଂଶବିଶେଷ ରହିଥିବା ରୋଗୀମାନଙ୍କର ସମ୍ପର୍କୀୟମାନଙ୍କ ରହିବା ପାଇଁ ଧର୍ମଶାଳା ନିର୍ମାଣ ଆଦି ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇ ଆବଶ୍ୟକ ପଦକ୍ଷେପ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। ବିଭିନ୍ନ କାର୍ଯ୍ୟପାଇଁ ଆର୍ଥିକ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା ଓ ପରବର୍ତ୍ତୀ ପଦକ୍ଷେପ ସଂପର୍କରେ ଆଲୋଚନା କରାଯାଇଥିଲା।

■ ଖୋର୍ଦ୍ଧା ଜିଲ୍ଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ

# ୯୬୧୫୬ ମାମଲାର ଫୈସଲା



**ଭୁବନେଶ୍ୱର,୧୩।୯(ସଂଚାର ବ୍ୟୁରୋ):** ଜାତୀୟ ଆଇନ ସେବା ପ୍ରାଧିକରଣ ଓ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ ମତେ ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ପକ୍ଷରୁ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆଜି ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ଓ ରାଜସ୍ୱ ଅଦାଲତ ପରିସର ଯଥା ଭୁବନେଶ୍ୱର, ଖୋର୍ଦ୍ଧା, ବାଣପୁର, ଜଟଣୀ, ଟାଙ୍ଗୀ, ଚିଲିକା ଓ ବେଗୁନିଆ ଠାରେ ଅନୁଷ୍ଠିତ ହୋଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସର୍ବମୋଟ ୧୨୬୮୦୨ ଗୋଟି ମାମଲା ଆଗତ କରାଯାଇ ୯୬୧୫୬ ଗୋଟି ମାମଲାର ଫାଇସଲା କରାଯାଇଥିବା ବେଳେ ସମୁଦାୟ ୧୭ କୋଟି ୭୧ ଲକ୍ଷ ୮୪୬ ଟଙ୍କା କୋମ୍ପେନସେସନ/ରାଜିନାମା/ରାଜସ୍ୱ ଆଦାୟ ହେବା ପାଇଁ ସ୍ଥିରୀକୃତ ହେଇଥିଲା। ଖୋର୍ଦ୍ଧା ଜିଲ୍ଲା ଓ ଦୌରା ଜଜ ତଥା ଭୁବନେଶ୍ୱର ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାନ୍ତିଙ୍କ ସମେତ ବହୁ ପଦସ୍ଥ ବିଚାରବିଭାଗୀୟ ଅଧିକାରୀ ଲୋକ ଅଦାଲତରେ ଉପସ୍ଥିତ ରହି ରେକର୍ଡ ସଂଖ୍ୟକ ମାମଲା ଫୈସଲା କରିଥିଲେ। ଲୋକ ଅଦାଲତର ଫଳାଫଳକୁ ଜିଲ୍ଲା ଜଜଙ୍କ ପାଖରେ ଉପସ୍ଥାପନା କରିବା ସହ ଏହାର ସାମଗ୍ରିକ ସଫଳତାକୁ ଦୃଷ୍ଟିରେ ରଖି ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ପକ୍ଷରୁ ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଧିକାରୀ, ରାଜସ୍ୱ ଅଧିକାରୀ, ଟେଲିକମ, ଆଞ୍ଚଳିକ ତଥା ରାଷ୍ଟ୍ରୀୟ ଜାତୀୟ କାରଣ ବ୍ୟାଙ୍କ ଅଧିକାରୀ ଓ ଶାଖା ପରିଚାଳକ, ଆଇନଜୀବୀ, ବୀମା ଅଧିକାରୀ, ଅଦାଲତ ଏବଂ ପ୍ରାଧିକରଣଙ୍କ କର୍ମଚାରୀଙ୍କୁ ଧନ୍ୟବାଦ୍ ଦେବା ସହ ପରବର୍ତ୍ତୀ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ଡିସେମ୍ବର ୧୩ ପାଇଁ ଆଗୁଆ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ଉକ୍ତ ଲୋକ ଅଦାଲତରେ କୋର୍ଟ ମ୍ୟାନେଜର ଶଶିକାନ୍ତ ପ୍ରଧାନ ସହଯୋଗ କରିଥିଲେ ଏବଂ ପ୍ରାଧିକରଣଙ୍କ ନ୍ୟାୟ ଅଧିକାର ମିତ୍ର ସିତେଶ ଆଶିଷ ଜେନା, ପ୍ରଣତି ପ୍ରଧାନ ଓ ପବିତ୍ର କୁମାର ବେହେରା ପ୍ରମୁଖ ସହାୟତା କରିଥିଲେ।

# ୭ ତାରିଖ ଯାଏ ଲାଗି ରହିବ ବର୍ଷା



**ଭୁବନେଶ୍ୱର,୧୩।୯ (ସଂଚାର ବ୍ୟୁରୋ) :** ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି । ଆଗାମୀ ୩ ଦିନ ପ୍ରବଳ ବର୍ଷା ସମ୍ଭାବନା । ବିଶେଷ କରି ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ପଶ୍ଚିମ କେନ୍ଦ୍ରୀୟ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗର, ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ଉପକୂଳରେ ସକ୍ରିୟ ରହିଛି ଲଘୁଚାପ କ୍ଷେତ୍ର । ଏହା ଆଗାମୀ ୨ ଦିନ ଭିତରେ ଦକ୍ଷିଣ ଓଡ଼ିଶା ଓ ତତସଂଲଗ୍ନ ଉତ୍ତର ଆନ୍ଧ୍ର ପ୍ରଦେଶ ଓ ଦକ୍ଷିଣ ଛତିଶଗଡ଼ ଦେଇ ପଶ୍ଚିମ ଉତ୍ତର ପଶ୍ଚିମ ଦିଗକୁ ଗତି କରିବ ।ପ୍ରଭାବରେ ୧୭ ତାରିଖ ଯାଏ ବର୍ଷା ଲାଗି ରହିବ। ଆସନ୍ତା ୨୪ ଘଣ୍ଟାରେ ସାରା ଓଡ଼ିଶାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ । କୋରାପୁଟ, ମାଲକାନଗିରି, ନବରଙ୍ଗପୁର,ରାୟଗଡା, ଗଂଜାମ ,ଗଜପତି, କନ୍ଧମାଳ, ନୟାଗଡ଼ ଓ କଳାହାଣ୍ଡି ୯ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ଆଲର୍ଟ ଜାରି କରାଯାଇଛି। କାଲି ସାରା ଓଡ଼ିଶା ସମେତ ଦକ୍ଷିଣ ଓ ଉତ୍ତର ଓଡ଼ିଶା କିଛି ଅଞ୍ଚଳରେ ପ୍ରବଳ ବର୍ଷା ପାଇଁ ୱାର୍ଣ୍ଣିଂ ରହିଛି ।

# ଅପ୍ରାକୃତିକ ଯୌନ ସମ୍ପର୍କ ଅଭିଯୋଗରେ ଯୁବକ ଗିରଫ




**ଧରାକୋଟ, ୧୩।୯ (ସଂଚାର ବ୍ୟୁରୋ) :** ଜଣେ ଷଷ୍ଠ ଶ୍ରେଣୀରେ ପଢୁଥିବା ନାବାଳକ ସହ ଅପ୍ରାକୃତିକ ଯୌନ ସଂପର୍କ ରଖିବା ଅଭିଯୋଗରେ ଗଞ୍ଜାମ ଜିଲା ଧରାକୋଟ ପୋଲିସ ଜଣେ ଯୁବକକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଧରାକୋଟ ଥାନା ଅନ୍ତର୍ଗତ କୁସପଦା ଗ୍ରାମ ଅଭିଯୁକ୍ତ ଆଲୋକ ପଣ୍ଡା(୧୯)। ତାଙ୍କ ବିରୋଧରେ ମାମଲା ନଂ ୩୪୮/୨୫ ପ୍ରକାରେ ରୁଜୁ ହୋଇଥିଲା।

ସୂଚନାନୁଯାୟୀ,ଆଲୋକ ବରଡାବିଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପଢୁଥିବା ସଂପୃକ୍ତ ଗ୍ରାମର ଜଣେ ୧୨ ବର୍ଷର ନାବାଳକ ସହ ଗତ ସୋମବାର ୮ ତାରିଖ ଦିନ ଅପ୍ରାକୃତିକ ଯୌନ ସଂପର୍କ ସ୍ଥାପନ କରିଥିଲେ। ଅଭିଯୁକ୍ତ ଆଲୋକ ନାବାଳକକୁ ଏକ ନିର୍ମାଣାଧୀନ କଲ୍ୟାଣ ମଣ୍ଡପ ଭିତରକୁ ଡାକି ଅପ୍ରାକୃତିକ ଯୌନ ସଂପର୍କ ରଖିଥିଲେ। ଆଗରୁ ଆଲୋକ ନାବାଳକକୁ ବିଭିନ୍ନ ଉପାୟରେ ପ୍ରଲୋଭିତ କରି ରଖିଥିଲେ। ସେହି ସମୟର କଥା ବାର୍ତ୍ତାର ଭିଡିଓ ରେକର୍ଡ କରି ଆଲୋକ ରଖିଥିଲେ। ଘଟଣା ଦିନ ସମ୍ପର୍କ ସ୍ଥାପନ ପରେ ନାବାଳକକୁ ଘରୁ ଯାଇ ଟଙ୍କା ମାଗି ଆଣିବାକୁ କହିଥିଲେ,ନାବାଳକ ମନା କରିବାରୁ ତାଙ୍କୁ ରଖିଥିବା ରେକର୍ଡିଂ ପ୍ରଘଟ କରିବାର ଭୟ ଦେଖାଇଥିଲେ। ନାବାଳକ ଘରକୁ ଯାଇ ଏକଥା ନିଜ ବାପା ମା'ଙ୍କୁ ଜଣାଇବା ପରେ ଘର ଲୋକ ବିବ୍ରତ ହୋଇ ପଡ଼ିଥିଲେ। ଗତ ଶୁକ୍ରବାର ଦିନ ଧରାକୋଟ ଥାନାରେ ନାବାଳକର ମା ଏତଲା ଦେବାପରେ ଥାନାରେ ୩୪୮/୨୫ ପ୍ରକାରେ ମାମଲା ରୁଜୁ ହୋଇଥିଲା। ପୋଲିସ ତଦନ୍ତ ଜାରି ରଖିବା ସହ ଅଭିଯୁକ୍ତ ଆଲୋକ ପଣ୍ଡା କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ବିଷୟ ଥାନା ଅଧିକାରି ଚନ୍ଦ୍ରିକା ସ୍ୱାଇଁ ସୂଚନା ଦେଇଛନ୍ତି । ସଂପୃକ୍ତ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# କଂଗ୍ରେସରେ ମିଶିଲେ କୈଳାସ ମିଶ୍ର



**ଭୁବନେଶ୍ୱର, ୧୩।୯(ସଂଚାର ବ୍ୟୁରୋ):** କଂଗ୍ରେସର କ୍ରମବର୍ଦ୍ଧିଷ୍ଣୁ ଗ୍ରହଣୀୟତାରେ ପ୍ରଭାବିତ ହୋଇ ଦଳରେ ଯୋଗଦେବା ଧାରା ଅବ୍ୟାହତ ରହିଛି। ଶନିବାର ମଧ୍ୟାହ୍ନରେ 'ବିକଳ୍ପ ଓଡ଼ିଶା' ସଭାପତି କୈଳାସ ମିଶ୍ର କଂଗ୍ରେସରେ ଯୋଗଦେଇଛନ୍ତି। ଏଆଇସିସି ଓଡ଼ିଶା ପ୍ରଭାରୀ ଅଜୟ ଲାଲୁଙ୍କ ପୌରୋହିତ୍ୟରେ କଂଗ୍ରେସ ଭବନରେ ଆୟୋଜିତ ଏକ ସମାବେଶରେ ଶ୍ରୀ ମିଶ୍ର ଦୁଇଶହରୁ ଅଧିକ କାର୍ଯ୍ୟକର୍ତ୍ତାଙ୍କ ସହଗରେ ଆସି ଦଳରେ ମିଶିଛନ୍ତି। ସମ୍ବର୍ଦ୍ଧନାର ଉତ୍ତରରେ ଶ୍ରୀ ମିଶ୍ର ସୂଚନା ଦେଇ କହିଥିଲେ, ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଏକ ଦାୟିତ୍ୱବାନ ବିରୋଧୀ ଦଳର ଭୂମିକା ନିଭାଉଛି। ବିଜେପି ୧୨% ଭୋଟ ଚୋରି କରିଥିବା ସ୍ପଷ୍ଟ ହୋଇଛି। ଅନ୍ୟ ପକ୍ଷରେ ବିଜେପି-ବିଜେଡି ମିଶି ଓଡ଼ିଶାର ଖଣିଜ ସମ୍ପଦ ଲୁଟ୍ କରୁଛନ୍ତି। ଆଜି କେବଳ ରାଜ୍ୟ ଓ ଜିଲ୍ଲାର କାର୍ଯ୍ୟକର୍ତ୍ତାମାନେ କଂଗ୍ରେସରେ ଯୋଗ ଦେଉଛନ୍ତି। ଆଗକୁ ବ୍ଲକ୍ ସ୍ତରରେ 'ବିକଳ୍ପ ଓଡ଼ିଶା'ର ଲକ୍ଷାଧିକ ଲୋକ କଂଗ୍ରେସରେ ଯୋଗଦେବେ। କୈଳାସ ମିଶ୍ରଙ୍କୁ ଦଳକୁ ସ୍ୱାଗତ କରି ପିସିସି ସଭାପତି ଭକ୍ତଚରଣ ଦାସ କହିଥିଲେ, ରେଭେନ୍ସା କଲେଜ ଛାତ୍ର ସଂସଦର ପୂର୍ବତନ ସଭାପତି, ଡିଏଓର ପୂର୍ବତନ ସଭାପତି, ସମାଜବାଦୀ ପାର୍ଟିର ପୂର୍ବତନ ରାଜ୍ୟ ସଭାପତି, ଦେଶରେ ମାଲକ୍ରୋ ଫାଇନାନ୍ସ, ସ୍ୱୟଂ ସହାୟକ ଗୋଷ୍ଠୀ ତଥା ସମବାୟ ଆନ୍ଦୋଳନର ଜଣେ ଜଣାଶୁଣା ପ୍ରବକ୍ତା ଯୋଗଦେବା ଦ୍ୱାରା କଂଗ୍ରେସ ଦଳ ଆହୁରି ଶକ୍ତିଶାଳୀ ହେବ। ଦଳକୁ ଶ୍ରୀ ମିଶ୍ରଙ୍କୁ ସ୍ୱାଗତ କରି ଶ୍ରୀ ଲଲ୍ଲୁ କହିଥିଲେ, ବିଜେପି-ବିଜେଡି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି। ମହାଦେବପୁରା ବିଧାନସଭା କ୍ଷେତ୍ରରେ ଭୋଟ ଚୋରିକୁ ରାହୁଲଜୀ ଧରାଇଦେବା ପରେ ସୃଷ୍ଟ ରାଜନୈତିକ ବାତାବରଣକୁ କଂଗ୍ରେସ ସପକ୍ଷରେ କରିବା ପାଇଁ ଶ୍ରୀ ମିଶ୍ରଙ୍କ ଯୋଗଦାନ ସହାୟକ ହେବ ବୋଲି ସେ ଆଶାପ୍ରକାଶ କରିଥିଲେ।

# ପ୍ରଦୋଷ ପଟ୍ଟନାୟକ ପତ୍ନୀଙ୍କ ପରଲୋକ

**ଭୁବନେଶ୍ୱର, ୧୩।୯(ସଂଚାର ବ୍ୟୁରୋ) :** ରାଜ୍ୟ ଗୃହିଣୀ ସମାଜ ସମ୍ପାଦିକା ତଥା ବିଶିଷ୍ଟ ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକଙ୍କ ଧର୍ମପତ୍ନୀ ଇନ୍ଦିରା ପଟ୍ଟନାୟକଙ୍କ ଶନିବାର ସକାଳ ୭ ଘଟିକା ସମୟରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ୧୦ ଦିନ ହେବ ରାଜଧାନୀର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଥିଲା। ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ବାବୁ ସିଂ, ଜଗନ୍ନାଥ ପ୍ରଧାନ, ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ସମୀର ରାଉତ, ମଣ୍ଟୁ ସିଂ, ରବୀନ୍ଦ୍ର ବିଶ୍ୱାଳ, ରୁଦ୍ର ସାମନ୍ତରାୟ, ସ୍ଥାନୀୟ କର୍ପୋରେଟର ରଞ୍ଜୁଲତା ରାୟ, କର୍ପୋରେଟର ଆସିଆ ବେଗମ, କଟକ ମେୟର ସୁବାସ ସିଂ, ତନ୍ମୟ ସ୍ୱାଇଁ, ଆଶିଷ କାନୁନଗୋ, ଜୟନ୍ତ ଦାସ, ବସନ୍ତ ପାଇକରାୟ, ବିଶିଷ୍ଟ ଶିକ୍ଷାବିତ କ୍ଷୀରୋଦ ପ୍ରସାଦ ମହାନ୍ତି, ଶ୍ରମିକ ନେତା ନବ କିଶୋର ମହାନ୍ତି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପିସିସି ଗଣମାଧ୍ୟମର ମୁଖ୍ୟ ସମ୍ପାଦକ ଅରବିନ୍ଦ ଦାସ, ପ୍ରମେୟ ସମ୍ପାଦକ ଗୋପାଳ ମହାପାତ୍ର, ସିନେ ସମୀକ୍ଷକ ଦିଲ୍ଲୀପ ହାଲି, ସୁବାର୍ତ୍ତାର ସମ୍ପାଦକ ପ୍ରଦ୍ୟୁମ୍ନ ଶତପଥୀ, ପ୍ରଭୁ କଲ୍ୟାଣ ମହାପାତ୍ର, ଏସ୍. ରାଜୀବ ଗୌରବ, ବିବେକାନନ୍ଦ ଜେନା, 'ଉନ୍ନତି ପଥେ'ର ପ୍ରଦ୍ୟୁମ୍ନ କୁମାର ମହାନ୍ତି, ହିମାଂଶୁ ଖଟୁଆ, ମାଧବାନନ୍ଦ ବେହୁରା, ଶ୍ରୀଧର ମାର୍ଥା, ପ୍ରଶାସକ ଲୁଲୁ ସାମନ୍ତ, ଦୁର୍ଗା ସାମନ୍ତରାୟ, ସୁର ଜେନା, ଗାନ୍ଧିବାଦୀ ଚିନ୍ତକ ପ୍ରହ୍ଲାଦ ସିଂହ, ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଗୀତା ପଟ୍ଟନାୟକ, ସାଗର ମଲ୍ଲିକ, ମଞ୍ଜରୀଦେବୀ ନର୍ସିଂ କଲେଜର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ବିଶ୍ୱାଳ, ଲେଖିକା ଝରଣା ପଟ୍ଟନାୟକ, ପ୍ରୀତିଛନ୍ଦା ଧଳ, ସ୍ୱାଧୀକାର ସମ୍ପାଦକ ଅକ୍ଷୟ କୁମାର ପତି, ଦେବୀ ପଟ୍ଟନାୟକ, କେ. ରବି ପ୍ରମୁଖ ବହୁ ବିଶିଷ୍ଟ ରାଜନେତା, ସମାଜସେବୀ, ସାମ୍ବାଦିକ ଓ ଆତ୍ମୀୟ ସ୍ୱଜନମାନେ ତାଙ୍କ ୟୁନିଟ୍-୩ସ୍ଥିତ ବାସଭବନରେ ସ୍ୱର୍ଗତା ପଟ୍ଟନାୟକଙ୍କ ଶେଷ ଦର୍ଶନ କରି ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ସ୍ୱର୍ଗତା ପଟ୍ଟନାୟକଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କର ପୁତ୍ର ପରାଗ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ ଏବଂ ବୋହୂ ସଂସ୍କୃତି ଅନୁରାଗିଣୀ ଉପସ୍ଥିତ ଥିଲେ।



# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ସମ୍ମିଳନୀ

**ଭୁବନେଶ୍ୱର,୧୩।୯ (ସଂଚାର ବ୍ୟୁରୋ) :** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ସମ୍ମିଳନୀ-୨୦୨୫ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ




ହୋଇଯାଇଛି । କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀମାନେ ଓଡ଼ିଶାର ସାଂସ୍କୃତିକ ରାଷ୍ଟ୍ରଦୂତ ଭାବେ କର୍ତ୍ତବ୍ୟ ସଂପାଦନ କରିବାକୁ ପରାମର୍ଶ ଦେଇଥିଲେ । ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ବିଭିନ୍ନ ସାଂସ୍କୃତିକ କ୍ଷେତ୍ରରେ ନିଜସ୍ୱ ପ୍ରତିଭା ଯୋଗୁଁ ଓଡ଼ିଶାର କଳା, ସାହିତ୍ୟ ଓ ସଂସ୍କୃତିର ବିକାଶରେ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି । ଓଡ଼ିଶାର ଅସ୍ମିତାକୁ ପୁରାତନ ଛାତ୍ରଛାତ୍ରୀମାନେ ଅଧିକ ଋଦ୍ଧିମନ୍ତ କରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ । କୁଳସଚିବ ଶ୍ରୀମତୀ ଅନାମିକା ଅଧିକାରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ପୁରାତନ ଛାତ୍ର ସଂସଦ ନିମନ୍ତେ ଆବଶ୍ୟକୀୟ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ବିଶ୍ୱବିଦ୍ୟାଳୟର ଉନ୍ନତି ଓ ନୂତନ ଛାତ୍ରଛାତ୍ରୀଙ୍କ ନିମନ୍ତେ ପୁରାତନ ଛାତ୍ର ସଂସଦ ପ୍ରେରଣାର ଉତ୍ସ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ । ଆବାହକ ଡ. ଆଶିଷ ମହାପାତ୍ର ପୁରାତନ ଛାତ୍ର ସଂସଦକୁ ଅଧିକ କ୍ରିୟାଶୀଳ କରିବା ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ଆଲୋଚନା କରିବା ସହ ଆଗାମୀ ଦିନରେ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ ।

**ପିଲାଙ୍କ ଆଖିରେ ଫେବିକୁଇକ୍ ଅଠା ମାରିଦେବା ଘଟଣା**

# ପ୍ରଧାନଶିକ୍ଷକ ନିଲମ୍ବିତ

**ଫୁଲବାଣୀ, ୧୩।୯ (ସଂଚାର ବ୍ୟୁରୋ) :** କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ସଲାଗୁଡା ପଂଚାୟତ ସଲାଗୁଡା ସେବାଶ୍ରମରେ ଛାତ୍ରଙ୍କ ଆଖିରେ ସହପାଠୀ ଫେବିକୁଇକ ଲଗାଇବା ଘଟଣାରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଜିଲାପାଳ ବେଦ ଭୂଷଣ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ ନିଲମ୍ବିତ କରିଛନ୍ତି। ପ୍ରଧାନଶିକ୍ଷକ ହେଲେ ମନୋରଞ୍ଜନ ସାହୁ। କାର୍ଯ୍ୟରେ ଅବହେଳା, ବିଦ୍ୟାଳୟରେ ରହୁ ନ ଥିବା ନେଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୂଚନାଯୋଗ୍ୟ, ଗୁରୁବାର ରାତି ୯ଟା ସମୟରେ ସମସ୍ତେ ଖାଇ ସୋଇଥିବା ବେଳେ କିଛି ସହପାଠୀ ଛାତ୍ର ୪ର୍ଥ ଓ ୫ମରେ ପଢୁଥିବା ୮ ଛାତ୍ରଙ୍କ ଆଖିରେ ଫେବିକୁଇକ ଲଗାଇ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୭ ଜଣ ଗୁରୁତର ଅବସ୍ଥାରେ ଫୁଲବାଣୀ ମେଡ଼ିକାଲକୁ ଅଣାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଭଲ ନ ଥିବା ଜଣାପଡିଛି।

# ଦୁର୍ଦ୍ଧାନ୍ତ ମାଓନେତ୍ରୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୧୩।୯(ସଂଚାର ବ୍ୟୁରୋ):** ମାଓ ସଙ୍ଗଠନକୁ ବଡ଼ ଝଟକା। ଦୁର୍ଦ୍ଧାନ୍ତ ମାଓନେତ୍ରୀ ସୁଜାତାର ଆତ୍ମସମର୍ପଣ। ସୁଜାତା ମୁଣ୍ଡ ଉପରେ ଥିଲା କୋଟିଏ ଟଙ୍କାର ପୁରସ୍କାର ରାଶି। ସୁଜାତା ଆଜି ତେଲଙ୍ଗାନା ପୁଲିସ ନିକଟରେ ଆତ୍ମସମର୍ପଣ କରିଛି। ମାଓ ସଙ୍ଗଠନରେ ସେଣ୍ଟ୍ରାଲ କମିଟିର ସଦସ୍ୟ ଥିଲେ। ଦକ୍ଷିଣ ସବ ଜର୍ଣ୍ଣାଲ ବ୍ୟୁରୋ ଇନଚାର୍ଜ ଥିଲେ ମାଓ ନେତ୍ରୀ ସୁଜାତା। ସେ କିଛି ଦିନ ତଳେ ନିହତ ହୋଇଥିବା ନକ୍ସଲ କମାଣ୍ଡର କିଶନଜୀର ପତ୍ନୀ। ସେ ବସ୍ତର ଓ ଓଡ଼ିଶା ସୀମାବର୍ତ୍ତୀ ଅଞ୍ଚଳରେ ବିଭିନ୍ନ ସମୟରେ ଘଟିଥିବା ହିଂସାକାଣ୍ଡରେ ସାମିଲ ଥିଲା। ସୁଜାତା ମାଓ ସଂଗଠନରେ ପଦ୍ମା କଳ୍ପନା ଓ ଝାନ୍ସିବାଈ ଆଦି ଭିନ୍ନ ଭିନ୍ନ ନାଁରେ ପରିଚିତ ଥିଲା।

# ରାୟଗଡ଼ାରେ ବେଦାନ୍ତର ଫିଟ୍‌ନେସ୍-କମ୍-ଆମ୍ୟୁଜ୍‌ମେଣ୍ଟ ପାର୍କ

**ଭୁବନେଶ୍ୱର, ୧୩।୯(ସଂଚାର ବ୍ୟୁରୋ):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ରାୟଗଡ଼ାର ହାଟମୁନିଗୁଡ଼ାରେ ଥିବା ରାମକୃଷ୍ଣ ମିଶନ ଆଶ୍ରମ ସ୍କୁଲର ୭୦୦ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଉତ୍ସର୍ଗୀକୃତ ଫିଟନେସ୍-କମ୍-ଆମ୍ୟୁଜମେଣ୍ଟ ପାର୍କ ବିକଶିତ କରିଛି। ବିଭିନ୍ନ ପ୍ରକାରର ଖେଳ ଏବଂ ଫିଟନେସ୍ ସୁବିଧା ସହିତ ସଜ୍ଜିତ ଏହି ପାର୍କଟି ଶାରୀରିକ କାର୍ଯ୍ୟକଳାପ, ମନୋରଞ୍ଜନ ଏବଂ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ

**ଉପକୃତ ହେବେ ୭୦୦ ଆଦିବାସୀ ପିଲା**



ଡିଜାଇନ୍ କରାଯାଇଛି। ସ୍କୁଲ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ବେଦାନ୍ତ ସିଜିମାଲି ବକ୍ସାଇଟ୍ ମାଇନ୍ସର ଉପାଧ୍ୟକ୍ଷ ଏବଂ ମୁଖ୍ୟ ପ୍ରତୀକ କୁମାର ଏହି ପାର୍କର ଉଦଘାଟନ କରିଥିଲେ। ଉଦଘାଟନ ପରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ସେଠାରେ ଅନେକ ସମୟ ଖେଳକୁଦ କରିଥିଲେ। ବେଦାନ୍ତ ଆଲୁମିନିୟମ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ସଫଳତା ଏବଂ ସାମଗ୍ରିକ ବିକାଶକୁ ସମର୍ଥନ କରିବା ସହିତ ଏକ ଅନୁକୂଳ ଶିକ୍ଷା ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ୧୦୦ ଏକର ଜମିରେ ୨୦୦୮ ମସିହାରେ ପ୍ରତିଷ୍ଠିତ ରାମକୃଷ୍ଣ ମିଶନ ଆଶ୍ରମ ସ୍କୁଲ ସିବିଏସଇ ପାଠ୍ୟକ୍ରମ ଅନୁଯାୟୀ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ପ୍ରଦାନ କରେ। ଏହାର ସମସ୍ତ ଛାତ୍ରଛାତ୍ରୀ ରାୟଗଡା, କୋରାପୁଟ, ମାଲକାନଗିରି ଏବଂ ନବରଙ୍ଗପୁର ଜିଲ୍ଲା ସମେତ କୋରାପୁଟ ଅଞ୍ଚଳର ଆଦିବାସୀ ସମ୍ପ୍ରଦାୟରୁ ଆସିଥାନ୍ତି।

ଏହି ପଦକ୍ଷେପ ବିଷୟରେ କହି, ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ବେଦାନ୍ତ ଆଲୁମିନିୟମରେ ଆମେ ବିଶ୍ୱାସ କରୁ ଯେ, ପ୍ରକୃତ ସମ୍ପ୍ରଦାୟ ବିକାଶ ଭିତ୍ତିଭୂମିଠାରୁ ଅଧିକ। ଏହାର ସାମଗ୍ରିକ ବିକାଶ ପାଇଁ ସୁଯୋଗ ସୃଷ୍ଟି କରିବାରେ ଥାଏ। ଏହି ଫିଟନେସ୍-କମ୍-ମନୋରଞ୍ଜନଭିତ୍ତିକ ପାର୍କ ପିଲାମାନଙ୍କୁ ଖେଳ ଏବଂ ଶାରୀରିକ କାର୍ଯ୍ୟକଳାପ ପାଇଁ ସୁଯୋଗ ପ୍ରଦାନ କରିବା ସହିତ ଏକ ଆନନ୍ଦଦାୟକ ପରିବେଶ ଯୋଗାଇଦେବ ଯାହା ପିଲାମାନଙ୍କର ସାମଗ୍ରିକ ବିକାଶକୁ ସମର୍ଥନ କରେ। ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଭିତ୍ତିଭୂମି ଏବଂ ତୃଣମୂଳ କ୍ରୀଡ଼ା ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରି ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ପାଇଁ ସମର୍ପିତ ରହିଛି।

■ ଆଜି ଦ୍ୱିତୀୟା ଓଷା ■

# ପରିବା ଦର ଆକାଶଛୁଆଁ

**ଭୁବନେଶ୍ୱର,୧୩।୯(ସଂଚାର ବ୍ୟୁରୋ):** ଆସନ୍ତାକାଲି ଦ୍ୱିତୀୟା ଓଷା। ବନ୍ଧୁବାନ୍ଧବ ଘରକୁ ପନିପରିବା ଭାର ଯିବା ସହ ଘରେ ଘରେ ପ୍ରସ୍ତୁତ ହେବ ଘାଣ୍ଟ ତରକାରୀ। ଏଥିପାଇଁ ଭଳିକି ଭଳି ପନିପରିବା କିଣିବାକୁ ବଜାରରେ ଗ୍ରାହକଙ୍କ ଭିଡ଼। କିନ୍ତୁ ପରିବା ଦର ଶୁଣି ସେମାନଙ୍କ ମୁଣ୍ଡ ଘୂରାଇ ଦେଉଛି। ଦ୍ୱିତୀୟା ଓଷା ପରି ପର୍ବର ସୁଯୋଗ ନେଇ ବେପାରୀମାନେ ମଧ୍ୟ ବେଶ୍ ଦି' ପଇସା ରୋଜଗାର କରିବା ସକାଶେ ଦର ଆକାଶଛୁଆଁ କରିଦେଇଛନ୍ତି। ଫଳସ୍ୱରୂପ ୫ ଶହ ଟଙ୍କା ଖର୍ଚ୍ଚ କଲେ ବି ବ୍ୟାଗ ପୂରୁନାହିଁ। ରାଜଧାନୀର ବିଭିନ୍ନ ହାଟରେ ଏହିପରି ଦୃଶ୍ୟ ଦେଖିବାକୁ ମିଳିଛି। ବଜାରରେ ପୋଟଳ କିଲୋ ପ୍ରତି ୬୦ ଟଙ୍କାରେ ପହଞ୍ଚିଥିବା ବେଳେ ମାଟିଆଳୁ ୬୦ ଟଙ୍କା, କାଙ୍କଡ଼ ୬୦ ଟଙ୍କା, ବିଲାତି ବାଇଗଣ ୮୦ ଟଙ୍କା, ବାଇଗଣ ୬୦ ଟଙ୍କା, ଝୁଡ଼ଙ୍ଗ ୮୦ ଟଙ୍କା, ଭେଣ୍ଡି ୬୦ ଟଙ୍କା, ଜହ୍ନି ୬୦ ଟଙ୍କା, କାକୁଡି ୬୦ ଟଙ୍କା, ସାରୁ ୪୦ ଟଙ୍କା, ଗାଜର ୫୦ ଟଙ୍କା, ଫୁଲକୋବି ୯୦ ଟଙ୍କା, ସଜନା ଛୁଇଁ ୧୨୦ ଟଙ୍କା ଓ କଞ୍ଚା କଦଳୀ ଗୋଟା ପ୍ରତି ୧୦ ଟଙ୍କାରେ ବିକ୍ରି ହେଉଛି। ଏହାଛଡ଼ା ଘାଣ୍ଟ ତରକାରୀ ପାଇଁ ଆବଶ୍ୟକ ବୁଡ଼ା କାକୁଡ଼ି, କନ୍ଦମୂଳ ଦର ମଧ୍ୟ ଯଥେଷ୍ଟ ଅଧିକ। କିନ୍ତୁ ମୂଲ୍ୟ ଅଧିକ ଥିଲେ ବି ଲୋକେ ପନିପରିବା କିଣୁଛନ୍ତି। କାରଣ ଯାହା ହେଲେ ବି ବର୍ଷକରେ ଥରେ ପର୍ବ ଆସିଛି। ଘରେ ମହିଳାମାନେ ଦ୍ୱିତୀୟ ଓଷା ପାଳିବା ସହ ଘାଣ୍ଟ ତରକାରୀ କରିବାକୁ ଅନେଇ ବସିଛନ୍ତି।

# ରାଜ୍ୟସ୍ତରୀୟ ଜୁଭେନାଇଲ୍ ଜଷ୍ଟିସ୍ ପରାମର୍ଶ କର୍ମଶାଳା

**କଟକ/ଭୁବନେଶ୍ୱର,୧୩।୯ (ସଂଚାର ବ୍ୟୁରୋ):** ଓଡ଼ିଶା ହାଇକୋର୍ଟର ଜୁଭେନାଇଲ୍ ଜଷ୍ଟିସ୍ କମିଟି, ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ୟୁନିସେଫ୍‌ର ମିଳିତ ଆନୁକୂଲ୍ୟରେ 'କନ୍ୟା ଶିଶୁ ସୁରକ୍ଷା: ଭାରତରେ କନ୍ୟା ସନ୍ତାନଙ୍କ ପାଇଁ ଏକ ସୁରକ୍ଷିତ ଏବଂ ସକ୍ଷମ ପରିବେଶ' ଶୀର୍ଷକ ଏକ ରାଜ୍ୟସ୍ତରୀୟ ଜୁଭେନାଇଲ୍ ଜଷ୍ଟିସ୍ ପରାମର୍ଶ କର୍ମଶାଳା ଆୟୋଜିତ ହୋଇଯାଇଛି।

ଆଜି କଟକର ଓଡ଼ିଶା ଜୁଡିସିଆଲ୍ ଏକାଡେମୀରେ ଆୟୋଜିତ ଏହି କର୍ମଶାଳାକୁ ଉଦ୍‌ଘାଟନ କରି ମୁଖ୍ୟ ବିଚାରପତି ହରିଶ ଟଣ୍ଡନ୍ ହିଂସା, ବାଲ୍ୟବିବାହ ଏବଂ ଶୋଷଣରୁ କନ୍ୟାମାନଙ୍କୁ ସୁରକ୍ଷା ଦେବା ପାଇଁ ଦୃଢ଼ ସଂସ୍ଥାଗତ ବ୍ୟବସ୍ଥା ଏବଂ ଗୋଷ୍ଠୀ-ଆଧାରିତ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ ତାଙ୍କର ବ୍ୟକ୍ତିଗତ ଅନୁଭୂତି ବର୍ଣ୍ଣନା କରିବା ସହ ବାଲ୍ୟବିବାହ ନିଷେଧ ଆଇନ, ୨୦୦୬ ଏବଂ କିଶୋର ନ୍ୟାୟ ଆଇନ, ୨୦୧୫ର ବିଭିନ୍ନ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ବୈଷୟିକ ଅଧିବେଶନରେ ହେବାକୁ ଥିବା ଆଲୋଚନା କନ୍ୟାମାନଙ୍କୁ ଏକ ସୁରକ୍ଷିତ ଏବଂ ସକ୍ଷମ ପରିବେଶ ସୁନିଶ୍ଚିତ କରିବା ପାଇଁ ମାର୍ଗ ପ୍ରଶସ୍ତ କରିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଓଡ଼ିଶା ହାଇକୋର୍ଟର କିଶୋର ନ୍ୟାୟ କମିଟିର ବିଚାରପତି ଏବଂ ଅଧ୍ୟକ୍ଷା ମିସ୍ ଜଷ୍ଟିସ୍ ସାବିତ୍ରୀ ରାଠୋ ସ୍ୱାଗତ ଭାଷଣ ଦେବା ସହ ଏହି କର୍ମଶାଳାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଅତୀତରେ ମହିଳା ସଶକ୍ତିକରଣ ଶ୍ରଦ୍ଧା ଏବଂ ପ୍ରତିରୋଧର ବିଷୟ ଥିଲା ବୋଲି ଉଲ୍ଲେଖ କରି ସେ କହିଥିଲେ ଯେ, କନ୍ୟା ସନ୍ତାନଙ୍କୁ ସୁରକ୍ଷା ଦେବା ଆମର ଦାୟିତ୍ୱ ଏବଂ ଭବିଷ୍ୟତ ପାଇଁ ପ୍ରତିଶ୍ରୁତି ଓ କର୍ତ୍ତବ୍ୟ। ଯେତେବେଳେ ଜଣେ ଝିଅ ସୁରକ୍ଷିତ ଓ ସଶକ୍ତ ହୁଏ, ବିଶ୍ୱରେ ପ୍ରକୃତ ବିକାଶ ପରିଲିଖିତ ହୁଏ। କନ୍ୟା ସନ୍ତାନମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ସମାନ ସୁଯୋଗ ଅଧିକାରକୁ ସୁନିଶ୍ଚିତ କରିବା ଆମର ମୌଳିକ କର୍ତ୍ତବ୍ୟ। ଏହି ଅବସରରେ ବିଚାରପତି ତଥା ନ୍ୟୁଜ ଲେଟରର ମୁଖ୍ୟ ସମ୍ପାଦକ ଏବଂ ଓଡ଼ିଶା ହାଇକୋର୍ଟର ଜୁଭେନାଇଲ୍ ଜଷ୍ଟିସ୍ କମିଟିର ସଦସ୍ୟ ଜଷ୍ଟିସ୍ ଏ. କେ. ମହାପାତ୍ର ୨୦୧୭ ମସିହାରେ ଆରମ୍ଭ ହୋଇଥିବା ନ୍ୟୁଜଲେଟର ଶିଶୁ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଜୁଭେନାଇଲ୍ ଜଷ୍ଟିସ୍ କମିଟିର ନ୍ୟୁଜଲେଟର ଶିଶୁ ସୁରକ୍ଷା ୨୦୨୫ ବର୍ଷ ପାଇଁ ପ୍ରକାଶିତ ସଂସ୍କରଣକୁ ଉନ୍ମୋଚନ କରିଥିଲେ।

ମହିଳା ଏବଂ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶକ ମୋନିଷା ବାନର୍ଜୀ, ୟୁନିସେଫ୍ ଓଡ଼ିଶାର କ୍ଷେତ୍ର କାର୍ଯ୍ୟାଳୟର ମୁଖ୍ୟ ୱିଲିୟମ୍ ହାନଲନ୍ ଜୁନିଅର ସରକାର ଓ ନାଗରିକ ସମାଜର ମିଳିତ ପ୍ରୟତ୍ନରେ ପ୍ରତ୍ୟେକ ଶିଶୁ ସୁରକ୍ଷିତ ହେବା ସହ ପ୍ରଗତିରେ ଅଂଶୀଦାର ହୋଇପାରିବ। ପରାମର୍ଶ କର୍ମଶାଳାରେ ଓଡ଼ିଶା ହାଇକୋର୍ଟର ବିଚାରପତି, ବରିଷ୍ଠ ସରକାରୀ ଅଧିକାରୀ, ନ୍ୟାୟିକ ଅଧିକାରୀ, ଆଇନ ପ୍ରବର୍ତ୍ତନ କର୍ତ୍ତୃପକ୍ଷ, ଶିଶୁ ଅଧିକାର ବିଶେଷଜ୍ଞ ଏବଂ ବିଭିନ୍ନ ବିଭାଗର ପ୍ରତିନିଧି ଯୋଗଦେଇ ଓଡ଼ିଶାରେ କନ୍ୟା ସନ୍ତାନଙ୍କ ସୁରକ୍ଷା ଏବଂ କଲ୍ୟାଣକୁ ସୁନିଶ୍ଚିତ କରିବା ପାଇଁ ଥିବା ବିଭିନ୍ନ ଆହ୍ୱାନ ବିଷୟରେ ଆଲୋଚନା କରିଥିଲେ। ମହିଳା ଓ ଶିଶୁ ବିକାଶ, ବିଦ୍ୟାଳୟ ଓ ଗଣଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପଞ୍ଚାୟତିରାଜ, ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ଓଡ଼ିଶା ପୋଲିସର ଅଧିକାରୀମାନେ କର୍ମଶାଳାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ରଖିଥିଲେ। ବିଚାରପତି ତଥା ସଦସ୍ୟ କିଶୋର ନ୍ୟାୟ କମିଟି, ଓଡ଼ିଶା ହାଇକୋର୍ଟ ଏମ୍. ଏସ୍. ରମଣ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ।

## ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

ରବିବାର ୧୪ ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର
Sunday 14 September 2025, Bhubaneswar



# ରୋଜଗାର ଉପରେ ଏଆଇର ପ୍ରଭାବ



ବର୍ତ୍ତମାନର ଦ୍ରୁତ ପ୍ରଯୁକ୍ତିବିଦ୍ୟା ବିକାଶରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ୨୦୨୫ ସୁଦ୍ଧା ଏଆଇର ପ୍ରଭାବ ରୋଜଗାର କ୍ଷେତ୍ରରେ ସ୍ପଷ୍ଟ ହୋଇପଡ଼ିଛି। ଗୋଲଡମ୍ୟାନ୍ ସ୍ୟାକ୍ସର ରିପୋର୍ଟ ଅନୁଯାୟୀ, ଏଆଇ ବିଶ୍ୱବ୍ୟାପୀ ୩୦୦ ମିଲିୟନ୍ ପୂର୍ଣ୍ଣକାଳୀନ ରୋଜଗାରର ସମକକ୍ଷ ବିସ୍ଥାପିତ କରିପାରେ। ଏହା ଏକ ବିରାଟ ଚ୍ୟାଲେଞ୍ଜ ଉପସ୍ଥାପନ କରୁଛି, କିନ୍ତୁ ଏହାର ସକାରାତ୍ମକ ପାର୍ଶ୍ୱ ମଧ ରହିଛି। ଏହି ସମ୍ପାଦକୀୟରେ ଏଆଇର ରୋଜଗାର ଉପରେ ବହୁମୁଖୀ ପ୍ରଭାବକୁ ଆଲୋଚନା କରାଯିବ।

ପ୍ରଥମେ, ଏଆଇର ନକାରାତ୍ମକ ପ୍ରଭାବକୁ ଦେଖିବା। ଏଆଇ ସ୍ୱୟଂଚାଳିତ କାର୍ଯ୍ୟଗୁଡ଼ିକୁ ସମ୍ପାଦନ କରି ଅନେକ ରୋଜଗାରକୁ ବିସ୍ଥାପିତ କରୁଛି। ଉଦାହରଣ ସ୍ୱରୂପ, ଉତ୍ପାଦନ, ଗ୍ରାହକ ସେବା ଏବଂ ଡାଟା ଏଣ୍ଟ୍ରି ଭଳି କ୍ଷେତ୍ରରେ ଏଆଇର ବ୍ୟବହାର ବୃଦ୍ଧି ପାଉଛି। ସିବିଏସ୍ ନ୍ୟୁଜ୍ ରିପୋର୍ଟ ଅନୁଯାୟୀ, ୨୦୨୫ର ପ୍ରଥମ ସାତ ମାସରେ ଏଆଇ ଯୋଗୁଁ ଆମେରିକାରେ ୧୦, ୦୦୦ରୁ ଅଧିକ ରୋଜଗାର ହରାଇଛି। ଗୋଲଡମ୍ୟାନ୍ ସ୍ୟାକ୍ସର ଅନୁମାନ ଅନୁସାରେ, ଆମେରିକାରେ ୬%ରୁ ୭% ରୋଜଗାର ଏଆଇ ଦ୍ୱାରା ବିସ୍ଥାପିତ ହୋଇପାରେ। ଏହା ବେରୋଜଗାରୀ ବୃଦ୍ଧି କରିପାରେ ଏବଂ ଅସମାନତା ବଢ଼ାଇପାରେ, ବିଶେଷକରି କମ୍ ଶିକ୍ଷିତ ଏବଂ ଗ୍ରାମୀଣ କର୍ମଚାରୀମାନଙ୍କୁ ପ୍ରଭାବିତ କରି। ଜେ.ପି. ମର୍ଗାନ୍ର ରିସର୍ଚ୍ଚ ଅନୁଯାୟୀ, କେତେକ ଉଦ୍ୟୋଗ ଅଧିକ ଜୋଖିମରେ ରହିଛି।

କିନ୍ତୁ ଏଆଇର ସକାରାତ୍ମକ ପାର୍ଶ୍ୱ ମଧ ଉପେକ୍ଷଣୀୟ ନୁହେଁ। ଏହା ନୂତନ ରୋଜଗାର ସୃଷ୍ଟି କରୁଛି, ଯେପରିକି ଏଆଇ ବିକାଶକାରୀ, ଡାଟା ବିଜ୍ଞାନୀ ଏବଂ ଏଥିକାଲ୍ ଏଆଇ ବିଶେଷଜ୍ଞ। ପିଡବ୍ଲ୍ୟୁସିର ୨୦୨୫ ଗ୍ଲୋବାଲ୍ ଏଆଇ ଜବ୍ସ ବାରୋମିଟର୍ ଅନୁସାରେ, ଏଆଇ ମଣିଷମାନଙ୍କୁ ଅଧିକ ମୂଲ୍ୟବାନ୍ କରିପାରେ, ଏପରିକି ସ୍ୱୟଂଚାଳିତ ରୋଜଗାରରେ ମଧ୍ୟ। ଏଆଇ ଉତ୍ପାଦକତା ବୃଦ୍ଧି କରି ଅର୍ଥନୈତିକ ବୃଦ୍ଧି ଘଟାଇପାରେ, ଯାହା ଅଧିକ ରୋଜଗାର ସୃଷ୍ଟି କରିବ। ବିଏଲ୍ଏସ୍ର ପ୍ରୋଜେକ୍ସନ୍ ଅନୁଯାୟୀ, ଏଆଇର ବ୍ୟବହାର ମୂଲ୍ୟ ହ୍ରାସ କରି ମାଗ ବୃଦ୍ଧି କରିପାରେ। ମ୍ୟାକ୍କିନ୍ସିର ରିପୋର୍ଟ କହୁଛି ଯେ ଏଆଇ କୌଶଳ ଅବରୋଧ ହ୍ରାସ କରି ଅଧିକ ଲୋକଙ୍କୁ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ପ୍ରାପ୍ତ କରାଇବ। ଫୋର୍ବସ୍ ଅନୁଯାୟୀ, ୨୦୪୦ ସୁଦ୍ଧା ଏଆଇ ୫୦%ରୁ ୬୦% ରୋଜଗାରକୁ ସ୍ୱୟଂଚାଳିତ କରିପାରେ, କିନ୍ତୁ ଏହା ନୂତନ ସୁଯୋଗ ସୃଷ୍ଟି କରିବ।

ଭାରତ ପରିପ୍ରେକ୍ଷୀରେ, ଓଡ଼ିଶା ଭଳି ରାଜ୍ୟରେ ଏଆଇର ପ୍ରଭାବ ଅଧିକ ଗୁରୁତ୍ୱପୂର୍ଣ୍ଣ। କୃଷି, ଉତ୍ପାଦନ ଏବଂ ସେବା କ୍ଷେତ୍ରରେ ଏଆଇ ଦକ୍ଷତା ବୃଦ୍ଧି କରିପାରେ, କିନ୍ତୁ କର୍ମଚାରୀମାନଙ୍କୁ ନୂତନ କୌଶଳ ଶିଖିବାକୁ ପଡ଼ିବ। ଓ୍ୱାର୍ଲ୍ଡ ଇକୋନୋମିକ୍ ଫୋରମ୍ର ରିପୋର୍ଟ ଅନୁଯାୟୀ, ଏଆଇ କୌଶଳ ଅଭିଜ୍ଞତାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି। ସରକାର ଏବଂ ଉଦ୍ୟୋଗଗୁଡ଼ିକୁ ରିସ୍କିଲିଂ ପ୍ରୋଗ୍ରାମ୍, ଶିକ୍ଷା ଏବଂ ନୀତିଗତ ପରିବର୍ତ୍ତନ ମାଧମରେ ଏହି ପରିବର୍ତ୍ତନକୁ ସମ୍ଭାଳିବାକୁ ପଡ଼ିବ। ଉଦାହରଣ ସ୍ୱରୂପ, ଏଆଇ ଶିକ୍ଷାକୁ ଅନ୍ତର୍ଭୁକ୍ତ କରି ଯୁବକମାନଙ୍କୁ ପ୍ରସ୍ତୁତ କରାଯାଉ।

ସିଏନ୍ବିସିର ରିପୋର୍ଟ ଅନୁଯାୟୀ, ଏଆଇର ପ୍ରଭାବ ଛୋଟ, କିନ୍ତୁ ଶୂନ୍ୟ ନୁହେଁ। ଏହା ସମଗ୍ର ରୋଜଗାର ବଜାରକୁ ପରିବର୍ତ୍ତନ କରୁଛି। ସମାପ୍ତିରେ, ଏଆଇକୁ ଏକ ବିପଦ୍ ନୁହେଁ ବରଂ ସୁଯୋଗ ଭାବରେ ଗ୍ରହଣ କରିବା ଆବଶ୍ୟକ। ଉପଯୁକ୍ତ ପ୍ରସ୍ତୁତି ସହିତ, ଏହା ଅର୍ଥନୈତିକ ବୃଦ୍ଧି ଏବଂ ଉନ୍ନତ ଜୀବନଧାରା ଆଣିପାରିବ। ଓଡ଼ିଶାର ଯୁବକମାନେ ଏହି ପରିବର୍ତ୍ତନରେ ଅଗ୍ରଗାମୀ ହେବା ଉଚିତ୍।

# ବିଫଳତାର ଦର୍ପଣ



**ପ୍ରଣତି ଆଚାର୍ଯ୍ୟ ମିଶ୍ର**



ଅହମଦାବାଦର ଏକ ସ୍କୁଲରେ ୮ମ ଶ୍ରେଣୀର ଜଣେ ଛାତ୍ର ଦଶମ ଶ୍ରେଣୀର ଜଣେ ଛାତ୍ରୀଙ୍କୁ ହତ୍ୟା କରିଛି। ସେହିପରି ଜଣେ ଛାତ୍ର ତାଙ୍କ ଶିକ୍ଷୟିତ୍ରୀଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛି। ଏହି ଦୁଇଟି ଘଟଣା ଗଭୀର ସଙ୍କଟର ପ୍ରତିଫଳନ ଯାହା ଆମର ସାମାଜିକ ଗଠନ ଏବଂ ପାଳନପୋଷଣ ପଦ୍ଧତିକୁ ଚ୍ୟାଲେଞ୍ଜ କରୁଛି। ଯେଉଁମାନଙ୍କର ଦୁନିଆ ଖେଳ, ଅଧ୍ୟୟନ ଏବଂ ନିର୍ଦ୍ଦୋଷତାରେ ପରିପୂର୍ଣ୍ଣ ହେବା ଉଚିତ ସେମାନେ ଆଜି ହିଂସା, ହତାଶା ଏବଂ ପ୍ରତିଶୋଧର ଚକ୍ରରେ ଫସି ଯାଉଛନ୍ତି। ଏପରିସ୍ଥିତିରେ ପ୍ରଶ୍ନ ଉଠେ ଦୋଷୀ କିଏ ? ଯଦି ଗତ ଆଠ ବର୍ଷକୁ ଦେଖୁଛନ୍ତି ତେବେ ୨୦୧୪-୨୨ ମଧ୍ୟରେ ଶିଶୁ ଅପରାଧରେ ୮୧ ପ୍ରତିଶତ ବୃଦ୍ଧି ଘଟିଛି। ଏହା ସହଜରେ ଅନୁମାନ କରାଯାଇପାରିବ ଯେ ସମାଜର ମୂଳଦୁଆ କେଉଁଠି ନା କେଉଁଠି ଦୁର୍ବଳ ହୋଇଛି। ଯୌନ ଶୋଷଣ ହେଉଛି ଶିଶୁ ଅପରାଧର ସବୁଠାରୁ ବଡ଼ ଅଂଶ। ଯୌନ ଅପରାଧରୁ ଶିଶୁ ସୁରକ୍ଷା ଆଇନ ଅଧୀନରେ ପଞ୍ଜିକୃତ ମାମଲା ଅନୁପାତ ନିରନ୍ତର ପ୍ରାୟ ୩୬ ପ୍ରତିଶତ ରହିଛି। ଅର୍ଥାତ୍ ପ୍ରତ୍ୟେକ ତୃତୀୟ ଅପରାଧରେ କିଛି ଶିଶୁ ଯୌନ ନିର୍ଯାତନାର ଶିକାର ହେଉଛନ୍ତି । ଏହି ପରିସ୍ଥିତି ଆଇନ ଶୃଙ୍ଖଳା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ସମାଜର ସାମୂହିକ ସମ୍ବେଦନହୀନତାକୁ ପ୍ରକାଶ କରେ। ଏପରିସ୍ଥିତିରେ ଅପରାଧପ୍ରବଣ ପିଲାମାନଙ୍କର ମାନସିକ ସନ୍ତୁଳନ ମଧ ଗଭୀର ସଙ୍କଟରେ ଅଛି।

ଜାତୀୟ ଅପରାଧ ନଥି ସଂସ୍ଥା ଦୁର୍ଘଟଣାଜନିତ ମୃତ୍ୟୁ ଏବଂ ଆତ୍ମହତ୍ୟା ରିପୋର୍ଟରେ କହିଛନ୍ତି ଯେ ୨୦୨୨ ରେ ପ୍ରାୟ ତେର ହଜାର ଛାତ୍ର ଆତ୍ମହତ୍ୟା କରିଥିଲେ। ଏହି ସଂଖ୍ୟା ଦେଶର ମୋଟ ଆତ୍ମହତ୍ୟାର ପ୍ରାୟ ସାତ ପ୍ରତିଶତ। କଳ୍ପନା କରନ୍ତୁ କେବଳ ପରୀକ୍ଷାରେ ବିଫଳ ହେବା ଯୋଗୁଁ ଏଗାର ଶହରୁ ଅଧିକ ପିଲା ନିଜ ଜୀବନ ଶେଷ କରିଥିଲେ। ମୋଟ ଉପରେ ୨୦୨୨ ରେ ଅଠର ବର୍ଷରୁ କମ୍ ବୟସର ଦଶ ହଜାରରୁ ଅଧିକ ପିଲା ଆତ୍ମହତ୍ୟାର ପଥ ବାଛିଥିଲେ ଏବଂ ସେମାନଙ୍କ ମଧ୍ୟରେ ଝିଅଙ୍କ ସଂଖ୍ୟା ଅଧିକ ଥିଲା। ଏହି ସଂଖ୍ୟା ପ୍ରମାଣ କରେ ପିଲାମାନେ ନିଜ ଘର ଏବଂ ସ୍କୁଲର ଚାପରେ ହାର ମାନୁଛନ୍ତି। ନାବାଳକମାନଙ୍କ ଦ୍ୱାରା ଅପରାଧ ମଧ ଭୟଙ୍କର ଦିଗରେ ବୃଦ୍ଧି ପାଇଛି। ୨୦୧୬ ରେ ନାବାଳକମାନଙ୍କ ଦ୍ୱାରା ଅପରାଧରେ ହିଂସାତ୍ମକ ଘଟଣାର ଅନୁପାତ ୩୨ ପ୍ରତିଶତ ଥିଲା। ୨୦୨୨ ସୁଦ୍ଧା ଏହା ପ୍ରାୟ ୫୦ ପ୍ରତିଶତକୁ ବୃଦ୍ଧି ପାଇ ରୂପ ଅଧିକ ନିଷ୍ଠୁର ଏବଂ ହିଂସାତ୍ମକ ହୋଇଯାଇଥିଲା। ଗତ ଦୁଇ ବର୍ଷ ମଧ୍ୟରେ ହତ୍ୟା, ଡକାୟତି ଏବଂ ବଳାତ୍କାର ଭଳି ମାମଲାରେ ଦିଲ୍ଲୀ ସମେତ ଅନେକ ମହାନଗରରେ ନାବାଳକମାନଙ୍କୁ ଗିରଫ କରାଯାଇଥିଲା । ଏହି ଘଟଣାଗୁଡ଼ିକରେ ମୋବାଇଲ୍ ଫୋନ୍, ଅସ୍ତ୍ରଶସ୍ତ୍ର ଏବଂ ଇଣ୍ଟରନେଟ୍ର ସହଜ ଉପଲବ୍ଧତା ପ୍ରମୁଖ କାରଣ ଭାବରେ ଉଭା ହୋଇଛି। ଡିଜିଟାଲ୍ ଦୁନିଆ ମଧ ପିଲାମାନଙ୍କ ସୁରକ୍ଷା ପାଇଁ ଏକ ଚ୍ୟାଲେଞ୍ଜ ପାଲଟିଛି। ୨୦୨୨ ମସିହାରେ ସାଇବର ଅପରାଧରେ ୨୪ ପ୍ରତିଶତ ବୃଦ୍ଧି ଘଟିଛି ଏବଂ ଏହି ମାମଲାରେ ପ୍ରାୟତଃ ପିଲାମାନେ ଶିକାର ହୋଇଥିଲେ। ଅନିୟନ୍ତ୍ରିତ ପ୍ରଯୁକ୍ତିବିଦ୍ୟା ପ୍ରବେଶ ଏବଂ ଭର୍ଚୁଆଲ୍ ଦୁନିଆ ପ୍ରତି ଆକର୍ଷଣ ପିଲାମାନଙ୍କୁ ବାସ୍ତବ ଜୀବନରୁ ବିଚ୍ଛିନ୍ନ କରି ଅସୁରକ୍ଷିତ କରୁଛି। ଏହି ସମସ୍ତ ତଥ୍ୟ ଏହା କହିବା ପାଇଁ ଯଥେଷ୍ଟ ଯେ ଏହା କେବଳ ଆଇନ ଶୃଙ୍ଖଳାର ବିଷୟ ନୁହେଁ। ଏହା ମାନସିକ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ପରିବାର ଯୋଗାଯୋଗର ବିଫଳତାର ମିଳିତ ଫଳାଫଳ।

ଯଦି ଏକ ବିକଶିତ ଭାରତ ନିର୍ମାଣ କରିବାକୁ ଚାହୁଁଛନ୍ତି ତେବେ ଆମର ସବୁଠାରୁ ଛୋଟ ନାଗରିକଙ୍କ କ୍ଷମତା ବିକାଶରୁ ଆରମ୍ଭ କରିବାକୁ ପଡିବ। ଯେଉଁଠାରୁ ଜୀବନ ଆରମ୍ଭ ହୁଏ। ଆମ ଦେଶର ଭବିଷ୍ୟତର ସମ୍ଭାବନା ଅଙ୍ଗନୱାଡି କେନ୍ଦ୍ରରେ ପିଲାମାନଙ୍କ ହସରେ, ସେମାନେ ଗାନ କରୁଥିବା କବିତାରେ ଗଢ଼ାଯାଏ। ଜାତୀୟ ଶିକ୍ଷା ନୀତି ୨୦୨୦ ସ୍ୱୀକାର କରିଛନ୍ତି ୮୫ ପ୍ରତିଶତ ମସ୍ତିଷ୍କ ବିକାଶ ଛଅ ବର୍ଷ ବୟସ ପୂର୍ବରୁ ଘଟେ। ଯଦି ଏକ ବୁଦ୍ଧିମାନ, ସୁସ୍ଥ ଏବଂ ଅଧିକ ଉତ୍ପାଦନକ୍ଷମ ଜନସଂଖ୍ୟା ଚାହୁଁ ତେବେ ଆମକୁ ଜୀବନର ପ୍ରଥମ ଛଅ ବର୍ଷରେ ଯେଉଁଠାରେ ଏହା ସବୁଠାରୁ ଅଧିକ ଆବଶ୍ୟକ ସେଠାରେ ବିନିଯୋଗ କରିବାକୁ ପଡିବ।ବୈଜ୍ଞାନିକ ପ୍ରମାଣ ମଧ ଏହାକୁ ସମର୍ଥନ କରେ। ଭେଲୋରର କ୍ଲିନିକାଲ୍ ଏପିଡେମିଓଲୋଜି ବିଭାଗ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ ଯେଉଁ ପିଲାମାନେ ୧୮ ରୁ ୨୪ ମାସ ପାଇଁ ପଦ୍ଧତିଗତ ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ଶିକ୍ଷା ପାଇଥିଲେ ସେମାନଙ୍କର ମସ୍ତିଷ୍କରେ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ସ୍ଥାୟୀ ବୃଦ୍ଧି ଦେଖାଯାଇଥିଲା। ନୋବେଲ ପୁରସ୍କାର ବିଜେତା ଡକ୍ଟର ଜେମ୍ସ ହେକମ୍ୟାନ୍ ଦୃଢ ଭାବରେ କହିଥିଲେ 'ଯେତେ ଶୀଘ୍ର ଆରମ୍ଭ ହୁଏ, ଫଳାଫଳ ସେତେ ଭଲ ଏବଂ ରିଟର୍ଣ୍ଣ ସେତେ ଦକ୍ଷ। ସେମାନଙ୍କ ଗବେଷଣା ଆକଳନ କରେ ଯେ ପ୍ରାରମ୍ଭିକ ଶୈଶବରେ ଶିକ୍ଷା ୧୩-୧୮ ପ୍ରତିଶତ ରିଟର୍ଣ୍ଣ ପ୍ରଦାନ କରେ ।ଆଜି ବିଦ୍ୟାଳୟଗୁଡ଼ିକରେ କୌଣସି ବାଧ୍ୟତାମୂଳକ ପରାମର୍ଶ ବ୍ୟବସ୍ଥା ନାହିଁ। ଶିକ୍ଷକମାନେ ଜ୍ଞାନ ପ୍ରଦାନ କରିବାରେ ସକ୍ଷମ କିନ୍ତୁ ପିଲାମାନଙ୍କର ଭାବପ୍ରବଣ ସଂଘର୍ଷକୁ ବୁଝିବା ଏବଂ ପରିଚାଳନା କରିବା ପାଇଁ ତାଲିମପ୍ରାପ୍ତ ନୁହଁନ୍ତି। ପରିବାରଗୁଡ଼ିକରେ ଯୋଗାଯୋଗର ପରିସର ସୀମିତ ହେଉଛି। ପିଲାମାନଙ୍କର ଚିନ୍ତା ଏବଂ ହତାଶା ଶୁଣିବା ପରିବର୍ତ୍ତେ, ଅଭିଭାବକମାନେ କେବଳ ମାର୍କ ସିଟ୍ ଏବଂ କ୍ୟାରିଅର ଉପରେ ଧ୍ୟାନ ଦିଅନ୍ତି। ସମାଜ ମାନସିକ ସ୍ୱାସ୍ଥ୍ୟକୁ ଏକ ବିଶେଷ ଶ୍ରେଣୀର ବିଷୟ ଭାବରେ ବିବେଚନା କରାଯାଏ। ଯେତେବେଳେ ଏହା ପ୍ରତ୍ୟେକ ପିଲାର ମୌଳିକ ଆବଶ୍ୟକତା। ଅନେକ ଦେଶରେ ସ୍କୁଲଗୁଡ଼ିକରେ ବାଧ୍ୟତାମୂଳକ ମାନସିକ ସ୍ୱାସ୍ଥ୍ୟ ଶିକ୍ଷା କାର୍ଯ୍ୟକାରୀ କରାଯାଇଛି। କଳା, କ୍ରୀଡା ଏବଂ ଆଲୋଚନା ଉପରେ ଆଧାରିତ ପୁନର୍ବାସ କାର୍ଯ୍ୟକ୍ରମ ଚାଲୁଛି। ନାବାଳକ ଅପରାଧର ମୁକାବିଲା ପାଇଁ 'ପୁନଃସ୍ଥାପନାତ୍ମକ ନ୍ୟାୟ' ପଦ୍ଧତି ଗ୍ରହଣ କରାଯାଉଛି। ଯେଉଁଥିରେ ନାବାଳକ ଅପରାଧୀକୁ କଠୋର ଦଣ୍ଡ ଦେବା ପରିବର୍ତ୍ତେ ପୀଡିତା ଏବଂ ସମାଜ ସହିତ ଆଲୋଚନା ପ୍ରକ୍ରିୟାରେ ସାମିଲ କରି ତାକୁ ସଂସ୍କାରର ଦିଗଦର୍ଶନ ଦିଆଯାଏ। ଜାତିସଂଘ ଶିଶୁ ପାଣ୍ଠି ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଚେତାବନୀ ଦେଇଛନ୍ତି ଯେ ନାବାଳକ ଅପରାଧକୁ ଅପରାଧ ଭାବରେ ବିବେଚନା କରି କଠୋର ଦଣ୍ଡ ଦେବା ସମାଧାନ ନୁହେଁ। ସମସ୍ୟାଟି ବହୁମୁଖୀ ଏବଂ ଏହାର ସମାଧାନ କେବଳ ସମ୍ବେଦନଶୀଳ ଲାଳନପାଳନ ଆଲୋଚନା ଏବଂ ସାମାଜିକ ସହଯୋଗ ମାଧମରେ ସମ୍ଭବ। ସାମଗ୍ରିକ ଭାବରେ ଆମ ସମ୍ମୁଖରେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଆମେ ଆମର ପରବର୍ତ୍ତୀ ପିଢ଼ିକୁ ହିଂସା ଏବଂ ହତାଶାରୁ ରକ୍ଷା କରିପାରିବୁ କି? ଆମେ କ'ଣ ସେମାନଙ୍କୁ ପୁସ୍ତକ, କଳା ଏବଂ ଆଲୋଚନାର ଦୁନିଆକୁ ଫେରାଇ ପାରିବୁ? ଆମେ କ'ଣ ଗ୍ରହଣ କରିବୁ ଯେ ଶିକ୍ଷା କେବଳ ମାର୍କ ଏବଂ ନିଯୁକ୍ତିର ଏକ ମାଧମ ନୁହେଁ ବରଂ ସମ୍ବେଦନଶୀଳତା ଏବଂ ବିବେଚନାର ଏକ ସଂସ୍କାର? ଆମେ କ'ଣ ଏହି ସତ୍ୟର ସମ୍ମୁଖୀନ ହେବୁ ଯେ ପିଲାମାନଙ୍କ ଦ୍ୱାରା ହିଂସା ପ୍ରକୃତରେ ଆମର ସାମୂହିକ ବିଫଳତାର ଏକ ଦର୍ପଣ?

**ମୋବାଇଲ୍: ୯୪୩୭୬୪୨୯୪୭**

# ବିକଶିତ ଓଡ଼ିଶାର ଭିଜନ ଡକ୍ୟୁମେଣ୍ଟ

**ହୃଷୀକେଶ ପୁହାଣ**



ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଚାରି କୋଟି ଓଡ଼ିଆଙ୍କ ସ୍ୱପ୍ନକୁ ସାକାର କରିପାରିଛି। ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ସ୍ୱପ୍ନ ହେଉଛି ଓଡ଼ିଶା ପୂର୍ବୋଦୟ ବିକାଶର ମୁଖଶାଳା। ମୋଦିଜୀଙ୍କ ଏଗାର ବର୍ଷର ଶାସନର ମୂଳ ଉଦ୍ଦେଶ୍ୟ ହେଉଛି ଜନଭାଗିଦାରୀ। ସବ୍ କା ସାଥ, ସବ୍ କା ବିକାଶ, ସବ୍ କା ବିଶ୍ୱାସ ଓ ସବ୍ କା ପ୍ରୟାସ ହେଉଛି ମୋଦିଜୀଙ୍କ ସଫଳତାର ମନ୍ତ୍ର। ଓଡ଼ିଶାରେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିକଶିତ ଓଡ଼ିଶାର ୪.୫ କୋଟି ଓଡ଼ିଆ ଆଜି ଅନୁଭବ କରିପାରୁଛନ୍ତି ବାସ୍ତବରେ ଓଡ଼ିଶାରେ କଲ୍ୟାଣର ନୁଆ ଯୁଗ ଆରମ୍ଭ ହୋଇଛି। ଗରିବ ପରିବାର ପାଇଁ ଶୌଚାଳୟ ଠାରୁ ଉଜ୍ଜ୍ୱଳା ଯୋଜନା, ପିଲାଙ୍କ ପାଠପଢ଼ା ଠାରୁ ଜନଧନ ଯୋଜନା, ସର୍ବୋପରି ଡିଜିଟାଲ ଇଣ୍ଡିଆର ସୁଫଳ ନିପଟ ମଫସଲରେ ସମସ୍ତେ ପାଇପାରୁଛନ୍ତି। ଗରିବ କଲ୍ୟାଣର ପଥ ପ୍ରଦର୍ଶକ ମୋଦିଜୀଙ୍କ ଓଡ଼ିଶାକୁ ଭଲ ପାଇବାର ସ୍ୱତନ୍ତ୍ରତା ରହିଛି। କହିବାକୁଗଲେ ମୋଦିଜୀ ଓଡ଼ିଶାକୁ ଏକ ବିକାଶର କ୍ଷେତ୍ର ଭାବେ ଗଢ଼ି ତୋଳିବା ପାଇଁ ସଂକଳ୍ପ ନେଇଛନ୍ତି। ମହାପ୍ରଭୁ ଜଗନ୍ନାଥ ଆମ ଓଡ଼ିଶାକୁ ଅମାପ ପ୍ରାକୃତିକ ଖଣିଜ ସମ୍ପଦ, ସୁଦୀର୍ଘ ବେଳାଭୂମି, ଜଳସମ୍ପଦ, ଜଙ୍ଗଲ ସମ୍ପଦ, ଆଦିବାସୀ ଜନସଂଖ୍ୟା ତଥା ବୁଦ୍ଧିମାନ ଓ ପରିଶ୍ରମୀ ମାନବ ସମ୍ବଳ ଦେଇଛନ୍ତି। ଓଡ଼ିଶାକୁ ଖାଲି ଭାରତରେ ନୁହେଁ ସମଗ୍ର ବିଶ୍ୱରେ ଏକ ଅଗ୍ରଣୀ ଭୂଖଣ୍ଡ କରିବା ପାଇଁ ସବୁ ଉପାଦାନ ରହିଛି। ରାଜ୍ୟ ଓ ଦେଶର ବିକାଶ ପାଇଁ ୨୦୩୬ର ପ୍ରକଳ୍ପ ଖସଡ଼ା ତିଆରି ହୋଇଛି। ସମୟବଦ୍ଧ ଯୋଜନା ଦ୍ୱାରା ସେ ସବୁକୁ ସଫଳତାର ରୂପ ଦେଇ ସାଧାରଣ ଓଡ଼ିଆ ପରିବାର ବିଶେଷ ଭାବେ ମହିଳା, କୃଷକ, ଯୁବକ ଓ ଗରିବଙ୍କ ପାଖରେ ବିକାଶର ସୁଫଳ ପହଞ୍ଚି ପାରିଛି। ଆଜି ଓଡ଼ିଶାର ପ୍ରାୟ ପ୍ରତିଟି ଘର ମୁଣ୍ଡ ଉପରେ ପକ୍କା ଛାତ, ଘରେ ଘରେ ବିଶୁଦ୍ଧ ପାନୀୟ ଜଳ, ସ୍ୱଚ୍ଛ ଇନ୍ଧନ, ସ୍କୁଲ, ଡାକ୍ତରଖାନାର ସୁବନ୍ଦୋବସ୍ତ, ଥାନା ତଥା ସରକାରୀ ଅଫିସ ମାନଙ୍କ ଦ୍ୱାରା ଲୋକଙ୍କ ସୁରକ୍ଷା ଓ ଶାନ୍ତିର ବ୍ୟବସ୍ଥା ସମ୍ଭବ ହୋଇପାରିଛି। ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ଦ୍ୱାରା ଗରିବ ଓ ଆର୍ଥିକ ପଛୁଆ ଲୋକମାନଙ୍କୁ ଆର୍ଥିକ ସହାୟତା, ଖାଦ୍ୟ ଓ ମାଗଣା ସରକାରୀ ସେବା ଓଡ଼ିଶାର ଲୋକପ୍ରିୟ ମୋହନ ସରକାରଙ୍କ ଗରିବ କଲ୍ୟାଣ ବିଚାର ମୂଳ ଆଧାର।

ଓଡ଼ିଶାର ପ୍ରତିଟି ନାଗରିକର ବ୍ୟକ୍ତିଗତ ଓ ପାରିବାରିକ ଆବଶ୍ୟକତା ପୂରଣ ପାଇଁ ସରକାର ପ୍ରାଥମିକତା ଦେଇଛନ୍ତି। ରାଜ୍ୟକୁ ଆର୍ଥିକ ଦୃଷ୍ଟିରୁ ଆଗକୁ ନେବା ପାଇଁ ପୁଞ୍ଜି ଆକର୍ଷଣ ମଧ୍ୟରେ ଶିଳ୍ପାୟନକୁ ମୋହନ ସରକାର ପ୍ରାଥମିକତା ଦେଇଛନ୍ତି। ଏହାର ଫଳ ସ୍ୱରୂପ ଗୋଟିଏ ବର୍ଷରେ ୧୭ ଲକ୍ଷ କୋଟିର ପୁଞ୍ଜି ନିବେଶର ଯୋଜନା କ୍ରମାନ୍ୱୟନ ବିଭିନ୍ନ ପର୍ଯ୍ୟାୟରେ ପହଞ୍ଚିଲାଣି କେବଳ ଖଣିଜ ଆଧାରିତ ଶିଳ୍ପ ପ୍ରଗତି ନୁହେଁ ବରଂ ଅକ୍ଷୟ ଶକ୍ତି, ଆଇଟି, ଖାଦ୍ୟ ପ୍ରକ୍ରିୟାକରଣ, ପର୍ଯ୍ୟଟନ, ବୟନ ଶିଳ୍ପ, ସେମିକଣ୍ଡକ୍ଟର ଆଦି କ୍ଷେତ୍ରରେ ମଧ ଓଡ଼ିଶା ଆଜି ଦ୍ରୁତ ପ୍ରଗତିମୁହାଁ। ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଓଡ଼ିଶାର ବଜେଟ ଆକାର ବୃଦ୍ଧି ପଛରେ ରହିଥିଲା ମୋଦିଜୀଙ୍କ ସରକାରର ଖଣିଜ ନୀତି। ଖଣି ନିଲାମୀର ଅର୍ଥ ଓ ଡିଏମଏଫ ପାଣ୍ଠି ଓଡ଼ିଶା ସରକାରଙ୍କ ବଜେଟକୁ ବଡ଼ କରିଛି। ଯାହାର ଫଳସ୍ୱରୂପ



୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶାର ଲୋକପ୍ରିୟ ସରକାରଙ୍କ ବଜେଟ ୨ଲକ୍ଷ ୯୦ ହଜାର କୋଟି ଟଙ୍କାରେ ପହଞ୍ଚିଛି। କେବଳ ଖଣି ଆଧାରିତ ଅର୍ଥନୀତି ନୁହଁ ବରଂ ଓଡ଼ିଶାର ପ୍ରତିଟି ମହିଳା, ଯୁବକ, କୃଷକ ଓ ଗରିବମାନେ କିପରି ବିକାଶ କାମରେ ସାମିଲ ହୋଇ ସେମାନଙ୍କର କ୍ରୟ ଶକ୍ତିକୁ ବଢ଼ାଯାଇପାରିବ ସେଥିପାଇଁ ମୋହନ ସରକାର ଯୋଜନାବଦ୍ଧ ଭାବରେ କାମ ଆରମ୍ଭ କରିଛନ୍ତି।

ଆଜି ଓଡ଼ିଶା କେବଳ ପ୍ରଗତି ଗୌରବ ସଂକଳ୍ପ ଓ ସମ୍ଭାବନାର କ୍ଷେତ୍ର ପାଲଟି ନାହିଁ। ଓଡ଼ିଶାର ଲୋକପ୍ରିୟ ଡବଲ ଇଞ୍ଜିନ ସରକାର ଦୂରଦୃଷ୍ଟି ସମ୍ପନ୍ନ ଓ ସମୟବଦ୍ଧ ଯୋଜନା ଦ୍ୱାରା ସାଧାରଣ ଓଡ଼ିଆ ପରିବାର ବିଶେଷକରି ଯୁବକ, କୃଷକ, ମହିଳା ଓ ଗରିବଙ୍କ ପାଖରେ ବିକାଶର ସୁଫଳ ପହଞ୍ଚାଇବା ପାଇଁ ସଂକଳ୍ପବଦ୍ଧ। ଓଡ଼ିଶାରେ ପୁଞ୍ଜି ଆକର୍ଷଣ ଶିଳ୍ପାୟନକୁ ବେଗବାନ କରିଛି। ମୋଦି ଗ୍ୟାରେଣ୍ଟି ସହ ମାତ୍ର ଗୋଟିଏ ବର୍ଷରେ ୧୭ଲକ୍ଷ କୋଟିର ପୁଞ୍ଜି ନିବେଶର ପ୍ରସ୍ତାବ ଅନେକ ଯୋଜନାକୁ ତ୍ୱରାନ୍ୱିତ କଲାଣି। ଓଡ଼ିଶା ଆଜି ସମଗ୍ର ବିଶ୍ୱ ଦରବାରରେ କେବଳ ଖଣିଜ ସମ୍ପଦକୁ ଆଧାର କରି ପ୍ରଗତି ନୁହେଁ ଅକ୍ଷୟ ଶକ୍ତି ଠାରୁ ପର୍ଯ୍ୟଟନ, ଖାଦ୍ୟ ପ୍ରକ୍ରିୟାକରଣ ଠାରୁ ଆଇଟି ଶିଳ୍ପ, କୃଷି, ସେମିକଣ୍ଡକ୍ଟର ଓ ବୟନଶିଳ୍ପ କ୍ଷେତ୍ରରେ ଅଭୂତପୂର୍ବ ବିକାଶରେ ଆଗେଇ ଚାଲିଛି। ବିକଶିତ ଓଡ଼ିଶା ୨୦୩୬ ଏବଂ ୨୦୪୭ ପାଇଁ ଆମର ରାଜ୍ୟବ୍ୟାପୀ ଆଲୋଚନା, ପର୍ଯ୍ୟାଲୋଚନା ସିରିଜର ଚୂଡ଼ାନ୍ତ ସ୍ତରରେ ପହଞ୍ଚି ବିକାଶର ନକ୍ସା ତିଆରି ହୋଇଛି। ଓଡ଼ିଶାର ଲୋକପ୍ରିୟ ମୋହନ ମାଝୀଙ୍କ ସରକାର ଏହି ଭିଜନ ଡକୁମେଣ୍ଟ ସାଢ଼େ ୪ କୋଟି ଓଡ଼ିଆଙ୍କ ସ୍ୱପ୍ନର ଏକ ରୋଡ଼ମ୍ୟାପ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

ଓଡ଼ିଶାର ଡବଲ ଇଞ୍ଜିନ ସରକାର ବିକଶିତ ଓଡ଼ିଶା ୨୦୩୬ ଓ ଭିଜନ ୨୦୪୭ ପାଇଁ ଏକ ସଂକଳ୍ପବଦ୍ଧ ପ୍ରସ୍ତୁତି ଆରମ୍ଭ କରିଛି। ଓଡ଼ିଶାର ଡବଲ ଇଞ୍ଜିନ ସରକାର ଏପରି ଏକ ଓଡ଼ିଶା ଗଠନ କରିବାକୁ ଚାହୁଁଛି, ଯାହା ବିକଶିତ ଭାରତରେ ଏକ ଉଜ୍ଜ୍ୱଳ ତାରକା ଭାବରେ ଉଦୀୟମାନ ହେବ। ସମୃଦ୍ଧି ଓଡ଼ିଶାର ବୃହତ୍ତର ଲକ୍ଷ୍ୟ ହେଉଛି ରାଜ୍ୟକୁ ବର୍ତ୍ତମାନର ବିକାଶଶୀଳ ରାଜ୍ୟରୁ ବିକଶିତ ରାଜ୍ୟରେ ପରିଣତ କରିବା। ଏହି ଲକ୍ଷ୍ୟର ପ୍ରଥମ ମାପଦଣ୍ଡ ହେବ ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ନିୟୁତ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ କରିବା ଏବଂ ଓଡ଼ିଶାକୁ ଦେଶର ଶ୍ରେଷ୍ଠ ପାଞ୍ଚ ଗୋଟି ରାଜ୍ୟ ମଧ୍ୟରେ ସ୍ଥାନ ଦେବା। ୫୦୦ ନିୟୁତ ଡଲାର ଅର୍ଥନୀତି ଆଡ଼କୁ ଆମେ ଅଗ୍ରସର ହେବା ପାଇଁ ଓଡ଼ିଶାକୁ ଅତି କମରେ ଆସନ୍ତା ୧୧ ବର୍ଷର ପ୍ରତି ବର୍ଷ ଦୁଇ ଅଙ୍କରେ ପ୍ରକୃତ ଅଭିବୃଦ୍ଧି ଆବଶ୍ୟକ। ଆଜି ଅର୍ଥାତ ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶା ସରକାରଙ୍କ ବଜେଟ ୨ଲକ୍ଷ ୯୦ ହଜାର କୋଟି ଟଙ୍କାରେ ପହଞ୍ଚିଛି। ୨୦୪୭ ମସିହା ଅଗଷ୍ଟ ୧୫ ତାରିଖରେ ନୂଆ ଭାରତ, ସ୍ୱାଧୀନତାର ପ୍ରଥମ ଶତବାର୍ଷିକ ପାଳନ କରିବ। ଏହି ସମୟ ସୀମା ମଧ୍ୟରେ ଓଡ଼ିଶା ଏକ ବିକଶିତ ରାଜ୍ୟରେ ପରିଣତ ହୋଇସାରିଥିବା ସୋପାନର ଯଥେଷ୍ଟ ଆଗରେ ଆସନ୍ତା ଅପ୍ରେଲ ୨୦୩୬ରେ ଓଡ଼ିଶାକୁ ୧୦୦ ବର୍ଷ ପୂରିବ ସେହି ଅବସରରେ ବିକଶିତ ଭାରତର ଏଗାର ବର୍ଷ ପୂର୍ବରୁ ଓଡ଼ିଶାକୁ ଗୌରବାମହ ଅଭିବୃଦ୍ଧି ସମ୍ପନ୍ନ ଓ ବିକଶିତ ଓଡ଼ିଶା ରୂପରେ ଦେଖିବା ପାଇଁ ଆମ ସମସ୍ତଙ୍କ ଗୁରୁ ଦାୟିତ୍ୱ ରହିଛି। ଏହି ଆଲେଖ୍ୟ ସମୟରେ ମନେପଡୁଛି ମହାନ କୃତୀ ତଥା କାଳଜୟୀ କବି ଗୋଦାବରୀଶ ମହାପାତ୍ରଙ୍କ ସେହି ଓଡ଼ିଆଙ୍କ ପ୍ରତି ଆହ୍ୱାନର ବାଣୀ - 'ଉଠ କଙ୍କାଳ, ଛିଡ୍ଡୁ ଶୃଙ୍ଖଳ, ଜାଗ ଦୁର୍ବଳ ଆଜି।' ଓଡ଼ିଶାର ପ୍ରତିଟି ଅଭିବୃଦ୍ଧି ଓ ସମୃଦ୍ଧ ସଂକଳ୍ପ ନିର୍ମାଣରେ ଆମ ପରି ପ୍ରତିଟି ଓଡ଼ିଆଙ୍କ ଗୁରୁଦାୟିତ୍ୱ ଓ ଯୋଗଦାନ ରହିଛି।

**ଥାଇଲୋ, ଅଲିକଣ୍ଡା, ବାଲିକୁଦା, ଜଗତସିଂହପୁର**
**ମୋବାଇଲ୍: ୭୦୦୮୪୩୮୯୫୯**

# ପାଦରୁ ଜାଣନ୍ତୁ ସ୍ୱାସ୍ଥ୍ୟ

**ଡାକ୍ତର ଗୁରୁପଦ ମିଶ୍ର**



ଆପଣଙ୍କ ଶରୀର ଗଠନରେ ପାଦର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ଏମିତିରେ କହିବାକୁଗଲେ ଆମ ଓଡ଼ିଆରେ ଏକ ପ୍ରାଚୀନ ଲୋକ କଥା ଅଛି ତାହା ହେଉଛି - 'ଜଣଙ୍କ ପାଦରୁ ତାଙ୍କ ବ୍ୟକ୍ତିତ୍ୱ ଓ ପରିଚୟ ଜାଣିହୁଏ'। ଆମ୍ଭ ମାନଙ୍କ ଭିତରୁ ଅନେକ ପାଦର ସ୍ୱାସ୍ଥ୍ୟ ସମ୍ପର୍କରେ ଜାଣି ନଥାନ୍ତି, ସେ ସମ୍ପର୍କରେ ଏକ ଛୋଟିଆ ଆଲୋଚନା। ଯଦି ଆପଣଙ୍କ ପାଦର ବୁଢ଼ା ଅଙ୍ଗୁଳି ସବୁବେଳେ ଥଣ୍ଡା ରହୁଥାଏ, ଏହାର ଏକ କାରଣ ହୋଇପାରେ ଖରାପ ରକ୍ତ ସଞ୍ଚାଳନ। ଧୂମପାନ, ଉଚ୍ଚରକ୍ତଚାପ, ହୃଦ୍ ସମ୍ବନ୍ଧୀୟ ରୋଗ ଯୋଗୁଁ ବି ଏହା ହୋଇପାରେ। ମଧୁମେହ ନିୟନ୍ତ୍ରଣ ବାହାରକୁ ଚାଲିଗଲେ ପାଦର ସ୍ନାୟୁ ଖରାପ ହୋଇଯାଏ। ହାଇପୋଥାଇରଏଡିଜମ୍ ଏବଂ ଏନିମିଆ ମଧ ଏହାର କାରଣ। ତେବେ ପାଦ ଥଣ୍ଡା ହେବାର କାରଣ ଏସବୁରୁ କିଛି ନା କେବଳ କୋଲ୍ଡ଼ ଫିଟ ସମସ୍ୟା ଏହା ଡାକ୍ତର ହିଁ ଚିହ୍ନଟ କରିପାରିବେ। ସେହିପରି ଯଦି ବହୁତ ସମୟ ପର୍ଯ୍ୟନ୍ତ କାମ କରିବା ପରେ ଆପଣ ଘରେ ପହଞ୍ଚୁଛନ୍ତି ଏବଂ ପାଦରେ ଯନ୍ତ୍ରଣା ହେଉଛି, ତେବେ ଏହାକୁ ଜୋତାର ଖରାପ ଫିଟିଂ ବୋଲି ଭାବି ପାରନ୍ତି। ହେଲେ ହାଇହିଲ୍ ଯୋଗୁଁ ଯନ୍ତ୍ରଣା ହେଉନଥିଲେ ଏହା ଷ୍ଟ୍ରେସ୍ ଫ୍ରାକ୍ଚର, ହାଡ଼ରେ ହାଲ୍କା କ୍ରାକ୍ ବା ଫାଟ ଯୋଗୁଁ ବି ହୋଇପାରେ। ଯଦି ମାତ୍ରାଧିକ ଏକ୍ସରସାଇଜ କରୁଥିବେ ବା ଅଧିକ ବାସ୍କେଟବଲ, ଦୌଡ଼ିବା ପରି ପରିଶ୍ରମର ଖେଳ ଖେଳୁଥିବେ - ଏହା ମଧ ପାଦ ଯନ୍ତ୍ରଣାର କାରଣ ହୋଇପାରେ। ଅଷ୍ଟିଓପୋରୋସିସ୍ ବା ଅସ୍ଥି ସୁଶୀରତା ରୋଗ ତଥା ଦୁର୍ବଳ ହାଡ଼ କାରଣରୁ ବି ପାଦ ଯନ୍ତ୍ରଣା ହୋଇପାରେ।

ଅନେକ ହୁଏତ ଜାଣିନଥାନ୍ତି ରେନଡ଼୍ସ ରୋଗରେ ପ୍ରଥମେ ପାଦର ବୁଢ଼ାଆଙ୍ଗୁଳି ଧଳା ହୋଇଯାଏ, ତା ପରେ ନୀଳ ଏବଂ ପରେ ଗାଢ଼ ଲାଲ ରଙ୍ଗର ହୋଇଯାଏ। ଏହାପରେ ପୁଣି ସାଧାରଣ ଦିଶେ। ହଠାତ ଧମନୀ ସଙ୍କୁଚିତ ହେବା କାରଣରୁ ଏହା ହୋଇଥାଏ ଯାହାକୁ ଭେସୋପାଜ୍ମ ବୋଲି କହନ୍ତି। ଟେନ୍ସନ ବା ହଠାତ୍ ତାପମାତ୍ରାରେ ପରିବର୍ତ୍ତନ କାରଣରୁ ଭେସୋପାଜମ୍ ପରି ସ୍ଥିତି ସୃଷ୍ଟି ହୋଇପାରେ। ଫଳରେ ସ୍ୱାସ୍ଥ୍ୟ ସମ୍ପର୍କିତ ଏକାଧିକ ସମସ୍ୟା ଦେଖାଯାଏ। ଅନେକ କ୍ଷେତ୍ରରେ ର୍ୟୁମାଟଏଡ୍ ଆର୍ଥ୍ରାଇଟିସ୍, ଥାଇରଏଡ଼ ପରି ସମସ୍ୟା ଯୋଗୁଁ ବି ରେନ୍ଡସ ସୃଷ୍ଟି ହୋଇପାରେ। ସ୍ୱାସ୍ଥ୍ୟଗତ କ୍ଷେତ୍ରକୁ ଦେଖିଲେ ଜଣାପଡ଼େ, କ୍ଲମ୍ବିଙ୍ଗରେ ବୁଢ଼ାଆଙ୍ଗୁଳିର ଆକାର ବଦଳେ ଏବଂ ଅନେକଥର ଅଙ୍ଗୁଳି ଉପରେ ପ୍ରଭାବ ବି ପଡ଼ିଥାଏ। ନଖ ଉପର ଦିଗରେ ଅଧିକ ଗୋଲାକାର ଏବଂ ତଳପଟକୁ ମୋଡ଼ି ହୋଇଥିବା ପରି ରହେ। ଏହା ଫୁସ୍ଫୁସ, ହୃଦ୍ ସମ୍ବନ୍ଧୀୟ କିମ୍ବା ଯକୃତ, ପାଚନତନ୍ତ୍ର ସମସ୍ୟାର ମୁଖ୍ୟ ଲକ୍ଷଣ ହୋଇପାରେ। ବିନା ସମସ୍ୟାରେ ବି ବଂଶଗତ କାରଣରୁ ଏପରି ନଖ ଦେଖାଯାଇଥାଏ।

ଆମ ମାନଙ୍କ ଭିତରୁ ଅନେକ ଅନେକଙ୍କୁ ଏହା ଅଜଣା ଯେ ଦୀର୍ଘ ସମୟ ଧରି ଛିଡ଼ା ହୋଇ ରହିବା କିମ୍ବା ଫ୍ଲାଇଟ୍ରେ ଦୀର୍ଘ ଯାତ୍ରା କାରଣରୁ ପାଦ ଫୁଲିଥାଏ। ବିଶେଷକରି ଗର୍ଭବତୀମାନଙ୍କ କ୍ଷେତ୍ରରେ ଏହା ଦେଖାଯାଏ। ଏହା ବ୍ୟତୀତ କିଡ୍ନୀ ସମସ୍ୟା କିମ୍ବା ଅଣ୍ଡରଆକ୍ଟିଭ ଥାଇରଏଡ୍ କାରଣରୁ ବି ପାଦଫୁଲା ହୋଇପାରେ। ବାରମ୍ବାର ଏପରି ହେଲେ ଡାକ୍ତରଙ୍କ ପରାମର୍ଶ ତୁରନ୍ତ ନିଅନ୍ତୁ। ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସୂଚନାଟି ହେଉଛି, ଡାଇବେଟିସ୍ ରୋଗୀଙ୍କ କ୍ଷେତ୍ରରେ ପେରିଫେରାଲ ନର୍ଭ ଡ୍ୟାମେଜ୍ ସମସ୍ୟା ହେଲେ ପାଦରେ ପୋଡ଼ାଜଳା ଏକ ସାଧାରଣ ଲକ୍ଷଣ। ନଚେତ୍ ଭିଟାମିନ ବି ଅଭାବ, ଆଥଲେଟିକ୍ ଫୁଟ୍ସ, କ୍ରନିକ କିଡ଼ନୀ ରୋଗ, ପାଦ ତଥା ତଳିପାଦରେ ରକ୍ତସଞ୍ଚାଳନରେ ସମସ୍ୟା ମଧ ଏହାର କାରଣ ହୋଇପାରେ।

ଅନେକ ଏହାକୁ ହାଲକା ଭାବେ ଗ୍ରହଣ କରନ୍ତି କିନ୍ତୁ ଅସଲ କଥାଟି ହେଉଛି ପାଦର ବୁଢ଼ା ଆଙ୍ଗୁଳି ଗଣ୍ଠିରେ ହଠାତ୍ ହୋଇଥିବା ଯନ୍ତ୍ରଣା ଗାଉଟ୍ର କାରଣ ହୋଇପାରେ। ଯନ୍ତ୍ରଣା ସହିତ ଲାଲ୍ ପଡ଼ିବା ଏବଂ ଫୁଲା ବି ହୋଇଥାଏ। ଅଷ୍ଟିଓଆର୍ଥ୍ରାଇଟିସ୍ ଏପରି ସମସ୍ୟାର ମୂଳ ହୋଇପାରେ। ସେହିପରି ଆମ ମାନଙ୍କ ଭିତରୁ ଅଧିକାଂଶ ଗୋଟିଏ ଶାରୀରିକ ସମସ୍ୟା ସାମ୍ନା କରିଥାନ୍ତି ତାହା ହେଉଛି, ଅନେକ କ୍ଷେତ୍ରରେ ଆଘାତ ଲାଗିବା କିମ୍ବା ପେଟ୍ରୋଲିୟମ ଆଧାରିତ ଉତ୍ପାଦର ଅଧିକ ସଂସ୍ପର୍ଶରେ ଆସିବା ପରେ ନଖର ଆକାର ଚାମଚ ପରି ହୋଇଯାଏ। ଆଇରନ୍ ଅଭାବ ବି ଏପରି ଆକାରର କାରଣ ହୋଇପାରେ।

ଆପଣଙ୍କର ଭଲ ଭାବେ ମନେରଖିବା ଉଚିତ ଯେ ଆମ ଶରୀରର ସମ୍ପୂର୍ଣ୍ଣ ଧାରଣ ଓ ଗଠନ କ୍ଷମତା ସହିତ ପାଦର ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି ତେଣୁ ପାଦକୁ ଅବହେଳା କଲେ ଏବଂ ପାଦର ସମସ୍ୟାକୁ ଅଣଦେଖାକଲେ ଅନେକଙ୍କ କ୍ଷେତ୍ରରେ ପରବର୍ତ୍ତୀ ସମୟରେ ଏହା ଜଟିଳ ସମସ୍ୟା ସୃଷ୍ଟି କରିଥାଏ।

**ଭେଷଜ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ**

# ନୀରବତାରେ ଶାନ୍ତି

**ଡାକ୍ତର ରାମ ପ୍ରସାଦ ରାୟ**



ନିରବତାର ଶକ୍ତି ଅପାର। ଏହା ଉଭୟ ମନ ଓ ତନ ପାଇଁ ଭଲ। କେହି ଜଣେ କହିଥିଲେ ନିରବତା ମଧ୍ୟରୁ ସମସ୍ତ ସୃଷ୍ଟି। ନିରବତାର ଶୂନ୍ୟତା ମଧ୍ୟରୁ ସବୁକିଛି ଜନ୍ମ ନିଏ। ନିରବତାର ସ୍ୱର ସବୁଠାରୁ ଶକ୍ତିଶାଳୀ। ତେଣୁ ନିରବତାର ଜୟଗାନ ପାଇଁ ନିରବ ଦିବସର ସୃଷ୍ଟି। ବୌଦ୍ଧ ସନ୍ନ୍ୟାସୀଙ୍କ ଦ୍ୱାରା ଅନୁପ୍ରାଣିତ ଜଣେ ମାର୍କିନ୍ ଶିଳ୍ପପତି, କିଛି ବର୍ଷ ତଳେ ସ୍ୱଦେଶରେ ସେପ୍ଟେମ୍ବର ତେରରେ ଏହି ଦିବସ ପାଳନ ଆରମ୍ଭ କରିଥିଲେ। ଆଜିର ମଣିଷ କୋଳାହଳପୂର୍ଣ୍ଣ ବାତାବରଣର ଶିକାର। ଏଭଳି ସ୍ଥିତିରେ ସାମଗ୍ରିକ ଶାନ୍ତି ପାଇଁ ଆସନ୍ତୁ ତୁନିରହି ପାଳନ କରିବା ଏହି ଦିବସ।

ପରମାତ୍ମା ବା ବ୍ରହ୍ମ ହେଉଛନ୍ତି ପରମ ଶାନ୍ତ, ସମ୍ପୂର୍ଣ୍ଣ ମୌନ। ଆତ୍ମା ଶାନ୍ତ। ଶାନ୍ତି ମୌନ। ଆତ୍ମା ମୌନ। ମୌନ ହେଉଛି ବ୍ରହ୍ମଙ୍କ ଭାଷା। ମୌନ ହେଉଛି ହୃଦୟର ଭାଷା। ମୌନ ହେଉଛି ଋଷିଙ୍କର ଭାଷା। ମୌନ ହେଉଛି ଏକ ଅପାର ଶକ୍ତି। ମୌନ ଏକ ବିରାଟ ବାଗ୍ମିତା। ନିରବ ରହିବାର ବ୍ରତକୁ ମୌନ କୁହାଯାଏ। ମୌନ ନାନା ପ୍ରକାରର। କଥା କହିବାରେ ସଂଯମ ରକ୍ଷା କରିବାକୁ ବାଙ୍ଗମୌନ ବୋଲାଯାଏ। ବାଗ୍ ଇନ୍ଦ୍ରିୟକୁ ନିଶ୍ଚଳ ରଖିଲେ ବାଙ୍ମୌନ ପାଳିତ ହୁଏ। ବୃଥା ବାକ୍ୟାଳାପ ଓ ଅଯଥା ଆଲୋଚନାରେ ଶକ୍ତି କ୍ଷୟ ହୁଏ। କିନ୍ତୁ ସାଂସାରିକ ଲୋକେ ଏହା ହୃଦୟଙ୍ଗମ କରିପାରନ୍ତି ନାହିଁ। ମୌନ ଶକ୍ତି ସଂରକ୍ଷଣ କର; ସେହି ସଂରକ୍ଷିତ ଶକ୍ତି ଦ୍ୱାରା ଆପଣ ଅଧିକ ପରିମାଣରେ ମାନସିକ ତଥା ଶାରୀରିକ କାର୍ଯ୍ୟ କରିପାରିବେ; ବହୁ ପରିମାଣରେ ଧ୍ୟାନ ମଧ କରିପାରିବେ। ମୌନ ମସ୍ତିଷ୍କ ତଥା ସ୍ନାୟୁ-ମଣ୍ଡଳକୁ ଚମତ୍କାର ଭାବରେ ଶାନ୍ତଶୀତଳ କରିଦିଏ। ମୌନବ୍ରତ ଧରିଲେ ବାକଶକ୍ତି ଧୀରେ ଧୀରେ ଓଜଃଶକ୍ତିରେ ବା ଆଧ୍ୟାତ୍ମିକ ଶକ୍ତିରେ ବଦଳିଯାଏ। ମୌନ ମନୋବଳ ବିକାଶ କରେ, ସଂକଳ୍ପର ବଳକୁ ସଂଯତ କରେ, ବାକର ଆବେଗକୁ ହ୍ରାସ କରେ ଏବଂ ମାନସିକ ଶାନ୍ତି ପ୍ରଦାନ କରେ। ମୌନ ଅବଲମ୍ବନ କଲେ, ସହନଶୀଳ ହେବାକୁ ଶକ୍ତି ମିଳେ। ମୌନର ମିଥ୍ୟ କହିବାର ସୁଯୋଗ ରହେ ନାହିଁ। ବାକ-ସଂଯମ କରିହୁଏ।

ମନକୁ ନିର୍ମଳ ଓ ପବିତ୍ର ରଖି ଧ୍ୟାନ କରନ୍ତୁ। ପ୍ରଶାନ୍ତ ହୋଇ ରହନ୍ତୁ ଏବଂ ଜାଣନ୍ତୁ ଯେ, ଆପଣ ପରମାତ୍ମାଙ୍କର ଅଂଶ ବିଶେଷ। ମନକୁ ସ୍ଥିର କରନ୍ତୁ। ବିକ୍ଷୁବ୍ଧ ଚିନ୍ତା ଓ ଉଦବେଳିତ ଆବେଗକୁ ଶାନ୍ତ-ନିରବ କରିଦିଅନ୍ତୁ। ଅନ୍ତରର ଗଭୀରତମ ପ୍ରଦେଶରେ ନିମଜ୍ଜିତ ହୋଇଯାଆନ୍ତୁ ଏବଂ ମହାନ ମୌନ ଉପଭୋଗ କରନ୍ତୁ। ଅତି ରହସ୍ୟମୟ ସେହି ମୌନ। ସେହି ଅଗାଧ ମୌନ ଭିତରେ ପ୍ରବେଶ କରିଯାଆନ୍ତୁ। ସେହି ଅନନ୍ତ ମୌନକୁ ହୃଦୟଙ୍ଗମ କରନ୍ତୁ। ସ୍ୱୟଂ ସେହି ଅସୀମ ମୌନରେ ପରିଣତ ହୋଇଯାଆନ୍ତୁ। ଜଣେ ମହାମୌନୀ ହୋଇଯାଆନ୍ତୁ। ଏହି ଧୂଳିର ଧରଣୀରେ ଏହି ଜୀବଦ୍ଦଶାରେ ଭଗବତ-ସାକ୍ଷାତକାର ପ୍ରାପ୍ତ ହୁଅନ୍ତୁ।

**କ୍ୟାମ୍ପ ଆସିଷ୍ଟାଣ୍ଟ, ସେଣ୍ଟ୍ରାଲ ରେଡ଼କ୍ରସ ବ୍ଲଡ ସେଣ୍ଟର, କଟକ,**
**ମୋବାଇଲ୍: ୮୨୬୦୪୦୮୮୩୬**

## ହିଂସା ପରେ ମୋଦିଙ୍କ ପ୍ରଥମ ମଣିପୁର ଗସ୍ତ

# ୮୫୦୦ କୋଟି ଟଙ୍କାର ପ୍ରକଳ୍ପ ଉପହାର



ଇମ୍ଫାଲ,୧୩ା୯: ୨୦୨୩ ମଣିପୁର ସାମ୍ପ୍ରଦାୟିକ ହିଂସା ପରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମ ଥର ପାଇଁ ଏଠାକୁ ଗସ୍ତ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଏଠାରେ ଏକାଧିକ ବିକାଶମୂଳକ ପ୍ରକଳ୍ପ ଉଦଘାଟନ କରିଛନ୍ତି। ଏଥିସହ ସେ ମଣିପୁରର ଚୁରାଚାନ୍ଦପୁରରେ ବିସ୍ଥାପିତଙ୍କୁ ଭେଟିଛନ୍ତି। ମଣିପୁରରେ ହିଂସା ସମୟରେ ଚୁରାଚାନ୍ଦପୁର ସବୁଠାରୁ ଅଧିକ ପ୍ରଭାବିତ ହୋଇଥିଲା। ଏଠାରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ମୁଁ ମଣିପୁରର ଲୋକଙ୍କୁ ପ୍ରଣାମ କରୁଛି ଏବଂ ସମ୍ମାନରେ ମୋର ମୁଣ୍ଡ ନୁଆଉଁଛି। ରାଜ୍ୟର ଲୋକମାନେ ମଣିପୁରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପାରମ୍ପରିକ ନୃତ୍ୟ ସହିତ ସ୍ୱାଗତ କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ ବୀରେନ ସିଂହ ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହି ଗସ୍ତକୁ ଶାନ୍ତି ଏବଂ ସ୍ଥାୟୀ ପ୍ରଗତି ଆଡ଼କୁ ନେଇଯିବାର ଏକ ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିଛନ୍ତି। ଚୁରାଚାନ୍ଦପୁରରେ ପ୍ରଧାନମନ୍ତ୍ରୀ ମୋଦି ହିଂସା ପରେ ବିସ୍ଥାପିତ ଲୋକଙ୍କ ପରିବାରକୁ ଭେଟିଥିଲେ। ଏହା ସହିତ, ପ୍ରଧାନମନ୍ତ୍ରୀ ମଣିପୁରକୁ ୮୫୦୦ କୋଟି ଟଙ୍କାର ପ୍ରକଳ୍ପର ଉପହାର ଦେଇଥିଲେ। ମୋଦି ତାଙ୍କ ଅଭିଭାଷଣରେ କହିଥିଲେ ଯେ ମୁଁ ମଣିପୁରର ଲୋକଙ୍କ ଆତ୍ମାକୁ ପ୍ରଣାମ କରୁଛି। ଏଠାକାର ସଂସ୍କୃତିରେ ପ୍ରଚୁର ସମ୍ଭାବନା ରହିଛି। ମଣିପୁରର ନାମରେ ହିଁ ମଣି ଅଛି। ଏଠାରେ ଅନେକ ପ୍ରକଳ୍ପ ଉଦ୍‌ଘାଟନ କରାଯାଇଛି। ମୁଁ ଏହି ପ୍ରକଳ୍ପଗୁଡ଼ିକ ପାଇଁ ମଣିପୁରର ଲୋକମାନଙ୍କୁ ଅଭିନନ୍ଦନ ଜଣାଉଛି।

ସେ କହିଥିଲେ ଯେ ଭାରତ ସରକାର ମଣିପୁରର ବିକାଶ ଯାତ୍ରାକୁ ତ୍ୱରାନ୍ୱିତ କରିବା ପାଇଁ ନିରନ୍ତର ଚେଷ୍ଟା କରୁଛି। ଏହି ଭାବନା ସହ ମୁଁ ଆଜି ଆପଣଙ୍କ ମଧ୍ୟରେ ଆସିଛି। କିଛି ସମୟ ପୂର୍ବରୁ ଏହି ମଞ୍ଚରୁ ପ୍ରାୟ ୭ ହଜାର କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ କରାଯାଇଥିଲା। ଏହି ପ୍ରକଳ୍ପଗୁଡ଼ିକ ମଣିପୁରର ଲୋକଙ୍କ ଜୀବନକୁ, ଏଠାରେ ପାହାଡ଼ ଉପରେ ରହୁଥିବା ଆଦିବାସୀ ସମାଜକୁ ଆହୁରି ଉନ୍ନତ କରିବ। ପୂର୍ବରୁ ଏଠାକାର ଗ୍ରାମଗୁଡ଼ିକୁ ପହଞ୍ଚିବା କେତେ କଷ୍ଟକର ଥିଲା, ତାହା ସମସ୍ତେ ଜାଣନ୍ତି। କିନ୍ତୁ ଏବେ ଏଠାରେ ଶହ ଶହ ଗ୍ରାମକୁ ସଡ଼କ ସଂଯୋଗ ଯୋଗାଇ ଦିଆଯାଇଛି। ପାହାଡ଼ୀ ଲୋକେ ଆଦିବାସୀ ଗ୍ରାମଗୁଡ଼ିକ ଏଥିରୁ ବହୁତ ଲାଭବାନ ହୋଇଛନ୍ତି। ଆମ ସରକାର ସମୟରେ ହିଁ ମଣିପୁରରେ ରେଳ ସଂଯୋଗ ବିସ୍ତାର ହେଉଛି। ଜିରିବାମ-ଇମ୍ଫାଲ ରେଳ ଲାଇନ ଖୁବ ଶୀଘ୍ର ରାଜଧାନୀ ଇମ୍ଫାଲ୍‌କୁ ଜାତୀୟ ରେଳ ନେଟୱାର୍କ ସହ ସଂଯୋଗ କରିବ। ଭାରତ ବହୁତ ଦ୍ରୁତ ଗତିରେ ବିକାଶ କରୁଛି। ଆମେ ବହୁତ ଶୀଘ୍ର ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ହେବାକୁ ଯାଉଛୁ। ଆମେ ସାରା ଦେଶରେ ଗରିବ ଲୋକଙ୍କ ପାଇଁ କଂକ୍ରିଟ ଘର ନିର୍ମାଣ ପାଇଁ ଏକ ଯୋଜନା ଆରମ୍ଭ କରିଛୁ। ମଣିପୁରର ହଜାର ହଜାର ପରିବାର ମଧ ଏଥିରୁ ଲାଭବାନ ହୋଇଛନ୍ତି। ବିଗତ ବର୍ଷଗୁଡ଼ିକରେ, ୧୫ କୋଟିରୁ ଅଧିକ ଦେଶବାସୀ ନଳକୂପ ପାଣିର ସୁବିଧା ପାଇଛନ୍ତି। ୭-୮ ବର୍ଷ ପୂର୍ବେ ମଣିପୁରରେ କେବଳ ୨୫ରୁ ୩୦ ହଜାର ଘରେ ପାଇପ ପାଣି ଥିଲା। ଆଜି ଏଠାରେ ସାଢ଼େ ୩ ଲକ୍ଷରୁ ଅଧିକ ଘରକୁ ନଳକୂପ ପାଣି ସୁବିଧା ମିଳୁଛି। ଆମେ ସନ୍ତୁଷ୍ଟ ଯେ ସମ୍ପ୍ରତି ପାହାଡ଼ ଏବଂ ଉପତ୍ୟକାରେ ବିଭିନ୍ନ ଗୋଷ୍ଠୀ ସହିତ ଚୁକ୍ତି ପାଇଁ ଆଲୋଚନା ହୋଇଛି। ଏହା ଭାରତ ସରକାରଙ୍କ ପ୍ରୟାସର ଏକ ଅଂଶ, ଯେଉଁଥିରେ ଆଲୋଚନା, ସମ୍ମାନ ଏବଂ ପାରସ୍ପରିକ ବୁଝାମଣାକୁ ଗୁରୁତ୍ୱ ଦେଇ ଶାନ୍ତି ପ୍ରତିଷ୍ଠା ପାଇଁ କାର୍ଯ୍ୟ କରାଯାଉଛି। ପୂର୍ବରୁ ଭଲ ସ୍କୁଲ ଏବଂ ହସ୍ପିଟାଲ ପାହାଡ଼ ଏବଂ ଆଦିବାସୀ ଅଞ୍ଚଳରେ କେବଳ ଏକ ସ୍ୱପ୍ନ ଥିଲା। ଆଜି ଭାରତ ସରକାରଙ୍କ ପ୍ରୟାସ ଯୋଗୁଁ ଏହି ପରିସ୍ଥିତି ପରିବର୍ତ୍ତନ ହେଉଛି। ଚୁରାଚାନ୍ଦପୁରରେ ଏବେ ଏକ ମେଡିକାଲ କଲେଜ ପ୍ରତିଷ୍ଠିତ ହୋଇଛି। ସ୍ୱାଧୀନତାର ଦଶନ୍ଧି ପରେ ମଧ ମଣିପୁରର ପାହାଡ଼ି ଅଞ୍ଚଳରେ ଗୋଟିଏ ମଧ ମେଡିକାଲ କଲେଜ ନଥିଲା। ଆମ ସରକାର ଏହି ଆବଶ୍ୟକତା ପୂରଣ କରିଛି। ପିଏମ୍-ଡିଭାଇନ୍ ଯୋଜନା ଅଧୀନରେ, ଆମ ସରକାର ପାଞ୍ଚଟି ପାହାଡ଼ି ଜିଲ୍ଲାରେ ଆଧୁନିକ ସ୍ୱାସ୍ଥ୍ୟ ସେବା ବିକଶିତ କରୁଛି। ଆୟୁଷ୍ମାନ ଭାରତ ଯୋଜନା ମାଧ୍ୟମରେ ଭାରତ ସରକାର ଗରିବ ଲୋକଙ୍କୁ ୫ ଲକ୍ଷ ପର୍ଯ୍ୟନ୍ତ ମାଗଣା ଚିକିତ୍ସା ଯୋଗାଇ ଦେଉଛନ୍ତି। କେବଳ ମଣିପୁରରେ, ଏହି ଯୋଜନା ମାଧ୍ୟମରେ ଅଢ଼େଇ ଲକ୍ଷରୁ ଅଧିକ ରୋଗୀ ମାଗଣା ଚିକିତ୍ସା ପାଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ରେଳ ମାନଚିତ୍ରରେ ମିଜୋରାମ ସ୍ଥାନିତ

# ଆଇଜଲରୁ ଦିଲ୍ଲୀ ଗଡ଼ିଲା ଟ୍ରେନ




ରେଳ ମ୍ୟାପରେ ଯୋଡି ହୋଇଛି ମିଜୋରାମ। ୧୨୭ ବର୍ଷରେ ଆଜି ମିଜୋରାମରେ ପ୍ରଥମ ଟ୍ରେନ ଗଡ଼ିଛି। ପ୍ରଥମ ରେଳ ଲାଇନ୍‌ର ଉଦଘାଟନ କରି ରାଜ୍ୟବାସୀଙ୍କୁ ଏହି ବଡ଼ ଭେଟି ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଆଇଜଲରୁ ଦିଲ୍ଲୀ ପର୍ଯ୍ୟନ୍ତ ଗଡିଲା ଟ୍ରେନ। ବୈରାବି-ସାଇରାଙ୍ଗ ସହ ୩ଟି ନୂଆ ରେଳ ଲାଇନର ଉଦଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ। ସ୍ୱାଧୀନତା ସଂଗ୍ରାମ ହେଉ କି ଦେଶ ନିର୍ମାଣ ମିଜୋରାମ ବାସୀ ସବୁଥିରେ ଆଗୁଆ । ମିଜୋରାମବାସୀଙ୍କ ପାଇଁ ଆଜି ଐତିହାସିକ ଦିନ ବୋଲି କହିବା ସହ ପ୍ରଧାନମନ୍ତ୍ରୀ ୩ଟି ନୂଆ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସେ ଜନସଭାକୁ ସମ୍ବୋଧିତ କରି କହିଛନ୍ତି ଯେ ଏହା କେବଳ ରେଳ ସଂଯୋଗ ନୁହେଁ ଲାଇଫଲାଇନ୍ ଅଫ୍ ଟ୍ରାନ୍ସଫର୍ମେସନ। ଏହା ମିଜୋରାମର ଲୋକଙ୍କ ଜୀବନଜୀବିକାରେ ବିପ୍ଳବ ଆଣିବ। ମିଜୋରାମର ଚାଷୀ ଏବଂ ବ୍ୟବସାୟଗୁଡ଼ିକ ସାରା ଦେଶରେ ବଜାରରେ ପହଞ୍ଚାଇବ। ଅନେକ ଚ୍ୟାଲେଞ୍ଜକୁ ଦୂର କରି ବୈରାବି-ସାଇରଙ୍ଗ ରେଳ ଲାଇନ ବାସ୍ତବତାରେ ପରିଣତ ହୋଇଛି। ଇଞ୍ଜିନିୟରମାନଙ୍କ ଦକ୍ଷତା ଏବଂ ଶ୍ରମିକମାନଙ୍କ ମନୋବଳ ଏହାକୁ ସମ୍ଭବ କରିଛି। ଫଳସ୍ୱରୂପ ପ୍ରଥମ ଥର ପାଇଁ ମିଜୋରାମର ସାଇରଙ୍ଗ ରାଜଧାନୀ ଏକ୍ସପ୍ରେସ ଦ୍ୱାରା ସିଧାସଳଖ ଦିଲ୍ଲୀ ସହ ଯୋଡ଼ି ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବୈରାବି-ସାଇରଙ୍ଗ ମଧ୍ୟରେ ମିଜୋରାମର ପ୍ରଥମ ରେଳ ଲାଇନ ଉଦଘାଟିତ ହୋଇଛି । ୫୫ଟି ବୃହତ ଓ ୮୮ ଟି ଛୋଟ ବ୍ରିଜ ଉପରେ ୮୦୭୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ବ୍ରିଜକୁ ଉଦଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ। ବୈରାବିରୁ ସାଇରାଙ୍ଗ ୫୧ କିମି ରେଳ ଲାଇନରେ ୪୫ଟି ସୁଡଙ୍ଗ ରହିଛି। ଉଦଘାଟନ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ମିଜୋରାମ ମୁଖ୍ୟମନ୍ତ୍ରୀ ଲାଲଦୁହୋମା ଉପସ୍ଥିତ ଥିଲେ।

## ଭୋଟ୍ ନ ଦେବାରୁ ଚିହିଁକିଲା ଶିବସେନା

# ବିଜେଡି ସମେତ ୩ ଦଳକୁ ସମାଲୋଚନା

ମୁମ୍ବାଇ,୧୩ା୯: ବିଜେଡି ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ। ଦଳର ପଞ୍ଜିକରଣ ରଦ୍ଦ କର। କିଛି ଏଭଳି କହି ଦେଶର ଅନ୍ୟତମ ପ୍ରମୁଖ ଆଞ୍ଚଳିକ ଦଳ ବିଜେଡି ଉପରେ ଦୋଷ ଲଦିଛି ମହାରାଷ୍ଟ୍ରର ଉଦ୍ଧବ ଠାକରେଙ୍କ ଶିବସେନା (ୟୁବିଟି)। ଅବଶ୍ୟ କେବଳ ବିଜେଡି ନୁହେଁ, ବରଂ ଗତ ଉପରାଷ୍ଟ୍ରପତି ନିର୍ବାଚନରେ ଭୋଟ୍ ଦେବାରୁ ବିରତ ରହିଥିବା ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍ ଓ ଶିରୋମଣି ଅକାଳୀ ଦଳ (ଏସ୍‌ଏଡି) ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ବାସ୍ତବରେ ଶିବସେନା (ୟୁବିଟି) ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନରେ ବାଧ୍ୟତାମୂଳକ ଭୋଟ୍ ଦେବାକୁ ଦାବି କରିଛି। ଉଦ୍ଧବଙ୍କ ନେତୃତ୍ୱାଧୀନ ଦଳ କହିଛି ଯେ ଏହି ଶୀର୍ଷ ସାମ୍ବିଧାନିକ ପଦବୀ ପାଇଁ ଭୋଟ୍ ଦେବାରୁ ଦୂରେଇ ରହିବାରେ ସମ୍ପୃକ୍ତ ରାଜନୈତିକ ଦଳଗୁଡ଼ିକର ପଞ୍ଜିକରଣ ବାତିଲ କରାଯିବା ଉଚିତ। ଦଳ ଏହାର ମୁଖପତ୍ର 'ସାମ୍‌ନା'ରେ ଏକ ସମ୍ପାଦକୀୟରେ ଯୁକ୍ତି ଦେଇଛି ଯେ, ଭୋଟ୍ ଦେବାରୁ ଦୂରେଇ ରହିବା ଅସାମ୍ବିଧାନିକ। ଶିବସେନା (ୟୁବିଟି) ଏହାର ମୁଖପତ୍ର 'ସାମନା'ର ସମ୍ପାଦକୀୟରେ କହିଛି, କେ. ଚନ୍ଦ୍ରଶେଖର ରାଓ (କେସିଆର)ଙ୍କ ନେତୃତ୍ୱାଧୀନ ବିଆରଏସ, ବିଜେଡି ଓ ଅନ୍ୟାନ୍ୟ ଦଳଗୁଡ଼ିକ ସର୍ବଦା କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ଡରିଯାଇଛନ୍ତି ଏବଂ ଗତ ୯ରେ ଅନୁଷ୍ଠିତ ଉପରାଷ୍ଟ୍ରପତି ନିର୍ବାଚନରୁ ଦୂରେଇ ରହିଥିଲେ। ସମ୍ପାଦକୀୟରେ ଯୁକ୍ତି ଦର୍ଶାଯାଇଛି ଯେ ଏହା ଅସାମ୍ବିଧାନିକ। ବିଜେଡି ଓ ବିଆରଏସ ଉପରାଷ୍ଟ୍ରପତି ନିର୍ବାଚନରେ ଭୋଟ ଦେବାରୁ ଦୂରେଇ ରହିଥିଲେ। ଶାସକ ବିଜେପି ନେତୃତ୍ୱାଧୀନ ଏନଡିଏ ପ୍ରାର୍ଥୀ ସି ପି ରାଧାକୃଷ୍ଣନ୍ ବିରୋଧୀ ପ୍ରାର୍ଥୀ ବି. ସୁଦର୍ଶନ ରେଡ୍ଡୀଙ୍କୁ ୧୫୨ ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ। ବିଜେପିର ପୂର୍ବତନ ସହଯୋଗୀ ଏସ୍‌ଏଡି ନିର୍ବାଚନ ବର୍ଜନ କରିଥିଲା। ଉକ୍ତ ଦଳ ଦାବି କରିଥିଲା ଯେ ପଞ୍ଜାବର ବନ୍ୟା ପ୍ରଭାବିତ ଲୋକଙ୍କୁ ରାଜ୍ୟ ସରକାର, କେନ୍ଦ୍ର କିମ୍ବା କଂଗ୍ରେସ ପକ୍ଷରୁ କୌଣସି ସାହାଯ୍ୟ ମିଳିନାହିଁ। 'ସାମନା'ରେ ଲେଖାଯାଇଛି ଯେ ଏପରି ଏକ ବ୍ୟବସ୍ଥା ରହିବା ଉଚିତ ଯେ କୌଣସି ବ୍ୟକ୍ତି (ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତି ନିର୍ବାଚନରେ) ଭୋଟ ଦେବାରୁ ଅନୁପସ୍ଥିତ ରହିପାରିବେ ନାହିଁ।

## ପାକିସ୍ତାନ ସେନା ଉପରେ ଆତଙ୍କୀ ଆକ୍ରମଣ, ୧୨ ଯବାନ ନିହତ

ନୂଆଦିଲ୍ଲୀ,୧୩ା୯: ପାକିସ୍ତାନର ଅଶାନ୍ତ ଉତ୍ତର-ପଶ୍ଚିମ ଅଞ୍ଚଳରେ ଶନିବାର ଘଟିଛି ଆତଙ୍କବାଦୀ ଆକ୍ରମଣ। ପାକିସ୍ତାନୀ ତାଲିବାନ (ଟିଟିପି) ଦ୍ୱାରା କରାଯାଇଥିବା ଏହି ଘାତକ ଆକ୍ରମଣରେ ୧୨ ଜଣ ସୈନିକଙ୍କ ମୃତ୍ୟୁ ହୋଇଛି। ସେଭଳି ୪ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ପ୍ରଶାସନ ଓ ସୁରକ୍ଷା ଅଧିକାରୀମାନେ ଏହି ଆକ୍ରମଣ ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ଆକ୍ରମଣ ଦକ୍ଷିଣ ଓ୍ୱଜରିସ୍ଥାନ ଜିଲ୍ଲାରେ ସକାଳ ପ୍ରାୟ ୪ଟା ବେଳେ ହୋଇଥିଲା, ଯେତେବେଳେ ସେନାର ଏକ ଗାଡି ସେହି ଅଞ୍ଚଳ ଦେଇ ଯାଉଥିଲା। ସ୍ଥାନୀୟ ଅଧିକାରୀ କହିଛନ୍ତି ଯେ, ଦୁଇ ପଟୁ ଜୋରଦାର ଗୁଳିମାଡ଼ ହୋଇଥିଲା। ଏଥିରେ ୧୨ ଜଣ ସୁରକ୍ଷାକର୍ମୀଙ୍କ ମୃତ୍ୟୁ ହୋଇଛି। ଆକ୍ରମଣକାରୀମାନେ ଘଟଣାସ୍ଥଳରୁ ସେନା ହତିଆର ଏବଂ ଜରୁରୀ ଜିନିଷ ଲୁଟି ନେଇଥିଲେ। ପାକିସ୍ତାନୀ ତାଲିବାନ (ଟିଟିପି) ଏହି ଆକ୍ରମଣ ପାଇଁ ଦାୟୀ ବୋଲି ଦାବି କରିଛି। ଏହି ଗୋଷ୍ଠୀ ଦାବି କରିଛି ଯେ ଆକ୍ରମଣ ସମୟରେ ଏହାର ଯୋଦ୍ଧାମାନେ ପାକିସ୍ତାନୀ ସୈନିକଙ୍କଠାରୁ ଅସ୍ତ୍ରଶସ୍ତ୍ର ମଧ୍ୟ ଛଡ଼ାଇ ନେଇଥିଲେ। ଏହି ଆକ୍ରମଣ ଅଞ୍ଚଳରେ ବୃଦ୍ଧି ପାଉଥିବା ସୁରକ୍ଷାର ଚିନ୍ତାକୁ ଆହୁରି ବୃଦ୍ଧି କରିଛି।

## ସୂର୍ଯ୍ୟଙ୍କ ବାହ୍ୟ ସ୍ତରରେ ୫ କିମି ଚଉଡ଼ାର ବିରାଟ ଗର୍ତ୍ତ



ନୂଆଦିଲ୍ଲୀ,୧୩ା୦୯: ସୂର୍ଯ୍ୟଙ୍କ ବାହ୍ୟସ୍ତରରେ ଏକ ଗର୍ତ୍ତ ଚିହ୍ନଟ ହୋଇଛି। ଯାହା ଦେଖିବାକୁ ପ୍ରଜାପତି ଆକୃତିର । ଚଉଡା ପ୍ରାୟ ୫ ଲକ୍ଷ କିଲୋମିଟର ରହିଛି । ସେପ୍ଟେମ୍ବର ୧୧ରେ ଏହି ଫଟୋ ଉଠାଇଯାଇଛି । ଏହା ଦ୍ୱାରା ପୃଥିବୀ ଆଡକୁ ସୌର ଭବନର ଏକ ସ୍ରୋତ ପ୍ରବାହିତ ହେଉଥିବା ଜଣାପଡିଛି। ନାସାର ସୋଲାର ଡାଇନାମିକ୍ସ ଅବଜର୍ଭେଟୋରୀର ଅନୁଯାୟୀ,ସୂର୍ଯ୍ୟଙ୍କ ବାୟୁମଣ୍ଡଳରେ ସୃଷ୍ଟି ଏହି ଗର୍ତ୍ତ ମହାକାଶ ପାଣିପାଗକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି। ତେଣୁ ଏହା ବୈଜ୍ଞାନିକଙ୍କ ଧ୍ୟାନ ଆକର୍ଷଣ କରିଛି । ସୂର୍ଯ୍ୟଙ୍କ ବାହ୍ୟ ସ୍ତରରେ ଥିବା ଏହି ଛିଦ୍ରକୁ କୋରୋନାଲ ହୋଲ କୁହାଯାଏ। ଏହି ଅଞ୍ଚଳ ସୂର୍ଯ୍ୟର ଚୁମ୍ବକୀୟ କ୍ଷେତ୍ର ଖୋଲିଥାଏ ଯାହା ଦ୍ୱାରା ସୋଲର ପବନକୁ ମହାକାଶକୁ ଯିବାକୁ ଅନୁମତି ଦିଏ । ଟେଲେସ୍କୋପ ଚିତ୍ରରେ କୋରୋନାଲ ହୋଲ କଳା ଦେଖାଏ ଯାଏ କାରଣ ଏଠାରେ ଗରମ ପ୍ଲାଜମା ନଥାଏ । ପ୍ରଜାପତି ଆକୃତିର ଗର୍ତ୍ତ ଏହାର ବିରାଟ ଆକାର ହେତୁ ଗୁରୁତ୍ୱପୂର୍ଣ୍ଣ, ଯାହା ପ୍ରାୟ ୫ ଲକ୍ଷ କିଲୋମିଟର ରହିଛି । କୋରୋନାଲ ଗର୍ତ୍ତ ଦେଇ ସୌର ପବନ ପୃଥିବୀ ଆଡକୁ ଗତି କରୁଥିବାରୁ ଏହା ପୃଥିବୀର ଚୁମ୍ବକୀୟ କ୍ଷେତ୍ରକୁ ପ୍ରଭାବିତ କରିପାରେ। ବୈଜ୍ଞାନିକଙ୍କ ପୂର୍ବାନୁମାନ ଅନୁସାରେ ସୌର ପବନର ସ୍ରୋତ ଆସନ୍ତାକାଲି ପୃଥିବୀରେ ପହଞ୍ଚିବ । ଏହା ଭୂଚୁମ୍ବକୀୟ ଝଡ଼ ସୃଷ୍ଟି କରିପାରେ। ଯାହା ଉପଗ୍ରହ କାର୍ଯ୍ୟ ପ୍ରାଣାଳୀକୁ ପ୍ରଭାବିତ କରିବ ।

## ଗଣେଶ ଭସାଣି ଶୋଭାଯାତ୍ରାରେ ଅଘଟଣ

# ଟ୍ରକ୍ ମାଡ଼ିଯିବାରୁ ୮ ମୃତ, ୨୫ ଗୁରୁତର

### ମୃତକଙ୍କ ପାଇଁ ୫ ଲକ୍ଷ ଲେଖାଏଁ କ୍ଷତିପୂରଣ ଘୋଷଣା

ହାସନ(କର୍ଣ୍ଣାଟକ),୧୩ା୯: କର୍ଣ୍ଣାଟକ ରାଜ୍ୟର ହାସନ ଜିଲ୍ଲାରେ ଗତକାଲି ରାତିରେ ଏକ ଅଘଟଣ ଘଟିଛି, ଯେଉଁଥିରେ ୮ ଜଣଙ୍କ ଜୀବନ ଯାଇଥିବା ବେଳେ ୨୫ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଜାତୀୟ ରାଜପଥ ନଂ.୩୭୩ରେ ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ଶୋଭାଯାତ୍ରା ଯାଉଥିବା ସମୟରେ ଏକ ଟ୍ରକ୍ ଅଚାନକ ମାଡ଼ିଆସିବାରୁ ଏପରି ଅଘଟଣ ଘଟିଛି। ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍‌କୁ ବଞ୍ଚାଇବାକୁ ଯାଇ ଟ୍ରକ୍ ଚାଳକ ଜଣଙ୍କ ଭିଡ଼ ଭିତରକୁ ଗାଡ଼ି ପୂରାଇ ଦେଇଥିଲେ। ଗଣେଶ ଚତୁର୍ଥୀ ପାଳନର ଶେଷ ଦିନ ଥିବାରୁ ରାତି ପ୍ରାୟ ୯ଟା ସମୟରେ ମୋସାଲେ ହୋସାହାଲି ଗ୍ରାମରେ ଘଟିଥିବା ଏହି ମର୍ମନ୍ତୁଦ ଅଘଟଣରେ ମୃତାହତଙ୍କ ମଧ୍ୟରେ ଅଧିକାଂଶ ଯୁବକ ଥିବା ଜଣାପଡ଼ିଛି। ଟ୍ରକ୍ ଡ୍ରାଇଭର୍ ମଧ ଆହତ ହୋଇଥିବା ବେଳେ ତାକୁ ପୁଲିସ୍ ଗିରଫ କରିଛି। ଘଟଣାସ୍ଥଳରେ ୫ ଜଣ ମୃତ୍ୟୁବରଣ କରିଥିବା ବେଳେ ଅବଶିଷ୍ଟ ୩ ଜଣ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିବା



ଜଣାପଡ଼ିଛି। ସେହିପରି ଆହତମାନଙ୍କ ମଧ୍ୟରୁ ୧୮ ଜଣଙ୍କୁ ହିମ୍ସରେ ଓ ଅବଶିଷ୍ଟ ୭ ଜଣଙ୍କୁ ବିଭିନ୍ନ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଅରକଲାଗୁଡୁରୁ ଆସିଥିବା ଉକ୍ତ ଟ୍ରକ୍‌ଟି ନିୟନ୍ତ୍ରଣ ହରାଇ ଶ୍ରଦ୍ଧାଳୁମାନଙ୍କ ଉପରେ ମାଡ଼ିଯାଇଥିଲା। ଏହି ଅଘଟଣ ନେଇ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ଲୋକଙ୍କ ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଏହାଛଡ଼ା ଆହତମାନଙ୍କ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ ବୋଲି ମଧ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସେହିପରି ଏହି ଅଘଟଣରେ ଏତେସଂଖ୍ୟକ ଶ୍ରଦ୍ଧାଳୁ ମୃତାହତ ହୋଇଥିବାରୁ ଏନେଇ କେନ୍ଦ୍ର ଭାରୀଶିଳ୍ପ ଓ ଇସ୍ପାତ ମନ୍ତ୍ରୀ ଏଚ୍‌ଡି କୁମାରସ୍ୱାମୀ ଶୋକ ବ୍ୟକ୍ତ କରିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ତା'ଛଡ଼ା ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଏହି ଦୁର୍ଘଟଣାକୁ ହୃଦୟ ବିଦାରକ ବୋଲି କହିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ବ୍ରିଟେନରେ ଶିଖ୍ ଯୁବତୀଙ୍କୁ ବଳାତ୍କାର




### ଶିଖ୍ ସମ୍ପ୍ରଦାୟ ମଧ୍ୟରେ ଅସନ୍ତୋଷ

### ଜନସାଧାରଣଙ୍କ ସହଯୋଗ ଲୋଡ଼ିଲା ପୁଲିସ୍

ବ୍ରିଟେନ,୧୩ା୯: ଯୁକ୍ତରାଜ୍ୟର ଓଲ୍ଡବରୀ ସହରରେ ଦୁଇ ଜଣ ବ୍ୟକ୍ତି ଜଣେକା ଶିଖ ସମ୍ପ୍ରଦାୟ ଯୁବତୀ (୨୦)ଙ୍କୁ ବଳାତ୍କାର କରିଛନ୍ତି। ଏଥିସହ ସେମାନେ ପୀଡ଼ିତାଙ୍କୁ ଜାତି ନେଇ ଗାଳିଗୁଲଜ କରିବା ସହ ତାଙ୍କ ଦେଶକୁ ଫେରିଯିବାକୁ କହିଥିଲେ। ଫଳତଃ ପୁଣିଥରେ ବ୍ରିଟେନରେ ଭାରତୀୟ ବଂଶୋଦ୍ଭବ ପ୍ରବାସୀମାନଙ୍କ ସହ ଅତୀତରେ ଘଟିଥିବା ଜାତିଗତ ଭେଦଭାବ ଓ ଆକ୍ରମଣ ଘଟଣାକୁ ମନେ ପକାଇଦେଇଛି। ଏହି ଘଟଣା ଗତ ମଙ୍ଗଳବାର ସକାଳେ ଓଲ୍ଡବରୀ ସହର ଟେମ ରୋଡ ନିକଟରେ ଘଟିଥିଲା। ଯୁକ୍ତରାଜ୍ୟ ପୁଲିସ୍ ଏହି ଘଟଣାକୁ ଜାତିଗତ ଆକ୍ରମଣ ବୋଲି କହିବା ସହ ଆକ୍ରମଣକାରୀଦ୍ୱୟଙ୍କୁ ଧରିବା ପାଇଁ ଜନସାଧାରଣଙ୍କ ସହଯୋଗ ପାଇଁ ନିବେଦନ କରିଛି। ଅନ୍ୟପକ୍ଷରେ ପୀଡ଼ିତା ଜଣଙ୍କ କହିଛନ୍ତି ଯେ ଆକ୍ରମଣକାରୀମାନେ ତାଙ୍କ ପ୍ରତି ଜାତିଗତ ମନ୍ତବ୍ୟ ଦେଇଛନ୍ତି। ଅନ୍ୟପକ୍ଷରେ ପୁଲିସ୍ ଏହି ଘଟଣାର ତଦନ୍ତରେ ସିସିଟିଭି ଫୁଟେଜ୍ ଓ ଫରେନସିକ ଟିମ୍‌ର ସହାୟତା ନେଇଥିବା କହିଛି। ସେହିପରି ବର୍ମିଂହାମ ଲାଇଭ ରିପୋର୍ଟ ଅନୁଯାୟୀ, ଏହି ଘଟଣା ଘଟାଇଥିବା ଉଭୟ ଆକ୍ରମଣକାରୀ ଶ୍ୱେତାଙ୍ଗ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କର ମୁଣ୍ଡରେ ଆଦୌ ଚୁଟି ନଥିବା ବେଳେ ସେ ଗାଢ଼ ରଙ୍ଗର ସ୍ୱେଟର ପିନ୍ଧିଥିଲେ। ଅନ୍ୟ ଆକ୍ରମଣକାରୀ ଜଣଙ୍କ ଧୂସର ରଙ୍ଗର ଟି-ଶାର୍ଟ ପିନ୍ଧିଥିବା ଉକ୍ତ ରିପୋର୍ଟ ସ୍ପଷ୍ଟ କରିଛି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଦେଶର ଶିଖ ସମ୍ପ୍ରଦାୟ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ଏହି ଘଟଣାକୁ ଏକ ସମ୍ମିଳିତ ନରସଂହାର ସହ ତୁଳନା କରାଯାଉଛି। ଏ ସମ୍ପର୍କରେ ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି ଯେ ଶିଖ୍ ସମ୍ପ୍ରଦାୟ ମଧ୍ୟରେ ପ୍ରକାଶ ପାଇଥିବା ଅସନ୍ତୋଷ ବେଶ୍ ସ୍ୱାଭାବିକ ଓ ଖୁବ୍‌ଶୀଘ୍ର ଘଟଣା ଘଟିଥିବା ଅଞ୍ଚଳରେ ପାଟ୍ରୋଲିଂକୁ ଅଧିକ କଡ଼ାକଡ଼ି କରାଯିବ।

## ରୁଷିଆରେ ୭.୪ ତୀବ୍ରତା ବିଶିଷ୍ଟ ଭୂମିକମ୍ପ

ମସ୍କୋ,୧୩ା୯: ରୁଷିଆରେ ଆଜି ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି। ଏହାପରେ ସୁନାମୀ ଓ୍ୱାର୍ଣ୍ଣିଂ ଜାରି କରାଯାଇଥିଲା। କିନ୍ତୁ ପରେ ଏହାକୁ ପ୍ରତ୍ୟାହାର କରିନିଆଯାଇଥିବା ଜଣାପଡ଼ିଛି। କାମଚଟକାର ପୂର୍ବ ଉପକୂଳରେ ଅନୁଭୂତ ହୋଇଥିବା ଏହି ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୭.୪ ରେକର୍ଡ କରାଯାଇଛି। ଏ ସଂକ୍ରାନ୍ତରେ ଆମେରିକା ଭୂତତ୍ତ୍ୱ ସର୍ବେକ୍ଷଣ (ୟୁଏସ୍‌ଜିଏସ୍) ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଗତ ଜୁଲାଇରେ ୮.୮ ତୀବ୍ରତାବିଶିଷ୍ଟ ଭୂମିକମ୍ପ ଅନୁଭୂତ ହୋଇଥିବା ସ୍ଥଳରେ ସଦ୍ୟ ଭୂମିକମ୍ପ ହୋଇଥିବା ଜଣାପଡ଼ିଛି। ସେତେବେଳେ ସମଗ୍ର ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସୁନାମୀ ଆଲର୍ଟ ଜାରି କରାଯାଇଥିଲା। ତେବେ ଆଜିର ଭୂମିକମ୍ପଜନିତ କ୍ଷୟକ୍ଷତି ନେଇ କୌଣସି ସୂଚନା ମିଳିପାରିନାହିଁ। ଭୂମିକମ୍ପ ଅନୁଭୂତ ହେବା ପରେ ପ୍ୟାସିଫିକ୍ ସୁନାମୀ ଓ୍ୱାର୍ଣ୍ଣିଂ ସେଣ୍ଟର୍ ପକ୍ଷରୁ ସୁନାମୀ ଆଲର୍ଟ ଜାରି କରାଯାଇଥିଲା। ଏଥିରେ ଭୂମିକମ୍ପର କେନ୍ଦ୍ରସ୍ଥଳଠାରୁ ୩୦୦ କିମି ଦୂରତା ମଧ୍ୟରେ ସମୁଦ୍ରରେ ଉଚ୍ଚ ଲହଡ଼ି ଆସିବା ନେଇ ଚେତାବନୀ ଦିଆଯାଇଥିଲା। କିନ୍ତୁ କିଛି ସମୟରେ ସେଣ୍ଟର୍ ପକ୍ଷରୁ ବିପଦ ହଟିଯାଇଥିବା ଦର୍ଶାଇ ଏହି ଚେତାବନୀ ପ୍ରତ୍ୟାହାର କରିନିଆଯାଇଥିଲା।

## ଦିଲ୍ଲୀରେ ପୁଣି ବୋମା ଗୁଜବ

### ଏଥର ତାଜ୍ ପ୍ୟାଲେସ୍ ଓ ମ୍ୟାକ୍ସ ହସ୍ପିଟାଲ୍‌କୁ ଟାର୍ଗେଟ୍

ନୂଆଦିଲ୍ଲୀ,୧୩ା୯: ଗତ କିଛି ଦିନ ହେଲା ରାଜଧାନୀ ଦିଲ୍ଲୀରେ କ୍ରମାଗତ ଭାବେ ବୋମା ଗୁଜବ ସାମ୍ନାକୁ ଆସିଥିବା ବେଳେ ଆଜି ମଧ୍ୟ ଏହି ଧାରା ଜାରି ରହିଛି। ଆଜି ଦିଲ୍ଲୀର ଚାଣକ୍ୟପୁରୀସ୍ଥିତ ହୋଟେଲ୍ ତାଜ୍ ପ୍ୟାଲେସ୍ ସହ ସହ ମ୍ୟାକ୍ସ ହସ୍ପିଟାଲ୍‌ର ଦୁଇଟି ଶାଖାରେ ବୋମା ରଖାଯାଇଥିବା ନେଇ ଇମେଲ୍‌ରେ ଧମକ ଆସିଥିଲା। ଏହା ଜାଣିବା ପରେ ପୁଲିସ୍ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପ୍ରାରମ୍ଭିକ ଅନୁସନ୍ଧାନ କରିଥିଲେ। ତେବେ ଶେଷରେ ଏହା କେବଳ ଏକ ଗୁଜବ ବୋଲି ଜଣାପଡ଼ିଥିଲା। ତାଜ୍ ପ୍ୟାଲେସ୍ ହୋଟେଲ୍‌ରେ ଆଜି ସକାଳେ ଇମେଲ୍ ପହଞ୍ଚିଥିଲା, ଯେଉଁଥିରେ ସେଠାରେ ୧୬ଟି ବୋମା ଖଞ୍ଜାଯାଇଛି ବୋଲି ଦାବି କରାଯାଇଥିଲା। ଫଳତଃ ହୋଟେଲ୍ କର୍ତ୍ତୃପକ୍ଷ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ପୂର୍ବାହ୍ନ ୧୧ଟା ଭିତରେ ସମଗ୍ର ହୋଟେଲ୍‌କୁ ଖାଲି କରିଦେଇଥିଲେ। ଗତକାଲି ମୁମ୍ବାଇ ହାଇକୋର୍ଟକୁ ପଠାଯାଇଥିବା ଇମେଲ୍ ଆଇପିରୁ ଆଜିର ଇମେଲ୍ ମଧ୍ୟ ଆସିଥିବା ତଦନ୍ତ ସମୟରେ ଜଣାପଡ଼ିଥିଲା। ଏଥିସହ ତଲାସୀ ଅଭିଯାନରେ ମଧ୍ୟ ହୋଟେଲ୍‌ରେ କୌଣସି ସନ୍ଦିଗ୍ଧ ସାମଗ୍ରୀ ମିଳିନଥିବାରୁ ଏହା ଏକ ଗୁଜବ ଥିବା ପୁଲିସ୍ ପକ୍ଷରୁ କୁହାଯାଇଛି।

## ସୁପ୍ରିମକୋର୍ଟର ସର୍କୁଲାର ଜାରି

# ହାଇସିକ୍ୟୁରିଟି ଜୋନ୍‌ରେ ଭିଡିଓଗ୍ରାଫି ଓ ରିଲ୍ସ ମନା



ନୂଆଦିଲ୍ଲୀ,୧୩ା୯: ହାଇସିକ୍ୟୁରିଟି ଜୋନ୍ ଘୋଷିତ ହୋଇଥିବା ସୁପ୍ରିମକୋର୍ଟର ମୁଖ୍ୟ ଅଞ୍ଚଳରେ ଫଟୋଗ୍ରାଫି, ଭିଡିଓଗ୍ରାଫି ଓ ସୋସିଆଲ୍ ମିଡିଆ ରିଲ୍ସ ବନାଇବା ଉପରେ କଟକଣା ଲଗାଯାଇଛି। ଗତ ୧୦ ତାରିଖରେ ଜାରି ହୋଇଥିବା ଏକ ସର୍କୁଲାରରେ ସୁପ୍ରିମ୍‌କୋର୍ଟ ଏହା କହିଛନ୍ତି। ଉକ୍ତ ସର୍କୁଲାର୍ ଅନୁସାରେ, ହାଇ ସିକ୍ୟୁରିଟି ଜୋନ୍‌ର ଲନ୍‌ରେ ଫଟୋଗ୍ରାଫି ଓ ଭିଡିଓଗ୍ରାଫି ପାଇଁ ମୋବାଇଲ୍ ଫୋନ୍ ବ୍ୟବହାର କରାଯାଇପାରିବନାହିଁ। ଭିଡିଓଗ୍ରାଫି, ରିଲ୍ସ ବନାଇବା ଓ ଫଟୋ ଉଠାଇବା ପାଇଁ ବ୍ୟବହୃତ ହେବାକୁ ଥିବା କ୍ୟାମେରା, ଟ୍ରାଇପଡ୍ ଓ ସେଲ୍‌ଫି ଷ୍ଟିକ୍ ମଧ ଉକ୍ତ ଅଞ୍ଚଳରେ ପ୍ରବେଶ କରିପାରିବେ ନାହିଁ। ସେହିପରି କୌଣସି ଓକିଲ, କୋର୍ଟକୁ ଆସିଥିବା ବାଦୀ, ଇନ୍‌ଟର୍ନ ଏହି ନିର୍ଦ୍ଦେଶର ଉଲ୍ଲଂଘନ କଲେ ସମ୍ବନ୍ଧିତ ବାର୍ ଆସୋସିଏସନ୍, ରାଜ୍ୟ ବାର୍ କାଉନସିଲ୍ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ସେହିପରି ଯଦି କୌଣସି କର୍ମଚାରୀ ଏହି ନିର୍ଦ୍ଦେଶର ଉଲ୍ଲଙ୍ଘନ କରନ୍ତି, ତେବେ ତାଙ୍କ ବିଭାଗୀୟ ଅଧିକାରୀ ନିୟମାନୁସାରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବେ। ଏହାଛଡ଼ା ସୁରକ୍ଷାକର୍ମୀମାନେ କୌଣସି ବ୍ୟକ୍ତି, କର୍ମଚାରୀ, ଓକିଲ ଓ ଅନ୍ୟମାନଙ୍କୁ ହାଇସିକ୍ୟୁରିଟି ଜୋନ୍‌ରେ ଫଟୋ ଉଠାଇବା କିମ୍ବା ଭିଡିଓ ବନାଇବାରୁ ବିରତ କରିପାରିବେ ବୋଲି ଉକ୍ତ ସର୍କୁଲାର୍‌ରେ କୁହାଯାଇଛି।

### ଗଣମାଧ୍ୟମ ପାଇଁ ବି ନିୟମ ଲାଗୁ

ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଯେ ଏହି ନିୟମ ଗଣମାଧ୍ୟମ କର୍ମୀଙ୍କ ପାଇଁ ବି ଲାଗୁ ହେବ। ଅବଶ୍ୟ ଅପେକ୍ଷାକୃତ କମ୍ ସୁରକ୍ଷାଯୁକ୍ତ ଅଞ୍ଚଳରେ ଗଣମାଧ୍ୟମ କର୍ମୀମାନେ ସାକ୍ଷାତକାର ଓ ଖବରର ସିଧା ପ୍ରସାରଣ କରିପାରିବେ ବୋଲି କୋର୍ଟ ନିର୍ଦ୍ଦେଶ ଜାରି କରିଛନ୍ତି। ଏଥିସହ କୌଣସି ଗଣମାଧ୍ୟମ କର୍ମୀ ଏହି ନିର୍ଦ୍ଦେଶର ଉଲ୍ଲଂଘନ କଲେ, ସୁପ୍ରିମକୋର୍ଟର ହାଇସିକ୍ୟୁରିଟି ଅଞ୍ଚଳ ମଧ୍ୟକୁ ତାଙ୍କ ପ୍ରବେଶ ଉପରେ ମାସେ ପର୍ଯ୍ୟନ୍ତ କଟକଣା ଲାଗୁ ହେବାର ସମ୍ଭାବନା ରହିଛି। ନିକଟରେ ସୁପ୍ରିମକୋର୍ଟଙ୍କ ଆଡ୍‌ଭୋକେଟ୍‌ସ ଅନ୍ ରେକର୍ଡ ଆସୋସିଏସନ୍ ସିଜେଆଇ ବି.ଆର ଗଭାଇଙ୍କୁ ଚିଠି ଲେଖି ଓକିଲ ଓ ସାଇବର ଇନ୍‌ଫ୍ଲୁଏନ୍ସରମାନଙ୍କର କୋର୍ଟ ପରିସରରେ ଫଟୋଗ୍ରାଫି ଓ ଭିଡିଓଗ୍ରାଫିକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ସେହିପରି ସୁପ୍ରିମକୋର୍ଟ ବାର୍ ଆସୋସିଏସନ୍‌ରେ ମଧ ଏକ ପ୍ରସ୍ତାବ ପାସ୍ ହୋଇଥିଲା। ସେଥିରେ ସୁପ୍ରିମକୋର୍ଟ ପରିସରରେ ଭିଡିଓଗ୍ରାଫି, ରିଲ୍ସ ବନାଇବା ଓ ସୋସିଆଲ୍ ମିଡିଆ କଣ୍ଟେଣ୍ଟ ପ୍ରସ୍ତୁତିରେ ସାମିଲ ଓକିଲଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସୁପାରିସ୍ କରାଯାଇଥିଲା।

## ନକଲି ପାସପୋର୍ଟ ସହ ନେପାଳୀ ଏବଂ ବାଂଲାଦେଶୀ ନାଗରିକ ଗିରଫ




**ମୁମ୍ବାଇ, ୧୩।୯:** ମୁମ୍ବାଇ ସହର ପୋଲିସ ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନରେ ୨ ସନ୍ଦିଗ୍ଧ ବିଦେଶୀ ନାଗରିକଙ୍କୁ ଗିରଫ କରିଛି । ନକଲି ଭାରତୀୟ ପାସପୋର୍ଟ ବ୍ୟବହାର କରି ବିଦେଶ ଯାତ୍ରା କରିବାର ପ୍ରୟାସକୁ ପଣ୍ଡ କରିବାରେ ଏହି ଗିରଫଦାରୀ ସଫଳ ହୋଇଛି । ପୋଲିସ ବିଶ୍ୱାସ କରୁଛି ଯେ ଏହି ମାମଲା କେବଳ ଅବୈଧ ଯାତ୍ରା ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ଏକ ବଡ଼ ନକଲି ଡକ୍ୟୁମେଣ୍ଟ ରାକେଟ ଆଡ଼କୁ ମଧ୍ୟ ଇଙ୍ଗିତ କରୁଛି । ତେବେ ଗିରଫ ଅଭିଯୁକ୍ତମାନେ୨୯ ବର୍ଷୀୟ ନେପାଳୀ ନାଗରିକ କୃଷ୍ଣ ମାର୍ପାନ ତମାଙ୍ଗ ଏବଂ ୬୮ ବର୍ଷୀୟ ବାଂଲାଦେଶୀ ନାଗରିକ ନିରଞ୍ଜନ ନାଥ ବୋଲି ଚିହ୍ନଟ ହୋଇଛନ୍ତି । ପୋଲିସ ଅଧିକାରୀମାନେ କହିଛନ୍ତି ଯେ ଉଭୟେ କୋଲକାତାରୁ ନକଲି କାଗଜପତ୍ର ଆଧାରରେ ଭାରତୀୟ ପାସପୋର୍ଟ ହାସଲ କରିଥିଲେ ଏବଂ ଏହା ସାହାଯ୍ୟରେ ଆନ୍ତର୍ଜାତୀୟ ଭ୍ରମଣ କରିବାକୁ ଚେଷ୍ଟା କରିଥିଲେ । ନିରଞ୍ଜନ ନାଥ ମସ୍କଟ (ଓମାନ) ରୁ ମୁମ୍ବାଇ ଫେରି ଆସିଥିଲେ । ଇମିଗ୍ରେସନ ଯାଞ୍ଚ ସମୟରେ, ତାଙ୍କର କାଗଜପତ୍ରଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଯାଞ୍ଚ ହୋଇଥିଲା । ଯାହା ଅନେକ ଅସଙ୍ଗତି ପ୍ରକାଶ କରିଥିଲା। ପଚରାଉଚରା ସମୟରେ ସେ ଠକେଇ ସ୍ୱୀକାର କରିଥିଲେ । କୃଷ୍ଣ ମାର୍ପାନ ତମାଙ୍ଗ ବିଦେଶ ଯିବାକୁ ପ୍ରସ୍ତୁତ ହେଉଥିଲେ ଏବଂ ଚେକ୍-ଇନ୍ ପ୍ରକ୍ରିୟା ସମୟରେ ଧରାପଡ଼ିଥିଲେ। ପୋଲିସ ଅଧିକାରୀମାନେ କହିଛନ୍ତି ଯେ ନକଲି ପାସପୋର୍ଟ ବ୍ୟବହାର କେବଳ ଆଇନର ଉଲ୍ଲଂଘନ ନୁହେଁ ବରଂ ଜାତୀୟ ସୁରକ୍ଷା ପାଇଁ ମଧ୍ୟ ଏକ ଗମ୍ଭୀର ବିପଦ ହୋଇପାରେ ।

## ମିଜାଇଲରେ ମଦିନାକୁ କରାଯାଇଥିଲା ଟାର୍ଗେଟ୍



**ନୂଆଦିଲ୍ଲୀ ୧୩।୯:** ଇସ୍ଲାମର ସବୁଠୁ ପବିତ୍ର ସ୍ଥାନ ମଧ୍ୟରେ ଅନ୍ୟତମ ମଦିନା ଉପରେ ମିଜାଇଲ ଆକ୍ରମଣର ଖବର ଆସୁଛି। ଏହି ମିଜାଇଲକୁ ମଦିନାସ୍ଥିତ ମସଜିଦ୍ ଉପରେ ଇଣ୍ଟରସେପ୍ଟ କରାଯାଇଛି। ଖବର ଅନୁସାରେ ସାଉଦୀ ଆରବ ମଜଭୁତ ଏୟାର ଡିଫେନ୍ସ ସିଷ୍ଟମ ମିଜାଇଲକୁ ଟାର୍ଗେଟ୍ ହିଟ୍ କରିବା ପୂର୍ବରୁ ଧ୍ୱସ୍ତ କରିଛି। ସାଉଦୀ ଆରବ ଆଶଙ୍କା କରୁଛି ଏହି ମିଜାଇଲ ଆକ୍ରମଣ ପଛରେ ହୁତୀ ବିଦ୍ରୋହୀଙ୍କ ହାତ ଥାଇପାରେ। ଏହି ସନ୍ଦେହର କାରଣ ହୁତୀ ଆତଙ୍କବାଦୀଙ୍କ ସହ ସାଉଦୀ ଆରବର ପୁରୁଣା ଶତ୍ରୁତା। ୟେମେନ ଗୃହ ଯୁଦ୍ଧରେ ସାଉଦୀ ଆରବ ହୁତୀଙ୍କ ବିରୋଧୀ ପକ୍ଷଙ୍କୁ ସମର୍ଥନ କରିଥିଲା ଓ ସେବେଠାରୁ ହୁତୀମାନେ ସାଉଦୀ ଆରବକୁ ସେମାନଙ୍କ ଟାର୍ଗେଟ କରିଆସୁଛନ୍ତି। ଅଗଷ୍ଟ ୨୦୧୨ରେ ହୁତୀମାନେ ସାଉଦୀ ଆରବର ଏକ ବଡ଼ ତୈଳ ରିଫାଇନାରୀ ଉପରେ ଆକ୍ରମଣ କରିଥିଲେ। ଏହା ପରେ ସାଉଦୀ ଆରବ ହୁତୀଙ୍କ ବିରୋଧୀ ଗୋଷ୍ଠୀଙ୍କୁ ସାମରିକ ସହଯୋଗ ବଢ଼ାଇ ଦେଇଥିଲା। ଏଣୁ ଏବେ ହୋଇଥିବା ମିଜାଇଲ ଆକ୍ରମଣ ପୁରୁଣା ଶତ୍ରୁତାର କାରଣ ହୋଇପାରେ ବୋଲି ଅନୁମାନ କରାଯାଉଛି। ରିପୋର୍ଟସ ଅନୁସାରେ ଏହା ପୂର୍ବରୁ ୨୦୧୬ ମସିହାରେ ମକ୍କାକୁ ଟାର୍ଗେଟ୍ କରାଯାଇଥିଲା। ସେତେବେଳେ ସାଉଦୀ ଆରବ ପବିତ୍ର ସହର ନିକଟରେ ଏକ ବାଲିଷ୍ଟିକ୍ ମିଜାଇଲକୁ ମାରି ଖସେଇ ଦେଇଥିବାର ଦାବି କରିଥିଲା। ଏହି ମିଜାଇଲକୁ ହୁତୀମାନେ ୟେମେନ ସୀମାର ୫୦୦ କିଲୋମିଟର ଭିତରୁ ଫାୟାର କରିଥିଲେ। ଏଥିରେ ଏବେ ହୁତୀଙ୍କ ବୟାନ ଆସିଛି। ହୁତୀ ନେତା ମହମ୍ମଦ ଅଲ-ବଖୈତୀ ମିଜାଇଲ ଆକ୍ରମଣ ଅଭିଯୋଗକୁ ଦୃଢ଼ତାର ସହ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ ଆମେ ନାଗରିକ ଓ ପବିତ୍ର ସ୍ଥଳକୁ କେବେ ଟାର୍ଗେଟ କରୁ ନାହୁଁ।

# ହୃଦରୋଗ ନିୟନ୍ତ୍ରଣ କରିପାରିବ ସୁସ୍ଥ ଜୀବନଶୈଳୀ: ଧର୍ମେନ୍ଦ୍ର

- ମୋବାଇଲ୍ ଓ ବଦଭ୍ୟାସଠାରୁ ଦୂରେଇ ରହିବାକୁ ପରାମର୍ଶ
- ସମ୍ବଲପୁରକୁ ସମୟୋପଯୋଗୀ ଆଧୁନିକ ସହର କରିବାକୁ ଆହ୍ୱାନ
- ୬ଜିରୁ ଫାଇଦା ପାଇବ ସ୍ୱାସ୍ଥ୍ୟ କ୍ଷେତ୍ର




**ସମ୍ବଲପୁର, ୧୩।୯ (ସଂଚାର ବ୍ୟୁରୋ):** ଦ୍ରୁତ ଜୀବନଶୈଳୀ, ଅସ୍ୱାସ୍ଥ୍ୟକର ଖାଦ୍ୟପେୟ ଅଭ୍ୟାସ ସହ ଶାରୀରିକ କାର୍ଯ୍ୟକଳାପ ଅଭାବ ଯୋଗୁଁ ଓଡ଼ିଶା ସମେତ ଦେଶ ଓ ବିଶ୍ୱରେ ହୃଦରୋଗ ବୃଦ୍ଧି ପାଉଛି। ଏହାର ନିବାରଣ ପାଇଁ ଆମକୁ ବିଶେଷ ଭାବରେ ଯୁବପିଢ଼ି ସୁଷମ ଖାଦ୍ୟ ଗ୍ରହଣ କରିବା ସହ ସୁସ୍ଥ ଜୀବନଶୈଳୀକୁ ଆପଣାଇବା ଜରୁରି ବୋଲି ଆଜି ଏଠାରେ କାର୍ଡିଓଲଜିକାଲ ସୋସାଇଟି ଅଫ୍ ଇଣ୍ଡିଆ (ସିଏସଆଇ) ଓଡ଼ିଶା ଶାଖାର ୩୦ତମ ବାର୍ଷିକ ସମ୍ମିଳନୀ-୨୦୨୫ରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସିଏସଆଇ, ଓଡ଼ିଶା ଓ ଆସୋସିଏସନ ଅଫ୍ ଫିଜିସିଆନ୍ସ ଅଫ୍ ଇଣ୍ଡିଆ (ଏପିଆଇ), ସମ୍ବଲପୁରର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଦ୍ରୁତ ଜୀବନଶୈଳୀ, ଚାକିରି ଚାପ ଓ ଅସ୍ଥିର ସାମାଜିକ ପରିବେଶ ଅନେକ ରୋଗ ସୃଷ୍ଟି କରୁଛି। ପୂର୍ବରୁ ଅଧିକ ସଂକ୍ରମିତ ରୋଗ ବ୍ୟାପୁଥିବା ବେଳେ ଏବେ ଅଣସଂକ୍ରମିତ ରୋଗ କମ ବୟସର ଯୁବପିଢ଼ିଙ୍କଠାରେ ଅଧିକ ଦେଖାଯାଉଛି। ହୃଦ୍‌ରୋଗ ବିଶ୍ୱ, ଭାରତ ଓ ଓଡ଼ିଶାରେ ଏକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ହୋଇଥିବା ସତ୍ତ୍ୱେ ସମୟୋଚିତ ଚିକିତ୍ସା, ପ୍ରତିରୋଧ ଓ ସଚେତନତା ଦ୍ୱାରା ଏହାକୁ ନିୟନ୍ତ୍ରଣ କରାଯାଇପାରିବ। ସୁସ୍ଥ ଖାଦ୍ୟ ଗ୍ରହଣ କରିବା ସହ ପ୍ରତିଦିନ ବ୍ୟାୟାମ ଓ ଯୋଗ କରିବା, ମୋବାଇଲର କମ ବ୍ୟବହାର କରିବା, ଚାପମୁକ୍ତ ହୋଇ କାମ କରିବା ସହ ବଦ ଅଭ୍ୟାସକୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଛନ୍ତି ଶ୍ରୀ ପ୍ରଧାନ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଉପସ୍ଥିତିରେ ଶ୍ରୀ ପ୍ରଧାନ ଏହି ରୋଗର ନିରାକରଣ ପାଇଁ ମୋଦି ସରକାରରେ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ମଧ୍ୟ ଚର୍ଚ୍ଚା କରିଥିଲେ।

ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଦିନକୁ ଦିନ ରୋଗ ଚିହ୍ନଟ ପାଇଁ ମେସିନ ଉପରେ ନିର୍ଭରଶୀଳତା ବଢ଼ୁଛି, ଯାହାକି ନିରୂପଣ କ୍ଷେତ୍ରକୁ ଫାଇଦା ଦେଉଛି। ଆଗାମୀ ଦିନରେ ୬ଜି ଆସିଲେ ଏଥିରୁ ସ୍ୱାସ୍ଥ୍ୟ କ୍ଷେତ୍ର ବିଶେଷ ଲାଭବାନ ହୋଇପାରିବ। ଏହାଦ୍ୱାରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରମାନେ ଥାଇ ବି ଉପାନ୍ତ ଅଞ୍ଚଳର ରୋଗୀଙ୍କ ନିର୍ଭୁଲ ଚିକିତ୍ସା କରିପାରିବେ। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ଯୋଗୁଁ ସମଗ୍ର ଦେଶରେ ସରକାରୀ ବ୍ୟବସ୍ଥାରେ ଡାୟାଲିସିସ୍ ସେଣ୍ଟର ଖୋଲାଯିବା ସହ ମାଗଣାରେ ଚିକିତ୍ସା ସେବା ଯୋଗାଇଦିଆଯିବାର ବ୍ୟବସ୍ଥା କରାଯାଉଛି। ରେଢାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଡାୟାଲିସିସ୍ ସେଣ୍ଟର୍ ଉପଲବ୍ଧ ହୋଇଛି। ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନ ପାଇଁ ମାନବ ସମାଜ ନିଜର ସ୍ୱାସ୍ଥ୍ୟକୁ ସଠିକ୍ ରଖିବା ଜରୁରୀ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ମଧ୍ୟ ଉପସ୍ଥିତ ଥିଲେ।

■ ପାଦ ଛୁଇଁ ପ୍ରଣାମ କଲେନି ବୋଲି ପିଲାଙ୍କୁ ପିଟିଲେ

## ନିଲମ୍ବିତ ହେଲେ ଦିଦି

**ବୈଶିଙ୍ଗା, ୧୩।୯ (ସଂଚାର ବ୍ୟୁରୋ):** ଶିକ୍ଷୟିତ୍ରୀଙ୍କ ଆତ୍ମ ଗର୍ବର ସୀମା ଟପିଛି। ପ୍ରାର୍ଥନା ପରେ ପିଲାମାନେ ପାଦ ଛୁଇଁ ପ୍ରଣାମ କଲେ ନାହିଁ ବୋଲି ବାଉଁଶ ବତାରେ ନିର୍ଘୁମ ଛେଚିଛନ୍ତି। ଏହି ଘଟଣାକୁ ନେଇ ଅଭିଭାବକମାନଙ୍କର ଅଭିଯୋଗ କ୍ରମେ ଶିକ୍ଷୟିତ୍ରୀ ନିଲମ୍ବିତ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ପ୍ରତିମାଦେଇପୁର କ୍ଲଷ୍ଟର ଅନ୍ତର୍ଗତ ଖଣ୍ଡଦେଉଳା ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲର ସହକାରୀ ଶିକ୍ଷୟିତ୍ରୀ ଶୁକ୍ରବାର ଏହି ଭଳି କାର୍ଯ୍ୟାନୁଷ୍ଠାନର ଶିକାର ହୋଇଛନ୍ତି। ଶିକ୍ଷୟିତ୍ରୀ ଜଣକ ଏକକାଳୀନ ୩ଟି ଶ୍ରେଣୀର ୩୧ଜଣ ଛାତ୍ରଛାତ୍ରୀଙ୍କୁ ବାଉଁଶବାଡିରେ ନିସ୍ତୁକ ମାଡ଼ମାରିବା ଘଟଣାରେ ଏସଏମସି କମିଟି ଏବଂ ଅଭିଭାବକଙ୍କ ଅଭିଯୋଗ ଆଧାରରେ ତଦନ୍ତକରି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଶନିବାର ପୂର୍ବକ ଚାକିରିରୁ ନିଲମ୍ବନ କଲେ ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ।

## ଲିଫ୍ଟ ମାଗି ଡ୍ରାଇଭରଙ୍କୁ ଛୁରାମାଡ଼

**ନୂଆପଡ଼ା, ୧୩।୯ (ସଂଚାର ବ୍ୟୁରୋ):** ଖରିଆରରୋଡ଼ ସୀମାନ୍ତରେ ତିନି ଜଣ ଯୁବକ ଲିଫ୍ଟ ମାଗି ଜଣେ ଡ୍ରାଇଭରଙ୍କୁ ଛୁରାମାଡ଼ କରି ଲୁଟ୍ ଉଦ୍ୟମ କରିଛନ୍ତି। ଡ୍ରାଇଭର ଲାଲ ରାଉତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ଶନିବାର ଲାଲା ଜଣେ ବ୍ୟକ୍ତିଙ୍କୁ ରାୟପୁର ଏୟାର ପୋର୍ଟରୁ ଆଣିବାକୁ ଯିବାବେଳେ ୩ ଯୁବକଙ୍କୁ ଲିଫ୍ଟ ଦେଇଥିଲେ । କିଛି ଦୂର ଯିବା ପରେ ଗାଡ଼ି ଅଟକାଇ ୩ ଯୁବକ ଲାଲାଙ୍କୁ ଛୁରିରେ ଆକ୍ରମଣ କରିଥିଲେ । ଲାଲା ସାହସିକତା ଦେଖାଇ ଛୁରୀ ଓ ମୋବାଇଲକୁ ଛଡ଼ାଇବାରେ ସଫଳ ହୋଇଥିଲେ । ଲାଲାଙ୍କ ସାସ୍ଥ୍ୟବସ୍ଥା ସ୍ଥିର ଥିବା ଡାକ୍ତର ସୂଚନା ଦେଇଛନ୍ତି ।

## ଲଜ୍ଜା: ନାବାଳିକା ଝିଅକୁ ଗର୍ଭବତୀ କଲା ବାପା

**ଢେଙ୍କାନାଳ, ୧୩।୯ (ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲ୍ଲାର କଙ୍କଡାହାଡ଼ ଥାନାଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଜଣେ ବାପା ନିଜର ନାବାଳିକା ଝିଅକୁ ଗର୍ଭବତୀ କରିବା ସହ ଏହା ଲୋକଲୋଚନକୁ ଆସିବା ପରେ ଫେରାର୍ ହୋଇଯାଇଛି। ସୂଚନାନୁସାରେ, କଙ୍କଡାହାଡ଼ ଥାନା ଅଞ୍ଚଳର ଉକ୍ତ ନାବାଳିକା ଜଣଙ୍କ ଘରେ ଶୋଇଥିବା ସମୟରେ ନିଜ ବାପା ତା' ସହ ଜୋର ଜବରଦସ୍ତି ଦୁଷ୍କର୍ମ କରିଥିଲା। ଫଳସ୍ୱରୂପ ଉକ୍ତ ନାବାଳିକା ଝିଅଟି ୩ ମାସର ଗର୍ଭବତୀ ହୋଇଥିଲା। ଅଧିକନ୍ତୁ ବାପା ଏହା ଜାଣିବା ପରେ ଅନ୍ୟ କାହା ଆଗରେ ପ୍ରକାଶ ନ କରିବାକୁ ଧମକାଇଥିଲା। କିନ୍ତୁ ସେ ଗତକାଲି ଏ ସମ୍ପର୍କରେ କଙ୍କଡାହାଡ଼ ଥାନାରେ ଅଭିଯୋଗ କରିବା ନୃଶଂସ ବାପା ଜଣଙ୍କ କୁଆଡ଼େ ଫେରାର ହୋଇଯାଇଛି। ଏନେଇ ପୁଲିସ୍ ୧୯୪/୨୫ରେ ମାମଲା ରୁଜୁ କରିବା ସହ ନାବାଳିକାଙ୍କୁ ଡାକ୍ତରୀ ମାଇନା କରାଇଛି। ଏଥିସହ ଅଭିଯୁକ୍ତ ବାପାଙ୍କୁ ପୁଲିସ୍ ଖୋଜିବା ଆରମ୍ଭ କରିଛି। ଏଥିସକାଶେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି।

# ଆଉ ୧୧୪ ରାଫେଲ କିଣିବ ଭାରତ!



**ନୂଆଦିଲ୍ଲୀ ୧୩।୯:** ଭାରତୀୟ ବାୟୁସେନା ରକ୍ଷା ମନ୍ତ୍ରାଳୟକୁ ୧୧୪ ନୂଆ ରାଫେଲ ଯୁଦ୍ଧ ବିମାନ କିଣିବାକୁ ଅଧିକାରୀକ ପ୍ରସ୍ତାବ ପଠାଇଛି। ଏଥିରୁ ଭାରତୀୟ ବାୟୁସେନାର ଭରସା ଏବେ ଫ୍ରାନ୍ସର ରାଫେଲ ଉପରେ ଦୃଢ଼ ହୋଇଥିବା ପ୍ରମାଣିତ ହେଉଛି। ଯଦି ଏହି ଡିଲ ଚୂଡ଼ାନ୍ତ ହୁଏ, ତେବେ ଏହା ବିଶ୍ୱର ସବୁଠୁ ବଡ଼ ପ୍ରତିରକ୍ଷା ଡିଲ ହେବ ବୋଲି କୁହାଯାଉଛି। ଏହି କ୍ରୟ ମିଡିୟମ ରୋଲ ଫାଇଟର ଏୟାରକ୍ରାଫ୍ଟ କାର୍ଯ୍ୟକ୍ରମରେ ହେବ, ଯାହାର ଆନୁମାନିକ ମୂଲ୍ୟ ୨ଲକ୍ଷ କୋଟି ଟଙ୍କାରୁ ବି ଅଧିକ ହେବ।

୧୧୪ ଯୁଦ୍ଧବିମାନ କ୍ରୟ ନିମନ୍ତେ ବାୟୁସେନା ରକ୍ଷା ମନ୍ତ୍ରାଳୟକୁ ପ୍ରସ୍ତାବ ପଠାଇ ଦେଇଛି। ଏବେ ଏହା ଉପରେ ପ୍ରତିରକ୍ଷା ଓ ଅର୍ଥମନ୍ତ୍ରାଳୟ ସମେତ ଅନ୍ୟ ବିଭାଗ ବିଚାର କରିବେ। ଏହା ପରେ ଏହାକୁ ରକ୍ଷା କ୍ରୟ ବୋର୍ଡ ନିକଟକୁ ପହଞ୍ଚିବ। ଏହା ପରେ ଅଧିଗ୍ରହଣ ପରିଷଦ ଏହା ଉପରେ ବିଚାର କରିବା ପରେ ଔପଚାରିକ ଡିଲରେ ସ୍ୱାକ୍ଷର ହେବ। ଫରାସୀ କମ୍ପାନୀ ଡାସଲ୍ଟ ଏଭିଏସନ ରାଫେଲର ଆଡଭାନ୍ସ ଭାରିଆଣ୍ଟ ଏଫ-୪ ଉପସ୍ଥାପନ କରିଛି।

ଏହାକୁ 'ସୁପର ରାଫେଲ' କୁହାଯାଇପାରେ। କାରଣ ଏଥିରେ ଉନ୍ନତ ରାଡାର, ଇଲେକ୍ଟ୍ରୋନିକ୍ ୱାରଫେୟାର ସିଷ୍ଟମ ଓ ନେଟୱାର୍କ ସେଣ୍ଟ୍ରିକ୍ ୱାରଫେୟାର କ୍ଷମତା ରହିଛି। ଏଥିରେ ସାଟେଲାଇଟ୍ କମ୍ୟୁନିକେସନ ଓ ନୂଆ ୱିପନ ସିଷ୍ଟମ ଯୋଡା ଯାଇଛି। ଏହାକୁ ପଞ୍ଚମ ପିଢ଼ୀର ଫାଇଟର ଜେଟ୍ ପାଖାପାଖି ବିଚାର କରାଯାଉଛି ହେଲେ ଏହା ସମ୍ପୂର୍ଣ୍ଣ 'ଷ୍ଟିଲଥ୍' ଟେକ୍ନିକର ନୁହେଁ। ଏଫ-୪ ଜେଟ୍ ରୁ ଭାରତୀୟ ବାୟୁସେନାକୁ ୬-୭ଟି ନୂଆ ସ୍କ୍ୱାଡ୍ରନ ମିଳିଯାଇପାରେ। ଏବେ ଭାରତରେ ରାଫେଲର ମାତ୍ର ୨ଟି ସ୍କ୍ୱାଡ୍ରନ ରହିଛି।

ଭାରତ ୨୦୧୬ ମସିହାରେ ଫ୍ରାନ୍ସରୁ ୩୬ଟି ରାଫେଲ ଏଫ-୩ଆର କ୍ରୟ ନିମନ୍ତେ ପାଖାପାଖି ୫୯ ହଜାର କୋଟି ଟଙ୍କାର ଡିଲ କରିଥିଲା। ଏହି ଫାଇଟର ଜେଟ୍ ୨୦୨୦ ମସିହାରୁ ଭାରତୀୟ ବାୟୁସେନାରେ ସାମିଲ ହୋଇଛି। ଭାରତ ନିମନ୍ତେ ଏଥିରେ ୧୩ଟି ସ୍ୱତନ୍ତ୍ର ପରିବର୍ତ୍ତନ କରାଯାଇଛି। ଚୀନ୍ ସହିତ ୨୦୨୦ ଲଦାଖ ବିବାଦ ସମୟରେ ରାଫେଲକୁ ମୁତୟନ କରାଯାଇଥିଲା। ଅପରେସନ ସିନ୍ଦୂର କାଳରେ ପାକିସ୍ତାନରେ ଆତଙ୍କବାଦୀଙ୍କ ଆଡ୍ଡା ଧ୍ୱଂସ କରିବା ପାଇଁ ରାଫେଲକୁ ବ୍ୟବହାର କରାଯାଇଥିଲା। ଏହି ଅଭିଜ୍ଞତା ରାଫେଲର ବିଶ୍ୱସନୀୟତା ଓ କ୍ଷମତାକୁ ପ୍ରମାଣିତ କରିଛି।

ଯଦି ଭାରତ ଏଫ-୪ ରାଫେଲ କ୍ରୟ କରେ ତେବେ ଏହି ଆଡଭାନ୍ସ ଭାରିଏଣ୍ଟ ରଖିବାରେ ବିଶ୍ୱର ବଛାବଛା ଦେଶଙ୍କ ମଧ୍ୟରେ ଗଣାଯିବ। ଯଦି ଏହି ଡିଲ ହୁଏ ବାୟୁସେନାର ସଂଖ୍ୟା ଓ ଶକ୍ତି ବଢ଼ିବ। ଭାରତର ଏପରି ଫାଇଟର ଜେଟ୍ ହେବ ଯାହା ଆଗାମୀ କେତେ ଦଶନ୍ଧୀ ପର୍ଯ୍ୟନ୍ତ ଶତ୍ରୁଙ୍କ ଉପରେ ସ୍ପଷ୍ଟ ବୈଷୟିକ ଅଗ୍ରଣୀ ହୋଇପାରିବ। ଚୀନ୍ ଓ ପାକିସ୍ତାନ ଲାଗି ଏହା ସବୁଠୁ ଦୃଢ଼ ରଣନୈତିକ ବାର୍ତ୍ତା ମଧ୍ୟ ହେବ।

## ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ

**ଆନନ୍ଦପୁର, ୧୩।୮ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ୍ ଖଲଣା ପଞ୍ଚାୟତ ଆଗର୍ଦା ଗ୍ରାମର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିଶୁ ମନ୍ଦିରର ଟ୍ରଷ୍ଟି ପୂର୍ଣ୍ଣମାସୀ ମହାରଣାଙ୍କ ଅଧ୍ୟକ୍ଷତାରେ ଉକ୍ତ କାର୍ଯ୍ୟକ୍ରମକୁ ଶିଶୁ ପ୍ରଧାନାଚାର୍ଯ୍ୟା ପ୍ରେମଲତା ସାହୁ ପରିଚାଳନା କରିଥିଲେ। ଅତିଥି ଭାବେ ଖଲଣା ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ନାଏକ, ଅବସରପ୍ରାପ୍ତ ଶିକ୍ଷକ ଗୋପାଳ ଚରଣ ପରିଡ଼ା, ସାମାଜିକ କର୍ମୀ ବିପିନ ବିହାରୀ ମାଝୀ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଶିଶୁ ଛାତ୍ରଛାତ୍ରୀମାନଙ୍କୁ ନିଜ ଜନ୍ମ ଦିନରେ ଗୋଟିଏ ଲେଖାଏଁ ଗଛ ଲଗାଇବାକୁ ପରାମର୍ଶ ଦେବା ସହ ବୃକ୍ଷ ଆମର ପ୍ରକୃତ ବନ୍ଧୁ, କାରଣ ଏହା ସେ ଆମକୁ ଅମ୍ଳଜାନ ଦେଇଥାଏ। ତେଣୁ ବୃକ୍ଷ ରହିଲେ ଆମ ପୃଥିବୀ ରହିବ ବୋଲି କହିଥିଲେ। ପରେ ଅତିଥିମାନେ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମରେ ଶିଶୁ ମନ୍ଦିରର ଟ୍ରଷ୍ଟି ବୋର୍ଡ ସଦସ୍ୟ ବାସୁଦେବ ସାହୁ, ସହକାରୀ ପ୍ରଧାନ ଆଚାର୍ଯ୍ୟା ମିଲାନିସ୍ମିତା ନାୟକ, ଆଚାର୍ଯ୍ୟ ଦୁଷ୍ମନ୍ତ ପାଗଡ଼, ପୁଷ୍ପାଞ୍ଜଳି ନାୟକ, ଲକ୍ଷ୍ମୀପ୍ରିୟା ବେହେରା, ଅନିତା ଓଝା, ସ୍ମୃତିଶ୍ରୀ ରାଉତ, ସସ୍ମିତା ପରିଡ଼ା ଏବଂ କର୍ମଚାରୀ ଲୀଳାବତୀ ସାହୁ ଉପସ୍ଥିତ ରହିବା ସହ ଚାରା ରୋପଣ କରିଥିଲେ।




# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଡ଼ିଶାବାସୀଙ୍କ...

ସମ୍ବଲପୁର ବିଶ୍ୱବିଦ୍ୟାଳୟ ରାଜ୍ୟର ଅନ୍ୟତମ ପୁରୁଣା ଅନୁଷ୍ଠାନ। ପିଏମ ଉଷା ତରଫରୁ ମେରୁ ଅଧୀନରେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ୧୦୦ କୋଟି ଟଙ୍କା ଦିଆଯାଇଛି। ରାଜ୍ୟ ବଜେଟରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ପ୍ରାୟ ୪୭ କୋଟି ଟଙ୍କା ବିଭିନ୍ନ ପ୍ରକାର ଉନ୍ନତିମୂଳକ କାର୍ଯ୍ୟ ପାଇଁ ପ୍ରଦାନ କରାଯାଇଛି। ସମ୍ବଲପୁର ୟୁନିଭର୍ସିଟିର ସିଉଟ ପାଇଁ ୧୦ କୋଟି ଟଙ୍କା ଏଆଇ ଲ୍ୟାବ ଓ ଇ-ଲାଇବ୍ରେରୀ ପାଇଁ ଦିଆଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଭିତ୍ତିଭୂମି ଓ ଗବେଷଣା ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ନିକଟରେ ୧୫୭ କୋଟି ଟଙ୍କା ଦେଇଛନ୍ତି। ସମ୍ବଲପୁରରେ ଜାତୀୟ ସ୍ତରର ଆଇଆଇଏମ୍, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ବୁର୍ଲା ମେଡିକାଲ କଲେଜ, ବୀର ସୁରେନ୍ଦ୍ର ସାଏ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି, ଓୟୁଏଟିର ଚିପିଲିମା କ୍ୟାମ୍ପସ ଏବଂ ଓପନ ୟୁନିଭରସିଟି ମଧ୍ୟ ଅଛି, ଯାହା ସମ୍ବଲପୁରକୁ ଭୁବନେଶ୍ୱର ପରେ ଦ୍ୱିତୀୟ ଶିକ୍ଷା କେନ୍ଦ୍ର ଭାବେ ପରିଚିତ କରାଉଛି। ଓଡ଼ିଶାକୁ ଭାଷା ଭିତ୍ତିକ ରାଜ୍ୟ ଗଠନ କରିବାରେ ସମ୍ବଲପୁରର ଅତୁଳନୀୟ ଅବଦାନ ରହିଛି। ସମ୍ବଲପୁରକୁ ଏକ ଜ୍ଞାନ ଆଧାରିତ ଅର୍ଥନୀତିର ପେଣ୍ଠସ୍ଥଳି କରିବା ପାଇଁ ଡବଲଇଞ୍ଜିନ ସରକାର ବଦ୍ଧ ପରିକର। ଓଡ଼ିଶାକୁ ଏକବିଂଶ ଶତାବ୍ଦୀରେ ଆଗକୁ ନେବାକୁ ହେଲେ ଶିକ୍ଷା ପଦ୍ଧତିକୁ ଆହୁରି ଗୁଣାତ୍ମକ କରିବାକୁ ପଡ଼ିବ ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ପ୍ରଣୀତ ଜାତୀୟ ଶିକ୍ଷା ନୀତି ଭାରତର ଜ୍ଞାନଧାରାକୁ ଭବିଷ୍ୟତରେ ସମୃଦ୍ଧ କରିବା ପାଇଁ ଏକ ମହତ୍ୱପୂର୍ଣ୍ଣ ଦୂରଦର୍ଶୀ ଦସ୍ତାବିଜ। ମହାତ୍ମା ଗାନ୍ଧୀ, ରବୀନ୍ଦ୍ର ନାଥ ଟାଗୋର, ସ୍ୱାମୀ ବିବେକାନନ୍ଦ, ମହର୍ଷି ଅରବିନ୍ଦ, ମଦନ ମୋହନ ମାଲବୀୟ ଓ ସର୍ବପଲ୍ଲୀ ରାଧାକ୍ରିଷ୍ଣଙ୍କ ଭଳି ମହାପୁରୁଷମାନେ ଯେଉଁ ସାମଗ୍ରିକ ଏବଂ ବହୁଭାଷୀ ଶିକ୍ଷାର ପରିକଳ୍ପନା କରିଥିଲେ, ଆଜି ଜାତୀୟ ଶିକ୍ଷା ନୀତିରେ ସେହି ଚିନ୍ତନଧାରାକୁ ବାସ୍ତବର ରୂପ ଦିଆଯାଉଛି। ଜାତୀୟ ଶିକ୍ଷା ନୀତିରେ ମାତୃଭାଷାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଆଞ୍ଚଳିକ ଓ ମାତୃଭାଷାରେ ପିଲାମାନଙ୍କୁ ପାଠ ପଢ଼ାଇବା ଉପରେ ପ୍ରାଥମିକତା ଦିଆଯାଉଛି। ମାତୃଭାଷାରେ ପାଠ ପଢ଼ିଲେ ହିଁ ପିଲାଙ୍କର କ୍ରିଟିକାଲ ଥିଙ୍କିଂ ବିକଶିତ ହେବ। ମାତୃଭାଷାରେ ଶିକ୍ଷାକୁ ପ୍ରୋତ୍ସାହନ ଦିଆଗଲେ ହିଁ 'ବିକଶିତ ସମ୍ବଲପୁର', 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ପରିକଳ୍ପନା ସାକାର ହୋଇପାରିବ। ଏହି ଲକ୍ଷ୍ୟକୁ ପୂରଣ କରିବା ଦିଗରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଗ୍ରଣୀ ଭୂମିକାରେ ରହିବ ବୋଲି ପ୍ରଧାନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ରାଷ୍ଟ୍ରମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ରାଜ୍ୟ ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ଏବଂ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ବିଦ୍ୟୁଭୂଷଣ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଅଭିଯାନରେ...

ଏହି ଅଭିଯାନର ଦ୍ୱିତୀୟ ସଂସ୍କରଣରେ ଚଳିତ ବର୍ଷ ରାଜ୍ୟବ୍ୟାପୀ ମୋଟ ୭.୫ କୋଟି ଗଛ ଲଗାଇବାକୁ ଆମେ ଲକ୍ଷ୍ୟ ରଖିଛୁ। ଜୁନ୍ ୫ରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ୩୦ ସେପ୍ଟେମ୍ବରରେ ସମାପ୍ତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ୭୫ତମ ଜନ୍ମଦିନ- ସେପ୍ଟେମ୍ବର ୧୭ ତାରିଖ। ଏକ ସଶକ୍ତ ଓ ବିକଶିତ ଭାରତ ଗଠନରେ ମୋଦୀଜୀଙ୍କ ନେତୃତ୍ୱ ଆଜି ସାରା ବିଶ୍ୱରେ ପ୍ରଶଂସା ଅର୍ଜନ କରିଛି। ଓଡ଼ିଶାର ବିକାଶ ପ୍ରତି ମୋଦୀଜୀଙ୍କର ସ୍ୱତନ୍ତ୍ର ଦୃଷ୍ଟି ରହିଛି। ଓଡ଼ିଶାର ବିକାଶ ପ୍ରତି ତାଙ୍କର ନିଷ୍ଠାକୁ ସମ୍ମାନ ଦେଇ ସେହି ଗୋଟିଏ ଦିନରେ ୭୫ ଲକ୍ଷ ଚାରାରୋପଣ କରାଯିବ। ଏହା ହେବ ମୋଦୀଜୀଙ୍କ ପ୍ରତି ଓଡ଼ିଶାବାସୀଙ୍କ ଏକ ସଶ୍ରଦ୍ଧ ଉପହାର। ତେଣୁ, ବୃକ୍ଷରୋପଣ ଭଳି ମହତ କାମରେ ସମସ୍ତ ଜନସାଧାରଣ, ଛାତ୍ରଛାତ୍ରୀ, ଯୁବପିଢ଼ି, ଏସଏଚଜି ସଦସ୍ୟା ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯୋଡ଼ି ହୋଇ ଏହାକୁ ସଫଳ କରିବା ପାଇଁ ମୋର ବିଶେଷ ଅନୁରୋଧ। ଆସନ୍ତୁ, ଏହି ଅଭିଯାନରେ ଆମେ ସମସ୍ତେ ସାମିଲ ହେବା। ଆମ ଜନ୍ମଦାତ୍ରୀ ମା' ପ୍ରତି ସମ୍ମାନ ପ୍ରଦର୍ଶନ କରିବା ସହ ଧରିତ୍ରୀ ମା'ର ସୁରକ୍ଷା ଲାଗି ଗଛଟିଏ ନିଶ୍ଚୟ ଲଗାଇବା। ଭବିଷ୍ୟତ ପିଢ଼ି ପାଇଁ ଏକ ସବୁଜ ଓ ସୁନ୍ଦର ପୃଥିବୀ ଗଢ଼ି ତୋଳିବାରେ ସହାୟକ ହେବା।

## ୨୭ରେ...

ଯୋଗଦେବେ। ଖୁବଶୀଘ୍ର ଏ ନେଇ କାର୍ଯ୍ୟକ୍ରମ ସ୍ଥିର ହେବ। ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ କିଛି ବଡ଼ ଘୋଷଣା କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ୧୫ ମାସର ସରକାରରେ ପ୍ରଧାନମନ୍ତ୍ରୀ ୬ ଥର ଓଡ଼ିଶା ଆସିସାରିଛନ୍ତି।

୨୦୨୪ ଜୁନ ୧୨ ସରକାରର ଶପଥ ଗ୍ରହଣ, ସେପ୍ଟେମ୍ବର ୧୭ ସୁଭଦ୍ରା ଯୋଜନା, ନଭେମ୍ବର ୨୯ ଆଇଜି-ଡିଜି ସମ୍ମିଳନୀ, ୨୦୨୫ରେ ଜାନୁଆରୀ ୯ ପ୍ରବାସୀ ଭାରତୀୟ ସମ୍ମିଳନୀ, ଜାନୁଆରୀ ୨୮ ଉତ୍କର୍ଷ ଓଡ଼ିଶା ଓ ଜୁନ ୨୦ ସରକାରର ବର୍ଷପୂର୍ତ୍ତିରେ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିସାରିଛନ୍ତି। ରାଜ୍ୟରେ ବିଜେପି ସରକାରକୁ ଆସିବା ପରେ ପ୍ରଧାନମନ୍ତ୍ରୀଙ୍କ ଏହା ସପ୍ତମ ଗସ୍ତ ହେବ। ସେପଟେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ସରକାର ଓ ସଙ୍ଗଠନରେ କିଛି ବଡ ନିଷ୍ପତ୍ତି ହୋଇପାରେ ବୋଲି ସଙ୍କେତ ଦେଇଛନ୍ତି ବିଜେପି ଓଡିଶା ପ୍ରଭାରୀ ବିଜୟପାଲ ସିଂ ତୋମାର। ରାଜ୍ୟ ବିଜେପି ସଙ୍ଗଠନର ପୁର୍ନବିନ୍ୟାସ, ବୋର୍ଡ ନିଗମ ଗଠନ, ମନ୍ତ୍ରିମଣ୍ଡଳ ସଂପ୍ରସାରଣ ନେଇ ଚର୍ଚ୍ଚା ହେଉଥିବା ବେଳେ ପ୍ରଭାରୀଙ୍କ ବୟାନ ଅନେକ ଗୁରୁତ୍ୱ ରଖୁଛି ।

## ଓଲଟିଲା...

ଘଟିଥିଲା। ଡଙ୍ଗାଟି ଆବଶ୍ୟକତା ଠାରୁ ଅଧିକ ଯାତ୍ରୀ ଏବଂ ସାମଗ୍ରୀ ନେଇଯାଉଥିଲା। ଯେଉଁଥିପାଇଁ ଏହି ଅଘଟଣ ଘଟିଥିଲା। ଅଧିକାରୀମାନେ କହିଛନ୍ତି ଯେ, ଡଙ୍ଗାଟି ରାତିରେ ଯାତ୍ରା କରୁଥିଲା ଏବଂ ଏହି ସମୟରେ ଏହା ଭାରସାମ୍ୟ ହରାଇ ମଝି ନଦୀରେ ଓଲଟି ପଡ଼ିଥିଲା।ଅଧିକାରୀମାନେ କହିଛନ୍ତି ଯେ, ଏପର୍ଯ୍ୟନ୍ତ ୧୦୭ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଅନେକ ଲୋକ ଏପର୍ଯ୍ୟନ୍ତ ନିଖୋଜ ଥିବା ଜଣାପଡ଼ିଛି। ସ୍ଥାନୀୟ ପ୍ରଶାସନ ଏବଂ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି। ନିଖୋଜ ଲୋକଙ୍କୁ ଖୋଜାଖୋଜି ଜାରି ରହିଛି।

## କେନ୍ଦୁଝରରୁ...

ଦୁର୍ଘଟଣା ଦିବସ ସଚେତନତା ବାର୍ତ୍ତାକୁ ପ୍ରତି ସହର, ଗାଁ ଏପରିକି ଘରେ ଘରେ ପହଞ୍ଚାଇବା। ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନ କରାଇବା। ସମସ୍ତ କ୍ଷେତ୍ରରେ ସତର୍କତା ହିଁ ଆମକୁ ଏସବୁ ଦୁର୍ଘଟଣାରୁ ବଞ୍ଚେଇ ପାରିବ।

କେନ୍ଦୁଝର ଜିଲ୍ଲା ହେଉଛି ଏକ ଖଣିବହୁଳ ଅଞ୍ଚଳ। ଦିନରାତି ଏଠାରେ ଖଣିଜ ପଦାର୍ଥ ପରିବହନ ହୋଇଥାଏ। ଏଠାରୁ ପ୍ରତିଦିନ ସହସ୍ର ସଂଖ୍ୟକ ଟ୍ରକ୍, ଲୋଡର୍, ଭାରୀ ଯାନବାହାନ ଯାତାୟାତ କରୁଛି। ଏହା ଅଞ୍ଚଳର ଅର୍ଥନୀତିକୁ ସଚଳ କରୁଛି, କିନ୍ତୁ ଏହା ସହିତ ସଡ଼କ ସୁରକ୍ଷା ପାଇଁ ଏକ ବିଶେଷ ଚାଲେଞ୍ଜ ମଧ୍ୟ ହୋଇଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିବା ସହିତ କେନ୍ଦୁଝର ଜିଲ୍ଲାର ପ୍ରତ୍ୟେକ ନାଗରିକଙ୍କୁ ଯାତାୟାତ ସମୟରେ ସଡ଼କ ସୁରକ୍ଷା ନିୟମାବଳୀ ମାନିବା ସହିତ ସତର୍କତା ଅବଲମ୍ବନ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ସେ ପୁଣି କହିଥିଲେ ଯେ, ଶୂନ ଦୁର୍ଘଟଣା ଦିବସ ପାଳନ କରୁଛେ। ଏହା ଏପରି ଏକ ପଦକ୍ଷେପ ଯାହା ଆମର ସାମୂହିକ ଦାୟିତ୍ୱକୁ ପ୍ରଦର୍ଶନ କରୁଛି। ଖଣି ଓ ଶିଳ୍ପ କ୍ଷେତ୍ର ସହିତ ସଂଲଗ୍ନ ସମସ୍ତ କମ୍ପାନୀ, ଡ୍ରାଇଭର୍, କର୍ମଚାରୀମାନଙ୍କ ସୁରକ୍ଷାକୁ ପ୍ରଥମ ପ୍ରାଥମିକତା ଦିଅନ୍ତୁ। ଭାରୀ ଯାନବାହାନ ଗୁଡିକର ନିୟମିତ ମେଣ୍ଟେନାନ୍ସ, ଡ୍ରାଇଭରମାନଙ୍କୁ ପ୍ରଶିକ୍ଷଣକୁ ଗୁରୁତ୍ୱ ଦିଅନ୍ତୁ। ଏହି ସବୁକିଛିକୁ କଡ଼ାକଡ଼ି ଭାବରେ ପାଳନ କରିଲେ ଅନେକ ଦୁର୍ଘଟଣାକୁ ରୋକାଯାଇ ପାରିବ। ଏହି ଅବସରରେ ରାଜ୍ୟସଭା ସାଂସଦ ସୁଜିତ କୁମାର, କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ପାଟଣା ବିଧାୟକ ଅଖିଳ ନାୟକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାୟକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପୋଲିସ ଡିଜି ଯୋଗେଶ ବହାଦୁର ଖୁରାନିଆ, ଏସଟିଏ କମିଶନର ଅମିତାଭ ଠାକୁର, ଡିଆଇଜି ବ୍ରିଜେଶ ରାୟ ଓ ଜିଲ୍ଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱରରେ ଶୂନ୍ୟ ଦୁର୍ଘଟଣା ଦିବସର ଏକ ବିଶେଷ ସଫଳତା ପରେ କେନ୍ଦୁଝର ଏହି ଅଭିଯାନକୁ ଆଗକୁ ନେବାରେ ଓଡ଼ିଶାର ପ୍ରଥମ ଜିଲ୍ଲା ହୋଇଛି। ଆଇଆଇଟି ମାଡ୍ରାସ ସହାୟତାରେ କେନ୍ଦୁଝରରେ ଏଥି ନିମନ୍ତେ ଏକ ୧୪ ଦିନିଆ, କାର୍ଯ୍ୟକ୍ରମ ଆୟୋଜନ ହେଉଛି। ଆଇଆଇଟି ମାଡ୍ରାସ ଦୁର୍ଘଟଣାକୁ କିପରି ପ୍ରତିହତ କରିହେବ, ସେଥିପାଇଁ ମାର୍ଗଦର୍ଶନ କରିବ।

## ଆଜି...

କପ୍ ପ୍ରଥମ ମ୍ୟାଚ୍‌ରେ ଦମଦାର୍ ପ୍ରଦର୍ଶନ କରିଛି ଭାରତ। ଭାରତ ନିଜ ପ୍ରଥମ ମ୍ୟାଚ୍‌ରେ ୟୁଏଇକୁ ୯ ୱିକେଟ୍‌ରେ ହରାଇଛି। ପାକିସ୍ତାନ ପ୍ରଥମ ମ୍ୟାଚ୍‌ରେ ଓମାନକୁ ହରାଇ ଅଭିଯାନ ଆରମ୍ଭ କରିଛି। ଭାରତ ପୂର୍ବରୁ ୮ ଥର ଏସିଆ କପ୍ ଜିତିଛି। ପାକିସ୍ତାନ ମାତ୍ର ୨ ଥର ଚାମ୍ପିଅନ୍ ହୋଇପାରିଛି। ଶେଷ ଥର ଭାରତ ୨୦୨୩ରେ ଟ୍ରଫି ଜିତିଥିଲା। ୬ ଥର ଚାମ୍ପିଅନ୍ ଶ୍ରୀଲଙ୍କାକୁ ପରାସ୍ତ କରି ବିଜେତା ହୋଇଥିଲା ଭାରତ। ୨୦୨୩ ଏସିଆ କପ୍ ଦିନିକିଆ ଫର୍ମାଟରେ ଖେଳାଯାଇଥିଲା। ଏଥର ଟ୍ୱେଣ୍ଟି-୨୦ରେ ଖେଳାଯାଉଛି ଏସିଆ କପ୍। ଭାରତ ଓ ପାକିସ୍ତାନ ପରସ୍ପର ସହ ୧୯ ଥର ମୁକାବିଲା କରିଛନ୍ତି। ଭାରତ ୧୦ଟି ଏବଂ ପାକିସ୍ତାନ ୬ଟି ମ୍ୟାଚ୍ ଜିତିଥିବା ରିପୋର୍ଟ କହେ। ରିପୋର୍ଟ ଅନୁସାରେ, ତିନିଟି ମ୍ୟାଚ୍ ବାତିଲ ହୋଇଛି। ୧୩ ଥର ମୁହାଁମୁହିଁ ହୋଇଛନ୍ତି ଉଭୟ ଦଳ। ଟ୍ୱେଣ୍ଟି-୨୦ ଫର୍ମାଟ୍ ରିପୋର୍ଟ ବି ରୋଚକ । ଭାରତ ଓ ପାକିସ୍ତାନ ୧୩ ଥର ଭେଟିଛନ୍ତି। ଭାରତ ୯-୩ ରେ ପ୍ରାଧାନ୍ୟ ବିସ୍ତାର କରୁଛି। ଗୋଟିଏ ମ୍ୟାଚ୍ ଟାଇ ରହିଥିବା ରିପୋର୍ଟ କହେ। ତାରକା ଖେଳାଳିଙ୍କ ବିନା ଖେଳୁଛନ୍ତି ଉଭୟ ଦେଶ। ତାରକାଙ୍କ ବିନା ଖେଳ ପ୍ରଶଂସକଙ୍କ ଉତ୍ସାହ କମାଇଦେଇଛି। ଗତବର୍ଷ ଭାରତ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଜିତିବା ପରେ ବଦଳିଛି ଟିମ୍। ରୋହିତ ଶର୍ମା, ବିରାଟ କୋହଲି, ରବୀନ୍ଦ୍ର ଜାଡ଼େଜା ନେଇସାରିଛନ୍ତି ଅବସର। ପାକିସ୍ତାନ ବି ବାବର ଆଜମ ଓ ମହମ୍ମଦ ରିଜୱାନଙ୍କ ବିନା ଖେଳୁଛି। ପହଲଗାମ୍‌ରେ ଉଗ୍ରବାଦୀ ଆକ୍ରମଣ ପରେ ପରସ୍ପରକୁ ଭେଟୁଛନ୍ତି ଉଭୟ ଦେଶ। ଭାରତୀୟ ସେନାଙ୍କ ଅପରେସନ୍ ସିନ୍ଦୂର ସଫଳତା ପରେ ହେଉଛି କ୍ରିକେଟ୍ ମ୍ୟାଚ୍। ପଡ଼ିଆରେ ପ୍ରଥମ ଥର ପାଇଁ ପରସ୍ପରକୁ ସାମ୍ନା କରିବେ ଭାରତ-ପାକିସ୍ତାନ। ଉଭୟ ଦେଶର ମ୍ୟାଚ୍‌କୁ ନେଇ ଜୋରଦାର ହେଲାଣି ବିତର୍କ। ରାଜ୍ୟସଭା ସାଂସଦ ତଥା ପୂର୍ବତନ କ୍ରିକେଟର୍ ହରଭଜନ ସିଂହ ଉଭୟ ଦେଶ ମଧ୍ୟରେ ମ୍ୟାଚ୍ ସପକ୍ଷରେ ନାହାନ୍ତି। ବହୁ କ୍ରିକେଟ୍ ପ୍ରେମୀ ଓ ରାଜନେତା ଚାହାନ୍ତି ପାକିସ୍ତାନ ସହ ଭାରତ ନ ହେଉ। ସାମାଜିକ ଗଣମାଧ୍ୟମରେ ଜୋରଦାର ଚାଲିଛି ବିତର୍କ। ମ୍ୟାଚ୍‌କୁ ସ୍ଥଗିତ ରଖିବାକୁ ସୁପ୍ରିମ୍‌କୋର୍ଟରେ ପିଟିସନ୍ ବି ଖାରଜ ହୋଇଛି। ଏଥର ହାଇ-ଭୋଲଟେଜ୍ ମ୍ୟାଚ୍ ପାଇଁ ହୋଇପାରୁନି ଟିକେଟ୍ ବିକ୍ରି। ଟିକେଟ୍ ମୂଲ୍ୟ ବଢ଼ିଥିବାରୁ, ବିକ୍ରି ହୋଇପାରୁନି। ଟିକେଟ୍ କିଣିବାକୁ ପଛଘୁଞ୍ଚା ଦେଉଛନ୍ତି ସାଧାରଣ ଦର୍ଶକ। ପାକ୍ ସହ ମ୍ୟାଚ୍ ନଖେଳିବାକୁ ହେଉଛି ଦାବି। ସୋସିଆଲ ମିଡିଆରେ ଟ୍ରେଣ୍ଡ୍ କରୁଛି ବିରୋଧ ହାସ୍‌ଟ୍ୟାଗ୍। ଲକ୍ଷାଧିକ ୟୁଜର ଉଠାଉଛନ୍ତି ବିରୋଧର ସ୍ୱର।

## ନୂଆପଡ଼ା...

ତେଣୁ ଏହି ଆସନ କବ୍‌ଜା କରିବା ବିଜେପି ପାଇଁ ମର୍ଯ୍ୟାଦାର ପ୍ରଶ୍ନ। ପୂର୍ବରୁ ବିଜେପିର ବରିଷ୍ଠ ନେତା ବସନ୍ତ କୁମାର ପଣ୍ଡା ଏକଦା ଏହି ଆସନରୁ ଜିଣିଥିଲେ। ଗୋଟିଏ ପଟେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପାଇଁ ନୂଆପଡା ଆସନ ଦଖଲ କରିବା ଏକ ଆହ୍ୱାନ ହୋଇଥିବା ବେଳେ ବିଜେଡି ମଧ୍ୟ ତାହାର ଏହି ଆସନଟି କିଭଳି ବଜାୟ ରଖିବ ସେଥିଲାଗି ପ୍ରୟାସ ଆରମ୍ଭ କରିଛି। ଅନ୍ୟ ପକ୍ଷରେ ଅବିଭକ୍ତ କଳାହାଣ୍ଡି ଜିଲ୍ଲାର ଏକଦା ଅଗ୍ନିବର୍ଷି ନେତା ଥିବା ଭକ୍ତଚରଣ ଦାସ ପୂର୍ବରୁ ଭବାନୀପାଟଣା ବିଧାନସଭା ଓ ଲୋକସଭା କ୍ଷେତ୍ରରୁ ଏକାଧିକବାର ବିଜୟୀ ହୋଇ କେନ୍ଦ୍ରମନ୍ତ୍ରୀ ହେବାର ସୌଭାଗ୍ୟ ପାଇଥିଲେ। ଗତ ବିଧାନସଭା ନିର୍ବାଚନରେ ତାଙ୍କ ପୁଅ ବିଧାୟକ ଭାବେ ନିର୍ବାଚିତ ହୋଇପାରିଥିବା ବେଳେ ଭକ୍ତ କିନ୍ତୁ ପରାଜୟବରଣ କରିଥିଲେ। ଅବିଭକ୍ତ କଳାହାଣ୍ଡି ଜିଲ୍ଲାରେ ତାଙ୍କର ଯେଉଁ ପରିଚିତି ରହିଛି ଏବଂ ନବ ନିଯୁକ୍ତ ପ୍ରଦେଶ କଂଗ୍ରେସ ସଭାପତି ଭାବେ ସେ ପରବର୍ତ୍ତୀ ନିର୍ବାଚନରେ କଂଗ୍ରେସ ସରକାର ଗଢ଼ିବ ବୋଲି ଯେଉଁ ରଣହୁଙ୍କାର ଦେଉଛନ୍ତି ତାହାର ପ୍ରାଥମିକ ପରୀକ୍ଷା ନୂଆପଡା ଉପନିର୍ବାଚନରେ ହୋଇଯିବ। (ତଥ୍ୟ)

# ବିଜେପିକୁ ଶକ୍ତିଶାଳୀ କରୁଛନ୍ତି ଦେବଜାନି



ଯାଜପୁର,୧୩।୯ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାରେ ବିଜେପି ସଂଗଠନକୁ ଦୃଢ଼ କରିବା ପାଇଁ ଜିଲ୍ଲା ସଭାପତି ଦେବଜାନି ପ୍ରଧାନ ନିରନ୍ତର ପ୍ରୟାସରତ। ତାଙ୍କ ନେତୃତ୍ୱରେ ବିଜେଡି, କଂଗ୍ରେସ ଓ ବିଭିନ୍ନ ଦଳର ଶତାଧିକ କର୍ମୀ ଓ ସ୍ଥାନୀୟ ନେତାମାନେ ବିଜେପିରେ ଯୋଗଦାନ କରିଛନ୍ତି। ଧର୍ମଶାଳା, କୋରେଇ, ଦଶରଥପୁର, ବିଂଝାରପୁର, ବରି, ରସୁଲପୁର, ବଡ଼ଚଣା, ଦାନଗଦି, ସୁକିନ୍ଦା ଆଦି ବ୍ଲକ୍‌ରେ ହୋଇଥିବା ବିଭିନ୍ନ ବିଶେଷ ଅଭିଯାନରେ ଏହି ଯୋଗଦାନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ପାର୍ଟିରେ ଯୋଗଦାନ କରୁଥିବା ନୂଆ କର୍ମୀ ଓ ସମର୍ଥକମାନଙ୍କୁ ସମ୍ମାନ ସହ ଅଭିନନ୍ଦନ କରାଯାଇଥିଲା।

ଦେବଜାନି ପ୍ରଧାନ କହିଛନ୍ତି, "ଲୋକମାନଙ୍କ ବିଶ୍ୱାସ ଓ ସମର୍ଥନରୁ ବିଜେପି ଯାଜପୁରରେ ଦିନକୁ ଦିନ ଶକ୍ତିଶାଳୀ ହେଉଛି। ସାଧାରଣ ଲୋକଙ୍କ ସମସ୍ୟା ସମାଧାନ କରିବା ଓ ବିକାଶକୁ ପ୍ରାଥମିକତା ଦେବା, ଆମ ପାର୍ଟିର ମୁଖ୍ୟ ଲକ୍ଷ୍ୟ।"

ପାର୍ଟି ସୂତ୍ରରୁ ଜଣାପଡ଼ିଛି, ଆସନ୍ତା ଦିନରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବିଜେପିରେ ଆହୁରି ବଡ଼ ପରିମାଣରେ ଯୋଗଦାନ କାର୍ଯ୍ୟକ୍ରମ ଆୟୋଜିତ ହେବ। ତାଙ୍କ ପରିଚାଳନାରେ ବିଜେଡି ଓ କଂଗ୍ରେସରୁ ଅନେକ କର୍ମୀ ବିଜେପିରେ ଯୋଡି ହେବାକୁ ଆଗ୍ରହିତ। ଯାଜପୁରର ଜନତାଙ୍କର ଆଶାକୁ ସଫଳତାରେ ପରିଣତ କରିବା, ସଂଗଠନକୁ ମଜବୁତ କରିବା ଓ ତଳସ୍ତରରେ ସେବା ପହଞ୍ଚାଇବା ଆଦି ଦେବଜାନି ପ୍ରଧାନଙ୍କ ପାଇଁ ଆଗାମୀ ଦିନଗୁଡ଼ିକ ଚ୍ୟାଲେଞ୍ଜ ହୋଇଛି। ଏହି ଦିଗରେ ତାଙ୍କ ପରବର୍ତ୍ତୀ ପଦକ୍ଷେପକୁ ଆଜି ସମଗ୍ର ଜିଲ୍ଲା ଆଶାଭରି ଦୃଷ୍ଟିରେ ଦେଖୁଛି।

# ପାଦଚଲା ପାଟ୍ରୋଲିଂ ଭୁଲିଗଲାଣି ପୁଲିସ

## ଦିନକୁ ଦିନ ବୃଦ୍ଧି ପାଉଛି ଅପରାଧୀଙ୍କ ପ୍ରାଦୁର୍ଭାବ



କାକଟପୁର/ଅସ୍ତରଙ୍ଗ,୧୩।୯ (ସଂଚାର ବ୍ୟୁରୋ): ଗତ କିଛି ମାସ ହେଲା ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଞ୍ଚଳରେ ଅପରାଧୀମାନେ ସକ୍ରିୟ ହେବାକୁ ଲାଗିଛନ୍ତି। ବଜାର କିମ୍ବା ଗ୍ରାମାଞ୍ଚଳର ପ୍ରମୁଖ ଅଞ୍ଚଳ ଗୁଡ଼ିକରେ ମଧ ଚୋରି ଏବଂ ଛିନତାଇ ଘଟଣା ଘଟୁଛି। କେଉଁଠି ବନ୍ଧୁକ ଦେଖାଇ ଦାଦା ବଟି ମଗାଯାଉଛି ତ ଆଉ କେଉଁଠି ଦିନଦ୍ୱିପ୍ରହରରେ ସୁନା ଚେନ ଲୁଟିଲେଣି ଆଉ କେଉଁଠି ମାରଣାସ୍ତ୍ର ଆକ୍ରମଣ କଲେଣି। ଗୋଟିଏ ଅପରାଧ ଘଟିବା ପରେ ଅପରାଧୀଙ୍କ ପଛରେ ଗୋଡ଼ାଉଛି ପୁଲିସ। କିନ୍ତୁ ଅପରାଧ ରୋକିବା ପାଇଁ ଯେଉଁ ପଦକ୍ଷେପ ଗୁଡିକ ଗ୍ରହଣ କରିବା ଆବଶ୍ୟକ, ସେ ନେଇ କୌଣସି ଗୁରୁତ୍ୱ ଦିଆଯାଉ ନାହିଁ।

ଆଗକୁ ପାର୍ବଣ ଆସୁଥିଲେ ମଧ ଅସ୍ତରଙ୍ଗ ପୁଲିସ ପାଟ୍ରୋଲିଂ ଢିଲା। ଯେତେବେଳେ ନିଜେ ପୁରୀ ଏସ୍‌ପି ପୁରୀରେ ପାଟ୍ରୋଲିଂ ଜାରି ରଖିଛନ୍ତି କିନ୍ତୁ ଗ୍ରାମାଞ୍ଚଳ ଥାନା ଅସ୍ତରଙ୍ଗ ଅଂଚଳରେ ପାଟ୍ରୋଲିଂ ସମ୍ପୂର୍ଣ୍ଣ କୋହଳ ହୋଇଯାଇଛି। ଏପରିକି ନିୟମିତ ବ୍ୟବଧାନରେ ଫୁଟ ପାଟ୍ରୋଲିଂ (ପାଦଚଲା ପାଟ୍ରୋଲିଂ) କରିବାକୁ ବିଭାଗ ତରଫରୁ ନିର୍ଦ୍ଦେଶ ରହିଥିଲେ ମଧ ପୁରୀ ଜିଲ୍ଲା ଅସ୍ତରଙ୍ଗରେ ପୁଲିସ ଏହାକୁ ଭୁଲିଗଲାଣି ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

୨୦୧୮ ଏପ୍ରିଲ ୨ତାରିଖରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ତରଫରୁ ପୁଲିସ ଫୁଟ ପାଟ୍ରୋଲିଂ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ଦ୍ଦେଶ ଆସିବାର କିଛି ମାସ ଯାଏଁ ଏହାକୁ କାର୍ଯ୍ୟକାରୀ କରାଗଲା। କିନ୍ତୁ ଧୀରେ ଧୀରେ ପ୍ରାୟତଃ ନୂଆଗଡ ସାମୁଦ୍ରିକ ଥାନା ଓ ଅସ୍ତରଙ୍ଗ ଥାନା ଅଞ୍ଚଳରେ ଫୁଟ ପାଟ୍ରୋଲିଂ ବନ୍ଦ ହୋଇଗଲା।

ଅନ୍ୟ ପଟେ ଅସ୍ତରଙ୍ଗ ପୁଲିସର ଏଭଳି ଅପାରଗତାର ସୁଯୋଗ ନେଉଛନ୍ତି ଅପରାଧୀ। ନିୟମିତ ବ୍ୟବଧାନରେ ପ୍ରମୁଖ ଅଂଚଳ ଗୁଡିକରେ ଚୋରି ଏବଂ ଅନ୍ୟାନ୍ୟ ଅପରାଧ ଘଟୁଛି। ଏହାସହ କାକଟପୁର ଓ ଅସ୍ତରଙ୍ଗ ଥାନା ସାମ୍ନାରେ ପୁଲିସକୁ ଚ୍ୟାଲେଞ୍ଜ ଦେବା ଭଳି ନିଶା ଦ୍ରବ୍ୟ ଗାଁ ଗାଁରେ ବିକ୍ରି ହେଉଛି। ଫୁଟ ପାଟ୍ରୋଲିଂ ବନ୍ଦ ହେବା ପରେ ଅପରାଧ ବଢୁଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ତୁରନ୍ତ ଅସ୍ତରଙ୍ଗର ବିଭିନ୍ନ ସ୍ଥାନରେ ଫୁଟ ପାଟ୍ରୋଲିଂ କରିବାକୁ ଦାବୀ ହୋଇଛି।

● ଅବକାରୀ ବିଭାଗର ଚଢ଼ାଉ

## ଚୋରା ମଦ ଭାଟି ନଷ୍ଟ, ସାମଗ୍ରୀ ଜବତ



ବ୍ରହ୍ମପୁର,୧୩।୯ (ସଂଚାର ବ୍ୟୁରୋ): ଜରଡା ଥାନା ଅନ୍ତର୍ଗତ ଜାମ ସାହି, ଯୁବା ସାହି, ବେଙ୍ଗେଇ, ସିନ୍ଦୂରପୁର, ଗୁଜୁଲିଂ ଆଦି ଅଞ୍ଚଳର ପାହାଡିଆ ଜଙ୍ଗଲ ଓ ନାଳ ନିକଟବର୍ତ୍ତୀ ଅଞ୍ଚଳରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଚୋରା ମଦ ଭାଟି ଗୁଡିକୁ ନଷ୍ଟ କରିବା ସହ ମଦ ପ୍ରସ୍ତୁତି ପାଇଁ ବ୍ୟବହୃତ ୨୫୬୦୦ ଲିଟର ଗୁଡ଼ ପିଡ଼ିଆ ପୋଚ ଓ ୮୪୦ ଲିଟର ଚୋରା ଅପମିଶ୍ରିତ ଦେଶୀ ମଦ, ଡ୍ରମ, ଡେକ୍ଚି ଇତ୍ୟାଦିକୁ ଅବକାରୀ ବିଭାଗ ପକ୍ଷରୁ ଜବତ କରାଯାଇଛି। ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଶ୍ରବଣ ବିବେକ ଏମ ଓ ବ୍ରହ୍ମପୁର ଅବକାରୀ ଅଧିକ୍ଷକ ପ୍ରବୀଣ କୁମାର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ତଥା ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟ ପାତ୍ରପୁର ତହସିଲଦାର ଅଶୋକ ପଟ୍ଟନାୟକ, ଓ ଅବକାରୀ ଉପ ଅଧିକ୍ଷକ କୁମୁଦ ରଂଜନ କୁଅଁରଙ୍କ ପ୍ରତ୍ୟକ୍ଷ୍ୟ ତତ୍ୱାବଧାନରେ ଏହି ଚଢ଼ାଉ କରାଯାଇଥିଲା। ଜବତ୍ ସାମଗ୍ରୀର ଆନୁମାନିକ ମୂଲ୍ୟ ୧୫,୦୦,୦୦୦/- ଟଙ୍କା ହେବ। ଏହି ଚଢ଼ଉରେ ବ୍ରହ୍ମପୁର ଅବକାରୀ ବିଭାଗର କର୍ମଚାରୀ ମାନଙ୍କ ସହ ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗ, ବିଭିନ୍ନ ଥାନାର ଅଧିକାରୀଙ୍କ ସହ ଏପିଆର ଫୋର୍ସ ଓ ପୋଲିସ୍ କର୍ମଚାରୀ ମାନଙ୍କୁ ନେଇ ମୋଟ ୧୨୦ରୁ ଉର୍ଦ୍ଧ୍ୱ ଅଧିକାରୀ ଓ କର୍ମଚାରୀ ସାମିଲ ଥିଲେ।

● ରମ୍ଭା ପୁଲିସକୁ ବଡ ସଫଳତା

## ଗଞ୍ଜେଇ ସହ ସୁଜୁକି କାର ଜବତ, ୨ ଗିରଫ



ଛତ୍ରପୁର,୧୩।୯ (ସଂଚାର ବ୍ୟୁରୋ): ରମ୍ଭା ପୁଲିସକୁ ବଡ଼ ସଫଳତା ମିଳିଛି। ଗଜପତି ଜିଲ୍ଲାର ମୋହନାରୁ ଭୁବନେଶ୍ୱର ଅଭିମୁଖେ ଗଞ୍ଜେଇ ଚୋରାଚାଲାଣ କରୁଥିବା ଏକ ସୁଜୁକି କାରକୁ (ନମ୍ବର: ଓଡି-୦୭ଜେଜେଡ୍-୭୩୯୯) ରମ୍ଭା ପୁଲିସ ଜବତ କରିଛି। ଶୁକ୍ରବାର ରାତିରେ ନାଇଟ ପାଟ୍ରୋଲିଂ ବେଳେ ହୁମ୍ମା ହାଟ ପଡ଼ିଆ ନିକଟ ଓଭରବ୍ରିଜରେ ଗାଡ଼ି ଯାଞ୍ଚ ସମୟରେ, ସେହି କାରଟି ଦ୍ରୁତ ଗତିରେ ପଳାଇବାକୁ ଚେଷ୍ଟା କରିଥିଲା। ସନ୍ଦେହ ହେବାରୁ ଆଇଆଇସି କୁମାର ମୁଦୁଲିଙ୍କ ନେତୃତ୍ୱରେ ପୁଲିସ ଟିମ ପିଛା କରି, ଶେଷରେ ରମ୍ଭା ଓଭରବ୍ରିଜ ନିକଟରେ କାରଟିକୁ ଅଟକାଇବାରେ ସଫଳ ହେଲା। ଗାଡ଼ି ତଲାସି ସମୟରେ ୨୨ କିଲୋ ୪୦୦ ଗ୍ରାମ ଗଞ୍ଜେଇ ମିଳିଥିଲା। ଏହାର ବଜାର ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ପୋଲିସ ଅନୁମାନ କରିଛି। ଏହି ଘଟଣାରେ ଦୁଇ ଜଣ ଅଭିଯୁକ୍ତ ହେଲେ ସନାତନ ଦଳାଇ (୩୫) ଓ ଜିନୁ ଅଧିକାରୀ (୩୫)। ଉଭୟ ମୋହନା ଅଞ୍ଚଳର କଣ୍ଟେଇ କୋଳି ବାସିନ୍ଦା ବୋଲି ଜଣାପଡିଛି। ଏହି ଦୁଇ ଜଣଙ୍କୁ ଗିରଫ ବେଳେ ଗଂଜାମ ତହସିଲଦାର ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ସୁକାନ୍ତ ମିଶ୍ରଙ୍କ ଉପସ୍ଥିତରେ ଯାଞ୍ଚ କରାଯାଇଥିଲା।

● କ୍ଲାସରେ ବସିବାକୁ ନେଇ ଯୁକ୍ତିତର୍କ

## ଆକ୍ରମଣରେ ଛାତ୍ର ଆହତ



ହିଞ୍ଜିଳିକାଟୁ,୧୩।୯ (ସଂଚାର ବ୍ୟୁରୋ): ଦଶମ ଶ୍ରେଣୀ କ୍ଲାସରେ ବେଞ୍ଚ ବସାକୁ ନେଇ ଦୁଇ ଛାତ୍ର ମଧ୍ୟରେ ଯୁକ୍ତିତର୍କ ହୋଇଥିବା ବେଳେ ଜଣେ ଛାତ୍ର ଉତ୍ୟକ୍ତ ହୋଇ ସହପାଠୀଙ୍କୁ ଏକ ଧାରୁଆ ଅସ୍ତ୍ରରେ ପେଟକୁ ଭୁସି ଥିବା ବେଳେ ବାମଗୋଡ, ହାତକୁ ଆକ୍ରମଣ କରିଥିଲା ଏହି ଘଟଣା ଦେଖିବାକୁ ମିଳିଛି ହିଞ୍ଜିଳିକାଟୁ ବ୍ଲକ ତଥା ବେଲଗାଁ ଥାନା ଗଣ୍ଡଳା ଗଣେଶ ଉଚ୍ଚ ବିଦ୍ୟାପୀଠରେ। ଆହତ ଜଣଙ୍କ ହେଉଛନ୍ତି ଦଶମ ଶ୍ରେଣୀ ଛାତ୍ର ସୁମନ ବେହେରା (୧୫)। ସଙ୍ଗେ ସଙ୍ଗେ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଆହତ ଛାତ୍ରଙ୍କୁ ପ୍ରଥମେ ବେଲଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

# ନିଶାରେ ବୁଡୁଛି ଯୁବପିଢ଼ି: ପୁଲିସ୍ ଚୁପ୍ କାହିଁକି ?

ଯାଜପୁର,୧୩।୯ (ସଂଚାର ବ୍ୟୁରୋ): ଯାଜପୁର ସହରରେ ଯୁବପିଢିକୁ ବିନାଶରେ ଠେଲିଦେଉଛି ନିଶା। କଲେଜ ପଢୁଆ ଛାତ୍ରଛାତ୍ରୀଙ୍କ ହାତରେ ବ୍ରାଉନ ସୁଗାର, ଗଞ୍ଜେଇ, ଅଫିମ ସହଜରେ ଉପଲବ୍ଧ ହେଉଛି। କିଛି 'ଭଡ଼ା ଲାଇସେନ୍ସ' ଥିବା ମଦଦୋକାନ ଖୋଲାମେଲାରେ ବେଆଇନ କାରବାର କରୁଥିବାରୁ ଯୁବପିଢିଙ୍କ ପାଇଁ ନିଶା ସୁବିଧା ହୋଇପଡ଼ିଛି। ରାସ୍ତା, ଲଜ୍ ଏବଂ ନିର୍ଜନ ସ୍ଥାନରେ ନିଶା ବ୍ୟବସାୟ ଚାଲିଥିବା ସତ୍ତ୍ୱେ ପୁଲିସ ଓ ଏକ୍ସାଇଜ୍ ବିଭାଗର ନିରବତା ଏସବୁକୁ ସନ୍ଦେହଜନକ କରୁଛି।

ନିଶାରେ ପଡ଼ି ଯୁବକମାନେ ଅସାମାଜିକ ହେଉଛନ୍ତି। ଚୋରି, ଲୁଟ୍, ଗୁଣ୍ଡାଗିରି, ମାରପିଟ୍ କରୁଛନ୍ତି। ସହରରେ ଅପରାଧର ପରିସ୍ଥିତି ଦିନକୁ ଦିନ ଭୟଙ୍କର ହେଉଛି। ଯାଜପୁର ସହରକୁ ଯଦି ନିଶା ମୁକ୍ତ କରିବାକୁ ହେବ, ପୁଲିସଙ୍କୁ କଡ଼ା ଅଭିଯାନ ଆରମ୍ଭ କରିବାକୁ ପଡ଼ିବ। ନହେଲେ, ଆଗାମୀ ପିଢ଼ି ନିଶାରେ ବୁଡି ସର୍ବନାଶ ହେବା ନିଶ୍ଚିତ।

କାହାର ଛତ୍ର ଛାୟାରେ ବେଆଇନ ନିଶା ବ୍ୟବସାୟ ଚାଲୁଛି? ପୁଲିସ ମିଳିଭଗତରେ ଲିପ୍ତ କି? ପୁଲିସର ନିଷ୍କ୍ରିୟତାକୁ ନେଇ କଡ଼ା ପ୍ରଶ୍ନ ଉଠିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ନିଶା ମାଫିଆଙ୍କୁ ଚିହ୍ନଟ କରିବା ସହ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ବରିଷ୍ଠ ନାଗରିକମାନେ ଦାବି କରିଛନ୍ତି।

## ଆଜିଠୁ ମା' କନକଦୁର୍ଗାଙ୍କ ଷୋଡ଼ଶ ପୂଜା ଉତ୍ସବ

ହିଞ୍ଜିଳିକାଟୁ,୧୩।୯ (ସଂଚାର ବ୍ୟୁରୋ): ହିଞ୍ଜିଳିର ପ୍ରସିଦ୍ଧ ଦେବୀପୀଠ ମା' କନକଦୁର୍ଗା ମନ୍ଦିରରେ ଆସନ୍ତାକାଲିଠାରୁ ଷୋଡ଼ଶ ପୂଜା ଆରମ୍ଭ ହେବାକୁ ଯାଉଛି। ଏହି ପୂଜା ମୂଳାଷ୍ଟମୀରୁ ମହାଷ୍ଟମୀ ପର୍ଯ୍ୟନ୍ତ ଚାଲିବ। ମା'ଙ୍କ ବେଶ ଅନୁସାରେ ନୀତିକାନ୍ତି ଓ ପୂଜାର୍ଚ୍ଚନା ମଧ୍ୟ କରାଯାଇଥାଏ। ଏଥିପାଇଁ ହିଞ୍ଜିଳି ମା' କନକଦୁର୍ଗା ମନ୍ଦିରରେ ବେଶ ଚଳଚଞ୍ଚଳ ତଥା ଉତ୍ସବ ମୁଖର ରହିଛି। ମନ୍ଦିରରେ ସ୍ୱତନ୍ତ୍ର ପୂଜା ଜାରି ରହିବା ସହ ଯଜ୍ଞ ଆହୁତି କାର୍ଯ୍ୟ ମଧ୍ୟ ଜାରି ରହିବ। ଚଳିତ ବର୍ଷ ଷୋଳପୂଜାକୁ ଧୁମଧାମରେ ପାଳନ ପାଇଁ ମନ୍ଦିର କମିଟି ପକ୍ଷରୁ ସମସ୍ତ ଆୟୋଜନ କରାଯାଇଛି। ସେହିପରି ବୁରୁପଡା ପଞ୍ଚାୟତ ଅଧୀନରେ ଥିବା ମା' ଶ୍ୟାମଳାଇ ମନ୍ଦିର ଓ ଖରିଡା ପଞ୍ଚାୟତର କରାଇଶୁଣି ମନ୍ଦିରରେ ବି ଆଜିଠାରୁ ଷୋଡ଼ଶ ପୂଜାତ୍ସବ ଆରମ୍ଭ ହେବ।

# ହୋମଗାର୍ଡ ନିଯୁକ୍ତି ପରୀକ୍ଷାରେ ଅନିୟମିତତା ଅଭିଯୋଗ



ଛତ୍ରପୁର,୧୩।୯ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ପୁଲିସ ହୋମଗାର୍ଡ (ମେରାଇନ) ନିଯୁକ୍ତି ପରୀକ୍ଷାକୁ ନେଇ ବ୍ୟାପକ ଅନିୟମିତତା ହୋଇଥିବାର ଅଭିଯୋଗ ସାମ୍ନାକୁ ଆସିଛି। ଏହାକୁ ନେଇ ପରୀକ୍ଷାର୍ଥୀମାନେ ଜିଲ୍ଲାପାଳ ଓ ପୁଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଅଭିଯୋଗ କରି, ନିଯୁକ୍ତି ପ୍ରକ୍ରିୟାକୁ ସ୍ଥଗିତ କରିବା ସହିତ ପୁନଃପରୀକ୍ଷା କରାଇବାକୁ ଦାବି କରିଛନ୍ତି।

ପରୀକ୍ଷାର୍ଥୀଙ୍କ କହିବା ଅନୁସାରେ, ସେମାନେ "ମେରାଇନ ଜେନେରାଲ ଡ୍ୟୁଟି" ପାଇଁ ଆବେଦନ କରିଥିଲେ, କିନ୍ତୁ ଆବେଦନକୁ "ହେଡ୍‌କ୍ୱାର୍ଟର ଜେନେରାଲ ଡ୍ୟୁଟି" ଭାବେ ଗଣନା କରାଯାଇଛି। ଏହାର ପରିଣାମରେ, ଅଧିକ ନମ୍ବର ପାଇଥିବା ପରୀକ୍ଷାର୍ଥୀ ବାଦ ପଡ଼ିଥିବାବେଳେ କମ୍ ନମ୍ବର ପାଇଥିବାମାନେ ଶାରୀରିକ ପରୀକ୍ଷା ପାଇଁ ଚୟନିତ ହୋଇଛନ୍ତି। ଅନ୍ୟପକ୍ଷରେ, ପରୀକ୍ଷା ସମୟରେ ଯଥାପ୍ରକାର ବ୍ୟବସ୍ଥା ନଥିବା, ସିସିଟିଭି ବିନା ପରୀକ୍ଷା କରାଯାଇଥିବା, ଭିଡିଓଗ୍ରାଫରଙ୍କୁ କକ୍ଷରେ ପ୍ରବେଶ ଦିଆଯାଇଥିବା ସହ ମୋବାଇଲ୍‌ରେ କିଛି ପରୀକ୍ଷାର୍ଥୀଙ୍କୁ ସହାୟତା କରାଯାଇଥିବା ଅଭିଯୋଗ ଆସିଛି ଏବଂ ଅଯୋଗ୍ୟ ପରୀକ୍ଷାର୍ଥୀମାନେ ପରବର୍ତ୍ତୀ ପର୍ଯ୍ୟାୟକୁ ଯାଇଥିବାବେଳେ ଯୋଗ୍ୟ ଓ ମେଧାବୀମାନେ ବାଦ ପଡିଥିବା କହିଛନ୍ତି। ଏହା ପରୀକ୍ଷା ପ୍ରକ୍ରିୟାର ସ୍ୱଚ୍ଛତା ପ୍ରତି ସନ୍ଦେହ ସୃଷ୍ଟି ହେଉଥିବା ସାଙ୍ଘାତିକ ଅଭିଯୋଗ କରିଛନ୍ତି

### ଅଭିଯୋଗକୁ ଏସପିଙ୍କ ଖଣ୍ଡନ

ଆଶାୟୀ। ଅନିୟମିତତାକୁ ଛତ୍ରପୁର ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ପାତ୍ର ଖଣ୍ଡନ କରିବା ସହ ପରୀକ୍ଷା ପକ୍ରିୟାରେ କୌଣସି ତ୍ରୁଟି ନଥିବା କହିଛନ୍ତି।

ସୂଚନା ଅନୁସାରେ, ଗଞ୍ଜାମ ପୋଲିସ ପକ୍ଷରୁ ୭ ସେପ୍ଟେମ୍ବରରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ମୋଟ ୨୬୮ ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୬୮ ଜଣଙ୍କୁ ଶାରୀରିକ ପରୀକ୍ଷା ପାଇଁ ଚୟନ କରାଯାଇଥିଲା। ଏଥିରେ ରମ୍ଭା, ଗଞ୍ଜାମ, ଛତ୍ରପୁର, ଚମାଖଣ୍ଡି ଓ ମେରାଇନ ଥାନା ଅଂଚଳର ପରୀକ୍ଷାର୍ଥୀମାନେ ଭାଗ ନେଇଥିଲେ।

## ଏମ୍ଏସ୍ଏମ୍ଇ ବିଭାଗର ସମୀକ୍ଷା କଲେ ମନ୍ତ୍ରୀ




ବ୍ରହ୍ମପୁର,୧୩।୯ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲାର ଏମ୍ଏସ୍ଏମ୍ଇ ବିଭାଗର ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଛନ୍ତି ଖଣି ଓ ଇସ୍ପାତ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ବିଭିନ୍ନ ବର୍ଗରେ ଯୁବ ଉଦ୍ୟୋଗୀ ସୃଷ୍ଟି ଲକ୍ଷ୍ୟରେ ବିଭାଗୀୟ ସମୀକ୍ଷା କରାଯାଇଛି। ଏହାକୁ ବିସ୍ତାର ଭାବେ ଗଞ୍ଜାମ ଜିଲ୍ଲାରେ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖାଯାଇଥିବା ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି। ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି ଗଞ୍ଜାମ ଜିଲ୍ଲାରେ କିଆଫୁଲ, ସୂତାକଳ, ପଥର କାରୁକାର୍ଯ୍ୟ, ମକା, ପିତଳ ଆଦି ସମେତ ବିଭିନ୍ନ କ୍ଷେତ୍ରରେ ଅନେକ ସମ୍ଭାବନା ରହିଛି। ସେହି ଦକ୍ଷତାକୁ ପ୍ରୋତ୍ସାହନ ଦେବାକୁ ସରକାର ଗୁରୁତ୍ୱ ଦେଇଛନ୍ତି। ସେହିଭଳି ଲୋକାଲ ଏମଏସଏମଇଠୁ ସମସ୍ତ ଜିନିଷି ଓ ଆସବାସପତ୍ର କିଣିବାକୁ ସରକାର ଧାନ ଦେଇଛନ୍ତି। ଏଥିରେ ବ୍ରହ୍ମପୁର ବିଧାୟକ କେ ଅନୀଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ଏମଏସଏମଇ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ଗଞ୍ଜାମ ଜିଲ୍ଲାପାଳ ଭି. କିର୍ତ୍ତିଭାସନ ଓ ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ସୋଆର ୧୧ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ଦେଲା ଲଣ୍ଡନ୍ ଷ୍ଟକ୍ ଏକ୍ସଚେଞ୍ଜ ଗ୍ରୁପ୍

ଭୁବନେଶ୍ୱର,୧୩।୯ (ସଂଚାର ବ୍ୟୁରୋ): ଓଡ଼ିଶାର ପ୍ରଥମ ଥର ପାଇଁ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ୨୦୨୬ ବ୍ୟାଚ୍‌ର ୧୧ ଜଣ ଛାତ୍ରଛାତ୍ରୀଙ୍କୁ ଫିନ୍‌ଟେକ୍ ପ୍ରଡକ୍ଟ ବେସ୍‌ଡ କମ୍ପାନୀ ଲଣ୍ଡନ୍ ଷ୍ଟକ୍ ଏକ୍ସଚେଞ୍ଜ ଗ୍ରୁପ୍ (ଏଲ୍ଏସ୍ଇଜି) ନିଯୁକ୍ତି ପ୍ରଦାନ କରିଛି। ଆଇଟିଇଆର୍‌ରେ କ୍ୟାମ୍ପସ୍ ନିଯୁକ୍ତି ପ୍ରଣାଳୀରେ ଛାତ୍ରଛାତ୍ରୀମାନଙ୍କୁ ଏଲ୍ଏସ୍ଇଜି ନିଯୁକ୍ତି ପ୍ରଦାନ କରିଛି ବୋଲି ସୂଚନା ଦେଇଛନ୍ତି ସୋଆର କ୍ୟାରିୟର ଡେଭେଲପ୍‌ମେଣ୍ଟ, ଇଣ୍ଡଷ୍ଟ୍ରୀ କୋଲାବୋରେସନ୍ ଆଣ୍ଡ ପ୍ଲେସ୍‌ମେଣ୍ଟ ଡିନ୍ ପ୍ରଫେସର (ଡକ୍ଟର) ରାଜ କୁମାର ହୋତା। ଏହି ନିଯୁକ୍ତି ପ୍ରକ୍ରିୟା ୬ଟି ରାଉଣ୍ଡରେ କରାଯାଇଥିବା ବେଳେ ଏଲ୍ଏସ୍ଇଜି ପକ୍ଷରୁ ବର୍ତ୍ତମାନ ସୁଦ୍ଧା ଦେଶର କୌଣସି ଶିକ୍ଷାନୁଷ୍ଠାନରୁ ପ୍ରଥମ ଥର ପାଇଁ ଏତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି ବୋଲି ପ୍ରଫେସର ହୋତା କହିଛନ୍ତି।

ଆଇଟିଇଆରର ବି.ଟେକ ଏବଂ ଏମ୍‌ସିଏ ଛାତ୍ରଛାତ୍ରୀଙ୍କ ଗୁଣାବତାକୁ ଦେଖି ଏଲ୍ଏସ୍ଇଜି ଖୁବ୍ ଉତ୍ସାହିତ ହୋଇଛି ବୋଲି କ୍ୟାରିୟର ଡେଭେଲପ୍‌ମେଣ୍ଟ ସେଲ୍‌ଫର ମୁଖ୍ୟ ଶ୍ରୀ ସୁମିତ ମିତ୍ର କହିଛନ୍ତି। ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସ୍‌ନାଲ୍ ରାଙ୍କିଙ୍ଗ ଫ୍ରେମୱାର୍କ (ଏନ୍ଆଇଆର୍ଏଫ୍) ରାଙ୍କିଙ୍ଗସ ୨୦୨୫ରେ ଦେଶର ୧୦୦ଟି ଶ୍ରେଷ୍ଠ ଇଞ୍ଜିନିୟରିଂ କଲେଜ ମଧ୍ୟରେ ଆଇଟିଇଆର ୨୨ତମ ସ୍ଥାନ ହାସଲ କରିଛି।

# ଗୋପ ବ୍ଲକରେ ହେବ ନୂଆ କୋର୍ଟ

ଗୋପ,୧୩।୯ (ସଂଚାର ବ୍ୟୁରୋ): ଗ୍ରାମାଞ୍ଚଳରେ ଜନସାଧାରଣଙ୍କୁ ନ୍ୟାୟିକ ସେବା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଗୋପ ବ୍ଲକରେ ନୂଆ କୋର୍ଟ ସ୍ଥାପନ ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ସୂଚନା ଅନୁସାରେ ଶୁକ୍ରବାର ପୁରୀ ଜିଲ୍ଲା କୋର୍ଟର



ମ୍ୟାନେଜରଙ୍କ ସମେତ ଗୋପ ବ୍ଲକର ସାଂସଦ ପ୍ରତିନିଧି ସୁଶାନ୍ତ କୁମାର ସ୍ୱାଇଁ ବ୍ଲକ ଉନ୍ନୟନ ଅଧିକାରୀ ଛବିରାଣୀ ସାହୁ ପ୍ରମୁଖ ଅସ୍ଥାୟୀ କୋର୍ଟ କାର୍ଯ୍ୟାଳୟ ପାଇଁ ଗୋପରେ ଥିବା ବାଳିକା ଉଚ୍ଚ ବିଦ୍ୟାଳୟର କ୍ଷେତ୍ର ପରିଦର୍ଶନ କରିଛନ୍ତି। ଗୋପ ଠାରେ କୋର୍ଟ ଶୀଘ୍ର କାର୍ଯ୍ୟାରମ୍ଭ କରିବା ନେଇ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

ଏହି ପରିଦର୍ଶନ ସମୟରେ ଜିଲ୍ଲା କୋର୍ଟ ମ୍ୟାନେଜର ବିଦ୍ୟାଳୟ ପରିଦର୍ଶନ କରି ଅସ୍ଥାୟୀ କୋର୍ଟ କାର୍ଯ୍ୟାଳୟ ଖୋଲିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ରାଜ୍ୟରେ ୫୬ଟି ନୂଆ ସିଭିଲ କୋର୍ଟ ସ୍ଥାପନ କରାଯିବାର ଯୋଜନା ରହିଛି। ଏହା ଦ୍ୱାରା ୮୪୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି କୋର୍ଟ ସ୍ଥାପନ ହେଲେ ସ୍ଥାନୀୟ ଲୋକମାନଙ୍କୁ ତ୍ୱରିତ ନ୍ୟାୟିକ ସେବା ମିଳିବା ସହ ମାମଲାଗୁଡ଼ିକର ତ୍ୱରିତ ସମାଧାନ ହୋଇପାରିବ ବୋଲି ଆଶା କରାଯାଉଛି।

ରାଜ୍ୟରେ ବିଜେପି ନେତୃତାଧୀନ ସରକାର, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଘୋପ ଅଂଚଳର ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ବିଜେପି କୃଷକ ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁଙ୍କଙ୍କ ଚିଠି ଏବଂ ମୁଖ୍ୟ ପ୍ରଶାସନ ସଚିବଙ୍କ ତ୍ୱରିତ ପଦକ୍ଷେପକୁ ଲୋକମାନେ ଭୂୟସୀ ପ୍ରଶଂସା କରିଛନ୍ତି।

## ୧୭ରୁ ବିଜେପି ପାଳିବ 'ସେବା ପକ୍ଷ'

କାକଟପୁର/ଅସ୍ତରଙ୍ଗ,୧୩।୯ (ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନକୁ 'ସେବା ପକ୍ଷ' ଭାବେ ପାଳନ କରିବ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଭାଜପା। ପ୍ରଧାନମନ୍ତ୍ରୀ ଜନ୍ମଦିନ ୧୭ସେପ୍ଟେମ୍ବର ପଡୁଛି। ତେଣୁ ଭାଜପା ପକ୍ଷରୁ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ତାରିଖ ପର୍ଯ୍ୟନ୍ତ 'ସେବା ପକ୍ଷ' ପାଳନ କରାଯିବ ବୋଲି ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ ସୂଚନା ଦେଇଛନ୍ତି।

ଏଥିରେ ଭାଜପା କର୍ମୀ ଓ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତ ଜନପ୍ରତିନିଧି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହେବେ। ବିଭିନ୍ନ ସ୍ଥାନରେ ଯେପରିକି ରକ୍ତଦାନ ଶିବିର, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ଚକ୍ଷୁ ପରୀକ୍ଷା, ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହା ସହ ହସ୍ପିଟାଲରେ ଫଳ ବଣ୍ଟନ କରାଯିବ। ଦିବ୍ୟାଙ୍ଗ ମାନଙ୍କ ଶିକ୍ଷା ଏବଂ ପାଳନ ପୋଷଣ ପାଇଁ ବିଭିନ୍ନ ସାମାଜିକ ସଂଗଠନ ଗୁଡିକ ସହିତ ସହଭାଗିତାରେ ସେବା କାର୍ଯ୍ୟ କରାଯିବ। ପ୍ରଧାନମନ୍ତ୍ରୀ "ସିଙ୍ଗଲ ୟୁଜ ପ୍ଲାଷ୍ଟିକି "ତଥା ପ୍ଲାଷ୍ଟିକି ମୁକ୍ତ ଭାରତ ପାଇଁ ଯେଉଁ କଳ୍ପନା କରିଛନ୍ତି, ତାହାକୁ ସାକାର କରିବା ପାଇଁ ଦଳୀୟ ନେତା ଓ କାର୍ଯ୍ୟକର୍ତ୍ତା ଶପଥ ନେବେ। ଏହି ପରିପ୍ରେକ୍ଷୀରେ ଭାଜପା କାର୍ଯ୍ୟ କର୍ତ୍ତାମାନେ ନିଜ ଅଞ୍ଚଳର ସ୍କୁଲ ଓ କଲେଜ ଛାତ୍ର, ଛାତ୍ରୀ ମାନଙ୍କୁ ପ୍ଲାଷ୍ଟିକି ବସ୍ତୁ ବର୍ଜନ କରିବା ଏବଂ ଜଳ ସଂରକ୍ଷଣ ପାଇଁ ସଚେତନ କରାଇବେ। ପ୍ରତ୍ୟେକ ସାର୍ବଜନୀନ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ କରାଯିବ। ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ବିଭିନ୍ନ ପଂଚାୟତରେ ବୃକ୍ଷରୋପଣ କରାଯିବ।

### ତଥ୍ୟ ସଂଗ୍ରହରେ ବ୍ୟସ୍ତ ସିଆରସିସି

# ବିଦ୍ୟାଳୟରେ ବାଧାପ୍ରାପ୍ତ ହେଉଛି ଶିକ୍ଷାଦାନ




କାକଟପୁର/ଅସ୍ତରଙ୍ଗ,୧୩।୯ (ସଂଚାର ବ୍ୟୁରୋ): 'ସମସ୍ତଙ୍କ ପାଇଁ ଶିକ୍ଷା, 'ସଭିଏଁ ପଢନ୍ତୁ, ସଭିଏଁ ବଢନ୍ତୁ' ହେଉଛି ସମଗ୍ର ଶିକ୍ଷା ଅଭିଯାନର ଏକ ସୁନ୍ଦର ସ୍ଲୋଗାନ। ଏହି ଅଭିଯାନକୁ କାର୍ଯ୍ୟକାରୀ କରାଇବା ପାଇଁ ସରକାର ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି। ମାତ୍ର ବାସ୍ତବ ସ୍ଥିତି ଭିନ୍ନ ଦର୍ଶାଉଛି। ଭିତ୍ତିଭୂମି ଅତ୍ୟନ୍ତ ସୁଦୃଢ଼ ଥିବା ସତ୍ତ୍ୱେ ସ୍କୁଲ ଗୁଡିକରେ ପାଠ ପଢାଇବାକୁ ନାହାନ୍ତି ଆବଶ୍ୟକ ଶିକ୍ଷକ। ଏହା ପରେ ଶିକ୍ଷକ ମାନଙ୍କୁ ପ୍ରଦାନ କରାଯାଉଥିବା ଅତିରିକ୍ତ କାମ ଚାପ ଶିକ୍ଷାଦାନରେ ବାଧକ ସାଜୁଛି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକଟି ୧୫ଗୋଟି ପଂଚାୟତକୁ ନେଇ ଗଠିତ ହୋଇଥିବା ବେଳେ ବ୍ଲକ ଅଂଚଳରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୧୦୯ଟି ଥିବା ବେଳେ ହାଇସ୍କୁଲ ୨୨ଟି ରହିଛି। ଯାହାକି ବିଦ୍ୟାଳୟକୁ ତଦାରଖ କରିବାକୁ ୧୩କ୍ଲଷ୍ଟର ରହିଛି। ପ୍ରତି କ୍ଲଷ୍ଟରଟି ୮ରୁ ୧୦ଟି ବିଦ୍ୟାଳୟକୁ ନେଇ ଗଠିତ ହୋଇଛି। ଏହି କ୍ଲଷ୍ଟରରେ ଜଣେ ଲେଖାଏଁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ (ସିଆରସିସି)ଙ୍କୁ ଦାୟିତ୍ୱ ଦିଆଯାଇଛି। ମାତ୍ର ସିଆରସିସିମାନେ ବିଦ୍ୟାଳୟରେ ପାଠପଢା ଭୁଲି ଯାଇ କେବଳ ଶିକ୍ଷା ବିଭାଗର ଦୈନନ୍ଦିନ କାର୍ଯ୍ୟକାରୀ ହେଉଥିବା ଟ୍ରେନିଂ, ମିଟିଂ, ସର୍ଭେ ଓ ମଧାହ୍ନ ଭୋଜନ କାର୍ଯ୍ୟକ୍ରମର ତଥ୍ୟ ସଂଗ୍ରହ, ଅନ୍ୟାନ୍ୟ ତଥ୍ୟ ଆଦାନ ପ୍ରଦାନ ଆଦିରେ ମାସ ଯାକ ସମୟ ବିତାଇ ଦେଉଛନ୍ତି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଘଟଣାକୁ ଗୁରୁତର ସହ ନେଇ ଶିକ୍ଷା ବିଭାଗର ଉଚ୍ଚସ୍ତରୀୟ ଅଧିକାରୀମାନେ ନଜର ଦେବାକୁ ସାଧାରଣରେ ଦାବୀ ହୋଇଛି।

## ମାଗଣା ରକ୍ତ ପରୀକ୍ଷା ଶିବିର

ହିଞ୍ଜିଳିକାଟୁ,୧୩।୯ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ପୌରାଞ୍ଚଳର ତ୍ରିରଙ୍ଗା ସେବା ସଂଘ ତରଫରୁ ମାଗଣା ରକ୍ତ ବିଭାଗ ନିରୂପଣ ଶିବିର ଆଲୋକ କୁମାର ନାୟକଙ୍କ ସଭାପତିତ୍ୱରେ ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟରେ ଅନଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ଅଧ୍ୟକ୍ଷ ବସନ୍ତ କୁମାର ଆଚାରୀ, ସମ୍ମାନିତ ଅତିଥି ଭାବେ ଜୀବନ ସୁରକ୍ଷା ତରଫରୁ ଅନିଲ କୁମାର ପଟ୍ଟନାୟକ, ବରିଷ୍ଠ ସାହିତ୍ୟିକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଏବଂ ପି.କେ ନନ୍ଦ ସାର୍ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ରକ୍ତ ବିଭାଗ ପରୀକ୍ଷା କରାଯାଇଥିଲା। ସଂଘ ସଂପାଦକ ଚିନ୍ମୟ ପୋଲାଇ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସଂଘ ପ୍ରତିଷ୍ଠାତା ରଂଜନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ରକ୍ତଦାନ ଏକ ମହତ କାର୍ଯ୍ୟ: ସୋଆ ଉପସଭାପତି

ଭୁବନେଶ୍ୱର,୧୩।୯ (ସଂଚାର ବ୍ୟୁରୋ): ରକ୍ତଦାନ ଏକ ମହତ୍ କାର୍ଯ୍ୟ। ଜୀବନରେ ପ୍ରତ୍ୟେକ ବ୍ୟକ୍ତି ଥରଟିଏ ରକ୍ତ ଦାନ କରିବା ଉଚିତ୍ ବୋଲି ମତବ୍ୟକ୍ତ କରିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶାଶ୍ୱତୀ ଦାସ।

ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ପରିସରରେ ଶୁକ୍ରବାର ଉପସଭାପତି ଶ୍ରୀମତି ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏକ ବିଶାଳ ରକ୍ତ ଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ସେ ଏହି ଶିବିରକୁ ପରିଚାଳନା କରିଥିବା ଓ ରକ୍ତଦାନ କରିଥିବା ଛାତ୍ରଛାତ୍ରୀମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ଆଇଟିଇଆର ପକ୍ଷରୁ ଆୟୋଜିତ ଏହି ଶିବିରରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର, ଉପକୁଳପତି ପ୍ରଫେସର (ଡାକ୍ତର) ନୀତା ମହାନ୍ତି, ଆଇଟିଇଆରର ଡିନ୍ ପ୍ରଫେସର ପି.କେ. ସାହୁ, ଆଡିସ୍‌ନାଲ ଡିନ୍ (ଆକାଡେମିକ୍ସ) ପ୍ରଫେସର ଡି.ଏନ୍ ଥାଟୋଇ, ଆଡିସ୍‌ନାଲ୍ ଡିନ୍ (ଷ୍ଟୁଡେଂଟ ଆଫେୟାର୍ସ)



ଆଇଟିଇଆର୍, ପ୍ରଫେସର ରେଣୁ ଶର୍ମା, ରକ୍ତଦାନ ଶିବିରର କୋଅର୍ଡିନେଟର ଡକ୍ଟର ଚିନ୍ମୟ ପରିଡ଼ା, ମ୍ୟାଥମେଟିକ୍ସ ବିଭାଗର ଡକ୍ଟର ମିତାଲି ମଧୁସ୍ମିତା, ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ବ୍ଲଡ ବ୍ୟାଙ୍କର ମୁଖ୍ୟ ଡାକ୍ତର ଗିରିଜା ନନ୍ଦିନୀ କାନୁନ୍‌ଗୋ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ୧୪୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

### ୩୫ତମ ସମାବର୍ତ୍ତନ ସମାରୋହରେ ଯୋଗଦେଲେ କେନ୍ଦ୍ର ମନ୍ତ୍ରୀ

# ଓଡ଼ିଶାରେ 'ନ୍ୟୁ ଏଜ୍ ଅର୍ଥନୀତି'ର ନେତୃତ୍ୱ ନେବ ଭିସୁଟ

- 'ଓପନ ଏୟାର କ୍ଲାସରୁମ୍'ର ଭିତ୍ତିପ୍ରସ୍ତର ସ୍ଥାପିତ
- ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚାକିରିଦାତା ଇଚ୍ଛାଶକ୍ତି ବଢ଼ିବା ଉଚିତ
- କ୍ୟାମ୍ପସରେ ବୀର ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି

**ବୁର୍ଲା,୧୩।୯(ସଂଚାର ବ୍ୟୁରୋ):** ଦଶନ୍ଧି ଦଶନ୍ଧି ଧରି ଭିସୁଟ ରାଜ୍ୟ ତଥା ଦେଶରେ ବୈଷୟିକ ଶିକ୍ଷାର ପ୍ରସାର କରିଆସୁଛି। ଗରିବ ଓ ସାଧାରଣ ପରିବାରରୁ ଆସି ଭିସୁଟରେ ପିଲାମାନେ ଦେଶର ବୈଜ୍ଞାନିକ ଓ ଇଞ୍ଜିନିୟରିଂ ଶକ୍ତିର ପ୍ରତୀକ ହୋଇପାରିଛନ୍ତି ବୋଲି ଆଜି ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ), ବୁର୍ଲାର ଷୋଡ଼ଶ ସମାବର୍ତ୍ତନ ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଡିଗ୍ରୀ, ଉପାଧି ଓ ପଦକ ବିଜେତା ଛାତ୍ରଛାତ୍ରୀ ଓ ଗବେଷକମାନଙ୍କୁ ସେ ଅଭିନନ୍ଦନ ଜଣାଇଛନ୍ତି। ସେ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ ଛାତ୍ରଛାତ୍ରୀ ଓ ଗବେଷକମାନଙ୍କ ପାଇଁ ବିଶ୍ୱମାନର ଗୁଣାତ୍ମକ ଶିକ୍ଷାର ସୁଯୋଗ ପ୍ରଦାନ କରି ଭିସୁଟ ଆଗାମୀ ଦିନରେ ସାରା ଦୁନିଆରେ ଆହୁରି ସୁନାମ ଅର୍ଜନ କରିବାର ସାମର୍ଥ୍ୟ ରଖେ। ଏକବିଂଶ ଶତାବ୍ଦୀ ହେଉଛି ଜ୍ଞାନର ଶତାବ୍ଦୀ। ବୈଷୟିକ ଜ୍ଞାନକୌଶଳର ବିକାଶ ଖୁବ୍ ଦ୍ରୁତ ଗତିରେ ହେଉଛି। ଏହି ସମୟରେ ଆମର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚାକିରି ଖୋଜିବା ନୁହେଁ, ବରଂ ଚାକିରିଦାତା ହେବାର ଇଚ୍ଛାଶକ୍ତି ବଢ଼ିବା ଦରକାର। ଦେଶ ସ୍ୱାଧୀନତାର ପରବର୍ତ୍ତୀ କାଳରେ ଓଡ଼ିଶାରେ ଯେତେବେଳେ ଜଳସେଚନ ଓ କୃଷି ବିକାଶର ନୂଆ ଧାରା ଆରମ୍ଭ ହୋଇଥିଲା, ସେତେବେଳେ ଏହି ଶିକ୍ଷାନୁଷ୍ଠାନ ପରିବର୍ତ୍ତନର ମଙ୍ଗ ଧରିଥିଲା। ଆଜି ଓଡ଼ିଶାରେ 'ନ୍ୟୁ ଏଜ୍ ଅର୍ଥନୀତି'ର ଧାରା ଆରମ୍ଭ ହୋଇଥିବା ବେଳେ ଭିସୁଟ ଏହାର ନେତୃତ୍ୱ ନେଉଛି। ଭିସୁଟକୁ ଭବିଷ୍ୟତ ଆଧାରିତ ବୈଷୟିକ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ସମସ୍ତଙ୍କୁ ଦାୟିତ୍ୱ ନେବାକୁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି।

ସେ ଆହୁରି କହିଛନ୍ତି ଯେ ଜାତୀୟ ଶିକ୍ଷା ନୀତି-୨୦୨୦ରେ ଏକବିଂଶ ଶତାବ୍ଦୀର ଜ୍ଞାନ, ବିଶେଷକରି ବୈଷୟିକ ଜ୍ଞାନ ଉପରେ ଗୁରୁତ୍ୱ ଦିଆଯାଇଛି।




ଶିକ୍ଷା ନୀତିରେ ଟେକ୍ନୋଲଜି ଓ ଏଜୁକେସନର ସମନ୍ୱୟ ଉପରେ ଆମର ଫୋକସ ରହିଛି। ଏହି ପରିପ୍ରେକ୍ଷୀରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ମେସିନ୍ ଲର୍ଣ୍ଣିଂ, ରୋବୋଟିକ୍ସ, ବ୍ଲକ୍ ଚେନ୍, ଡାଟା ଆନାଲିଟିକ୍ସ, କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଓ ଆନୁଷଙ୍ଗିକ କ୍ଷେତ୍ରରେ ବିକଶିତ ହେଉଥିବା ନୂତନ ଜ୍ଞାନକୌଶଳରେ ଛାତ୍ର ସମାଜକୁ ପରିପକ୍ୱ କରିବାର ଦାୟିତ୍ୱ ଆମର ରହିଛି ଏବଂ ଏଥିପାଇଁ ଭିସୁଟ୍ ଭଳି ପ୍ରତିଷ୍ଠିତ ଅନୁଷ୍ଠାନଗୁଡ଼ିକର ସହଭାଗିତା ନିତାନ୍ତ ଜରୁରୀ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ଏହି ଅବସରରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓ ଶ୍ରୀ ପ୍ରଧାନ 'ଓପନ ଏୟାର କ୍ଲାସରୁମ' ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ରାଜ୍ୟପାଳ ୨୦୪୭ ସୁଦ୍ଧା ଭାରତକୁ ଆଗେଇ ନେବା ସହ ବିକଶିତ ଭାରତର ସ୍ୱପ୍ନ ସାକାର କରିବା ପାଇଁ ଯୁବବର୍ଗ ମଶାଲ ବାହକ ହେବାକୁ ଆହ୍ୱାନ ଦେଇଛନ୍ତି। ରାଜ୍ୟପାଳ କହିଛନ୍ତି ଯେ ଛାତ୍ରଛାତ୍ରୀଙ୍କର ଆଜିର ସଫଳତା ବର୍ଷ ବର୍ଷର କଠିନ ପରିଶ୍ରମ, ଶିକ୍ଷକଙ୍କ ମାର୍ଗଦର୍ଶନ ଓ ପରିବାରର ଅଟଳ ସମର୍ଥନ ଉପରେ ନିର୍ମିତ। ସମାବର୍ତ୍ତନ ଦିବସ କେବଳ ଏକ ଉତ୍ସବ ନୁହେଁ, ବରଂ ଦାୟିତ୍ୱ ଓ ସେବାର ଏକ ନୂତନ ଯାତ୍ରା ଆରମ୍ଭ କରିବା ଦିଗରେ ମାଇଲଖୁଣ୍ଟ ବୋଲି ରାଜ୍ୟପାଳ କହିଛନ୍ତି। ସମାବର୍ତ୍ତନ ଉତ୍ସବରେ ଯୋଗଦେବା ପୂର୍ବରୁ ଶ୍ରୀ ପ୍ରଧାନ ଭିସୁଟ ବୁର୍ଲା କ୍ୟାମ୍ପସ ପରିସରରେ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ବରପୁତ୍ର ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମାବର୍ତ୍ତନ ସମାରୋହରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ରାଷ୍ଟ୍ରମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ଓ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଯୋଗଦେଇଥିଲେ।



## ଦିବ୍ୟାଙ୍ଗଙ୍କୁ ଉପକରଣ ବାଣ୍ଟିଲେ ଉପମୁଖ୍ୟମନ୍ତ୍ରୀ

**ବଲାଙ୍ଗୀର,୧୩।୯(ସଂଚାର ବ୍ୟୁରୋ):** ବଲାଙ୍ଗୀର ଶାସ୍ତ୍ରୀନଗରସ୍ଥିତ ଏସଭି ନିରତାର୍ ସଂଯୁକ୍ତ ଆଞ୍ଚଳିକ କେନ୍ଦ୍ରଠାରେ ଦିବ୍ୟାଙ୍ଗମାନଙ୍କୁ ବିଭିନ୍ନ ବ୍ୟବହାରଯୋଗ୍ୟ ଉପକରଣ ଓ ଯନ୍ତ୍ରପାତି ବଣ୍ଟନ କରାଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସମ୍ମାନିତ ଅତିଥି ଭାବେ ଲୋକସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ ଓ ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାର ଯୋଗ ଦେଇ ଉପକରଣ ବଣ୍ଟନ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଏସ୍‌ଭିନିରତାର୍ ସଂଯୁକ୍ତ ଆଞ୍ଚଳିକ କେନ୍ଦ୍ରର ଜମି ସମସ୍ୟା ଓ ଜବରଦଖଲ ଉଚ୍ଛେଦ ସଂକ୍ରାନ୍ତରେ କଡ଼ା ଟିପ୍ପଣୀ ଦେଇଛନ୍ତି। ଆଗାମୀ ଦିନରେ ଏହି ପ୍ରତିଷ୍ଠାନକୁ ଆହୁରି ଉନ୍ନତ ସ୍ତରରେ ପହଞ୍ଚାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ କଟକ ଏସ୍‌ଭିନିରତାର୍ ନିର୍ଦ୍ଦେଶକ ପତିତପାବନ ମହାନ୍ତି ଓ ବଲାଙ୍ଗୀର କେନ୍ଦ୍ର ନିର୍ଦ୍ଦେଶକ ଗୁରୁବକ୍ସ ଚାନ୍ଦ ଜଗୋଟା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଏସ୍‌ଭିନିରତାର୍ ସଂଯୁକ୍ତ ଆଞ୍ଚଳିକ କେନ୍ଦ୍ରର କର୍ମକର୍ତ୍ତାମାନେ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ଶେଷରେ ବଲାଙ୍ଗୀର କେନ୍ଦ୍ର ନିର୍ଦ୍ଦେଶକ ଶ୍ରୀ ଜଗୋଟା ଧନ୍ୟବାଦ ଦେଇଥିଲେ।

● ଏଫ୍‌ଏମ୍ ଛାତ୍ରୀ ଆତ୍ମାହୁତି ମାମଲା

## ଅମିତ୍ ଓ ସୌରଭଙ୍କୁ ଅନ୍ତରୀଣ ଜାମିନ୍

**କଟକ, ୧୩।୯ (ସଂଚାର ବ୍ୟୁରୋ) :** ବହୁଚର୍ଚ୍ଚିତ ଏଫଏମ୍ କଲେଜ ଛାତ୍ରୀ ଆତ୍ମାହୁତି ମାମଲା। ବାଲେଶ୍ୱର ଏସଡିଜେଏମ ଅଦାଲତରେ ବିଚାରାଧୀନ ମାମଲାରେ ଅମିତ ସ୍ପନ୍ଦନ ବେହେରା ଓ ସୌରଭ ବେହେରାଙ୍କୁ ହାଇକୋର୍ଟ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି। ଆଗୁଆ ଜାମିନ ସକାଶେ ସେମାନେ ହାଇକୋର୍ଟରେ ପୃଥକ ଭାବେ ଆବେଦନ ଦାୟର କରିଥିଲେ। ଜଷ୍ଟିସ ଭି.ନରସିଂହ ଆବଦେନର ମିଳିତ ଶୁଣାଣି କରି ଦୁଇ ଆବେଦନକାରୀଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି। ଆସନ୍ତା ୧୬ ତାରିଖରେ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ଉଭୟ ଆବେଦନକାରୀ ହାଜର ହେବେ। ଏହି ମାମଲାରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଉଭୟଙ୍କୁ ଗିରଫ କରାଯିବନାହିଁ। ଏହାଛଡ଼ା ଶୁଣାଣି ସମୟରେ ସରକାରଙ୍କ ପକ୍ଷରୁ କେସ୍ ଡାଏରି ଦାଖଲ କରାଯିବା ସକାଶେ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୦ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରିବାକୁ କୋର୍ଟ କହିଛନ୍ତି।

## ବାକ୍ସରେ ୪ ଘଣ୍ଟା ରହିଲା ୩ୟ ଶ୍ରେଣୀ ଛାତ୍ର

● ବେହୋସ୍ ଅବସ୍ଥାରେ ଉଦ୍ଧାର

**ବଣାଇ,୧୩।୯(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲା ଗୁରୁଣ୍ଡିଆ ବ୍ଲକର ଯରଡ଼ା ହାଇସ୍କୁଲରେ ଘଟିଛି ଏକ ଅଭାବନୀୟ ଘଟଣା। ଗତକାଲି ସ୍କୁଲ ହଷ୍ଟେଲରେ ରହୁଥିବା ଜଣେ ଛାତ୍ର ଜଣେ ୩ୟ ଶ୍ରେଣୀ ଛାତ୍ରକୁ ଏକ ବାକ୍ସରେ ପୂରାଇ ଦେଇଥିଲା। ପରେ ଉକ୍ତ ତୃତୀୟ ଶ୍ରେଣୀ ଛାତ୍ର ଜଣକ ପ୍ରାର୍ଥନାକୁ ନ ଆସିବା ଦେଖି ଶିକ୍ଷକ ଓ ଅନ୍ୟ କର୍ମଚାରୀମାନେ ତାକୁ ଖୋଜାଖୋଜି କରିଥିଲେ ବି ପାଇନଥିଲେ। ତେଣୁ କାଳେ ସେ ଲୁଚିକରି ଘରକୁ ପଳାଇଯାଇଥିବା ସନ୍ଦେହ କରି ସେମାନେ ଛାତ୍ରର ବାପା-ମା'ଙ୍କୁ ବି ଫୋନ ଯୋଗେ ପଚାରିଥିଲେ। କିନ୍ତୁ ସେମାନେ ମନା କରିବାରୁ ଶେଷରେ ସନ୍ଦେହ କରି ଶିକ୍ଷକମାନେ ହଷ୍ଟେଲରେ ଖୋଜାଖୋଜି କରିଥିଲେ। ଏହି ସମୟରେ ସେମାନେ ଉକ୍ତ ବାକ୍ସରୁ ଖଡ଼ଖଡ଼ ଶବ୍ଦ ଆସୁଥିବା ଶୁଣିବାକୁ ପାଇ ତା' ଖୋଲିଥିଲେ। ସେତେବେଳକୁ ଉକ୍ତ ତୃତୀୟ ଶ୍ରେଣୀ ଛାତ୍ର ଜଣଙ୍କ ବାକ୍ସ ଭିତରେ ଅଚେତବ ଅବସ୍ଥାରେ ରହିଥିବା ଦେଖିବାକୁ ପାଇଥିଲେ। ତେବେ ପରେ ତାଙ୍କୁ ବାପା-ମା' ଘରକୁ ନେଇଯାଇଥିବା ବେଳେ ସେ ସୁସ୍ଥ ଥିବା ଜଣାପଡ଼ିଛି। କିନ୍ତୁ ଏପରି ଏକ ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଆଉ କିଛି ସମୟ ବିଳମ୍ବ ହୋଇଥିଲେ ଉକ୍ତ ଛାତ୍ରଙ୍କ ପିତାମାତାଙ୍କ ସଂସାର ଉଜୁଡ଼ିଯାଇଥାନ୍ତା ବୋଲି ଲୋକେ କୁହାକୁହି ହେଉଛନ୍ତି। ତେଣୁ ଏପରି ଘଟଣା ଆଗାମୀ ଦିନରେ ଯେପରି ପୁଣିଥରେ ନ ଘଟେ, ସେଥିପ୍ରତି ସ୍କୁଲ୍ ଓ ହଷ୍ଟେଲ୍ କର୍ତ୍ତୃପକ୍ଷ ସଜାଗ ରହିବାକୁ ସ୍ଥାନୀୟ ଲୋକେ ପରାମର୍ଶ ଦେଇଛନ୍ତି।

● ଭୁଶୁଡ଼ିଲା ୨୫ ବର୍ଷ ତଳର ଦୋକାନ ଘର

## ବ୍ୟବସାୟୀଙ୍କ ମୃତ୍ୟୁ, ୪ ଉଦ୍ଧାର



**ଜୟପୁର,୧୩।୯(ସଂଚାର ବ୍ୟୁରୋ):** ସ୍ଥାନୀୟ ଏସିପି ଅଫିସ ସମ୍ମୁଖରେ ଥିବା ଏକ ଦୁଇ ମହଲା ଦୋକାନ ଗୃହ ଆଜି ଅପରାହ୍ନରେ ଭୁଶୁଡ଼ିପଡ଼ିଛି। ଫଳତଃ ଦୋକାନ ଭିତରେ ଥିବା ୫ ଜଣ କର୍ମଚାରୀ ଫସିଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରିଛନ୍ତି। ତେବେ ଅନ୍ୟ ୪ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ମୃତକ ଜଣଙ୍କ ସହରର ପ୍ରତିଷ୍ଠିତ ବ୍ୟବସାୟୀ ଦାଶରଥି ବେକେରି ମାଲିକଙ୍କ ଭାଇ ଲୋକନାଥ ପାତ୍ର ବୋଲି ଜଣାପଡ଼ିଛି। ଏହି ଦୋକାନ ଘରଟି ୨୫ ବର୍ଷ ତଳର ହୋଇଥିବା ବେଳେ ମରାମତି କାମ ଚାଲିଥିବା ସମୟରେ ଏପରି ଅଘଟଣ ଘଟିଥିବା ଜଣାପଡ଼ିଛି। ଅଘଟଣ ନେଇ ଖବର ପାଇ ଓଡ୍ରାଫ ଟିମ୍, ଅଗ୍ନିଶମ କର୍ମଚାରୀ ଓ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମେସିନ୍ ସାହାଯ୍ୟରେ ଉଦ୍ଧାର କାର୍ଯ୍ୟ କରିଥିଲେ। ସମସ୍ତଙ୍କୁ ଉଦ୍ଧାର କରାଯିବା ପରେ ଲୋକନାଥଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କୋରାପୁଟର ଏସ୍‌ଏଲ୍‌ଏନ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। କୋରାପୁଟ ଓ କୋଟପାଡ଼ ବିଧାୟକଙ୍କ ସହ ଏଡିଏମ୍ ଓ ଏସପି ଘଟଣାସ୍ଥଳରେ ପହଞ୍ଚିଥିଲେ।

## ଶ୍ରୀମନ୍ଦିର ନିକଟରେ ଛୁରାମାଡ଼: ୨ ଆହତ

**ପୁରୀ,୧୩।୯(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିର ଉତ୍ତର ଦ୍ୱାର ନିକଟରେ ଆଜି ଛୁରାମାଡ଼ ଭଳି ଅଘଟଣ ଘଟିଛି। ଏହି ଛୁରାମାଡ଼ରେ ଦାଦା ଓ ପୁତୁରା ଆହତ ହୋଇଛନ୍ତି। ଆହତ ଦୁଇ ଜଣ ହେଲେ ସନ୍ତୋଷ କୁମାର ସାହୁ ଓ ଗୌରାଙ୍ଗ ସାହୁ। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏହି ଛୁରାମାଡ଼ର କାରଣ ସ୍ପଷ୍ଟ ହୋଇପାରିନାହିଁ। କିନ୍ତୁ ଆକ୍ରମଣ ପରେ ଦୁର୍ବୃତ୍ତ ଫେରାର ହୋଇଯାଇଥିବା ବେଳେ ଖବର ପାଇ ସ୍ଥାନୀୟ ସିଂହଦ୍ୱାର ଥାନା ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି। ଶ୍ରୀମନ୍ଦିର ଉତ୍ତର ଦ୍ୱାରରେ ଛୁରିରେ ଆକ୍ରମଣ ବ୍ୟତୀତ ଗତ କିଛି ମାସ ମଧ୍ୟରେ ପ୍ରସିଦ୍ଧ ପୁରୀ ଜଗନ୍ନାଥ ମନ୍ଦିରର ସୁରକ୍ଷାକୁ ନେଇ ନାନା ସମସ୍ୟା ସୃଷ୍ଟି ହୋଇଛି। ଗତକାଲି ସକାଳେ ମଧ୍ୟ ଜଗନ୍ନାଥ ମନ୍ଦିର ଉପରେ ଏକ ଡ୍ରୋନ୍ ଉଡୁଥିବା ଦେଖିବାକୁ ମିଳିଥିଲା। ଶ୍ରୀମନ୍ଦିର ଆଖପାଖ ଅଞ୍ଚଳକୁ 'ନୋ ଫ୍ଲାଇଂ ଜୋନ୍' ଘୋଷଣା କରାଯାଇଥିଲେ ମଧ୍ୟ ସେଠାରେ କିପରି ଡ୍ରୋନ୍ ଉଡ଼ିଲା, ତାହାକୁ ନେଇ ପୁଲିସ୍ ଖୋଳତାଡ଼ ଚଳାଇଛି।

### ରାଜ୍ୟ ପୁଲିସ ପୁରୁଷ କବାଡ଼ି ଚାମ୍ପିଅନସିପ୍ ଓ ଦଶମ ପୁଲିସ ହ୍ୟାଣ୍ଡବଲ ଚାମ୍ପିଅନସିପ୍ ଉଦ୍‌ଯାପିତ

# କେନ୍ଦୁଝର ସମେତ ୪ ଜିଲ୍ଲା ହେବ ସ୍ପୋର୍ଟ୍ସ ହବ୍: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର/କେନ୍ଦୁଝର, ୧୩।୯ (ସଂଚାର ବ୍ୟୁରୋ):** କେନ୍ଦୁଝର ଠାରେ ୭୮ତମ ରାଜ୍ୟ ପୁଲିସ ପୁରୁଷ କବାଡି ଚାମ୍ପିଅନସିପ୍ ଓ ଦଶମ ପୁଲିସ ହ୍ୟାଣ୍ଡବଲ ଚାମ୍ପିଅନସିପ୍ ଉଦ୍‌ଯାପନ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଥିଲେ ଯେ, ଓଡ଼ିଶା ପୁଲିସର ଖେଳାଳିମାନେ ବିଭିନ୍ନ ଆଥଲେଟିକ୍ସ ଗେମରେ ସେମାନଙ୍କର ଉତ୍କୃଷ୍ଟ ପ୍ରଦର୍ଶନ କରି କେବଳ ଓଡ଼ିଶା ପାଇଁ ଗୌରବ ନୁହେଁ ବରଂ ଭାରତର ପଦକ ତାଲିକାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ପୁଲିସ ବଳରେ ଏହିପରି କ୍ରୀଡା ପ୍ରତିଯୋଗିତା ସୁସ୍ଥ, ଶୃଙ୍ଖଳିତ ଓ ପ୍ରେରଣାଦାୟକ ପରିବେଶ ଗଠନ କରୁଛି। ଆଜିର ଏହି ପ୍ରତିଯୋଗୀତାରେ ଯେଉଁ କ୍ରୀଡା ପ୍ରତିଭାମାନେ ଖେଳୁଛନ୍ତି, ସେମାନେ କାଲି ଜାତୀୟ ଦଳର ସଦସ୍ୟ, ଏସିଆନ୍ ଗେମ୍ସର ପଦକ ବିଜେତା, କିମ୍ବା ଓଲିମ୍ପିକ୍ସ ଚାମ୍ପିୟାନ ହେବେ। ପୁଲିସ ସେବାରୁ ଆସିଥିବା ପ୍ରେରଣାଦାୟକ ନାମଗୁଡ଼ିକ ସେଥିପାଇଁ ପଥପ୍ରଦର୍ଶକ। ଆମେ ଭାରତୀୟ କ୍ରୀଡାକୁ ଯଦି ଆଜି ବିଶ୍ୱସ୍ତରରେ ଗର୍ବର ସହିତ ଦେଖୁଛୁ, ତାହାର ପଛରେ ରହିଛି ପୁଲିସ, ସେନା ଓ ପାରାମିଲିଟାରି ବଳର ଅସାଧାରଣ ଅବଦାନ। ଏଣୁ "ସୁସ୍ଥ ଯୁବଶକ୍ତି, ସୁସ୍ଥ ଓଡିଶା" ମୂଳମନ୍ତ୍ରରେ ଆମେ ବିଶ୍ୱାସ କରୁ। ସେ ଆହୁରି କହିଥିଲେ ଯେ, ନୂଆ ସରକାର ଆସିବା ପରେ ରାଜ୍ୟରେ ଆମେ କ୍ରୀଡ଼ାକୁ ଜୀବନଶୈଳୀର ଅବିଚ୍ଛେଦ୍ୟ ଅଙ୍ଗରେ ପରିଣତ କରିବା ପାଇଁ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରୁଛୁ। ତୃଣମୂଳ ସ୍ତରରେ କ୍ରୀଡାର ବିକାଶ ନିମନ୍ତେ ଆଗାମୀ ୫ ବର୍ଷରେ ୩୧୪ ଟି ବ୍ଲକ ସ୍ତରୀୟ ଷ୍ଟାଡିୟମ ନିର୍ମାଣ ପାଇଁ ୪ ହଜାର ୧୨୪ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ୨୦୨୫-୨୬ ରେ ବ୍ଲକସ୍ତରୀୟ ଷ୍ଟାଡିୟମର ବିକାଶ ପାଇଁ ୮୨୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। କେନ୍ଦୁଝର, ସମ୍ବଲପୁର, ବ୍ରହ୍ମପୁର ଓ କୋରାପୁଟକୁ ସ୍ପୋର୍ଟସ ହବ୍ ଭାବେ ବିକାଶ କରାଯିବ।



- ନୟାଗଡ଼ ଓ ମୟୂରଭଞ୍ଜରେ କଙ୍ଗାରୁ କୋର୍ଟ

## ତଣ୍ଡ ନ ଦେବାରୁ ନିଆଁପାଣି ବାସନ୍ଦ

- ଘର ଆଗରେ କଣ୍ଟା ପକାଇଲେ ଗ୍ରାମବାସୀ
- ପରକୀୟା ପ୍ରୀତି ସନ୍ଦେହରେ ମାଡ଼



**ନୟାଗଡ଼,୧୩।୯(ସଂଚାର ବ୍ୟୁରୋ):** ନୟାଗଡ ଓ ମୟୂରଭଞ୍ଜ ଜିଲ୍ଲାରେ ଏବେ ବି ଚାଲିଛି କଙ୍ଗାରୁ କୋର୍ଟ। ପ୍ରଶାସନ ଓ ଆଇନକାନୁନକୁ ଖାତିର ନ କରି ଚାଲିଛି ଦଣ୍ଡବିଧାନ। ସ୍ୱେଚ୍ଛାଚାରୀ ଆଦେଶ ଜାରି ହେଉଛି, ନ ମାନିଲେ ନିଆଁପାଣି ବାସନ୍ଦ ଭଳି ଅମାନବୀୟ କାର୍ଯ୍ୟ ମଧ୍ୟ ଜାରି ରହିଛି। ନୟାଗଡ଼ ଜିଲ୍ଲାର ଶରଣକୁଳ ଥାନା ଅନ୍ତର୍ଗତ ମଗରବନ୍ଧ ଗାଁରେ ଓ ମୟୂରଭଞ୍ଜ ଜିଲ୍ଲା ଯଶୀପୁର ଥାନାଞ୍ଚଳରେ ଏବେ ଏଭଳି କିଛି ଅମାନବୀୟ କାର୍ଯ୍ୟ ଦେଖିବାକୁ ମିଳିଛି। ମିଳିଥିବା ସୂଚନାନୁସାରେ, ମଗରବନ୍ଧ ଗାଁର ହେମନ୍ତ ପ୍ରଧାନଙ୍କୁ ଗତ ୨୦୨୧ରେ କାଜୁ ଗଛକୁ ନେଇ ଅର୍ଥ ତଣ୍ଡ ଦିଆଯାଇଥିଲା। ଏହାକୁ ନେଇ ଗାଁରେ ବିବାଦ ଦେଖାଦେଇଥିଲା। ହେମନ୍ତ ଓ ଗାଁ କମିଟି ମଧ୍ୟରେ ବିବାଦ ଚାଲିଥିବାରୁ ତାଙ୍କ ପରିବାରକୁ ଏବେ ନିଆଁପାଣି ବାସନ୍ଦ କରାଯିବା ସହ ଏକ ଘରିକିଆ କରିଦିଆଯାଇଛି। ନିକଟରେ ହେମନ୍ତ ଶରଣକୁଳ ଥାନାରେ ଏନେଇ ଅଭିଯୋଗ କରିଥିଲେ। କିନ୍ତୁ ଏପରି ଅଭିଯୋଗ ପରେ ଗାଁ ଲୋକେ ଅଧିକ ଉତ୍ତ୍ୟକ୍ତ ହୋଇ ତାଙ୍କ ଘର ଚତୁଃପାର୍ଶ୍ୱରେ କଣ୍ଟା ଗଛ ପକାଇ ରାସ୍ତା ଅବରୋଧ ପାଇଁ ଉଦ୍ୟମ କରିଛନ୍ତି। ଫଳତଃ ବୃଦ୍ଧ ବାପା-ମା'ଙ୍କ ସହ ୩ ଦିନ ହେଲା ହେମନ୍ତଙ୍କ ପରିବାର ଲୋକେ ବନ୍ଦୀ ଭଳି ଘର ଭିତରେ ରହିଛନ୍ତି। ଏପରିକି ଏନେଇ ଥାନାରେ ଅଭିଯୋଗ କଲେ ମଧ୍ୟ ପୁଲିସ୍ କିଛି ବି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଅନ୍ୟପକ୍ଷରେ ଏ ସଂକ୍ରାନ୍ତରେ ନୟାଗଡ଼ ଉପଜିଲ୍ଲାପାଳ କହିଛନ୍ତି ଯେ ଓଡଗାଁ ତହସିଲଦାରଙ୍କୁ ଏହି ଘଟଣାରେ ତଦନ୍ତ କରିବା ସକାଶେ ନିର୍ଦ୍ଦେଦିଆଯାଇଛି। ସେ ଗାଁରେ ପହଞ୍ଚି ତଦନ୍ତ କରିବା ପରେ ରିପୋର୍ଟ ଦେଲେ ଠୋସ୍ ପଦକ୍ଷେପ ନିଆଯିବ।

ସେହିପରି ଯଶୀପୁର ଥାନାଞ୍ଚଳରେ ପରକୀୟା ପ୍ରୀତି ସନ୍ଦେହ କରି ଗ୍ରାମବାସୀ ୨ ଜଣ ଯୁବକ ଓ ଜଣେ ମହିଳାଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼ ମାରିଛନ୍ତି। ସମ୍ପୃକ୍ତ ମହିଳା ଜଣକ ହାଟ ସଉଦା କରିବା ପାଇଁ କାଶୀପାଳ ଗାଁରୁ ତାଙ୍କର ଦୁଇ ଜଣ ସମ୍ପର୍କୀୟ ଦିଅରଙ୍କୁ ଡାକି ଯଶିପୁର ଆସିଥିଲେ। ତେବେ ସେମାନେ ବଜାରରୁ ବାଇକ ଯୋଗେ ଗାଁକୁ ଫେରିବା ସମୟରେ ଉକ୍ତ ମହିଳାଙ୍କୁ ଦୁଇ ଯୁବକଙ୍କ ସହ ଦେଖି ପରିବାର ଲୋକଙ୍କ ସହ ଗାଁ ଲୋକେ ସେମାନଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଖବର ପାଇ ଯଶୀପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛି। ଏନେଇ ଏକ ମାମଲା ରୁଜୁ କରିବା ସହ ପୁଲିସ୍ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

## ସୂର୍ଯ୍ୟମନ୍ଦିର ବୁଲିଲେ ୪୦ ଦେଶର ବୈଦେଶିକ ଅଧିକାରୀ

**କୋଣାର୍କ, ୧୩।୯ (ସଂଚାର ବ୍ୟୁରୋ) :** ୪୦ଟି ଦେଶର ବୈଦେଶିକ ସେବା ଅଧିକାରୀ(ଏଫଏସଓ) ସୂର୍ଯ୍ୟମନ୍ଦିର ଶନିବାର ପରିଦର୍ଶନ କରିଛନ୍ତି। ସୂର୍ଯ୍ୟମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ଅଧିକାରୀମାନେ ବିମୋହିତ ହୋଇପଡ଼ିଥିଲେ। କେନିୟା, ଇଜିପ୍ଟ, ମରିସସ, ନାଇଜେରିଆ, ଭାରତ, ମାଳଦୀପ, ନେପାଳ, ଇରାକ, ଶ୍ରୀଲଙ୍କା, ଭିଏତନାମ, ବ୍ରାଜିଲ, କ୍ୟୁବା, ଜାମାଇକା ଆଦି ଦେଶର ବୈଦେଶିକ ଅଧିକାରୀ ଏଠାରେ ପହଂଚିବା ପରେ ପ୍ରଥମେ ଯାତ୍ରୀନିବାସରେ କିଛି ସମୟ ଅତିବାହିତ କରିଥିଲେ। ପରେ ସେମାନେ ସୂର୍ଯ୍ୟମନ୍ଦିର ବୁଲିଥିଲେ। ସୂର୍ଯ୍ୟମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ଅଧିକାରୀମାନେ ବିମୋହିତ ହୋଇପଡ଼ିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା,କୋଣାର୍କ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ,କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ ବିଭାଗୀୟ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



### ଏନ୍‌ଆଇଆର୍‌ଏଫ୍-୨୦୨୫ ମେଡିକାଲ କଲେଜ ମାନ୍ୟତା ତାଲିକା ଜାରି

# ପୂର୍ବ ଭାରତରେ ଏମ୍ସ ଭୁବନେଶ୍ୱର ଶ୍ରେଷ୍ଠ

- ୨୦୨୧ରେ ୩୧ତମ ସ୍ଥାନରେ ଥିଲା
- ଏବେ ଚତୁର୍ଦ୍ଦଶକୁ ଉନ୍ନୀତ
- ସାମଗ୍ରିକ ବର୍ଗରେ ଶ୍ରେଷ୍ଠ ୧୦୦ରେ ବି ସାମିଲ୍

**ଭୁବନେଶ୍ୱର,୧୩।୯(ସଂଚାର ବ୍ୟୁରୋ):** ରାଜ୍ୟ ତଥା ସମଗ୍ର ପୂର୍ବ ଭାରତ ପାଇଁ ପୁଣିଥରେ ସଫଳତା ଆଣିଦେଇଛି ଏମ୍ସ ଭୁବନେଶ୍ୱର। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଜାତୀୟ ଶିକ୍ଷାନୁଷ୍ଠାନ ମାନ୍ୟତା ତାଲିକା (ଏନଆଇଆରଏଫ)ରେ ଏମ୍ସ ଭୁବନେଶ୍ୱରକୁ ଦେଶର ଶ୍ରେଷ୍ଠ ମେଡିକାଲ କଲେଜ ବର୍ଗରେ ଚତୁର୍ଦ୍ଦଶ ସ୍ଥାନ ମିଳିଛି। ଗତବର୍ଷ ଏହି ଜାତୀୟ ଅନୁଷ୍ଠାନ ଏନଆଇଆରଏଫ ତାଲିକାରେ ୧୫ତମ ସ୍ଥାନରେ ଥିଲା। ତେବେ ୨୦୨୧ରେ ୩୧ତମ ସ୍ଥାନ ହାସଲ କରିଥିବା ଏହି ଅନୁଷ୍ଠାନ ମାତ୍ର ୪ ବର୍ଷ ମଧ୍ୟରେ ୧୭ଟି ସ୍ଥାନ ଉପରକୁ ଉଠି ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ସେହିପରି ସାମଗ୍ରିକ କ୍ଷେତ୍ରରେ ମଧ୍ୟ ଏହି ଜାତୀୟ ପ୍ରତିଷ୍ଠାନ ଚଳିତ ବର୍ଷ ବିଶେଷ ସଫଳତା ଆଣିଦେଇଛି। ଏହି ବର୍ଗରେ ଏମ୍ସ ଭୁବନେଶ୍ୱର ଶ୍ରେଷ୍ଠ ଶହେ ମଧ୍ୟରେ ନିଜକୁ ସାମିଲ କରିପାରିଛି। ଉଲ୍ଲେଖଯୋଗ୍ୟ ଷଟ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଘୋଷଣା କରିଥିବା ୨୦୨୫ ବର୍ଷ ପାଇଁ ଏନଆଇଆରଏଫ ତାଲିକା ଅନୁସାରେ ଏମ୍ସ ଭୁବନେଶ୍ୱରକୁ ଓଡ଼ିଶା ସମେତ ସମଗ୍ର ପୂର୍ବ ଭାରତରେ ସର୍ବୋତ୍ତମ ମେଡିକାଲ୍ କଲେଜର ମାନ୍ୟତା ପ୍ରଦାନ କରାଯାଇଛି। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସିଇଓ ଡ. ଆଶୁତୋଷ ବିଶ୍ୱାସଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଏହି ଜାତୀୟ ଅନୁଷ୍ଠାନ ଭିତ୍ତିଭୂମି, ଶିକ୍ଷା, ରୋଗୀସେବା ଏବଂ ଗବେଷଣା ସମେତ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଛି।



ଏହି ଅବସରରେ ଡ. ବିଶ୍ୱାସ ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ତଥା ଏମ୍ସ ପରିବାରକୁ ସେମାନଙ୍କ ଉତ୍ସର୍ଗୀକୃତ ମନୋଭାବ ତଥା କଠିନ ପରିଶ୍ରମ ପାଇଁ ହୃଦୟରୁ ଅଭିନନ୍ଦନ ଜଣାଇଛନ୍ତି। ରୋଗୀ ସେବା, ଗବେଷଣା ଓ ଶିକ୍ଷାର ସାମଗ୍ରିକ ବିକାଶରେ ଏହି ଅନୁଷ୍ଠାନ ଉତ୍କର୍ଷର ନିରନ୍ତର ଅନୁସରଣ ଜାରି ରଖିବ ବୋଲି ଡ. ବିଶ୍ୱାସ ମତ ବ୍ୟକ୍ତ କରିଛନ୍ତି। ଶିକ୍ଷାଦାନ, ଶିକ୍ଷା ଏବଂ ସମ୍ବଳ (ଟିଏଲଆର), ଗବେଷଣା ଓ ବୃତ୍ତିଗତ ଅଭ୍ୟାସ (ଆରପି), ସ୍ନାତକୋତ୍ତର ଫଳାଫଳ (ଜିଓ), ଆଉଟରିଚ୍ ଓ ଇନକ୍ଲୁସିଭିଟି (ଓଆଇ) ଏବଂ ପିଅର ପର୍ସେପ୍‌ସନ (ପିପି) ଭଳି ପାଞ୍ଚଟି ମାପଦଣ୍ଡକୁ ଭିତ୍ତି କରି ଏହି ମାନ୍ୟତା ତାଲିକା ପ୍ରସ୍ତୁତ କରାଯାଇଛି। ଏକାଡେମିକ୍ ଏବଂ ବୃତ୍ତିଗତ ଉତ୍କର୍ଷ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରି ଏମ୍ସ ଭୁବନେଶ୍ୱର ଚଳିତ ବର୍ଷ ୧୦୦ରୁ ୬୪.୩୧ ସ୍କୋର କରିଛି। ଯାହା ଏହାର ସର୍ବାଙ୍ଗୀନ ପ୍ରଦର୍ଶନ ଏବଂ ବର୍ଦ୍ଧିତ ଜାତୀୟ ଖ୍ୟାତିର ପ୍ରତିଫଳନ। ଚଳିତ ବର୍ଷ, ଏମ୍ସ ଭୁବନେଶ୍ୱର ମର୍ଯ୍ୟାଦାଜନକ ଇଣ୍ଡିଆ ଟୁଡେ-ଏମଡିଆରଏ ସର୍ଭେ ରାଙ୍କିଂରେ ଭାରତର ଶ୍ରେଷ୍ଠ ଉଦୀୟମାନ ମେଡିକାଲ କଲେଜଗୁଡ଼ିକ ମଧ୍ୟରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲା। ଓଡ଼ିଶାର ଶୀର୍ଷ ସ୍ଥାନପ୍ରାପ୍ତ ମେଡିକାଲ କଲେଜ ଭାବରେ, ଏମ୍ସ ଭୁବନେଶ୍ୱର ଆଞ୍ଚଳିକ ଏବଂ ଜାତୀୟ ସ୍ତରରେ ଚିକିତ୍ସା ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନରେ ମାନଦଣ୍ଡ ସ୍ଥାପନ କରିଚାଲିଛି। ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସଙ୍କ ସମେତ ଡିନ୍ (ପରୀକ୍ଷା) ଡ. ସୌଭାଗ୍ୟ କୁମାର ଜେନା, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, କୁଳସଚିବ ଡ. ସୁଦୀପ୍ତ ରଞ୍ଜନ ସିଂହ, ଡ. ବିନୋଦ କୁମାର ପାତ୍ରୋ, ଡ. ଦେବପ୍ରିୟ ବନ୍ଦୋପାଧ୍ୟାୟ, ଡ. ସିପ୍ରା ରାଉତ, ଜଗଦୀଶ ସାହୁ ଏବଂ ଜନ ସମ୍ପର୍କ ଅଧିକାରୀ(ପିଆରଓ) ରାଜ କିଶୋର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




## ଅଗଷ୍ଟ ଖୁଚୁରା ମୁଦ୍ରାସ୍ଫୀତି

# ଦେଶରେ ବଢ଼ିଲା, ଓଡ଼ିଶାରେ କମିଲା

ଭୁବନେଶ୍ୱର, ୧୩।୯: ଅଗଷ୍ଟ ମାସରେ ଦେଶରେ ଖୁଚୁରା ମୁଦ୍ରାସ୍ଫୀତି ୨.୦୭ ପ୍ରତିଶତକୁ ବୃଦ୍ଧି ପାଇଛି। ଜୁଲାଇରେ ଏହା ୧.୬୧ ପ୍ରତିଶତ ରହିଥିଲା।

ଅଗଷ୍ଟରେ ଦେଶର ଗ୍ରାମାଞ୍ଚଳରେ ଖୁଚୁରା ମୁଦ୍ରାସ୍ଫୀତି ୧.୬୯ ପ୍ରତିଶତକୁ ବୃଦ୍ଧି ପାଇଛି। ସେହିଭଳି ସହରାଞ୍ଚଳରେ ଖୁଚୁରା ମୁଦ୍ରାସ୍ଫୀତି ୨.୪୭ ପ୍ରତିଶତରେ ପହଞ୍ଚିଛି। ଜୁଲାଇ ତୁଳନାରେ ଅଗଷ୍ଟରେ ଦେଶରେ ଖୁଚୁରା ମୁଦ୍ରାସ୍ଫୀତି ବଢ଼ିଥିଲେ ମଧ ଏହା ରିଜର୍ଭ ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ ଲକ୍ଷ୍ୟ ମଧରେ ରହିଛି। ଦେଶରେ ଖାଦ୍ୟ ସାମଗ୍ରୀର ମୁଦ୍ରାସ୍ଫୀତି କ୍ରମାଗତ ତୃତୀୟମାସ ପାଇଁ ବିଯୁକ୍ତାତ୍ମକ ରହିଛି। ଅଗଷ୍ଟ ମାସରେ ଏହା ବିଯୁକ୍ତ ୦.୬୯ ପ୍ରତିଶତ ରହିଛି। ଦେଶର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଖାଦ୍ୟ ସାମଗ୍ରୀର ଖୁଚୁରା ମୁଦ୍ରାସ୍ଫୀତି ଅଗଷ୍ଟ ମାସରେ ଯଥାକ୍ରମେ ବିଯୁକ୍ତ ୦.୭୦ ପ୍ରତିଶତ ଏବଂ ବିଯୁକ୍ତ ୦.୫୮ ପ୍ରତିଶତ ରହିଛି। ଦେଶରେ ଅଗଷ୍ଟ ମାସରେ ଖୁଚୁରା ମୁଦ୍ରାସ୍ଫୀତି ଏବଂ ଖାଦ୍ୟ ସାମଗ୍ରୀର ଖୁଚୁରା ମୁଦ୍ରାସ୍ଫୀତିରେ ଯେଉଁ ବୃଦ୍ଧି ଦେଖାଦେଇଛି ତାହା ମୁଖ୍ୟତଃ ପନିପରିବା, ମାଛ ଓ ମାଂସ, ତେଲ ଏବଂ ପର୍ସନାଲ କେୟାର ଏବଂ ଅଣ୍ଡା ଆଦି ସାମଗ୍ରୀର ମୂଲ୍ୟବୃଦ୍ଧି କାରଣରୁ



ହୋଇଛି। ରାଜ୍ୟଗୁଡ଼ିକର ତଥ୍ୟ ଉପରେ ନଜର ପକାଇଲେ ଜଣାଯାଇଛି ଯେ ଅଗଷ୍ଟରେ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ବିଯୁକ୍ତ ୦.୫୫% ରହିଛି। ଆସାମର ଖୁଚୁରା ମୁଦ୍ରାସ୍ଫୀତି ବି ବିଯୁକ୍ତ ୦.୬୬% ଅଛି। ଅର୍ଥାତ୍ ଦେଶର ଏହି ଦୁଇଟି ରାଜ୍ୟରେ ଅଗଷ୍ଟ ମାସରେ ଦରଦାମ ଗତବର୍ଷ ଅଗଷ୍ଟ ତୁଳନାରେ ନିମ୍ନମୁଖୀ ହୋଇଛି। ଓଡ଼ିଶାର ଗ୍ରାମାଞ୍ଚଳରେ ଖୁଚୁରା ମୁଦ୍ରାସ୍ଫୀତି ଅଗଷ୍ଟ ମାସରେ ବିଯୁକ୍ତ ୦.୮୪% ରହିଛି। କିନ୍ତୁ ସହରାଞ୍ଚଳରେ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ୦.୩୧% ବୃଦ୍ଧି ପାଇଛି।

ଅନ୍ୟପକ୍ଷରେ ଅଗଷ୍ଟରେ କେରଳ ଦେଶର ସବୁଠୁ ମହଙ୍ଗା ବଜାର ହୋଇଛି। ସେଠାରେ ଖୁଚୁରା ମୁଦ୍ରାସ୍ଫୀତି ୯.୦୪% ଥିବାବେଳେ ଏହା ପଛକୁ କର୍ଣ୍ଣାଟକ ଦ୍ୱିତୀୟ ମହଙ୍ଗା ବଜାର ଭାବେ ପରିଗଣିତ ହୋଇଛି। କର୍ଣ୍ଣାଟକରେ ଖୁଚୁରା ମୁଦ୍ରାସ୍ଫୀତି ୩.୮୧% ଅଛି। ସେହିଭଳି ଜମ୍ମୁ କାଶ୍ମୀର, ପଞ୍ଜାବ ଏବଂ ତାମିଲନାଡୁରେ ମଧ ଖୁଚୁରା ମୁଦ୍ରାସ୍ଫୀତି ଅଧିକ ରହିଛି। ଏମାନେ ଯଥାକ୍ରମେ ତୃତୀୟ, ଚତୁର୍ଥ ଏବଂ ପଞ୍ଚମ ସ୍ଥାନରେ ରହିଛନ୍ତି। ଚଳିତବର୍ଷ ଜୁଲାଇରେ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ବିଯୁକ୍ତ ୦.୩୦% ରହିଥିଲା। ଜୁଲାଇରେ ରାଜ୍ୟର ଗ୍ରାମାଞ୍ଚଳରେ ଏହି ହାର ବିଯୁକ୍ତ ୦.୬୦% ଓ ସହରାଞ୍ଚଳରେ ୦.୫୩% ରହିଥିଲା।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୧୧,୧୭୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୦୧,୯୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୧୧,୧୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୦୧,୯୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୧୧,୧୭୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୦୧,୯୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୧୧,୩୦୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୦୨,୦୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୧୧,୭୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୦୨,୨୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୧୧,୧୭୦ ଓ ୧,୦୧.୯୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୩୩,୦୦୦ ଟଙ୍କା ହୋଇଛି।

## ଫୋନ୍‌ପେ ବିରୋଧରେ ଆରବିଆଇର କଡ଼ା କାର୍ଯ୍ୟାନୁଷ୍ଠାନ

# ଲଗାଇଲା ୨୧ ଲକ୍ଷ ଟଙ୍କାର ଜରିମାନା

ନୂଆଦିଲ୍ଲୀ, ୧୩।୯: ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଫିନଟେକ କମ୍ପାନୀ ଫୋନ୍‌ପେ ଉପରେ ୨୧ ଲକ୍ଷ ଟଙ୍କାର ଜରିମାନା ଲଗାଇଛି। ପ୍ରିପେଡ ପେମେଣ୍ଟ ଉପକରଣ ସହିତ ଜଡିତ କିଛି ନିୟମକୁ ଠିକ ଭାବରେ ପାଳନ ନକରିବା ପାଇଁ କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଆରବିଆଇ କହିଛି ଯେ ଅକ୍ଟୋବର ୨୦୨୩ରୁ ଡିସେମ୍ବର ୨୦୨୪ ପର୍ଯ୍ୟନ୍ତ କମ୍ପାନୀର କାର୍ଯ୍ୟର ବୈଧାନିକ ଯାଞ୍ଚ କରାଯାଇଥିଲା। ନିରୀକ୍ଷଣ ଏବଂ ଚିଠିପତ୍ର ଆଧାରରେ, କମ୍ପାନୀକୁ ଏକ ନୋଟିସ ଜାରି କରାଯାଇଥିଲା ଏବଂ କାରଣ ବୁଝାଇବାକୁ କୁହାଯାଇଥିଲା। ଫୋନ୍‌ପେ ଦ୍ୱାରା ଦିଆଯାଇଥିବା ଉତ୍ତର ଏବଂ ଅତିରିକ୍ତ ଦାଖଲକୁ ବିଚାର କରିବା ପରେ,



ଆରବିଆଇ ଅଭିଯୋଗଗୁଡ଼ିକୁ ସଠିକ ବୋଲି ଜାଣିପାରିଲା ଏବଂ ଜରିମାନା ଲଗାଇଲା। ଆରବିଆଇ ସ୍ପଷ୍ଟ କରିଛି ଯେ ଅନେକ ଥର କମ୍ପାନୀର ଏସ୍କ୍ରୋ ଆକାଉଣ୍ଟରେ ବାଲାନ୍ସ ପ୍ରିପେଡ ପେମେଣ୍ଟ ଉତ୍ପାଦ (ପିପିଆଇ) ଏବଂ ବ୍ୟବସାୟୀମାନଙ୍କୁ ଦେୟ ପରିମାଣ ଠାରୁ କମ ଥିଲା ଏବଂ ଏହି ଅଭାବ ଆରବିଆଇକୁ ସମୟ ମଧରେ ରିପୋର୍ଟ କରାଯାଇ ନଥିଲା। ତଥାପି, ଜରିମାନା କେବଳ ନିୟାମକ ଅନୁପାଳନରେ ତ୍ରୁଟି ଉପରେ ଆଧାରିତ ଏବଂ ଗ୍ରାହକଙ୍କ ସହିତ କମ୍ପାନୀର କାରବାର କିମ୍ବା ଚୁକ୍ତିନାମାର ବୈଧତାକୁ ପ୍ରଭାବିତ କରିବ ନାହିଁ।

ଏହା ଉଲ୍ଲେଖନୀୟ ଯେ ଆରବିଆଇ ପୂର୍ବରୁ ଫୋନ୍‌ପେ ଉପରେ ଜରିମାନା ଲଗାଇସାରିଛି। ୨୦୧୯ ମସିହାରେ, ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫପିଆଇ) ସହିତ ଜଡିତ ନିୟମ ପାଳନ ନକରିବା ପାଇଁ ୧ କୋଟି ଟଙ୍କାର ଜରିମାନା ଲାଗୁ କରାଯାଇଥିଲା ଏବଂ ୨୦୨୦ରେ, ନିୟାମକ ନିୟମ ଉଲ୍ଲଂଘନ ପାଇଁ ୧.୩୯ କୋଟି ଟଙ୍କାର ଜରିମାନା ଲାଗୁ କରାଯାଇଥିଲା।

# ରିଅଲ ଇଷ୍ଟେଟ୍ କ୍ଷେତ୍ରର ବିକାଶ ପାଇଁ ଗଠନ ହେଲା ଓଡିଫେଡ୍




ଭୁବନେଶ୍ୱର,୧୩।୯(ସଂଚାର ବ୍ୟୁରୋ): ଭୁବନେଶ୍ୱରରେ କାର୍ଯ୍ୟରତ କେନ୍ଦ୍ରୀୟ କ୍ରେଡାଇର ଏକ ପ୍ରାଧିକୃତ ସଂସ୍ଥା କ୍ରେଡାଇ ଭୁବନେଶ୍ୱରର ଅଧିକାଂଶ ଅଗ୍ରଣୀ ଡେଭଲପର ଏବଂ ହିତାଧିକାରୀମାନେ ଆସୋସିଏସନ୍‌ରେ ଅନୈତିକ ଅପରେଟରମାନଙ୍କୁ ହଟାଇବା ଦିଗରେ କେନ୍ଦ୍ରୀୟ କ୍ରେଡାଇର ନିରୁତ୍ସାହଜନକ ମନୋଭାବ ଏବଂ ରେରା ପଞ୍ଜୀକୃତ ହୋଇ ନଥିବା ବିଲଡରମାନଙ୍କୁ ଅଧ୍ୟ ଆସୋସିଏସନରେ ରଖିବା ନିଷ୍ପତ୍ତି ବିରୋଧରେ ସ୍ୱର ଉତ୍ତୋଳନ କରି ସ୍ୱଇଚ୍ଛାରେ ମିଳିତଭାବେ ଓହରିଯାଇ ଓଡ଼ିଶା ଡେଭଲପର୍ସ ଫେଡେରେସନ 'ଓଡ଼ିଫେଡ୍' ଗଠନ କରିଛନ୍ତି। ଏହାର ଶୁଭାରମ୍ଭ ହୋଇଯାଇଛି। ହୋଟେଲ ସ୍ୟାଣ୍ଡି ଟାୱାରରେ ଆୟୋଜିତ ସମାରୋହରେ ଫେଡେରେସନର ଅଫିସିଆଲ୍ ଲୋଗୋ ଉନ୍ମୋଚିତ ହୋଇଛି। ଏହି ଅବସରରେ ନୂଆ ପରିଚାଳନା ପରିଷଦ ଘୋଷଣା କରାଯାଇଛି। ପ୍ରଦୀପ୍ତ କୁମାର ବିଶ୍ୱାସରାୟ ଏହାର ସଭାପତି ହୋଇଥିବାବେଳେ ଉମେଶ ପଟ୍ଟନାୟକ ସମ୍ପାଦକ ହୋଇଛନ୍ତି। ସେହିଭଳି ସୂର୍ଯ୍ୟକାନ୍ତ ନନ୍ଦ ଉପସଭାପତି, ଜିତେନ୍ଦ୍ର କୁମାର ପାତ୍ର ଯୁଗ୍ମ ସମ୍ପାଦକ, ସତ୍ୟଜ୍ୟୋତି ମହାନ୍ତି ଯୁଗ୍ମ ସମ୍ପାଦକ ଏବଂ କୋଷାଧ୍ୟକ୍ଷ ସିଦ୍ଧାର୍ଥ ମହାପାତ୍ର ହୋଇଛନ୍ତି। ଓଡ଼ିଶା ଦ୍ରୁତ ସହରୀକରଣ ଏବଂ ପୁଞ୍ଜି ବିନିଯୋଗ ପାଇଁ ପ୍ରସ୍ତୁତ ହେଉଥିବାରୁ ଓଡିଫେଡ୍ ଏହାର ଭବିଷ୍ୟତ ରିଅଲ୍ ଇଷ୍ଟେଟ ଦୃଶ୍ୟପଟ ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଓଡିଫେଡ୍ ରାଜ୍ୟରେ ରିଅଲ ଇଷ୍ଟେଟ ଡେଭଲପର୍ସମାନଙ୍କ

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୩୫ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୯୨ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।



# ଋଣ ନ ଶୁଝିଲେ ଲକ୍ ହୋଇଯିବ ଫୋନ!

ନୂଆଦିଲ୍ଲୀ, ୧୩।୯: ଲୋକେ ବ୍ୟାଙ୍କରୁ ଋଣ ଆଣି ଗାଡ଼ି କିଣିଥାନ୍ତି। ଏହି ଋଣ ନ ଶୁଝିଲେ ବ୍ୟାଙ୍କ କଣ କରେ? ରିକଭୋରି ଏଜେଣ୍ଟ ଆସି ଗାଡ଼ିକୁ ଜବତ କରିନେଇଯାଆନ୍ତି। ଠିକ ସେହିପରି ମୋବାଇଲ ଫୋନ କ୍ଷେତ୍ରରେ ହୋଇପାରେ। ଆପଣ ଯଦି କିସ୍ତିରେ ଏକ ମୋବାଇଲ ଫୋନ କିଣିଛନ୍ତି ଓ କିସ୍ତି ଶୁଝୁନାହାନ୍ତି ତେବେ ଆପଣଙ୍କ ମୋବାଇଲ ଫୋନ ଲକ୍ ହୋଇପାରେ। ଅନ୍ୟ କ୍ଷୁଦ୍ର ଋଣ ନ ଶୁଝିବା କ୍ଷେତ୍ରରେ ବି ଏପରି ହୋଇପାରେ।

ଏଥିପାଇଁ ରିଜର୍ଭ ବ୍ୟାଙ୍କ ନିୟମ ପରିବର୍ତ୍ତନ କରିବାକୁ ବିଚାର କରୁଛି। ରିଜର୍ଭ ବ୍ୟାଙ୍କ ଯୋଜନା କରୁଛି ଯେ ଯଦି ଗ୍ରାହକମାନେ ବ୍ୟାଙ୍କ ଋଣରେ ଖିଲାପ କରିଛନ୍ତି, ତେବେ ସମ୍ପୃକ୍ତ ବ୍ୟାଙ୍କ ସେହି ଗ୍ରାହକଙ୍କ ମୋବାଇଲ୍ ନମ୍ବରକୁ ମଧ ଲକ୍ କରିପାରିବ। ଏହି ନିୟମ ଛୋଟ ଟିକେଟ୍ ଋଣ ଉପରେ ଲାଗୁ ହେବ। ଏହାର ଉଦ୍ଦେଶ୍ୟ




ହେଉଛି ଅନାଦେୟ ଋଣ ହ୍ରାସ କରିବା ସହିତ ଆଦାୟ ବୃଦ୍ଧି କରିବା। ତଥାପି, ଏହି ନୂତନ ନିୟମ କାର୍ଯ୍ୟକାରୀ ହେବା ପୂର୍ବରୁ ମଧ, ଗ୍ରାହକ ଅଧିକାର, ତଥ୍ୟ ସୁରକ୍ଷା ଏବଂ ଡିଜିଟାଲ୍ ପ୍ରବେଶ ସମ୍ପର୍କରେ ବିତର୍କ ତୀବ୍ର ହୋଇଛି। ଋଣ ଖିଲାପ ହେଲେ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଋଣଦାତାମାନେ ଗ୍ରାହକଙ୍କ ମୋବାଇଲ୍ ନମ୍ବରକୁ ଲକ୍ କରିବାର ଅଧିକାର ପାଇବେ। ଏହି ଲକ୍ ହୋଇଥିବା ଫୋନ୍ ପୁନଃସକ୍ରିୟ କରିବା ପାଇଁ, ପ୍ରଥମେ ବ୍ୟାଙ୍କରୁ ଅନୁମତି ନେବାକୁ ପଡିବ। ଲକ୍ ହୋଇଥିବା ଡିଭାଇସର ଡାଟା ବ୍ୟାଙ୍କ କିମ୍ବା ଅନ୍ୟ ଋଣଗ୍ରହୀତା ବ୍ୟବହାର କରିବେ ନାହିଁ।

ଏହା ପୂର୍ବରୁ ରିଜର୍ଭ ବ୍ୟାଙ୍କ ୨୦୨୪ ମସିହାରେ ଫୋନ୍ ଲକ୍ କରିବାର ଏହି ସୁବିଧା ବନ୍ଦ କରିବାକୁ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲା। ତଥାପି, ପରେ ବଡ଼ ଫାଇନାନ୍ସ କମ୍ପାନୀ ଏବଂ ବ୍ୟାଙ୍କଗୁଡ଼ିକ ସହିତ କଥା ହେବା ପରେ, ଏହାକୁ ପୁଣି ଥରେ ଆରମ୍ଭ କରିବାକୁ କୁହାଯାଇଛି।

ରିଜର୍ଭ ବ୍ୟାଙ୍କ ଏହାର ପ୍ରସ୍ତାବିତ ମାର୍ଗଦର୍ଶିକାରେ କହିଛି ଯେ ଏହା ଆଗାମୀ କିଛି ମାସ ମଧରେ ଫେୟାର ପ୍ରକ୍ଟିସ୍ କୋଡ୍ ଅପଡେଟ୍ କରିବାକୁ ଯାଉଛି। ଏହା ଅଧୀନରେ, ରିଜର୍ଭ ବ୍ୟାଙ୍କ ଋଣ ଖିଲାପକାରୀଙ୍କ ସମ୍ପର୍କରେ ଏକ ନୂତନ ଆଇନ କରିବା ବିଷୟରେ କଥା ହୋଇଛି। ରିଜର୍ଭ ବ୍ୟାଙ୍କ ବିଶ୍ୱାସ କରେ ଯେ ଋଣ ଖିଲାପକାରୀଙ୍କ ମୋବାଇଲ୍ ନମ୍ବର ଲକ୍ କରିବା ଦ୍ୱାରା ଋଣ ପରିଶୋଧ କରିବା ପାଇଁ ସେମାନଙ୍କ ଉପରେ ଚାପ ବୃଦ୍ଧି ପାଇବ ଏବଂ ବର୍ଦ୍ଧିତ ଖରାପ ଋଣକୁ ରୋକାଯାଇପାରିବ।

## ଗ୍ରାହକଙ୍କ ମଧ୍ୟରେ ବଢୁଛି ସଚେତନତା: ପଲିସିବଜାର




କୋଲକାତା, ୧୧।୯(ସଂଚାର ବ୍ୟୁରୋ): ପଶ୍ଚିମବଙ୍ଗରେ ଟର୍ମ ଇନ୍ସୁରାନ୍ସ କିଣିବା ପ୍ରତି ଲୋକଙ୍କ ଆଚରଣରେ ଥିବା ପ୍ରମୁଖ ଧାରା ଉପରେ ଆଲୋକପାତ କରିବା ପାଇଁ ପଲିସିବଜାର କୋଲକାତାରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରିଲା। ଦୁର୍ଗାପୂଜା ପୂର୍ବରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଲିସିବଜାରଡଟକମ୍‌ର ଜୀବନ ବୀମାର ଆଞ୍ଚଳିକ ମୁଖ୍ୟ (ପୂର୍ବ) ଗୌରବ ସୁରାନା ସମ୍ବୋଧିତ କରିଥିଲେ। ସେ କହିଛନ୍ତି ଯେ ଟର୍ମ ଇନସ୍ୟୁରାନ୍ସ ଗ୍ରହଣ ଏବଂ ବର୍ଦ୍ଧିତ ସଚେତନତା ସହିତ, ଗ୍ରାହକଙ୍କ ଆଚରଣରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖାଯାଉଛି।

## ତନେଇରା ପକ୍ଷରୁ ଫେଷ୍ଟିଭ କଲେକ୍ସନ 'ମିଆରା'




ଭୁବନେଶ୍ୱର,୧୩।୯(ସଂଚାର ବ୍ୟୁରୋ): ତନେଇରା ଏହାର ଫେଷ୍ଟିଭ୍ କଲେକ୍ସନ 'ମିଆରା' ଉନ୍ମୋଚନ କରିଛି। ରେଶମ, ସୂତା, ଟସର ଏବଂ ବିବିଧ ବୟନ ପରାମ୍ପରାର ମିଶ୍ରଣରେ ପ୍ରସ୍ତୁତ ଏହି କଲେକ୍ସନ ସୁଲଭ ମୂଲ୍ୟରେ ଉପଲବ୍ଧ। ଷ୍ଟୋର୍‌ରେ ୧୦ ହଜାର ଟଙ୍କା କିମ୍ବା ଅଧିକ ବ୍ୟୟ କରୁଥିବା ଗ୍ରାହକ ପ୍ରତି ୧୦ ହଜାର ଟଙ୍କାର ବ୍ୟୟ ଉପରେ ୧ ହଜାର ଟଙ୍କାର ଗିଫ୍ଟ ଭାଉଚର ପାଇବେ। ଏହାସହିତ ୫୦ ହଜାର ଟଙ୍କା କିମ୍ବା ତଦୂର୍ଦ୍ଧ୍ୱ ମୂଲ୍ୟର କ୍ରୟ କରୁଥିବା ଗ୍ରାହକ ପାଇବେ ୦.୨ ଗ୍ରାମର ଏକ ତନିସ୍କ ଗୋଲଡ୍ କଏନ୍। ଏହି ଅଫର୍ ଆସନ୍ତାମାସ ୨୦ ତାରିଖ ପର୍ଯ୍ୟନ୍ତ ବୈଧ।

## ଓଡିଏମ୍ ଆନୁକୂଲ୍ୟରେ ବୃହତ୍ ବିଶ୍ୱବିଦ୍ୟାଳୟ କ୍ୟାରିୟର ମେଳା

ଭୁବନେଶ୍ୱର,୧୩।୯(ସଂଚାର ବ୍ୟୁରୋ): ଓଡିଏମ୍ ଏଜୁକେସନାଲ୍ ଗ୍ରୁପ୍ ପକ୍ଷରୁ ପୂର୍ବ ଭାରତର ସର୍ବବୃହତ୍ ବିଶ୍ୱବିଦ୍ୟାଳୟ କ୍ୟାରିୟର ମେଳା ଶୁକ୍ରବାର ଦିନ ଓଡିଏମ୍ ପବ୍ଲିକ୍ ସ୍କୁଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତ, ଫ୍ରାନ୍ସ, ଆମେରିକା, କାନାଡା, ଇଟାଲୀ, ଅଷ୍ଟ୍ରେଲିଆ ଏବଂ ସ୍ୱିଜରଲ୍ୟାଣ୍ଡର ୬୮ଟି ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟର ଛାତ୍ର, ଶିକ୍ଷାବିତ୍ ଏବଂ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏହି ଅବସରରେ ଓଡିଏମ୍ ଶିକ୍ଷାସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନ କହିଛନ୍ତି, ଆମର ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଶିକ୍ଷାଗତ ଏବଂ ବୃତ୍ତିଗତ ଭବିଷ୍ୟତକୁ ଆକାର ଦେବା ପାଇଁ ଆବଶ୍ୟକ ଜ୍ଞାନ, ଦକ୍ଷତା ଏବଂ ସମ୍ବଳ ସହିତ ସଜ୍ଜିତ କରିବା। ବିଶ୍ୱବିଦ୍ୟାଳୟ କ୍ୟାରିଅର ମେଳା-୨୦୨୫' ଶିକ୍ଷାର୍ଥୀମାନଙ୍କୁ କଲେଜ୍ ସହିତ ସଂଯୋଗ କରିବାର ଏକ ଅଭିନବ ପ୍ରୟାସ ବୋଲି ସେ ମତ ଦେଇଛନ୍ତି। ଓଡିଏମ୍ ପବ୍ଲିକ୍ ସ୍କୁଲ କ୍ୟାମ୍ପସରେ ଏହି ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ମେଳାରେ ଓଡିଏମ୍ ପବ୍ଲିକ୍ ସ୍କୁଲ, ଓଡିଏମ୍ ଗ୍ଲୋବାଲ ସ୍କୁଲ ଏବଂ ଓଡିଏମ୍ ବିଜନେସ୍ ସ୍କୁଲର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଉତ୍ସାହର ସହ ଭାଗ ନେଇଥିଲେ। ସମାରୋହରେ ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ଉପାଧ୍ୟକ୍ଷା ଡ. ସନ୍ଧ୍ୟାରାଣୀ ସ୍ୱାଇଁ, ଉପାଧ୍ୟକ୍ଷ ଡ. ରାଜେଶ କୁମାର ପାଢ଼ୀ ତଥା ଓଡିଏମ୍ ଗ୍ଲୋବାଲ ସ୍କୁଲର ଅଧ୍ୟକ୍ଷ ସୁବ୍ରତ କୁମାର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।



## ଆମାଜନ୍‌ରେ ରାଜ୍ୟର ୧୭ ହଜାର ବିକ୍ରେତା




ଭୁବନେଶ୍ୱର, ୧୨/୯(ଇମିସ): ଆସନ୍ତା ୨୩ ତାରିଖରୁ ଆରମ୍ଭ ହେଉଥିବା ଆମାଜନ ଗ୍ରେଟ୍ ଇଣ୍ଡିଆନ ଫେଷ୍ଟିଭାଲ ପୂର୍ବରୁ ଆମାଜନ ଇଣ୍ଡିଆ ଓଡ଼ିଶାରେ ଗ୍ରାହକଙ୍କ ବର୍ଦ୍ଧିତ ଚାହିଦାକୁ ପୂରଣ କରିବା ପାଇଁ ପ୍ରସ୍ତୁତ ହୋଇଛି। କମ୍ପାନି ରାଜ୍ୟର ୧୭୦୦୦ରୁ ଅଧିକ ବିକ୍ରେତାମାନଙ୍କୁ ନିଜ ନେଟ୍‌ୱର୍କରେ ଯୋଡ଼ିଛି। ରାଜ୍ୟରେ ଆମାଜନର ପରିଚାଳନା ନେଟ୍‌ୱର୍କରେ ଏବେ ଆଉ ଏକ ନୂଆ ଫୁଲଫିଲମେଣ୍ଟ ସେଣ୍ଟର, ଏକ ସର୍ଟେସନ ସେଣ୍ଟର, ୨୫୦ରୁ ଅଧିକ ଆଇ ହାଭ୍ ସ୍ପେସ୍ (ଆଇଏଚ୍‌ଏସ୍) ଷ୍ଟୋର ଓ ୬୦ରୁ ଅଧିକ ଡେଲିଭରି ଷ୍ଟେସନ ସାମିଲ ହୋଇଛି । ଏହି ନିବେଶଗୁଡିକ ଆମାଜନକୁ ଭୁବନେଶ୍ୱରର ଗ୍ରାହକଙ୍କୁ ଦ୍ରୁତବେଗରେ ସାମଗ୍ରୀ ପ୍ରଦାନ କରିବାରେ ସକ୍ଷମ ହେବ।

ସଂଚାର THE SANCHAR

କୁମ୍ଭକର୍ଣ୍ଣ ନିଦ୍ରାରୁ କେବେ ଉଠିବ ଧର୍ମଗଡ଼ ଅବକାରୀ ବିଭାଗ

# ଚୋରା କୁଟିଆ ମାଲେମାଲ, ମଦୁଆ ବେହାଲ

**କଳାହାଣ୍ଡି,୧୩।୯(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼, ଓ ଗୋଲାମୁଣ୍ଡା ଅଞ୍ଚଳରେ ବେ, ଆଇନ ମଦ କୋଠି କୁଟୀର ଶିଳ୍ପ ଗୃହ ରୂପ ନେବାକୁ ବସିଲାଣି।ଧର୍ମଗଡ଼ ସହର ସମେତ ଗ୍ରାମାଞ୍ଚଳ ଓ ଗୋଲାମୁଣ୍ଡା ଅଞ୍ଚଳରେ ପ୍ରାୟ ସବୁ ୱାର୍ଡ ମାନଙ୍କରେ ବେଆଇନ ଦେଶୀ ମଦର ବୋତଲ, ପ୍ୟାକେଟ ଓ ଖୋଲାରେ ଯାହାକୁ ଯେତେ ପାଣି ସୁଅ ଭଳି ଅବାଧରେ ମିଳୁଛି।ଯାହା ଫଳରେ ଗ୍ରାମାଞ୍ଚଳ ର ଅବସ୍ଥା ଗାଁ ମାନଙ୍କରେ ବ୍ୟାପକ ଭାବେ ଦେଖିବାକୁ ମିଳୁଛି।ଧର୍ମଗଡ଼, ଗୋଲାମୁଣ୍ଡା, ସାନଚେର ଗାଁ ମଦଭାଟି ଗୁଡିକରୁ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ମାନଙ୍କରେ ମଦକଠି ଖୋଲା ଯାଇ ବେଆଇନ ଭାବେ କୁଟିଆକୁ ମଦ ଯୋଗା ଯାଉଛି। ଫେରିବାଲା ଭଳି ମଦଭାଟି ମାନଙ୍କ ଦ୍ୱାରା ମଦ ଗୁଡିକ ମଟର ସାଇକେଲ ଯୋଗେ ଗାଁ ରୁ ଗାଁ ରପ୍ତାନି କରାଯାଉଛି। ଭାଟି ମାନଙ୍କ ଦ୍ୱାରା ମଦ ପ୍ୟାକେଟ ଗୁଡିକରେ ବ୍ୟବହାରର ସମୟ ସୀମା ଓ ଓଜନ ର ସ୍ପଷ୍ଟତା ଦେଖାଯାଉ ନାହିଁ।ମଦ ପ୍ରସ୍ତୁତ ସମୟରେ ମଦର ଗୁଣାତ୍ମକ ମାନ ପ୍ରତି ଦୃଷ୍ଟି ଦିଆଯାଉ ନାହିଁ।ଭାଟି ଦ୍ୱାରା ପ୍ରସ୍ତୁତ ମଦକୁ ଅଧିକ ନିଶାଯୁକ୍ତ କରିବା ପାଇଁ ମହୁଲି ମଦ ପ୍ରସ୍ତୁତ କରିବା ସମୟରେ ମହୁଲ ଫୁଲ ସହିତ ୟୁରିଆ, ସ୍ପ୍ରିଟ, ସାହାଯ ପତ୍ର, ଏବଂ ଅନ୍ୟାନ୍ୟ କେମିକାଲ ମିଶାଉ ଥିବାରୁ ଏହା ବ୍ୟାପକ ଭାବେ ଲୋକଙ୍କ ଶରୀରରେ ବିଭିନ୍ନ ପ୍ରକାର ରୋଗ ହେଉଥିବା ଘଟଣା ଚର୍ଚ୍ଚା କୁ ଆସୁଛି। ଏହି ଭଳି ବିଦେଶୀ ମଦ ମଧ୍ୟ ସରକାରୀ ସ୍ୱୀକୃତ ଦୋକାନକୁ ଛାଡି ସହର ଏବଂ ଗ୍ରାମାଞ୍ଚଳ ମାନଙ୍କରେ ସହଜରେ ମିଳି ପାରୁଛି।ପ୍ରତିଷ୍ଠିତ ଓ ଅଧିକ ମାତ୍ରାରେ ବିକ୍ରି ହେଉଥିବା ବିଦେଶୀ, ବ୍ୟାପକ ଭାବେ ନକଲି ବ୍ରାଣ୍ଡ କରାଯାଇ ବିକ୍ରି ହେଉଥିବା ଚର୍ଚ୍ଚା ହେଉଛି।ଧର୍ମଗଡ଼, ଗୋଲାମୁଣ୍ଡା ବିଦେଶୀ ଦୋକାନ ଓ ବାର ମାନଙ୍କରେ ନିର୍ଦ୍ଧାରିତ ଦର ଠାରୁ ବେଆଇନ ଭାବେ ଚଢ଼ା ଦରରେ ବିକ୍ରି କରାଯାଉଥିବା ଯୋଗୁଁ ଗ୍ରାହକ ମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖା ଯାଉଛି। କେବେ କେବେ କାଁ ଭାଁ ଅବକାରୀ ଓ ପୋଲିସ ଦ୍ୱାରା ମଦ ଜବତ କରାଯାଉ ଥିଲେ ହେଁ, କେବଳ କୁଟିଆକୁ ଦଣ୍ଡ ବିଧାନ କରାଯାଉଥିବା ବେଳେ, ଯେଉଁ ମଦ ଭାଟି ମାନଙ୍କ ଠାରୁ ବ୍ୟାପକ ଭାବେ ମଦ ଅଣାଯାଇ ବିକ୍ରି କରୁଥିବା ମଦଭାଟି ମାଲିକ ମାନଙ୍କ ପାଖକୁ ପୋଲିସ କିମ୍ବା ଅବକାରୀ ବିଭାଗ ର ତଦନ୍ତ ପହଂଚି ପାରୁନାହିଁ କାହିଁକି ବୋଲି ବଡଧରଣର ପ୍ରଶ୍ନ ଉଠିଛି। ମାସିକିଆ ବଟି ପ୍ରେମରେ ମସଗୁଲ ଥିବା ସମ୍ପୃକ୍ତ ବିଭାଗ ନିନ୍ଦା ବିଷ୍ଣୁ ସାଜି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଥିବା ଯୋଗୁଁ ଆଜିର ସମୟରେ ଦୁଇଗୁଣିତ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏପରି ସ୍ଥଳେ ଜିଲ୍ଲା ଅବକାରୀ ଅଧିକ୍ଷକ ଓ ସ୍ୱୟଂ ଜିଲ୍ଲାପାଳ ଧର୍ମଗଡ଼, ଗୋଲାମୁଣ୍ଡା, ସାନଚେର ଗାଁ ସହର ଓ ଗ୍ରାମାଞ୍ଚଳ ମାନଙ୍କରେ ହେଉଥିବା ଚୋରା ମଦ ବିକ୍ରି କାରବାରକୁ ସ୍ୱତନ୍ତ୍ର ଦୃଷ୍ଟି ଦେଇ ରୋକାଯିବା ଦିଗରେ ଜ୍ଞାନୀମାନି ମହଲରେ ଦାବି ହେଉଛି।



## ଜିଲ୍ଲାପାଳଙ୍କୁ ଭେଟି ପୁଣିଥରେ ଆଲୋଚନା କଲେ ଅଞ୍ଚଳବାସୀ

# ଗୋଛାପଡ଼ା ବ୍ଲକ ଗଠନ କେବେ ?

**ଫିରିଙ୍ଗିଆ,୧୩।୯ (ସଂଚାର ବ୍ୟୋରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଏକ ଜିଲ୍ଲାର ଦିତୀୟ ବୃହତ୍ତମ ବ୍ଲକ ହୋଇ ଥିବାରୁ ଅଞ୍ଚଳବାସୀଙ୍କ ସୁବିଧା ପାଇଁ ଗୋଛାପଡ଼ାକୁ ନୂତନ ବ୍ଲକ ଗଠନ ପାଇଁ ଦୀର୍ଘ ବର୍ଷରୁ ଦାବି କରିଆସୁଛନ୍ତି। ସୂଚନା ପ୍ରକାରେ ଫିରିଙ୍ଗିଆ ବ୍ଲକଟି ୨୪ ପାଞ୍ଚାୟତ କୁ ନେଇ ଗଠିତ ହୋଇଥିବା ବେଳେ ସାରା ଅଞ୍ଚଳ ପାହାଡ଼ିଆ ଘେରା ଅଞ୍ଚଳ ହୋଇ ଥିବାରୁ ଲୋକ ମାନେ ଯେକୌଣସି ମୌଳିକ ସୁବିଧା ପାଇଁ ବ୍ଲକ କାର୍ଯ୍ୟାଳୟକୁ ଯିବା ଆସିବା ପାଇଁ ପ୍ରାୟ ୯ ଗୋଟି ପଞ୍ଚାୟତ ୩୦ ରୁ ୮୦ କିଲୋମିଟର ବହୁ ଦୂରତା ଓ ଗମନାଗମନର ସୁବିଧା ନ ଥିବାରୁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ଅଞ୍ଚଳବାସୀ ପୂର୍ବରୁ ୧୯୯୫, ୨୦୧୦, ୨୦୧୮ ମସିହାରେ ବାରମ୍ବାର ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଦାବି ଜଣାଇ ଆସୁଥିଲେ ମଧ ଆଜି ପର୍ଯ୍ୟନ୍ତ କୌଣସି ଫଳପ୍ରଦ ମିଳି ପାରିନାହିଁ। ଏହାକୁ ନେଇ ଗୋଛାପଡ଼ା, ସଲାଗୁଡ଼ା, ପଲାବୃଡି, କ୍ରାଣ୍ଡିବାଲି, ପକାରୀ, ବାଲନ୍ଦା ପଡା, ଲୁଇସିଂ ପାହିରାଜୁ, କୁଏରମାଣ୍ଡୁ, ପଞ୍ଚାୟତ ଅଞ୍ଚଳବାସୀ ମିଳିତଭାବେ ପୂର୍ବତନ ବିଧାୟକ ଅଙ୍ଗଦ କହଁର ଓ ଅଞ୍ଚଳର ବୁଦ୍ଧିଜୀବି ମାନଙ୍କୁ ନେଇ ଏକ ମଞ୍ଚ ଗଠନ କରି ବ୍ଲକ ଗଠନ ପାଇଁ ଦାବି କରିଆସୁଛନ୍ତି ଗୁରୁବାରଦିନ ପୁଣି ଥରେ ଗୋଛାପଡ଼ା ଠାରେ ବୈଠକ କରି ଏକ ଟିମ୍ କନ୍ଧମାଳ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିଛନ୍ତି।



# ଡାକ୍ତରଖାନାରେ ବିକାଶ ସାମ୍ମୁଖ୍ୟ ସଭା

**ଲାଞ୍ଜିଗଡ଼,୧୩।୯ (ସଂଚାର ବ୍ୟୋରୋ):** ସରକାରଙ୍କ ପ୍ରଚାର ପ୍ରଶାରର ଅଭାବ ହେତୁ ସରକାର ସ୍ତର ହେଉ ଅବା ବେସରକାରୀ ସ୍ତରରେ ହେଉ ସମସ୍ତ ପ୍ରକାର ବିକାଶ ମୁଖି ଯୋଜନା ତୃଣମୂଳ ସ୍ତରରେ ପହଞ୍ଚି ପାରିନ'ଥାଏ।ଏହି ଭଳି ବିକାଶ ମୁଖି ଯୋଜନା କିଭଳି ଭାବରେ ଜନତାଙ୍କ ଦରବାରରେ ପହଞ୍ଚିବ ସେଥିପାଇଁ ସରକାର ଅନେକ ପଦକ୍ଷେପ ଆପଣାଉଛନ୍ତି। ସୂଚନା ମତେ ସେବାଜଗତ ସଂସ୍ଥା ତରଫରୁ ବେନଗାଁ ଡାକ୍ତରଖାନା ଠାରେ ଶଙ୍କର ସୁନାଙ୍କ ନେତୃତ୍ୱରେ ଲାଞ୍ଜିଗଡ଼ ଉପାନ୍ତ ଅଞ୍ଚଳରେ କିପରି ସ୍ୱାସ୍ଥ୍ୟ, ଶିକ୍ଷା, ଗମନା ଗମନର ସୁବିଧା ହୋଇପାରିବ ତାହା ନେଇ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ।ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ବେନଗାଁ ଗ୍ରାମପଞ୍ଚାୟତ ସରପଞ୍ଚ ପୁରାଣା ମାଝୀ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ନାରୀନେତ୍ରୀ ସୁଶ୍ରୀ ଫୁଲମେ ମାଝୀ ଯୋଗଦେଇଥିଲେ।ଉକ୍ତ ସଭାକୁ କର୍ଣ୍ଣ ସାହୁ ପରିଚାଳନା କରିଥିବାବେଳେ ବେନଗାଁ ଡାକ୍ତରଖାନାର ଡକ୍ଟର ସଚିଦାନନ୍ଦ ସେନାପତି, ଏମ.ବି.ବି.ଏସ୍ ବିବେକ ସାହୁ, ଆଦର୍ଶ ପାତ୍ର, ମହିନ୍ଦ୍ର ଗହୀର ସମେତ ବେନଗାଁ ଡାକ୍ତର ଖାନା ପାରିପାର୍ଷିକ ଅଞ୍ଚଳର ସମସ୍ତ ମାନ୍ୟ ଗୁଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ସର୍ବଶେଷରେ ସଭାର ସଭାପତିକୁ ଧନ୍ୟବାଦ ଅର୍ପଣ କରି କର୍ଣ୍ଣ ସାହୁ ସଭାକୁ ସାଙ୍ଗ କରିଥିଲେ।



## ଦଳପଡା ଉଚ୍ଚବିଦ୍ୟାଳୟରେ ଚାରା ରୋପଣ କାର୍ଯ୍ୟକ୍ରମ



**ଫୁଲବାଣୀ,୧୩।୯ (ସଂଚାର ବ୍ୟୋରୋ):** ପ୍ରଗତି ଚିନ୍ତନ ପରିଷଦ, ଖୁସି କେୟାର ହସ୍ପିଟାଲ ଓ ବିଦ୍ୟାଳୟ ର ଇକୋ କ୍ଲବ ର ମିଳିତ ଆନୁକୂଲ୍ୟରେ ଏକ ବୃକ୍ଷ ରୋପଣ କାଯ୍ୟକ୍ରମ ଖଜୁରୀପଡ଼ା ବ୍ଲକ ର ଦଳପଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ଅନୁଷ୍ଠିତ ହୋଇ ଯାଇଛି।ଏଥିରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମନଙ୍କ ର ସଭାପତି ଡକ୍ଟର ଦିଲ୍ଲୀପ କୁମାର ସାହାଣୀ, ସମ୍ମାନିତ ଅତିଥି ଭାବେ ଉପସଭାପତି ଦ୍ୱୟ ସୁବାସ ଚନ୍ଦ୍ର ପ୍ରଧାନ ଓ ଶୁଭେନ୍ଦୁ ତ୍ରିପାଠୀ ଯୋଗ ଦେଇ ବୃକ୍ଷ ରୋପଣ କରିଥିଲେ। ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ବାରିକ, ସମସ୍ତ କର୍ମଚାରୀ ଓ ଛାତ୍ର ଛାତ୍ରୀ ସହଯୋଗ କରିଥିଲେ। ଏଥି ପାଇଁ ଆବଶ୍ୟକ ବୃକ୍ଷ ଚାରା ଖୁସି କେୟାର ହସ୍ପିଟାଲ ପକ୍ଷରୁ ଯୋଗାଇଦିଆ ଯାଇଥିଲା। ଏହି ଅବସରରେ ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟ ପକ୍ଷରୁ ପାଇଁ ପି ଏଚ ଡି ଡିଗ୍ରୀ ହାସଲ କରିଥିବା ଡକ୍ଟର ଦିଲ୍ଲୀପ କୁମାର ସାହାଣୀ ଙ୍କୁ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଖାଲଖମାରେ ପରିପୂର୍ଣ୍ଣ ସିନ୍ଦୁରିଆ-ଷ୍ଟେସନ ରୋଡ଼୍

**ନୟାଗଡ଼,୧୩।୯ (ସଂଚାର ବ୍ୟୋରୋ):** ଖାଲ ଖମା ରାସ୍ତା। ଘଟୁଛି ଦୁର୍ଘଟଣା, ଜାଣି ଅଜଣା ସରପଞ୍ଚ। ନିରବଦ୍ରଷ୍ଟା ସାଜିଛି ପ୍ରଶାସନ। ଏଭଳି ପରିସ୍ଥିତି ଭିତରେ ତ୍ରାହି ତ୍ରାହି ଡାକୁଛି ସିନ୍ଦୁରିଆ-ଷ୍ଟେସନ ରୋଡ଼। ସୂଚନାନୁସାରେ, ନୟାଗଡ଼ ସଦର ବ୍ଲକ ସିନ୍ଦୁରିଆ ୫୭-ଜାତୀୟ ରାଜପଥ ଠାରୁ ମଙ୍ଗଳା ଛକ ଦେଇ ନୟାଗଡ଼ ଟାଉନ ଷ୍ଟେସନକୁ ଦୁଇ କି.ମି ସିଧା ରାସ୍ତା ପଡ଼ିଛି। ସେଥିରୁ ଏକ କି.ମି ରାସ୍ତା ଅଣ ଓସାରିଆ ରାସ୍ତା ହୋଇଥିବା ବେଳେ ବଡ଼ ବଡ଼ ଖାଲ ଖମାରେ ପରିପୂର୍ଣ୍ଣ ହୋଇଥିବା ଦେଖିବାକୁ ମିଳିଛି। ସିନ୍ଦୁରିଆ, ଦେଉଳପଲ୍ଲୀ ଗ୍ରାମ ସହ ନୟାଗଡ଼ ପୌର ପରିଷଦ ଅଞ୍ଚଳର ବହୁ ଜନସାଧାରଣ ଉକ୍ତ ରାସ୍ତା ଉପରେ ନିର୍ଭରଶୀଳ। କିନ୍ତୁ ବଡ଼ ବଡ଼ ଖାଲ ଖମା ହୋଇଥିବାରୁ ପ୍ରତ୍ୟେକ ଦିନ କିଛି କିଛି ଦୁର୍ଘଟଣା ଘଟୁଥିବା ନେଇ ଅଭିଯୋଗ ଆସିଛି। କିନ୍ତୁ ସିନ୍ଦୁରିଆ ସରପଞ୍ଚ ଏଥି ପ୍ରତି ଧ୍ୟାନ ଦେଉନଥିବା ଜଣାପଡ଼ିଛି। ଦହଗଞ୍ଜ ହେଉଛନ୍ତି ହଜାର ହଜାର ଜନସାଧାରଣ। ତେଣୁ ସ୍ଥାନୀୟ ସରପଞ୍ଚ ଏଥି ପ୍ରତି ଦୃଷ୍ଟି ତୁରନ୍ତ ମରାମତି କାର୍ଯ୍ୟ କରିବା ସହ ବ୍ଲକ ଅଧିକାରୀଙ୍କ ଦୃଷ୍ଟି ଗୋଚର କରନ୍ତୁ ବୋଲି ବୁଦ୍ଧିଜୀବୀ ମାନେ ମତ ବ୍ୟକ୍ତ କରିଛନ୍ତି।



## ଆଜି ମେଗା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

### ଯୋଗ ଦେବେ ୧୫ ବିଭାଗର ଲବ୍ଧ ପ୍ରତିଷ୍ଠିତ ଡାକ୍ତର

**ସୁବର୍ଣ୍ଣପୁର,୧୩।୯ (ସଂଚାର ବ୍ୟୁରୋ):** ଚିତ୍ତ ଜ୍ଞାନୀ ଚେରି ଟେବୁଲ୍ ଟ୍ରଷ୍ଟ ପଶ୍ଚିମ ଓଡ଼ିଶା ଶାଖା ଘୋଡ଼ା ଘାଟ ପଡ଼ା ସ୍ଥିତ 'ମା ଘର' ପକ୍ଷରୁ ମା ସୁରେଶ୍ୱରୀ ମନ୍ଦିର ଠାରେ ଆସନ୍ତା କାଲି ହେବାକୁ ଥିବା ମାଗଣା ମେଗା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ପାଇଁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ଓଡ଼ିଶା ହାଇକୋର୍ଟ ର ପ୍ରାକ୍ତନ ଜଷ୍ଟିସ ଶ୍ରୀ ଚିତ୍ତ ରଞ୍ଜନ ଦାଶ ଙ୍କ ଉପସ୍ଥିତି ରେ ଚେରି ଟେବୁଲ୍ ଟ୍ରଷ୍ଟର ମେନେନେଜିଂ ଟ୍ରଷ୍ଟି ଡାକ୍ତର ଦତ୍ତେସ୍ୱର ହୋତା, ସମ୍ପାଦକ ଏଡଭୋକେଟ ରାଜେଶ୍ୱର ହୋତା ଓ କମିଟି ର ବହୁ ବରିଷ୍ଠ ସଦସ୍ୟ, ଡାକ୍ତର, ମା ସୁରେଶ୍ୱରୀ ଯଜ୍ଞ କମିଟି ର ସମସ୍ତ ସଦସ୍ୟ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ର କର୍ମକର୍ତା ଯୋଗ ଦେଇ ଚିକିତ୍ସା ଶିବିର ସଫଳ ପାଇଁ ସୁଚିନ୍ତିତ ମତାମତ ରଖିଥିଲେ ।

# ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏନଏସଏସ ୟୁନିଟ ପ୍ରଶିକ୍ଷଣ ଶିବିର

**ସୁବର୍ଣ୍ଣପୁର,୧୩।୯ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମା ସ୍ଥିତ ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏନଏସଏସ ୟୁନିଟର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ପ୍ରତିମୟୀ ମିଶ୍ର ଶିବିରକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଶିବିରରେ ମୁଖ୍ୟ ଅତିଥି ତଥା ପ୍ରଶିକ୍ଷକ ଭାବେ ଡ଼.ମନୋରଞ୍ଜନ ଘଡେଇ ଯୋଗଦେଇ ସ୍ୱେଚ୍ଛାସେବୀ ଙ୍କୁ ଏନ ଏସ ଏସ ସମ୍ପର୍କରେ ପ୍ରଶିକ୍ଷଣ ଦେଇ ଏହାର ଲକ୍ଷ୍ୟ, ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ମିଶ୍ର ତାଙ୍କ ବକ୍ତବ୍ୟରେ ଛାତ୍ରୀମାନେ ପାଠପଢ଼ା ସହିତ ସମାଜସେବାରେ ନିଜକୁ ସାମିଲକରି ଏକ ସୁସ୍ଥ ସମାଜ ଗଠନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ।




## ଅଭିଯୋଗ ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ଭେଟିଲେ କନ୍ଧମାଳ ଆଟା ସଦସ୍ୟ



**ଫିରିଙ୍ଗିଆ,୧୩।୯(ସଂଚାର ବ୍ୟୁରୋ):** ସରକାରୀ ବିଭାଗ ଗୁଡ଼ିକ ସହିତ ସିଧାସଳଖ ସଂଯୋଗ ସ୍ଥାପନ କରି ଜନ ସାଧାରଣଙ୍କର ସମସ୍ୟା ତୁରନ୍ତ ସମାଧାନ ଦିଗରେ ଦୃଷ୍ଟି ଦେବା ପାଇଁ ଟୁଇଟର (ଏକ୍ସ) ପ୍ଲାଟଫର୍ମ ମାଧମରେ ଗ୍ରୀଭାନ୍ସ ରେଡ୍ରେସଲ ସିଷ୍ଟମ ସକ୍ରିୟ କରାଯିବା ଦାବିରେ (ଏକ୍ସ) ଟୁଇଟର କର୍ମୀ ମାନେ କନ୍ଧମାଳ ଜିଲ୍ଲାପାଳ ଙ୍କୁ ଭେଟିଥିଲେ। ସେମାନେ ଜଣାଇଛନ୍ତି କି ସାମାଜିକ ଗଣମାଧମର ବ୍ୟାପକ ପ୍ରଚାର ଏବଂ ପ୍ରଭାବକୁ ନଜର ରେ ରଖି (ଏକ୍ସ) ଟୁଇଟର ରେ ଆସୁଥିବା ସମସ୍ତ ଯୁକ୍ତି ଯୁକ୍ତ ସମସ୍ୟା କୁ ସମାଧାନ କରିବା ଦିଗରେ ବିଶେଷ ଦୃଷ୍ଟି ଦେବାକୁ (ଏକ୍ସ) ଟୁଇଟର ଆକ୍ଟିଭିଷ୍ଟ ମାନେ କନ୍ଧମାଳ ଜିଲ୍ଲାପାଳ ଙ୍କୁ ଅନୁରୋଧ କରିଛନ୍ତି। (ଏକ୍ସ) ଟୁଇଟର ପ୍ରାଧାନ୍ୟ ଦେବା ସତ୍ତ୍ୱେ ଜନ ସାଧାରଣ ସହଜରେ ନିଜ ଅଭିଯୋଗ, ଅନୁରୋଧ ବା ସୂଚନା ସରକାର ଅଧିକାରୀଙ୍କୁ ଦେଇ ପାରିବେ। ପୂର୍ବତନ ସରକାର ସମୟରେ ଟୁଇଟର ମାଧମରେ ଅନେକ ଅଭିଯୋଗର ସମାଧାନ ହେଉଥିଲା ! ଜନସାଧାରଣଙ୍କ ଅନୁଭବ ଉପରେ ଅନେକ ପ୍ରଭାବ ପଡୁଥିଲା ! ବର୍ତ୍ତମାନ ର ସରକାର ଏହି ପ୍ରକ୍ରିୟା ଅନେକ ସମୟରେ ଅଣଦେଖା କରାଯାଉଛି।ଏ ସମ୍ବନ୍ଧରେ କନ୍ଧମାଳ ଜିଲ୍ଲା ସଂଯୋଜକ ବିଞ୍ଜାମିନ୍ ନାୟକ, ଏବଂ ଅନ୍ୟ ସହଯୋଗୀ ଆମନ ଚନ୍ଦ୍ର ନାୟକ, ରାଜେସ୍ ବଗର୍ତ୍ତୀ, ବିବେକାନନ୍ଦ ପ୍ରଧାନ, ବରୁଣ କହଁର, ଆଲୋକ କହଁର, ସୁନାଶିର ଦିଗାଲ, ବିଜୟ ସାହୁ, ସସ୍ମିତା ମଲିକ, ରାଜିବ କୁମାର ଦିଗାଲ, ମୃତ୍ୟୁଞ୍ଜୟ ଦିଗାଲ, ଆସୋସିଏସନ୍ ଅଫ୍ କନ୍ଧମାଳ ଟୁଇଟର ଆକ୍ଟିଭିଷ୍ଟ (ଖଟା)ର ପ୍ରମୁଖ ସଦସ୍ୟ କନ୍ଧମାଳ ଜିଲ୍ଲାପାଳ ଙ୍କୁ ଭେଟି ଏହି ଟୁଇଟର ମାଧମ କୁ ତତ୍କାଳ ତ୍ୱରାନ୍ୱିତ କରି ଜନ ସାଧାରଣଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯିବା କୁ ଅନୁରୋଧ ଜଣେଇଛନ୍ତି।

# ପଣ୍ଡରାପାଲିରେ ନିଶା ସେବନର କୁ ପ୍ରଭାବ ସଚେତନତା

**ସୁବର୍ଣ୍ଣପୁର,୧୩।୯ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ କ୍ଲଷ୍ଟର ଅନ୍ତର୍ଗତ ପଣ୍ଡରାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ନିଶା ସେବନ ର କୁପ୍ରଭାବ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନନ୍ଦକିଶୋର ବିଶି ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ବିଜ୍ଞାନ ଶିକ୍ଷକ ସୂର୍ଯ୍ୟଭାନୁ ରାଉତ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ନିଶା ସେବନ ର କୁ ପ୍ରଭାବ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ମଦ, ପାନ ମସଲା, ଭାଙ୍ଗ, ଗଞ୍ଜାଇ, ଅଫିମ, ଗୁଡ଼ାଖୁ ଇତ୍ୟାଦି ନିଶା ସେବନ ଦ୍ୱାରା ମଣିଷ ନିଜର ହିତାହିତ ଜ୍ଞାନ ଭୁଲି ଯାଏ। ଏହା ଦ୍ୱାରା ସମାଜ ରେ ବିଭିନ୍ନ ଅପରାଧ ସଂଗଠିତ ହୋଇଥାଏ। ନିଶା ସେବନ ଦ୍ୱାରା ଶରୀରରେ କର୍କଟ, ରକ୍ତଚାପ, ବୃକକ, ହୃତପିଣ୍ଡ ଓ ମସ୍ତିଷ୍କ ଜନିତ ବିଭିନ୍ନ ରୋଗ ର ଆଶଙ୍କା ରହିଥାଏ। ନିଶା ସେବନ ଦ୍ୱାରା ପରିବାର ର ଆର୍ଥିକ ଅବସ୍ଥା ଖରାପ ହୋଇଥାଏ। ନିଶା ସେବନ ଦ୍ୱାରା ନିଜର କର୍ମ ନିଯୁକ୍ତି ହରାଇବାର ମଧ୍ୟ ସମ୍ଭାବନା ଥାଏ। ନିଶା ସେବନ କରୁଥିବା ବ୍ୟକ୍ତି ର ସମାଜ ରେ ସମ୍ମାନହାନୀ ହେବାର ଭୟ ରହିଥାଏ ବୋଲି କହିଥିଲେ। ଛାତ୍ରଛାତ୍ରୀ ମାନେ ନିଶା ର ବ୍ୟବହାର ରୁ ଦୁରେଇ ରହିବାକୁ ଶପଥ ନେଇଥିଲେ। ଗ୍ରାମ ଶୋଭାଯାତ୍ରା ରାଲି ମାଧ୍ୟମରେ ନିଶା ସେବନ ନ କରିବାକୁ ସଚେତନ କରିଥିଲେ। ନିଶା ସେବନ ର କୁପ୍ରଭାବ ପ୍ରସଙ୍ଗ ରେ ଏକ ନାଟିକା ଛାତ୍ରଛାତ୍ରୀ ଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଶିକ୍ଷକ କୁଶ ପୁଟେଲ, ଅଜୟ ପଧାନ ଓ ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ବିଶ୍ୱଦେବ ବେରିଆ ଧନ୍ୟବାଦ ଅର୍ପଣ କରିଥିଲେ।




# ଅଭିଯୋଗ ପରେ ବି ମିଳିଲାନି ନ୍ୟାୟ, ମହିଳାଙ୍କ ଆତ୍ମହୁତି ଧମକ୍

**ବାଲିଆପାଳ,୧୩।୯ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତର ବିରିପାଲିଆ ଗ୍ରାମବାସୀଙ୍କ ଦ୍ୱାରା ସୁକାନ୍ତି ଦାସଙ୍କ ବାଡ଼ିରୁ ସେପ୍ଟେମ୍ବର ୯ ତାରିଖ ରେ ଗଛ କାଟିବା ଓ ବାଢ ଭାଙ୍ଗିବା, ପୁଣି ୧୧ ତାରିଖ ଦିନ ତାଙ୍କୁ ଜୋରଜବରଦସ୍ତ ଘରେ ତାଲା ପକାଇ ଦେଇ ତାଙ୍କ ରୋଷେଇ ଘରକୁ ଜେସିପି ଲଗାଇ ଭାଙ୍ଗିଦେଇଥିଲେ। ଏନେଇ ମହିଳା ଜଣଙ୍କ ଦୁଇ ଥର ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ଅଦ୍ୟାବଧି ପୋଲିସ କୈଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ନେଇ ଶ୍ରୀମତୀ ଦାସ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏବଂ ନ୍ୟାୟ ନମିଳିବାରୁ ବାଲିଆପାଳ ଥାନା ସମ୍ମୁଖରେ ଆତ୍ମହୁତି ଦେବାକୁ ବାଧ୍ୟ ହେବେ ବୋଲି ଶନିବାର ପୂର୍ବାହ୍ନ ରେ ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।



# ସ୍ତ୍ରୀର ଦଶାହ ନ ସରୁଣୁ ସ୍ୱାମୀର ମୃତ୍ୟୁ

● ବାପା ମା ଛେଉଣ୍ଡ ହେଲେ ଚାରି ଭାଇ ଭଉଣୀ



**କଳାହାଣ୍ଡି,୧୩।୯(ସଂଚାର ବ୍ୟୁରୋ):** ଚାରି ଭାଇ ଭଉଣୀ-ଆଖିରୁ ଲୁହ ଶୁଖିନି। ଅସରନ୍ତି ଦୁଃଖ। ଦୁନିଆ ଚିହ୍ନିବା ଆଗରୁ ବାପା ମାଆ ଛେଉଣ୍ଡ। ଦିନ ଥିଲା ହସଖୁସି ସଂସାର ଭିତରେ ବାପା ମାଆ ଙ୍କ ଗହଣରେ ରହି ପରମ ଆନନ୍ଦ ଅନୁଭବ କରୁଥିଲେ। ହେଲେ ସେହି ଖୁସିକୁ ଦଇବ ସହିପାରିଲାନି। ଗତ ସେପମ୍ବର ୧ ତାରିଖରେ ମାଆ ମଟୁରି ମାଝୀକୁ ହରାଇଲେ। ସ୍ତ୍ରୀର ମୃତ୍ୟୁ ପରେ ସ୍ୱାମୀ ମଙ୍ଗନିଆ ମାଝୀ ଭାଙ୍ଗି ପଡ଼ିଥିଲେ। ହେଲେ ସବୁ ଦୁଃଖକୁ ଛାତିରେ ଚାପି ଚାରି ଭାଇ ଭଉଣୀଙ୍କ ମୁହଁରେ ହସ ଦେଖିବାକୁ ଖୁସିର ଅଭିନୟ କରୁଥିଲେ। ହେଲେ ସ୍ତ୍ରୀର ଦଶାହ କାର୍ଯ୍ୟ ସାରିବା ପୂର୍ବରୁ ସ୍ୱାମୀର ମୃତ୍ୟୁ ହୋଇଥିଲା। ଦୁଃଖ ଉପରେ ଦୁଃଖ - ଏଭଳି ହୃଦୟ ବିଦାରକ ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା - ଜୁନାଗଡ଼ ବ୍ଲକ ଦାସୀଗାଁରେ।ଏହି ଘଟଣା ଟି ଆଶ୍ଚର୍ଯ୍ୟ ଲାଗିଥିଲେ ମଧ୍ୟ ଘଟଣା ଟି ସାମ୍ନା ଦେଖିବାକୁ ମିଳିଥିଲା। ସେମାନଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଅସହାୟ ତୁଳସୀ ମାଝୀ (୧୭) ରଞ୍ଜନ ମାଝୀ (୧୩), ସଭ୍ୟା ମାଝୀ (୯) ଏବଂ ସତ୍ୟବାନ ମାଝୀ (୭) ଦୁନିଆକୁ ଭଲ ଭାବରେ ଜାଣିବା ଆଗରୁ ବାପା, ମାଁ ଆରପାରିକୁ ଛାଡି ଚାଲିଗଲେ। ବାପା, ମାଁଙ୍କ ଦେହାନ୍ତ ପରେ ଚାରି ଭାଇ ଭଉଣୀ ଏକଦମ ଅନାଥ ଅସହାୟ ହୋଇ ରହିଯାଇଛନ୍ତି। ବାପା ମାଁ ହରାଇଥିବା ଚାରି ଭାଇ ଭଉଣୀ ଦୁନିଆର ଭଲ ମନ୍ଦ ବିଷୟରେ ମଧ୍ୟ ଜାଣିନାହାନ୍ତି।

ଲାଞ୍ଜିଗଡ଼ରେ ଦୁର୍ଗମ ଅଞ୍ଚଳରେ ଜଙ୍ଗଲୀ ହାତୀଙ୍କ ଉପଦ୍ରବ ଘଟଣା

# ସହାୟତାର ହାତ ବଢ଼ାଇଲେ ୭ ଯୁବସାମ୍ବାଦିକ



**ଲାଞ୍ଜିଗଡ଼,୧୩।୯(ସଂଚାର ବ୍ୟୋରୋ):** କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ଅଞ୍ଚଳରେ ଦିନକୁ ଦିନ ଜଙ୍ଗଲୀ ହାତୀଙ୍କ ଉପଦ୍ରବ ବଢୁଥିବା ବେଳେ ମୂଷାନାଲ ସେକ୍ସନ ବେନଗାଁ ପଞ୍ଚାୟତ ଅନ୍ତର୍ଗତ ଡୋଡ଼ୱାଲୀ ଗାଁରେ ଦୁଇଟି ପରିବାରର ଦୁଇଟି ଘର ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଦେଇ ରାସନ ସାମଗ୍ରୀ ସହିତ ଆସବାପତ୍ର ନଷ୍ଟ କରି ଦେଇଥିଲେ। ସୂଚନା ମତେ ପାହାଡ଼ପଦର ପଞ୍ଚାୟତ ଅନ୍ତର୍ଗତ ପଟାଙ୍ଗପଦର ଗାଁର ଦୁଇ ପରିବାର କିଛି ବର୍ଷ ହେବ ବେନଗାଁ ପଞ୍ଚାୟତ ଅନ୍ତର୍ଗତ ଡୋଡ଼ୱାଲୀ ଗାଁରେ ରହି ପୋଡୁଚାଷ କରି ଆସୁଥିଲେ ହେଲେ ଗତ ୮ତାରିଖ ବିଳମ୍ବିତ ରାତିରେ ୨୨ଟିକିଆ ହାତୀ ପଲ ଗାଁକୁ ଆସି ଦୁଇଟି ଘର ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିବା ବେଳେ ଦୁଇଟି ପରିବାର ଅଳ୍ପକେ ବର୍ତ୍ତୀ ଯାଇଥିଲେ କିନ୍ତୁ ଏବେ ଯାଏଁ ପ୍ରଶାସନ ପକ୍ଷରୁ ଦୁଇ ପରିବାରକୁ କୌଣସି ସହାୟତା ମିଳିପାରିନାହିଁ। ଏହିପରିପ୍ରେକ୍ଷୀରେ ଆଜି ଲାଞ୍ଜିଗଡ଼ ସାମ୍ବାଦିକ ସମୂହ ସାମ୍ବାଦିକ ସୁଶାନ୍ତ ମାଝୀ, ଦିଲ୍ଲୀପ ନାଏକ, ମନୋଜ ଦୋରା, ତୁଳସୀ ରାମ ପ୍ରଧାନୀ, ସାଗର ବେନାଲ, ପ୍ରଦାନ ମାଝୀ ସମେତ ଦେବାନନ୍ଦ ମାଝୀ ଘଟଣା ସ୍ଥଳରେ ପହଞ୍ଚି ଦୁଇ ପରିବାରର ଦୁଗୀ ମାଝୀ ଓ ପୁରାଣା ମାଝୀଙ୍କୁ ସାକ୍ଷାତ କରି ଆର୍ଥିକ ସହାୟତା ସହ ରାସନ ସାମଗ୍ରୀ ପ୍ରଦାନ କରିଥିଲେ।ତେବେ ଉକ୍ତ ଅଞ୍ଚଳରେ ଏତେବଡ଼ ଅଘଟଣରୁ ଦୁଇ ପରିବାର ଅଳ୍ପକେ ବର୍ତ୍ତୀଯାଇଥିଲେ ସୁଦ୍ଧା ଘଟଣା ସ୍ଥଳକୁ କୌଣସି ରାଜ ନେତା କିମ୍ବା ପ୍ରଶାସନ ଆସିନାହାନ୍ତି ବୋଲି ଦୁଇ ପରିବାର ଲୋକେ ପ୍ରକାଶ କରିବା ସହ ସହାୟତାର ହାତ ବଢ଼ାଇଥିବା ଉକ୍ତ ସାମ୍ବାଦିକ ମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

● ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

# ୬ହଜାରରୁ ଊର୍ଦ୍ଧ୍ୱ ମାମଲାର ଫଏସଲା: କ୍ଷତିପୂରଣ ଦେବାକୁ ବୀମା ସଂସ୍ଥାଙ୍କୁ ନିର୍ଦ୍ଦେଶ



**ନୟାଗଡ଼,୧୩।୯ (ସଂଚାର ବ୍ୟୁରୋ):** ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ଆନନ୍ଦ ନାରାୟଣ ମହାରଣା ଓ ସଚିବ ଅଞ୍ଜଳି ମଚ୍ଛଖଣ୍ଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଶନିବାର ପୂର୍ବାହ୍ନରେ ନୟାଗଡ଼ ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସରରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଲୋକ ଅଦାଲତରେ ୬ଟି ମୋଟର ଦୁର୍ଘଟଣା ଜନିତ ମାମଲା ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୪୦ଲକ୍ଷ ୮୫ହଜାର ଟଙ୍କା ପ୍ରଦାନ କରିବା ପାଇଁ ବୀମା କମ୍ପାନୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ୧୪୨ ଦେୱାନି ମାମଲା ଫଇସଲା କରାଯାଇଥିଲା। ଏନ.ଆଇ.ଆକ୍ଟ କେସ ୯ଟି ଫଇସଲା କରାଯାଇ ୧୪ ଲକ୍ଷ ୬୬ ହଜାର ଏକଶହ ଟଙ୍କା ଆଦାୟ କରଯାଇଥିଲା ଏବଂ ବିବାହ ଜନିତ ୧୫ଟି ମାମଲା, ଅନ୍ୟାନ୍ୟ ଫୌଜଦାରୀ ୧୯୨ଟି ମାମଲା ଫଇସଲା କରଯାଇଥିଲା। ବ୍ୟାଙ୍କରୁ ଋଣ ନେଇ ଋଣ ପରିଶୋଧ କରିନଥିବା ୧୧୩ଜଣ ଋଣ ଗ୍ରହିତାଙ୍କଠାରୁ ୪୨ଲକ୍ଷ ୩୮ହଜାର ୧୮୫ ଟଙ୍କା ଦେବା ପାଇଁ ରାଜିନାମା ସ୍ୱାକ୍ଷରିତ କରାଯାଇଥିଲା। ସେହିପରି ୬୭୮୮ଟି ରାଜସ୍ୱ ମାମଲା ଫଇସଲା କରାଯାଇ ୫ଲକ୍ଷ ୪୯ହଜାର ୧୮୬ ଟଙ୍କା ଆଦାୟ କରଯାଇଥିଲା ଏବଂ ଅନ୍ୟାନ୍ୟ ଦେୱାନି ୭୯ ଟି ମାମଲାର ଫଇସଲା ହୋଇଥିଲା। ବିଦ୍ୟୁତ ସମ୍ବନ୍ଧୀୟ ୦୩ଟି ମାମଲା ଫଇସଲା ହୋଇଥିଲା। ରଫାଯୋଗ୍ୟ ଫୌଜଦାରି ମାମଲା ୦୧ଟି ଫଇସଲା କରାଯାଇ ୧୫୦୦ ଟଙ୍କା ଆଦାୟ କରଯାଇଥିଲା।




# ଅଧିକ ଏକ୍ସରସାଇଜରୁ ଛାତି ଯନ୍ତ୍ରଣା



ଆଜିକାଲି ପିଲାଙ୍କ ଠାରୁ ବୟସ୍କ ଅନେକ ନିଜ ଶାରୀରିକ ସାମର୍ଥ୍ୟ ବଢ଼ାଇବା ପାଇଁ ପ୍ରାୟତଃ ଏକ୍ସରସାଇଜ କରିଥାନ୍ତି। ଆମ ଓଡ଼ିଆରେ ଏକ ଲୋକପ୍ରିୟ କଥାଟି ଅଛି - 'ଜଳ ବହୁଳେ ସୃଷ୍ଟିନାଶ, ଜଳ ବିହୁନେ ସୃଷ୍ଟି ନାଶ'। ଅର୍ଥାତ୍ ଶାରୀରିକ ସାମର୍ଥ୍ୟ ପାଇଁ ଯେତିକି ଆମ ପାଇଁ ଏକ୍ସଇସାଇଜ ବା ବ୍ୟାୟାମ ଦରକାର ସେତିକି ଆମେମାନେ କରିବା ଆବଶ୍ୟକ। ଅନାବଶ୍ୟକ ଭାବେ ଶକ୍ତି କ୍ଷୟ କରି ଏକ୍ସରସାଇଜ କରିବା ଦ୍ୱାରା ଅନେକ ଅନାବଶ୍ୟକ ଓ ଶରୀର ପାଇଁ କ୍ଷତିକାରୀ ସମସ୍ୟା ସୃଷ୍ଟି ହୋଇଥାଏ। ଚିକିତ୍ସା ବିଜ୍ଞାନ ହୃଦୟ ମାଂସପେଶୀରେ ରକ୍ତ ସଞ୍ଚାଳନ କମ ହେଲେ ଆଞ୍ଜାଇନା ହୁଏ। ଏହା ରକ୍ତ ଶରୀରରେ ଅମ୍ଳଜାନ ବହନ କରିବାର କାର୍ଯ୍ୟ କରିଥାଏ। ହୃଦ ମାଂସପେଶୀ ମଧ୍ୟ ଅମ୍ଳଜାନ ଆବଶ୍ୟକତା କରେ। ଯେତେବେଳେ ହୃଦ ମାଂସପେଶୀ ଯଥେଷ୍ଟ ଅମ୍ଳଜାନ ପାଏ ନାହିଁ, ଏହା ଇସକେମିଆ ନାମକ ଏକ ଅବସ୍ଥା ସୃଷ୍ଟି କରେ। ଏହି ଅବସ୍ଥାରେ ଆଞ୍ଜାଇନା ସମସ୍ୟା ସୃଷ୍ଟି ହୁଏ। ଅନେକ ହୁଏତ ଜାଣିନଥାନ୍ତି ଆଞ୍ଜାଇନାରେ ଛାତି ଯନ୍ତ୍ରଣା ଏକ ମୁଖ୍ୟ ସମସ୍ୟା। ଏହା ବ୍ୟତୀତ ବେକ ଓ କାନ୍ଧ ଯନ୍ତ୍ରଣା, ପେଟ ଜ୍ୱଳନ, ଝାଳ ବାହାରିବା, ଅସ୍ତବ୍ୟସ୍ତ ଲାଗିବା ମୁଣ୍ଡ ବୁଲାଇବା, ଦେହ ଖରିବା, ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା, ମୁଖରେ ଦରଜ ଅନୁଭବ ହେବା ଓ ପିଠିରେ ଯନ୍ତ୍ରଣା ହୋଇଥାଏ। ଅତ୍ୟଧିକ ଏକ୍ସରସାଇଜ ଏହାର ମୁଖ୍ୟ କାରଣ ହୋଇଥାଏ। ଏହା ବ୍ୟତୀତ ଅଧିକ ସମୟ ଥଣ୍ଡା ସ୍ଥାନରେ ରହିଲେ, ତମାଖୁ ସେବନ କଲେ, ମଧୁମେହ ଥିଲେ, ଉଚ୍ଚରକ୍ତଚାପ, ହାଇ କୋଲେଷ୍ଟ୍ରୋଲ ଥିଲେ ଏବଂ ଇମୋସନ ଷ୍ଟ୍ରେସରେ ରହିଲେ ଆଞ୍ଜାଇନା ସମସ୍ୟା କ୍ଷଣସ୍ଥାୟୀ। ବିଶ୍ରାମ ନେଲେ ସମସ୍ୟା ଦୂର ହୋଇଯାଏ। ଯନ୍ତ୍ରଣାର ସମୟକୁ ଦୃଷ୍ଟିରେ ରଖି ଆଞ୍ଜାଇନାକୁ ୩ ଭାଗରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଲା ଷ୍ଟେବଲ ଆଞ୍ଜାଇନା, ଅନଷ୍ଟେବଲ ଆଞ୍ଜାଇନା ଏବଂ ଭାରିଆଣ୍ଟ ଆଞ୍ଜାଇନା। ଗୋଟିଏ ଛୋଟିଆ ପରାମର୍ଶକୁ ଗ୍ରହଣ କରନ୍ତୁ। ଅଳ୍ପ ସମୟ ବିଶ୍ରାମ ନେଲେ ଷ୍ଟେବଲ ଆଞ୍ଜାଇନା ସମସ୍ୟା ଦୂର ହେଉଥିଲାବେଳେ, ଅନଷ୍ଟେବଲ ଆଞ୍ଜାଇନାରେ ୨୦ରୁ ୪୦ ମିନିଟ ପର୍ଯ୍ୟନ୍ତ ବିଶ୍ରାମ ନେବାକୁ ପଡ଼ିଥାଏ। କେତେକ କ୍ଷେତ୍ରରେ ଏହି ସମସ୍ୟା ଭଲ ହେବାରେ ଦୁଇଦିନ ସମୟ ଲାଗିଯାଏ। ଏହି ଅବସ୍ଥାକୁ ଭାରିଆଣ୍ଟ ଆଞ୍ଜାଇନା କୁହନ୍ତି। ଭାରିଆଣ୍ଟ ଆଞ୍ଜାଇନାର ସମସ୍ୟା କଷ୍ଟକର ହୋଇଥାଏ। ଏଥିରେ ଅସହ୍ୟ ଛାତି ଯନ୍ତ୍ରଣା ସହ ଅନ୍ୟାନ୍ୟ ଶାରୀରିକ ସମସ୍ୟା ଦେଖାଯାଏ। ଉପଶମ ଲାଗି ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ସେବନ ସହ ବହୁ ଦିନ ପର୍ଯ୍ୟନ୍ତ ବିଶ୍ରାମ ନେବାକୁ ହୋଇଥାଏ। ଅତ୍ୟଧିକ ବ୍ୟାୟାମ କରନ୍ତୁ ନାହିଁ। ନିୟମିତ ବ୍ୟବଧାନରେ ହୃଦରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ସୁଷମ ଖାଦ୍ୟ ଓ ଯଥାସମ୍ଭବ ନିରାମିଷ ଖାଦ୍ୟ ଭଲ। ସବୁଜ ପନିପରିବା ଓ ତଟକା ଫଳ ଖୁବ ଭଲ। ନିର୍ଦ୍ଧାରିତ ସମୟରେ ଖାଇବା ଓ ଶୋଇବା ଗ୍ରହଣ କରନ୍ତୁ। କୌଣସି ପରିସ୍ଥିତିରେ ଦେଶୀୟ ଚିକିତ୍ସାକୁ ଗ୍ରହଣ କରନ୍ତୁ ନାହିଁ। ସଦାସର୍ବଦା ନିକଟସ୍ଥ ସରକାରୀ ଡାକ୍ତରଖାନାର ସୁଯୋଗ ନିଅନ୍ତୁ। ବ୍ୟାୟାମ କରୁଥିଲେ ଅଭିଜ୍ଞ ଓ ପ୍ରଶିକ୍ଷିତ ଟ୍ରେନରଙ୍କ ଠାରୁ ଶିକ୍ଷା ଗ୍ରହଣ କରନ୍ତୁ। ଅଧିକ ଏକ୍ସରସାଇଜ କେବଳ ହୃଦରୋଗ ନୁହେଁ ହୃଦରୋଗ ସମ୍ପର୍କିତ ଅନେକ ରୋଗ ପାଇଁ କାରଣ ସାଜିଥାଏ। ତେଣୁ ଏ କ୍ଷେତ୍ରରେ ନିଜେ ନିଜ ହୃଦୟକୁ ସୁରକ୍ଷିତ ରଖି ଆପଣ ଯେ ଆପଣଙ୍କ ହୃଦୟକୁ ଭଲ ପାଆନ୍ତି ତାହା ପ୍ରମାଣିତ କରନ୍ତୁ।

**ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର**
ପ୍ରଫେସର, ହୃଦ୍‌ରୋଗ ବିଭାଗ
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ
କଟକ

# ପାଣି ପିଅନ୍ତୁ, ସୁସ୍ଥ ରହନ୍ତୁ



ବୈଜ୍ଞାନିକଙ୍କ ମତରେ ଜଳ ହିଁ ଜୀବନର ମୂଳତତ୍ତ୍ୱ। ଜଳ ଆମ ଶରୀରୁ ବାହାରୁ ଥିବା ଅନାବଶ୍ୟକ ପଦାର୍ଥକୁ ବାହାର କରି ସତେଜତା ବଢ଼ାଇଥାଏ। ଖାଇବା ପୂର୍ବରୁ ଗୋଟିଏ କିମ୍ବା ଦୁଇ ଗ୍ଲାସ ପାଣି ପିଇଲେ ସାଧାରଣତଃ ଶରୀରକୁ ଆରାମ ଲାଗିଥାଏ। ଏହା କମ୍ ଖାଇବା ଓ ଡିହାଇଡ୍ରେସନ୍‌ରେ ମଧ୍ୟ ସାହାଯ୍ୟ କରିଥାଏ। ଦୈନନ୍ଦିନ ସ୍ୱାସ୍ଥ୍ୟ ସମସ୍ୟାରେ ଏଚଟୁଓର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହା ବିଭିନ୍ନ ରୋଗବ୍ୟାଧିର ଉପଶମରେ ସହାୟ ହୋଇଥାଏ। ସେଗୁଡ଼ିକ ହେଲା-

ମେଟାବୋଲିଜିମ୍‌କୁ ବଢ଼ାଇଥାଏ: ଓଜନ ହ୍ରାସପାଇଁ ଇଚ୍ଛୁକ ? ଜଳପାନ ଦ୍ୱାରା ଶରୀରର ଅଧିକ କ୍ଷମତା ଆସିଥାଏ। ଏକ ସର୍ଭେ ରିପୋର୍ଟରୁ ମିଳିଥିବା ତଥ୍ୟ ଅନୁସାରେ ଏଣ୍ଡ୍ରୋକ୍ଲିନୋଲୋଜି ଏବଂ ମେଟାବୋଲିଜିମ୍ ପାନୀୟ ଜଳରେ ଥିବା ଜର୍ନାଲ ଅଫ୍ କ୍ଲିନିକାଲ ପତ୍ରିକାରେ ପ୍ରକାଶିତ ହୋଇଛି। ତେଣୁ ଅଧିକ ପାଣି ପିଉଥିବା ୩୦ ଭାଗ ସୁସ୍ଥ ମହିଳା ଏବଂ ପୁରୁଷଙ୍କର ମେଟାବୋଲିକ୍ ବଢ଼ିଥାଏ। ପାଣି ପିଇବାର ୩୦-୪୦ ମିନିଟ୍ ପରେ ମେଟାବୋଲିକ୍‌ର ମାତ୍ରା ବୃଦ୍ଧି ପାଇଥାଏ।

ହୃତ୍‌ପିଣ୍ଡକୁ ସୁରକ୍ଷା ଦିଏ: ଅଧିକ ପାଣି ପିଇବା ଦ୍ୱାରା ହୃଦ୍‌ଘାତ ହେବାର ଆଶଙ୍କା କମ୍ ଥାଏ। ୬୦ ବର୍ଷର ପରୀକ୍ଷା ପରେ ଆମେରିକାର ଇପିଡ଼େମିଓଲୋଜି ପତ୍ରିକାରେ ପ୍ରକାଶିତ ହୋଇଥିଲା ଦିନକୁ ଦୁଇଗ୍ଲାସରୁ କମ୍ ପାଣି ପିଉଥିବା ବ୍ୟକ୍ତିଙ୍କ ଠାରୁ ପାଞ୍ଚ ଗ୍ଲାସରୁ ଅଧିକ ପାଣି ପିଉଥିବା ବ୍ୟକ୍ତିଙ୍କର ହୃଦ୍‌ଘାତ ହେବାର ସମ୍ଭାବନା କମ୍‌ଥାଏ। ଅଧିକମାତ୍ରାରେ ପାଣି ପିଇବା ଦ୍ୱାରା କର୍କଟରୋଗକୁ କମ୍ କରାଯାଇପାରିବ। ରିସର୍ଚ୍ଚରୁ ଜଣାପଡ଼ିଛି ଯେ ହାଇଡ୍ରେଡ଼ ଦ୍ୱାରା ବୃହଦାନ୍ତ୍ର କର୍କଟକୁ ୪୫ ଭାଗ ରୋକାଯାଇପାରିବ, ମୂତ୍ରାଶୟ କର୍କଟ ୫୦ ଭାଗ ଏବଂ ସ୍ତନ କର୍କଟକୁ ମଧ୍ୟ ରୋକା ଯାଇପାରିବ।

ମୁଣ୍ଡବିନ୍ଧା ଦୂରକରେ: ବୈଜ୍ଞାନିକମାନେ ମାଇଗ୍ରେନ୍‌କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରିଛନ୍ତି। ଗୋଟିଏ ପ୍ଲେସବୋ ନେବା ଅନ୍ୟଟି ଦୈନିକ ୧.୫ ଲିଟର ପାଣି ପିଇବା। ଦୁଇ ସପ୍ତାହ ପରେ ଦେଖିବାକୁ ମିଳିଥିଲା ଯେ ପ୍ଲେସ୍‌ବୋ ନେଉଥିବା ଲୋକଙ୍କ ଅପେକ୍ଷା ପାଣି ପିଉଥିବା ଲୋକଙ୍କ ମୁଣ୍ଡ ବିନ୍ଧା ଦୂର ହୋଇଥିଲା।

ବୁଦ୍ଧି ବଢ଼ାଇବାରେ ପାଣିର ଭୂମିକା: ଆମ ମସ୍ତିଷ୍କ କାର୍ଯ୍ୟ କରିବା ପାଇଁ ଅମ୍ଳଜାନ ଦରକାର କରିଥାଏ। ତେଣୁ ଅଧିକ ମାତ୍ରାରେ ପାଣି ପିଇବା ଦ୍ୱାରା ଆମ ଶରୀରକୁ ଦରକାର କରୁଥିବା ଉପାଦାନ ମିଳିଯାଇଥାଏ। ଦିନକୁ ୮ରୁ ୧୦ କପ୍ ପାଣି ପିଇଲେ ଆମର ସଂଜାନାତ୍ମକ ନିଷ୍ପାଦନର ୩୦ ଭାଗ ବଢ଼ିଥାଏ।

ଧନୀ କରିବାରେ ସହାୟ: ୬୦ ପ୍ରତିଶତ ଯୁକ୍ତରାଷ୍ଟ୍ରର ଲୋକେ ପାଣି ବୋତଲ କିଣି ପିଇଥାନ୍ତି। ଏହା ଜୁସ୍, ସୋଡ଼ା ଏବଂ ଷ୍ଟାରବକ ଠାରୁ ଶସ୍ତା ହୋଇଥାଏ। ଏହାଦ୍ୱାରା ସେମାନଙ୍କ ପଇସା ବଞ୍ଚିଯାଏ। ପ୍ରତିଦିନ ସୋଢ଼ାଠାରୁ ଗୋଟେ ଗ୍ଲାସ ପାଣି ଶ୍ରେୟସ୍କର ହୋଇଥାଏ।

ସତେଜ ରଖେ: କର୍ମକ୍ଷେତ୍ରରେ ସତେଜ ରଖିବା ସହ ଡିହାଇଡ୍ରେସନ୍‌ର ପରିମାଣକୁ କମ୍ କରି ମେମୋରୀକୁ ବଢ଼ାଏ। ବର୍ତ୍ତମାନ ଖରାଦିନ ହୋଇଥିବାରୁ ଶରୀରକୁ ଯଥେଷ୍ଟ ପରିମାଣର ଜଳ ଆବଶ୍ୟକ ହୋଇଥାଏ ଏହା କେବଳ ହଜମ ପ୍ରକ୍ରିୟାକୁ ପ୍ରଭାବିତ କରିନଥାଏ ବରଂ ସମ୍ଭାବ୍ୟ ଶରୀରୁ ଜଳୀୟ ହ୍ରାସ ଜନିତ କ୍ଷତିରୁ ବଞ୍ଚାଇଥାଏ। ଫୁଟା ହୋଇ ମାଟି ପାତ୍ରରେ ରହିଥିବା ପାଣି ସବୁଠାରୁ ସ୍ୱାସ୍ଥ୍ୟ ପାଇଁ ଭଲ। ଫ୍ରିଜରେ ରହିଥିବା ଥଣ୍ଡା ପାଣି ଶରୀର ପାଇଁ ଘାତକ ସାବ୍ୟସ୍ତ ହୋଇଥାଏ। କଥାରେ ଅଛି "ଜଳ ବହୁଳେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟି ନାଶ' ଠିକ ସେହିପରି ଶରୀର ପାଇଁ ଅତ୍ୟଧିକ ପରିମାଣର ଜଳ ମଧ୍ୟ ଅହିତକାର ହୋଇଥାଏ। ତେଣୁ ଆପଣଙ୍କ ଖାଦ୍ୟ ଓ ଶରୀରର ଓଜନକୁ ଦୃଷ୍ଟିରେ ରଖି ସର୍ବନିମ୍ନ ଦିନକୁ ବିଶୁଦ୍ଧ ଆଠଗ୍ଲାସ ପାଣି ପିଅନ୍ତୁ। ଏହା ଆପଣଙ୍କ ଶରୀରର ଉର୍ଜ୍ଜା ବଢ଼ାଇବା ସହିତ ଫୁର୍ତ୍ତି ସୃଷ୍ଟି କରିଥାଏ।



**ଡାକ୍ତର ଗୁରୁପଦ ମିଶ୍ର**
ଭେଷଜ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ

# ଫିଟ୍ ରହିବାକୁ ବଦଳାନ୍ତୁ କୁଅଭ୍ୟାସ



ବ୍ୟସ୍ତବହୁଳ ଜୀବନଶୈଳୀ ଆଉ ଖାଦ୍ୟରେ ଅନିୟମିତତା କାରଣରୁ ସମ୍ପ୍ରତି ଲୋକେ ନାନା ରୋଗର ଶୀକାର ହେଉଛନ୍ତି। ଏହି ରୋଗ ଯଦିଓ ପରବର୍ତ୍ତିତ ସମୟରେ ଜଟିଳ ରୂପ ନିଏ ତେଣୁ ନୂଆ ବର୍ଷରୁ ନୂଆ ସଂକଳ୍ପ ନେଇ ଜଣେ ବ୍ୟକ୍ତି ସମ୍ପୂର୍ଣ୍ଣ ଫିଟ୍ ରହିପାରିବେ। ତେଣୁ ୨୦୨୪ରୁ କିପରି ସୁସ୍ଥ ଓ ନୀରୋଗ ରହିପାରିବେ ସେନେଇ ସକାରାତ୍ମକ ଯୋଜନା ପ୍ରସ୍ତୁତି କରନ୍ତୁ। ରକ୍ତ ସଞ୍ଚାଳନରେ ବାଧା, ମେଦବହୁଳତା ଏପରିକି ରକ୍ତରେ ଶର୍କରା ପରିମାଣ ଦୀର୍ଘଦିନ ଧରି ଅସନ୍ତୁଳିତ ରହିଲେ ହୃଦଜନିତ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ଯଦି ଜଣେ ବ୍ୟକ୍ତିଙ୍କର ଶୋଇବାରେ ଅନିୟମିତତା ଲାଗିରହେ ଏବଂ ସେ ନିଦ୍ରାହୀନତାର ସମ୍ମୁଖୀନ ହୁଅନ୍ତି ତେବେ ତାଙ୍କଠାରେ ହୃଦରୋଗର ଲକ୍ଷଣ ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି। ୨୦୨୩ରେ ହୃଦଘାତଜନିତ ସମସ୍ୟା ଅଧିକ ଦେଖିବାକୁ ମିଳିଥିଲାବେଳେ ଖୁବ୍ କମ୍ ବୟସର ଲୋକେ ଏହି ସମସ୍ୟାରୁ ମୃତ୍ୟୁ ମୁଖରେ ପଡ଼ିଥିଲେ। ଏହି ସମସ୍ୟା ଆଡେଇବାକୁ ନିୟମିତ ବ୍ୟାୟାମ, ଜିମ୍, ୧୫ରୁ ୨୦ ମିନିଟ୍ ସାଇକଲ ଚାଳନା କିମ୍ବା ଚାଲି ପାରିବେ। ଏହି ସବୁ କାର୍ଯ୍ୟ କରିବା ଦ୍ୱାରା ଏହା କେବଳ ହୃଦୟକୁ ସୁସ୍ଥ ରଖିଥାଏ ତାହା ନୁହେଁ, ବରଂ ଏହା ଜଣେ ବ୍ୟକ୍ତିଙ୍କୁ ସୁସ୍ଥ ରଖିବାରେ ସହାୟକ ହୁଏ।

ନିଶାକୁ ନା: ଅଧିକାଂଶ ଯୁବପିଢ଼ି ନିୟମିତ ନିଶା ସେବନକୁ ପ୍ରାଧାନ୍ୟ ଦିଅନ୍ତି। ତେଣୁ ଚଳିତବର୍ଷ ଆରମ୍ଭରୁ ନିଶା ସେବନ ନ କରିବାକୁ ସଂକଳ୍ପ ନେଇପାରିବେ। ସେହିପରି ବାହାରର ଜଙ୍କଫୁଡ ତଥା ଅଧିକ ତେଲ ମସଲା ଯୁକ୍ତ ଖାଦ୍ୟ ଖାଇବାକୁ ଗୁରୁତ୍ୱ ଦେଉଥିଲେ ଧ୍ୟାନ ଦିଅନ୍ତୁ। ତେଲ ମସଲାଯୁକ୍ତ ଖାଦ୍ୟ ସ୍ୱାଦିଷ୍ଟ ଲାଗିଲେ ବି ଏହା ପେଟଜନିତ ସମସ୍ୟା ସୃଷ୍ଟି କରେ। ତେଣୁ ଧୁମ୍ରପାନ କିମ୍ବା ମାଦକ ଦ୍ରବ୍ୟ ସେବନ କରିବାର ବଦଭ୍ୟାସକୁ ତୁରନ୍ତ ପରିତ୍ୟାଗ କରନ୍ତୁ।

ତେଲ ମସଲାଯୁକ୍ତ ଖାଦ୍ୟକୁ ନା: ସମ୍ପ୍ରତି ଅଧିକ ଲୋକ ବିଳମ୍ବିତ ରାତି ଯାଏଁ ଚେଇଁ ରହିବା ଓ ଫୋନ୍ ଚଳାଇବା ସାଧାରଣ ଅଭ୍ୟାସ ହୋଇଥିବାବେଳେ ଏହା ସ୍ୱାସ୍ଥ୍ୟ ଉପରେ ଅଧିକ ପ୍ରଭାବ ପକାଏ। ଗୋଟିଏ ସ୍ଥାନରେ ଅଧିକ ସମୟ ପର୍ଯ୍ୟନ୍ତ ଘଣ୍ଟା ଘଣ୍ଟା ଧରି ବସି ରହୁଥଲେ, ବା କୌଣସି ପ୍ରକାର ଶାରୀରିକ କ୍ରିୟା କରୁନଥିଲେ, ଏହି ଅଭ୍ୟାସ ତୁରନ୍ତ ବଦଳାଇବା ଆବଶ୍ୟକ। ଏହାକୁ ଦୃଷ୍ଟିଦେଇ ନିୟମିତ ୩୦ ମିନିଟ୍ ବ୍ୟାୟାମ କରିପାରିବେ। ଏପରି କରିବା ଦ୍ୱାରା ସୁସ୍ଥ ଓ ନୀରୋଗ ରହିପାରିବେ। ଜଙ୍କଫୁଡ ସ୍ୱାସ୍ଥ୍ୟପକ୍ଷେ ହାନିକାରକ। ଏହା ବିଭିନ୍ନ ରୋଗ ସୃଷ୍ଟି କରଥାଏ। ଓଜନ ବୃଦ୍ଧି ହୁଏ। ସାଧାରଣତଃ ମୋଟାପାରୁ ଅନେକ ଜଟିଳ ରୋଗ ସୃଷ୍ଟି ହେଉଥିବାରୁ ନୂଆ ବର୍ଷରୁ ଏହି ଅଭ୍ୟାସରେ ପରିବର୍ତ୍ତନ ଆଣିବା ଜରୁରି ରହିଛି। ପୋଷକତତ୍ତ୍ୱ ଓ ଭିଟାମିନ୍ ଯୁକ୍ତ ସନ୍ତୁଳିତ ଖାଦ୍ୟ ଖାଇପାରିବେ।

ଦିନକୁ ୭ରୁ ୮ ଘଣ୍ଟା ଶୋଇବା ଜରୁରି: ମାନସିକ ସୁସ୍ଥ ରହିବାକୁ ନିୟମିତ ୭ରୁ ୮ ଘଣ୍ଟା ଶୋଇବା ଆବଶ୍ୟକ। ଏହା ଉଭୟ ଶାରରୀରିକ ଏବଂ ମାନସିକ ପାଇଁ ଲାଭଦାୟକ। ଏହାଦ୍ୱାରା ବ୍ୟକ୍ତି ସକ୍ରିୟ ରହିପାରନ୍ତି। ଶୋଇବା ଠିକ୍ ରହିଲେ, ଅନ୍ୟାନ୍ୟ ରୋଗ ଦୂର କରିଥାଏ। ମାନସିକ ଜନିତ ସମସ୍ୟା ଚିନ୍ତା ମଧ୍ୟ ରୁହେ ନାହିଁ।

ନିଜ ପାଇଁ ସମୟ କାଢ଼ନ୍ତୁ: ବ୍ୟସ୍ତବହୁଳ କାରଣରୁ ପ୍ରାୟତଃ ନିଜ ପାଇଁ ସମୟ ବାହାର କରିପାରନ୍ତି ନାହିଁ। ତେଣୁ ମନକୁ ଶାନ୍ତି ଓ ଖୁସି ରଖିବାକୁ ନିଜ ସହିତ ସମୟ ବିତାଇବା ଜରୁରି। ଏହାଦ୍ୱାରା ସ୍ୱାସ୍ଥ୍ୟ ଫିଟ୍ ରୁହେ।

ଟେକ୍ନୋଲୋଜିରୁ ଦୂରେଇ ରୁହନ୍ତି: ସୋସିଆଲ ମିଡିଆରେ ପ୍ରତ୍ୟେକ ଲୋକେ ଅଧିକ ସମୟ ବିତାଉଛନ୍ତି। ତେଣୁ ସମୟ ସମୟେ ଟେକ୍ନୋଲୋଜି ଏବଂ ମୋବାଇଲ୍‌ରୁ ସମୟ କାଢ଼ି ପରିବାର ସହିତ ସମୟ ବିତାଇପାରିବେ।

# ବର୍ଷାଦିନେ ଗର୍ଭବତୀଙ୍କ ସୁସ୍ଥ ରହିବା ନେଇ ସତର୍କତା



**ଡାକ୍ତର ଶୁଭଶ୍ରୀ ମିଶ୍ର**

ସାଧାରଣତଃ ମୌସୁମୀ ସମୟରେ ଲେପ୍ଟୋସିରୋସିସ୍ ଆଦି ଗମ୍ଭୀର ରୋଗ ହେବାର ଆଶଙ୍କା ବଢ଼ିଯାଏ। ସାଧାରଣତଃ ଏହିଦିନେ ମଣିଷ ଦ୍ୱାରା ହେଉ ଅବା ପଶୁ ଦ୍ୱାରା ଜୀବାଣୁ ଯାଇ ଗର୍ଭବତୀ ମହିଳାଙ୍କ ଠାରେ ପହଞ୍ଚେ। ଏହାର ବିଶେଷ ପ୍ରଭାବ ଗର୍ଭରେ ବଢୁଥିବା ପିଲା ଉପରେ ପଡ଼େ। ଏହିପରି ବି ହୁଏ ପିଲାର ଜୀବନ ନେଇଯାଏ ଏହି ଜୀବାଣୁ। ଏହା ବ୍ୟତୀତ ପେଟ ସଂକ୍ରମଣ, ଡିହାଇଡ୍ରେସନ ଆଦି ଜଳ ଜନିତ ରୋଗ ହୋଇଥାଏ। ଏଥିପାଇଁ ଗର୍ଭବତୀ ମହିଳା ଏହି ମୌସୁମୀରେ ବିଶେଷ ଧ୍ୟାନ ରଖିବା ଦରକାର।

**ଖାଦ୍ୟପେୟ:** ବର୍ଷାଦିନେ ଡିହାଇଡ୍ରେସନ ଏକ ବଡ଼ ସମସ୍ୟା। ଏଥିପାଇଁ ଏହିଦିନେ ପ୍ରଚୁର ପାଣି ପିଅନ୍ତୁ। ତରଳ ଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ। ଏହା ଶରୀରରେ ଜଳୀୟଅଂଶ ଧରି ରଖିବା ସହ ଚିନ୍ତା ଦୂର କରେ। ଯଦି ଚେତାଶୂନ୍ୟ, ମୁଣ୍ଡ ବୁଲାଇବା, ମୁଣ୍ଡ ବ୍ୟଥା ଅବା ଗରମ ଭଳି କିଛି ସମସ୍ୟା ଦେଖା ଦେଉଥିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଏହା ସହିତ ତରଳ ଖାଦ୍ୟ ଖାଆନ୍ତୁ। ରାସ୍ତାକଡ଼ରେ ତିଆର ହେଉଥିବା ଖାଦ୍ୟ ଖାଆନ୍ତୁନାହିଁ। ଯଦି ସେହିଭଳି ଖାଦ୍ୟ ଖାଇବାକୁ ଇଛା ହେଉଥାଏ, ତେବେ ନିଜେ ତିଆରି କରି ଉକ୍ତ ଖାଦ୍ୟ ଖାଆନ୍ତୁ। ବାହାର ଖୋଲା ପାଣି ପିଇବା ଅପେକ୍ଷା ମିନେରାଲ ପାଣି ପିଅନ୍ତୁ। ଖାଦ୍ୟ ପ୍ରସ୍ତୁତ ସମୟରେ ପନିପରିବାକୁ ଭଲ ଭାବରେ ଧୂଅନ୍ତୁ। ବିଶେଷ କରି ସବୁଜ ପନିପରିବାକୁ ରୋଷେଇରେ ସାମିଲ କରନ୍ତୁ। ଏହା ଉଭୟ ମା' ଓ ପିଲାପାଇଁ ବହୁତ ଭଲ।

**ଘର ସଫା ରଖ:** ଗର୍ଭାବସ୍ଥାରେ ଘରର ସଫାସୁତୁରା ଉପରେ ସର୍ବଦା ଧ୍ୟାନ ଦେବା ଦରକାର। ଘରେ କୌଣସି କୀଟାଣୁ ଜୀବାଣୁ ନ ରହିବା ଦରକାର। ଯଦି ଘରେ ମଇଳା ରହେ, ତେବେ କୀଟାଣୁ ତ୍ୱଚା ଓ ପେଟକୁ ସଂକ୍ରମଣ କରିବ। ଘରର ଦ୍ୱାରମୁହଁ ଖୋଲା କରି ରଖ। ଏହାଦ୍ୱାରା ତାଜା ପବନ ଘର ଭିତରକୁ ଆସିବ। ଡେଙ୍ଗୁ ଓ ମ୍ୟାଲେରିଆ ଠାରୁ ରକ୍ଷା ପାଇବା ପାଇଁ ସର୍ବଦା କୁଲର ସଫା ରଖନ୍ତୁ। ଜୋତା ଚପଲ ଘର ଭିତରକୁ ନ ଆଣି ଘର ବାହାରେ ରଖନ୍ତୁ। ଏହାଦ୍ୱାରା ବାହାରରର ଜୀବାଣୁ ଓ କୀଟାଣୁ ଘରକୁ ଆସିବ ନାହିଁ। ଏହି ସମୟରେ ଯେତେ ସମ୍ଭବ ଘର ଲୋକ ଓ ଡାକ୍ତରଙ୍କ ସହିତ ପରାମର୍ଶ ନିଅନ୍ତୁ। ଏହାଦ୍ୱାରା ଜୀବାଣୁ ଓ କୀଟାଣୁ ଠାରୁ ଦୂରେଇ ରହିପାରିବେ ଏବଂ ସୁସ୍ଥ ରହିପାରିବେ।

**କପଡ଼ା:** ବର୍ଷା ଦିନେ ବି ଦେହରୁ ଝାଳ ବାହାରେ। ଏଣୁ ଆରାମ ଲାଗୁଥିବା କପଡ଼ା ପିନ୍ଧନ୍ତୁ। ଯାହା ଆରମଦାୟକ ଅନୁଭବ ହେବ। ଏହା ସହିତ ପେଟକୁ ମଧ୍ୟ ଆରାମ ଲାଗିବ। ବର୍ଷାଦିନେ ସର୍ବଦା ଢ଼ିଲା ପୋଷାକ ପିନ୍ଧନ୍ତୁ। କାରଣ ଟାଇଟ୍ ପୋଷାକ ପିନ୍ଧିବା ଦ୍ୱାରା କୁଣ୍ଡାଇ ହେବାପରି ସମସ୍ୟା ଦେଖାଦେଇଥାଏ। ଏମିତିରେ ବି ଟାଇଟ ପୋଷାକ ପିନ୍ଧିଥିଲେ ଶିଶୁ ପାଇଁ କ୍ଷତିକାରକ। ଶିଶୁ ଠିକ୍ ଭାବରେ ବିକାଶ କରିପାରେ ନାହିଁ। ଏଣୁ ଆରାମଦାୟକ ପୋଷାକ ପିନ୍ଧନ୍ତୁ। ସିନ୍ଥେଟିକ୍ ପୋଷାକ ନପିନ୍ଧି ସୂତା ପୋଷାକ ପିନ୍ଧନ୍ତୁ। ସିନ୍ଥେଟିକ ତ୍ୱଚା ଉପରେ ପ୍ରଭାବ ପକାଇପାରେ। ପାଦକୁ ଘୋଡାଇ ରଖିବା ଦରକାର। ଏଣୁ ସର୍ବଦା ମୋଜ ପିନ୍ଧନ୍ତୁ। ଏହାଦ୍ୱାରା ଅଧିକ ଥଣ୍ଡା ହୋଇନଥାଏ।

**ସଫାସୁତୁରା:** ଗର୍ଭବତୀ ଅତିକମ୍‌ରେ ଦୁଇଥର ଗାଧୋଇବା ଦରକାର। ପ୍ରତି ଏକ ଘଣ୍ଟା ଅନ୍ତରରେ ଓଦା ଟାୱେଲରେ ଚେହେରା ପୋଛି ଦେବା ଦରକାର। ଯଦି ସମ୍ଭବ ହୁଏ ଗୋଲାପ ଜଳରେ ଚେହେରା ପୋଛି ପାରିବେ। ବଗିଚାରେ ବି ଖାଲି ପାଦରେ ଚାଲନ୍ତୁ ନାହିଁ କାରଣ ବର୍ଷାଦିନିଆ କାଦୁଅରେ ପାଦର ତ୍ୱଚା ସଂକ୍ରମଣ ହୋଇପାରେ। ସଡ଼କ ଉପରେ ଚାଲୁଥିବା ପାଣି ମଧ୍ୟ ଗର୍ଭବତୀଙ୍କ ପାଇଁ କ୍ଷତିକାରକ। ଏଣୁ ଏଥିପ୍ରତି ସାବଧାନ ରହିବା ଦରକାର। ଯେତେଥର ବାହାରକୁ ଯିବେ, ସେତେଥର ହାତ ଓ ଗୋଡ ଉଷୁମ ପାଣି କିମ୍ବା ମେଡିକେଟେଡ ସାବୁନରେ ଧୂଅନ୍ତୁ। ଏହାଦ୍ୱାରା ଜୀବାଣୁ ଆପଣଙ୍କ ପିଲା ପାଖରେ ପହଞ୍ଚିପାରିବ ନାହିଁ। ଏହି ଦିନରେ ଜଳଜନିତ ରୋଗ ଯୋଗୁଁ ପେଟରେ ସଂକ୍ରମଣ ହେବା ଏକ ସାଧାରଣ କଥା। ଏଥିପାଇଁ ଆପଣ ଯେଉଁ ପାଣି ପିଉଛନ୍ତି ତାହା ସଫା ହୋଇଥିବା ସହିତ ଜୀବାଣୁ ମୁକ୍ତ ହେବା ଦରକାର। ଏହା ମଧ୍ୟ ମନେରଖିବେ ଗର୍ଭାବସ୍ଥାରେ ହାଇଜେନିକ୍ ଖାଦ୍ୟ ଖାଇବା ସହିତ ଫାଷ୍ଟଫୁଡ୍ ଓ ପକେଟ ଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ଗର୍ଭବତୀଙ୍କ ସହିତ ଘରର ସମସ୍ତ ସଦସ୍ୟ ସଫାସୁତୁରା ରହିବା ଦରକାର। ଏହାଦ୍ୱାରା ପିଲାଟି ସୁସ୍ଥ ଭାବରେ ଜନ୍ମ ହୋଇପାରିବ।

ପ୍ରାୟତଃ ବର୍ଷାଦିନରେ ଗୃହିଣୀ ଓ ବିଶେଷକରି ପ୍ରସୂତୀମାନେ ଅନେକ ସମସ୍ୟାକୁ ସାମ୍ନା କରିଥାନ୍ତି। ପରିଶ୍ରମ ତୁଳନାରେ ବିଶ୍ରାମ ନେଇ ନଥାନ୍ତି ଏବଂ ଜଳବାୟୁରେ ଆର୍ଦ୍ରତା ରହୁଥିବାରୁ ସେମାନଙ୍କୁ ପ୍ରାୟତଃ ଭୋକ ହୋଇନଥାଏ। ସେହିପରି କର୍ମଜିବୀ ମହିଳାମାନେ ନିଜ ନିୟମିତ ଦିନଚର୍ଯ୍ୟାକୁ ନେଇ ଏପରି ବ୍ୟସ୍ତ ରହିଥାନ୍ତି ଯାହାଦ୍ୱାରା ସେମାନେ ନିର୍ଦ୍ଧାରିତ ସମୟରେ ଖାଇବା ଓ ବିଶ୍ରାମ କରିପାରିନଥାନ୍ତି। ସେହିପରି ବର୍ଷାଦିନରେ ଭିଜି ଯିବା କାରଣରୁ ଥଣ୍ଡାଜ୍ୱର ହେବାର ଅନେକ ସମ୍ଭାବନା ରହିଥାଏ। ଅସ୍ୱସ୍ତିକର ପରିବେଶ ସଂସ୍ପର୍ଶରେ ଆସିବା ଦ୍ୱାରା ସନ୍ତାନ ସମ୍ଭବା ମାଆମାନେ ବିଶେଷକରି ଆସନ୍ନପ୍ରସବା ମାନେ ଅଧିକ ସମସ୍ୟାକୁ ସାମ୍ନା କରିଥାନ୍ତି। ଏହି ଋତୁରେ ପିଇବା ପାଣି ପ୍ରାୟତଃ ଜଳ ଉତ୍ସ ଦୂଷିତ ରହୁଥିବାରୁ ଏହା ଝାଡ଼ା-ବାନ୍ତିର କାରଣ ମଧ୍ୟ ହୋଇଥାଏ। ତେଣୁ ବର୍ଷାଦିନେ ସମ୍ପୂର୍ଣ୍ଣ ଭାବେ ଫୁଟାପାଣି ପିଇବା ଅତ୍ୟନ୍ତ ଜରୁରୀ ଓ ସ୍ୱାସ୍ଥ୍ୟପ୍ରଦ। ବର୍ଷାଦିନେ ଅନେକ ଋତୁକାଳୀନ ପନିପରିବା ଓ ଦେଶୀୟ ଫଳ, କୋଳି ହୋଇଥାଏ ତେଣୁ ସନ୍ତାନ ସମ୍ଭବାମାନେ ଖାଦ୍ୟ ଲାଳସାରେ ଏହାକୁ ଖାଇବା ପାଇଁ ଅଧିକ ଆଗ୍ରହ ରଖିଥାନ୍ତି। ସେହିପରି ବର୍ଷାଦିନେ ଉଭୟ ଛତୁ ଓ ଆମିଷ ଭିତରେ ମାଛ ପ୍ରଚୁର ପରିମାଣରେ ମିଳୁଥିବାରୁ ଅନେକ ଏହାକୁ ଆଗ୍ରହ ରଖିଥାନ୍ତି ତେବେ କେତେକ ପରିସ୍ଥିତିରେ ଛତୁ ବିଷାକ୍ତ ହୋଇଯିବାର ଉଦାହରଣ ମଧ୍ୟ ରହିଛି। ସେହିପରି ମୌସୁମୀ ପ୍ରଥମ ଜଳର ମାଛ ଗୁଡ଼ିକ ମଧ୍ୟ ଖାଇବା ପାଇଁ ହଜମ କାରକ ହୋଇନଥାଏ। ବର୍ଷାଦିନେ ବିଶେଷକରି ଗର୍ଭବତୀ ଜଣକ ଯେପରି କୌଣସି ପରିସ୍ଥିତିରେ ନ ତିନ୍ତତି ସେ ଦିଗଟିକୁ ଭଲ ଭାବେ ଦେଖନ୍ତୁ। ଗର୍ଭବତୀ ଜଣକ ଯେପରି ଲମ୍ବା ରାସ୍ତା ନ ଚାଲନ୍ତି ଓ ଭାରବାହୀ ଓଜନଦାର ପରିଶ୍ରମ କାର୍ଯ୍ୟରୁ ନିବୃତ୍ତ ରୁହନ୍ତି ସେ ଦିଗଟିକୁ ମଧ୍ୟ ଯତ୍ନବାନ ହେବା ବାଞ୍ଛନୀୟ। ଥଣ୍ଡା ଓ କୋହଲା ତଥା ବର୍ଷା ତିନ୍ତା କାରଣରୁ କେତେକ କର୍ମଜୀବୀ ମହିଳାମାନେ ପିକା ବା ଦେଶୀୟ ଛୋଟ ମୋଟ ନିଶାଦ୍ରବ୍ୟ ଟିକେ ଗ୍ରହଣ କରିବା ପାଇଁ ଗର୍ଭବତୀ ଜଣଙ୍କୁ କହିଥାନ୍ତି ଏହା ଆଦୌ ଠିକ ନୁହେଁ। ସେହିପରି କେତେକ ଦେଶୀୟ ଚିକିତ୍ସାକୁ ଗ୍ରହଣ କରନ୍ତି ଏହା ଆମର ବର୍ଷ ବର୍ଷର ପାରମ୍ପରିକ ଚିକିତ୍ସା କିନ୍ତୁ ଏହା ସ୍ୱାସ୍ଥ୍ୟ ପାଇଁ ନିରାପଦ ନୁହେଁ। ସରକାରଙ୍କ ସ୍ୱାସ୍ଥ୍ୟ ସେବା ବିଭାଗ ରାଜ୍ୟର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରୁ ବଡ଼ ଡାକ୍ତରଖାନାରେ ସମସ୍ତ ପ୍ରକାର ଚିକିତ୍ସା ସେବା ଉପଲବ୍ଧ କରିଛନ୍ତି। ଏହାର ସୁଯୋଗ ନେବା ବାଞ୍ଛନୀୟ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, କଟକ



# ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ରରେ ଅନିୟମିତତା ଅଭିଯୋଗ



**ସୁବର୍ଣ୍ଣପୁର,୧୩।୯(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳରେ ଥିବା ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ର ମାନଙ୍କରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ଶନିବାର ଦିନ ଅପରାହ୍ନ ୪.୩୦ ମି . ସମୟରେ ତିନି ନମ୍ବର କାଉନସିଲର ଶ୍ରୀମତୀ ଗୋଲାପୀ ବର୍ମାଙ୍କ ନେତୃତ୍ୱରେ ଧ୍ରୁବତାରା କ୍ଲବ ପରିସରରେ ବହୁ ମହିଳା ଏବଂ ପୁରୁଷଙ୍କ ଦ୍ୱାରା ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳ ବିଭିନ୍ନ ୱାର୍ଡ ର ମହିଳାମାନେ ସାମିଲ ହୋଇ ନିଜ ନିଜ ମତ ଦେଇଥିଲେ । ଉପସ୍ଥିତ ମହିଳାମାନେ ଦେଇଥିବା ମତ ଅନୁସାରେ ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ର ମାନଙ୍କରେ କିଶୋରୀ ବାଳିକା ମାନଙ୍କୁ ମାସକୁ ୧୬ଗୋଟି ଅଣ୍ଡା ବଦଳରେ ୧୦ଗୋଟି ପ୍ରଦାନ କରାଯାଉଥିବା, ନିମ୍ନ ମାନର ଛତୁଆ, ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ପାଣି ଯେପରିକି ପ୍ରି ସ୍କୁଲ କିଟ, କଣ୍ଟେନେଣ୍ଟି ପାଣି ଆଦିର ବାଟମାରଣା, ତିନି ବର୍ଷରୁ ଛଅ ବର୍ଷ ପ୍ରାକ ବିଦ୍ୟାଳୟ ଅଙ୍ଗନୱାଡ଼ି ଶିଶୁ ଙ୍କ ସହିତ ସରକାରୀ ବେସରକାରୀ ବିଦ୍ୟାଳୟରେ ପାଠପଢୁଥିବା ପ୍ରାକ ବିଦ୍ୟାଳୟଙ୍କ ନାମ ଯୋଡି ବାଟମାରଣା ହେଉଥିବା ଅନୁମାନ, କେନ୍ଦ୍ର ମାନଙ୍କୁ ହିତାଧକାରୀ ତଥା ଅନ୍ୟ ମହିଳା ମାନେ ଗଲେ ଦୁର୍ବ୍ୟବହାର କେନ୍ଦ୍ରରୁ ଚାଲିଯିବା କହିବା, କିଶୋରୀ ବାଳିକା ମାନଙ୍କୁ ବଣ୍ଟନ ହେଉଥିବା ଅଣ୍ଡା କମ ଦେଉଥିବା ନେଇ ଲିଖିତ ଅଭିଯୋଗକାରୀଙ୍କୁ କେନ୍ଦ୍ରକୁ ଡାକି ଜୋର ଜବରଦସ୍ତ କାଉଣ୍ଟର ଦସ୍ତଖତ ନେଉଥିବା ଭଳି ୧୨ଗୋଟି ରୁ ଉର୍ଦ୍ଧ ପ୍ରସ୍ତାବ ଦିଆଯାଇଥିଲା । ଆଗାମୀ ଦିନରେ ଜିଲ୍ଲାପାଳ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରିବା ସହ ହିତାଧକାରୀଙ୍କ ସହ ଆଲୋଚନା କରି ଉଚିତ ପଦକ୍ଷେପ ଗ୍ରହଣ ନିମନ୍ତେ ଏହାର ନକଲ ପ୍ରଦାନ କରାଯିବା ନେଇ ସର୍ବ ସମ୍ମତିରେ ପ୍ରସ୍ତାବ ନିଆଯାଇଥିଲା ।

## ସାମ୍ବାଦିକ ସମ୍ମିଳନୀରେ ବିଜେପି ଉପରେ ବର୍ଷିଲେ ସ୍ନେହାଙ୍ଗିନୀ

# ଭେଡେନ୍‌କୁ ଏନଏସି ମାନ୍ୟତା ନ ମିଳିବାରୁ ସବୁଠି ଅସନ୍ତୋଷ

● ଭେଡେନରେ ସର୍ବଦଳୀୟ କୋର କମିଟି ଗଠିତ
● ବିଧାୟକଙ୍କୁ ଭେଟିଲେ କୋର କମିଟି ସଦସ୍ୟ

**ଭେଡେନ,୧୩।୯(ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଭେଡେନ କୁ ଗତ ସରକାର ଏନ୍‌ଏସିଘୋଷଣା କରିଥିଲେ ମଧ୍ୟ ନୂତନ ସରକାର ଗତ ସ୍ୱାୟତ୍ତ ଶାସନ ଦିବସ ରେ ଘୋଷିତ ନୂତନ ତାଲିକା ରେ ଭେଡେନର ନା ନ ଥିବାରୁ ଏହି ଅଞ୍ଚଳ ରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଅସନ୍ତୋଷ ଧୀରେ ଧୀରେ ଆନ୍ଦୋଳନ ରୂପ ନେବାକୁ ବସିଲାଣି। ଏ ନେଇ ବ୍ଲକ ସମ୍ମୁଖରେ ଥିବା ଡ୍ରାଇଭର ସଂଘ କାର୍ଯ୍ୟାଳୟ ଠାରେ ଭେଡେନ ବ୍ଲକ ବିଜୁ ଜନତା ଦଳ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ରେ ଘରଉ ନ ହେବା ନେଇ ବିଜେପି ଦଳ ତଥା ବର୍ତ୍ତମାନ ର ସରକାର କୁ ଦୋଷାରୋପ କରିଛନ୍ତି। ଭେଡେନ ବ୍ଲକ ବିଜୁ ଜନତାଦଳ ର ବ୍ଲକ ସଭାପତି ହରିଶଙ୍କର ବେହେରା ସମସ୍ତଙ୍କୁ ସ୍ୱାଗତ କରି ସଭାର ଉଦ୍ଦେଶ୍ୟ ଜ୍ଞାପନ କରିବା ପରେ ପୂର୍ବତନ ବିଧାୟିକା ତଥା ରାଜ୍ୟ ବିଜୁ ମହିଳା ଜନତା ଦଳ ର ସଭାପତି ସ୍ନେହାଙ୍ଗିନୀ ଛୁରୀଆ କହିଥିଲେ ଯେ ପୂର୍ବର ନବୀନ ପଟ୍ଟନାୟକ ସରକାର ପ୍ରାୟ ୫୬ଟି ମୁନିସିପାଲଟି ଓ ଏନ୍, ଏସ, ସି ଘୋଷଣା କରିଥିଲେ। ଯେଉଁ ମଧ୍ୟରୁ ବରଗଡ଼ ଜିଲ୍ଲା ର ତିନୋଟି ସ୍ଥାନ ରହିଥିଲା ବରଗଡ଼ ଜିଲ୍ଲା ର ଭେଡେନ, ସୋହେଲା, ପାଇକମାଲ। କିନ୍ତୁ ବର୍ତ୍ତମାନ ସରକାର କେବଳ ସୋହେଲା କୁ ଏନ୍, ଏସ, ସି ଘୋଷଣା କରିଥିବା ବେଳେ ରାଜନୈତିକ ଅଭିସନ୍ଧି ରଖି ଭେଡେନ ଓ ପାଇକମାଲ କୁ ବାଦ ଦେଇଛନ୍ତି।ବର୍ତ୍ତମାନ ସରକାର ବା ସ୍ଥାନୀୟ ବିଧାୟକ ପୂର୍ବସରକାର କିଛି ନକରି କେବଳ ନିର୍ବାଚନ ରେ ଘୋଷଣାକରି ଲୋକଙ୍କୁ ଭ୍ରମିତ କରିଥିବା ଭଳି ଅଭିଯୋଗ ର ଦୃଢ ପ୍ରତିବାଦ କରି ଏଭଳି ଭିତ୍ତିହିନ କଥା କହି ଏନ୍, ଏସ, ସି ନ କରିବା ପାଇଁ ଗୋଟିଏ ଚକ୍ରାନ୍ତ ବୋଲି ଶ୍ରୀମତୀ ଛୁରିଆ ପ୍ରକାଶ କରିଥିଲେ।




ସରକାର ଘୋଷଣା କରିବା ପରେ ରାଜ୍ୟ ନଗର ଉନ୍ନୟନ ବିଭାଗ, ଜିଲ୍ଲା ନଗର ଉନ୍ନୟନ ବିଭାଗ କୁ ଘୋଷଣାନାମା ପଠେଇ ଏ ସମ୍ବନ୍ଧରେ ଏକ ଫିଜିବିଲିଟି ରିପୋଟମାଗିଥିଲେ। ପତ୍ର ସଂଖ୍ୟା ୬୧୨୫ତା୧୩, ୩, ୨୦୨୪ରେ ଜିଲ୍ଲା ନଗର ଉନ୍ନୟନ ବିଭାଗକୁ ପଠାଇଥିଲେ। ତଦନୁସାରେ ଭେଡେନ ଗୋଷ୍ଠିଉନ୍ନୟନ ଅଧିକାରୀ ପତ୍ର ସଂଖ୍ୟା ୨୧୬ତା୧୫, ୨, ୨୦୨୫ ରେ ଏକ ରିପୋଟ ପଠେଇଥିଲେ। ପରେ ମୋହନ ମାଝିଙ୍କ ସରକାର ଗଠନ ହେବାପରେ ପୁଣି ଏକ ରିପୋଟମାଗିବା ପରେ ପୁଣି ଗୋଷ୍ଠିଉନ୍ନୟନ ଅଧିକାରୀ ଭେଡେନ, ଭେଡେନ ପଞ୍ଚାୟତ ଓ କୁଢେଡେଗା ଗ୍ରାମପଞ୍ଚାୟତର ସମସ୍ତ ରାଜସ୍ୱ ଗ୍ରାମ ତଥା ପାଲିଗ୍ରାମ ର ଅବସ୍ଥିତିର ରିପୋଟ ପ୍ରଦାନ କରିଥିଲେ। ତତ୍ କାଳୀନ ଗୋଷ୍ଠୀଉନ୍ନୟନ ଅଧିକାରୀ ପତ୍ର ସଂଖ୍ୟା, ୧୧୦୨ତା୨୧, ୩, ୨୦୨୪ରେ ପୁଣି ଫିଜିବିଲିଟି ରିପୋଟ ପଠାଇଥିଲେ।

## ବିଦ୍ୟାଳୟରେ ପ୍ରାଥମିକ ଚିକିତ୍ସା ଦିବସ

**ସୁବର୍ଣ୍ଣପୁ,୧୩।୯(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ତମାମୁରା ଉଚ୍ଚ ବିଦ୍ୟାଳୟ ରେ ପ୍ରାଥମିକ ଚିକିତ୍ସା ଦିବସ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ସାହୁ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରକୃତି ବନ୍ଧୁ ପ୍ରାଣବନ୍ଧୁ ହୋତା ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ସମସ୍ତ ବ୍ୟକ୍ତି ଙ୍କୁ ପ୍ରାଥମିକ ଚିକିତ୍ସା ର କୌଶଳ ଶିଖାଇବା ଆମ ସମସ୍ତ ଙ୍କ ଦାୟିତ୍ୱ ବୋଲି କହିଥିଲେ। ଜୁନିଅର ରେଡ଼କ୍ରସ କାଉନସିଲର ଧ୍ରୁବଚରଣ ବାରିକ ଓ ଛାତ୍ରଛାତ୍ରୀ ଙ୍କ ଦ୍ୱାରା ସାଧାରଣ କ୍ଷତ, ହାଡ଼ ଭାଙ୍ଗିବା, ଅଚେତ ହେବା, ହୃତଘାତ ହେବା ପରି ବିଭିନ୍ନ ଦୁର୍ଘଟଣା ର ପ୍ରାଥମିକ ଚିକିତ୍ସା କୌଶଳ ପ୍ରଦର୍ଶିତ ହୋଇଥିଲା। ଶିକ୍ଷକ ମାନଭଂଜନ ପଣ୍ଡା, ସୁରଜ କଲସାଏ, ଅମୀୟ ପଧାନ, ସୁବ୍ରତ ନାଗ ଓ ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ। ସମସ୍ତେ ମିଶି ମା ନାମରେ ଗଛ ଟିଏ ନାରା ଦେଇ ବୃକ୍ଷ ରୋପଣ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷକ କୃଷ୍ଣଚନ୍ଦ୍ର ତଣ୍ଡକାର ଧନ୍ୟବାଦ ଅର୍ପଣ କରିଥିଲେ।

## ଲୋକ ଅଦାଲତ, ୨୦ଟି ଫୌଜଦାରୀ ମାମଲାର ଫଇସଲା



**କଣାସ,୧୩।୯(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ବ୍ଲକର କଣାସଠାରେ ପ୍ରତିଷ୍ଠିତ ଜେ.ଏମ.ଏଫ.ସି କୋର୍ଟ ପରିସରରେ ଆଜି ତୃତୀୟରଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ବିଚାରପତି ଭାବେ ଶ୍ରୀୟାରୁତୁପୂର୍ଣ୍ଣା ସାହୁ ଯୋଗଦେଇ ଏକ ସିଭିଲ ମକଦମା ଓ ୧୯ ଟି ଫୌଜଦାରୀ ମକଦମା ବିଚାର କରି ଫଇସାଲା କରିଛନ୍ତି। ଏହି ଲୋକ ଅଦାଲତରେ ପ୍ୟାନେଲ ଓକିଲ ସୁକାନ୍ତ କୁମାର ମହାନ୍ତି, ଏପିପି ଓକିଲ ବିକ୍ରମ ନାଥ, ଓକିଲ ଅଶୋକ କୁମାର ପାଣିଗ୍ରାହୀ, ପ୍ରଶାନ୍ତ ଜେନା, ପ୍ରଶାନ୍ତ ବରାଳ, ମିହିର କୁମାର ବେହେରା ଉପସ୍ଥିତ ରହିଥିଲେ ଏବଂ ବରିଷ୍ଠ କୋର୍ଟ ପେସ୍କାର ଦିଲୀପ କୁମା ତରାଇ, ନାଜିର ଆଶିଷ କୁମାର ଭଟାଚାର୍ଜ, ଓପି ରବି ନାରାୟଣ ମହାନ୍ତି, କୃର୍ଷ୍ଣ ଚନ୍ଦ୍ର ତ୍ରୀପାଠୀ ଉପସ୍ଥିତ ରହି ସହ ଯୋଗ କରୁଥିଲେ।

# ଜଳସମ୍ପଦ ଏସଡିଓଙ୍କ ବିରୋଧରେ ଏତଲା

**ଭଦ୍ରକ,୧୩।୯ (ସଂଚାର ବ୍ୟୁରୋ):** ଚାନ୍ଦବାଲି ଜଳସମ୍ପଦ ବିଭାଗର ଏସଡ଼ିଓଙ୍କ ବିରୁଦ୍ଧରେ ଥାନାର ଏତଲା।

ଜଳସମ୍ପଦ ଅଫିସ ରେ ରାତ୍ରି ଜଗୁଆଳି ଭାବେ କାମ କରୁଥିବା ଅସ୍ଥାୟୀ କର୍ମଚାରୀ ଅଭିଷେକ ପ୍ରିୟଦର୍ଶିନୀ ଜଳସମ୍ପଦ ବିଭାଗର କାର୍ଯ୍ୟରତ ଏସଡ଼ିଓ ସୁରଜ କୁମାର ମଲ୍ଲିକଙ୍କ ନାମରେ ଚାନ୍ଦବାଲି ଥାନା ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାଇ ସମ୍ପୃକ୍ତ କର୍ମଚାରୀ ଜଳସମ୍ପଦ ତରଫରୁ ଦିଆଯାଇଥିବା ଘରେ ସେ ନଥିବା ସମୟରେ ତାଙ୍କ ମାଙ୍କୁ ଘର ଖାଲି କରିବା ନେଇ ଧମକ ଦେଇଥିଲେ ବୋଲି ଅଭିଯୋଗ ହୋଇଛି। ଥାନାରେ ହୋଇଥିବା

ଅଭିଯୋଗ ମୁତାବକ ଗତ ୬ ତାରିଖ ଦିନ ସେ ରହୁଥିବା ଜଳସମ୍ପଦ ବିଭାଗ ର କ୍ୱାଟର ରେ ନଥିବା ସମୟରେ ଏସଡ଼ିଓ ସୁରଜ କୁମାର ମଲ୍ଲିକ ନିଶାସକ୍ତ ଅବସ୍ଥାରେ ତାଙ୍କ ପରିବାର ସଦସ୍ୟଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ ତୁରନ୍ତ ରହୁଥିବା କ୍ୱାଟର ଖାଲି କରିବାକୁ ଧମକ ଦେଇଥିଲେ। ଅଭିଯୋଗ ପରେ ଚାନ୍ଦବାଲି ପୁଲିସ ଶୁକ୍ରବାର ଦିନ ଉଭୟଙ୍କୁ ଥାନାକୁ ଡାକି ପଚରାଉଚରା କରିଥିଲେ।

ଏସଡିଓ ସୁରଜ କୁମାର ମଲ୍ଲିକ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି ଘଟଣା ସମ୍ପୂର୍ଣ୍ଣ ପ୍ରାୟୋଜିତ, ଘଟଣାର କୌଣସି ସତ୍ୟତା ନାହିଁ ତଦନ୍ତ କଲେ ସବୁ ସତ କଥା ପଦାକୁ ଆସିବ।

# ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ୧୮୪୧ ମାମଲାର ଫଇସଲା



**ଭବାନିପାଟଣା,୧୩।୯(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ଗୁଡିକରେ ଚଳିତ ବର୍ଷ ୨୦୨୫ ର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ତା ୧୩.୦୯.୨୦୨୫ ରିଖ(ଶନିବାର) ଦିନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଲୋକ ଅଦାଲତରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାକରଣ ଅଧ୍ୟକ୍ଷ, ଶ୍ରୀ ଅନୁପ ରଞ୍ଜନ ପଟ୍ଟନାୟକ ଓ ସଚିବ ଜିଲ୍ଲା ଆଇନ ସେବା ପ୍ରାକରଣ ସ୍ନିଗଧା ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବିଭିନ୍ନ ଅଦାଲତରେ ୨୦ ଟି ମୋଟର ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ଟ. ୧, ୨୨, ୬୫, ୮୩୮ ପ୍ରଦାନ କରାଯାଇଥିଲା। ସେହିପରି ୨୧ ଟି ଦେବାନୀ ମକଦ୍ଦମା ଫଇସଲା କରାଯାଇଥିଲା, ବିଚାର ଯୋଗ୍ୟ ୨୧୭ଟି ଫୌଜଦାରି ମକଦ୍ଦମା ଫଇସଲା କରାଯାଇଥିଲା ଏବଂ ଏନଆଇ ଆକ୍ଟ କେସ (ଦଫା- ୧୩୮) ୧୫ ଟି ଫଇସଲା କରାଯାଇ ଟ.୩୮, ୯୫, ୧୮୧ ଆଦାୟ କରାଯାଇଥିଲା। ବିବାହ ଜନିତ ମକଦମା ୭ ଗୋଟି ଫଇସଲା କରାଜାଇଥିଲା। ରାଜସ୍ୱ ମକଦ୍ଦମା ୯୯୯ଟି ଫଇସଲା କରାଯାଇ ଟ.୮, ୫୦, ୭୦୭ ଆଦାୟ କରା ଯାଇଥିଲା ଓ ୫୨୨ ଟି ପ୍ରାକ ମୋକଦ୍ଦମା ସମ୍ବନ୍ଧୀୟ ମାମଲାର ଫଇସଲା କରାଯାଇ ଟ୧, ୪୯, ୩୭, ୮୮୭ ଆଦାୟ କରାଯାଇଥିଲା। ଲୋକ ଉପଯୋଗି ସେବା ସମ୍ବନ୍ଧୀୟ ବିବାଦ ୨୫ ଗୋଟି ଫଇସଲା କରାଯାଇ ଟ.୬୪୦୦ ଆଦାୟ କରାଯାଇଥିଲା। ୧୩ ଗୋଟି ମୋନି ରିକୋଭରି କେଶ ଫଇସଲା କରାଯାଇ ଟ.୧୩୨୯୮୬୦ ସମାଧାନ କରାଯାଇଥିଲା। କନ୍‌ଜୁମର ବିବାଦ ୨ ଗୋଟି ମାମଲା ଫଇସଲା କରାଯାଇ ଟ.୩୧୬୩୪୧ ସମାଧାନ କରାଯାଇଥିଲା। ଏହି ଲୋକ ଅଦାଲତରେ ଭିଜିଲାନ୍ସ ଜଜ୍ ଶ୍ରୀ ବଦ୍ରି ନାରାୟଣ ନନ୍ଦ, ପରିବାର ଅଦାଲତ ଜଜ୍, ରାଜଶ୍ରୀ ମହାପାତ୍ର, ସିନିୟର ସିଭିଲ ଜଜ୍, ସୁଦିପ୍ତା ଦେହୁରି, ସିନିୟର ସିଭିଲ ଜଜ୍ ମହିଳା କୋର୍ଟ, ମନୟନି ରଥ, ସଚିବ ଜିଲ୍ଲା ଆଇନ ସେବା ପ୍ରାଧୁକରଣ, କଳାହାଣ୍ଡି, ସ୍ନିଗଧା ପଣ୍ଡା, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅନୁରାଧା ଶର୍ମା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀମତି ପୂଜା ପ୍ରିୟଦର୍ସାନି ପତି ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ଅଦାଲତ ପରିଚାଳନା କରିଥିଲେ। ଏହି ଲୋକ ଅଦାଲତରେ ଅତିରିକ୍ତ ଜିଲ୍ଲା ଜଜ୍ ଯଦୁମଣି ମିଶ୍ର, ପ୍ରମୁଖ ଉପସ୍ଥିତ ଥିଲେ। ବିମାକମ୍ପାନୀ ଓକିଲ ଦିବ୍ୟରଞ୍ଜନ ବହିଦାର, ପରମାନନ୍ଦ, ସୁରେସ କୁମାର ପାତ୍ର ଓ ଓକିଲ ସଂଘ ସଭାପତି ସୁଧାଂସୁ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ଦେଶୀ ଓ ବିଦେଶୀ ମଦ ଜବତ, ୧ ଗିରଫ



**କଣାସ,୧୩।୯(ସଂଚାର ବ୍ୟୁରୋ):** କଣାସ ବ୍ଲକ ଗଡ଼ିଶାଗୋଦା ଥାନା ପରିସରଭୁକ୍ତ ବଡାଲ ପଞ୍ଚାୟତର ବିଣଯଡିପୁର ଗ୍ରାମରୁ ଘଡିଶାଗୋଦା ଥାନା ଆଇଆଇସି ସୁଧିର କୁମାର ଦାସ ନଅ ଲିଟର ଛଅଶହ ଗ୍ରାମ ଦେଶୀ ଓ ବିଦେଶୀ ମଦ ଜବତକରିବା ସହିତ ଅନାମ ବଲିୟାରସିଂହ ଜଣେ ଯୁବକକୁ ମଦ ବିକ୍ରି କରୁଥିବା ଅଭି ଯୋଗରେ ଗିରଫ କରି ଗଡ଼ିଶାଗୋଦା ଥାନା କେସ ନମ୍ବର ୧୫୨/୨୦୨୫ରେ ମକଦମା ରୁଜ କରି ଅନାମକୁ କୋର୍ଟ ଚାଲଣ କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି। କଣାସ ଅଞ୍ଚଳରେ ବ୍ୟାପକ ଚୋରା ମଦ ବିକ୍ରି ହେଉଥିବାବେଳେ କଣାସ ଥାନା ଓ ଗଡ଼ିଶାଗୋଦା ଥାନା ପୁଲିସ ଘନ ଘନ ଚଢାଉ କରି ଚୋରା ମଦ ଜବତ କରିବା ସହିତ ମଦ ବିକ୍ରି କରୁଥିବା ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲଣ କରିଥିବାବେଳେ ଅବକାରୀ ବିଭାଗର ବଡ ବାବୁ ମାନେ ଜାଣି ଅଜଣା ଭଳି ରହୁଥିବାରୁ କଣାସ ଅଞ୍ଚଳ ବୁଦ୍ଧିଜୀବମାନେ ଉଦବେଗ ପ୍ରକାଶ କରିଛନ୍ତି।

## ଢାରଜା ଦଶରା ପ୍ରସ୍ତୁତି ନେଇ କର୍ମକର୍ତ୍ତାଙ୍କ ସହ ଆଲୋଚନା କଲେ ବିଧାୟକ



**ଭବାନୀପାଟଣା,୧୪।୯(ସଂଚାର ବ୍ୟୁରୋ):** ଅକ୍ଟୋବର ମାସ ୧୧ ତାରିଖରେ କଳାହାଣ୍ଡି ଜିଲ୍ଲାର ଶେଷ ଦଶରା ପ୍ରଭୁ ଶ୍ରୀ ବୁଢ଼ାରଜା ଙ୍କ ଦଶରା ମହା ସମାରୋହରେ ଅନୁଷ୍ଠିତ ହେବାକୁ ରହିଥିବା ବେଳେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀ ବୁଢ଼ାରଜା ଦଶରା ପରିଚାଳନା କମିଟିର କର୍ମକର୍ତ୍ତା ଙ୍କ ମନ୍ଦିର ପରିସରରେ ପ୍ରସ୍ତୁତି କୁ ନେଇ ଆଲୋଚନା କରିଛନ୍ତି। ପ୍ରଭୁ ବୁଢ଼ାରଜା ଙ୍କ ନିକଟରେ ଜନ ମାନସ ର ଅଗାଢ଼ ବିଶ୍ୱାସ ଓ ଶ୍ରଦ୍ଧା ରହିଥିବା ବେଳେ ବୁଢ଼ାରଜା ଦଶରା ଜିଲ୍ଲା ର ଏକ ପ୍ରମୁଖ ମହୋତ୍ସବ ହୋଇଥିବା କାରଣରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଙ୍କ ଭିଡ଼ ପରିଲକ୍ଷିତ ହୁଏ। ଦିନ ତମାମ ମନ୍ଦିର ରେ ଭକ୍ତ ଙ୍କ ପ୍ରବଳ ଗହଳି ଲାଗି ରହିଥାଏ। ବିଧାୟକ ଏନେଇ ଜିଲ୍ଲା ପ୍ରଶାସନ ଅଧିକାରୀ ଙ୍କ ସହ ଆଲୋଚନା କରି କେମିତି ଶାନ୍ତି ଶୃଙ୍ଖଳା ସହ ଯାତ୍ରା ପରିଚାଳନା ହେବ ସେ ନେଇ କମିଟିର ସଦସ୍ୟ ଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଦଶରା ପୂଜା କମିଟିର ସଭାପତି ଋତୁରାଜ ମାଝୀ, ଉପ ସଭାପତି ଗଙ୍ଗାଧର ନାଏକ, ସମ୍ପାଦକ ସନ୍ତୋଷ କୁମାର ମାଝୀ, ବିଜେପି ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର ସମେତ ଆମପାଣି ଅଞ୍ଚଳ ର ଗ୍ରାମବାସୀ ଓ ବିଜେପି କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ।

## ମା' କୁଞ୍ଜେଶ୍ୱରୀଙ୍କ ଷୋଳପୂଜା ପ୍ରସ୍ତୁତି ବୈଠକ

**କଣାସ,୧୩।୯(ସଂଚାର ବ୍ୟୁରୋ):** କଣାସ ଅଞ୍ଚଳର କଣାସ ଠାରେ ପ୍ରତିଷ୍ଠିତ ମା କୁଞ୍ଜେଶ୍ୱରୀ ଠାକୁରାଣୀଙ୍କ ଷୋଳ ପୂଜା ପାଇଁ ୧୯ ଦିନ ଧରି କିପରି ପୂଜା କାର୍ଯ୍ୟ ସମ୍ପର୍ଣ୍ଣ ହେବ ସେଥିପାଇଁ ଏକ ପ୍ରସ୍ତୁତି ବୈଠକ ମା ଙ୍କ ମାର୍ଫତ ଦାର କୈଳାସ ଚନ୍ଦ୍ର ମହାପାତ୍ର ଓ ବସନ୍ତ କୁମାର ମହାପାତ୍ରଙ୍କ ଆବହକତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ସମାଜସେବୀ ତଥା ମନ୍ଦିର ମୂଖ୍ୟ ପୂଜକ ହାଡିବନ୍ଧୁ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମାଙ୍କ ସେବା କାର୍ଯ୍ୟ କରୁଥିବା ସୁଧାକର ପଣ୍ଡା, ଲକ୍ଷ୍ମୀଧର ମହାପାତ୍ର, ବିଜୟ କୁମାର ମହାପାତ୍ର, ଶ୍ୟାମସୁନ୍ଦର ନାୟକ, ଅକ୍ଷୟ କୁମାର ନାୟକ ୧୪/୯/୨୦୨୫ ତାରିଖଠାରୁ ୨/୧୦/୨୦୨୫ ତାରିଖ ପର୍ଯ୍ୟନ୍ତ ଶହସ୍ର କୁମ୍ଭ ବରଣ ଠାରୁ ଦଶହରା ପର୍ଯ୍ୟନ୍ତ ମାଙ୍କ ରିତିନୀତି କିପରି ଶାନ୍ତି ଶୃଙ୍ଖଳା ସହିତ ପାଳନ କରାଯିବ ମାଙ୍କ କାଠି ଦିଅଁ ଷୋଳ ଖଣ୍ଡ ଗ୍ରାମ ବୁଲି ଭୋଗ ଖାଇବା ସମୟରେ କିପରି ଶାନ୍ତି ବଜାୟ ରହିବ ସେ ସର୍ମ୍ପକରେ ମୂଖ୍ୟତଃ ଆଲୋଚନା କରାଯାଇଥିଲା।

## ବିଦ୍ୟାଳୟରେ ଚୋରି, ପୁଲିସ୍‌ର ଛାନ୍‌ଭିନ୍



**ବୈଶିଙ୍ଗା,୧୩।୯(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅର୍ନ୍ତଗତ ଦୁର୍ଗାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ରାତିରେ ଚୋରି ହୋଇଯାଇଥିବା ନେଇ ପୋଲିସ ନିକଟରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ମୁତାବକ ଶନିବାର ସକାଳ ସ୍କୁଲ ଥିବା ଯୋଗୁଁ ଶିକ୍ଷୟିତ୍ରୀ ମାନେ ସକାଳ ୬ ଟା ସମୟରେ ଆସି ଦେଖିବା ବେଳକୁ ତାଲା ଭଙ୍ଗା ଯାଇ ଅଫିସ ଖୋଲା ପଡ଼ିଥିଲା ଏବଂ ଆଲମିରା ଭଙ୍ଗା ଯାଇ ଆସବାବପତ୍ର ଏଣେତେଣେ ବିଛାଡି ହୋଇ ପଡ଼ିଥିଲା। ସଙ୍ଗେସଙ୍ଗେ ପ୍ରଧାନଶିକ୍ଷୟିତ୍ରୀ ସୁବାସିନୀ ପଣ୍ଡିତ ଥାନାକୁ ଜଣାଇଥିଲେ। ଖବରପାଇ ପୋଲିସର ଏକ ଟିମ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଥିଲେ। ଅଫିସ ଗଡ଼ରେଜ୍ ଆଲମିରା ଓ ଲକର୍ ଭଙ୍ଗା ଯାଇ ଦୁଇଟି ସାମସଙ୍ଗ ଟାବଲେଟ, ଆହୂଜା କମ୍ପାନୀର ମ୍ୟୁଜିକ ସିଷ୍ଟମ, ସାମସଙ୍ଗ କମ୍ପାନୀର ୪୨ ଇଞ୍ଚ ଏଲସିଡି, ୧୨୦୦ ଟଙ୍କା, ବିଦ୍ୟାଳୟର ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଇତ୍ୟାଦି ଚୋରି ହୋଇଯାଇଥିବା ଜାଣିବାକୁ ମିଳିଥିଲା। ତେବେ ପୋଲିସ ପକ୍ଷରୁ ଫରେନସିକ୍ ଟିମ୍ ପଠାଇବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଥିବା

# ପାଚେରୀ ଭାଙ୍ଗି ଘରେ ପଶିଲା କାର, ଅଳ୍ପକେ ବର୍ତିଲେ ପରିବାର

**ସୁବର୍ଣ୍ଣପୁର,୧୩।୯(ସଂଚାର ବ୍ୟୁରୋ):** ଗତକାଲି ରାତିରେ ଦ୍ରୁତ ଗତିରେ ଆସୁଥିବା ଏକ କାର ଅଚାନକ ଭାରସାମ୍ୟ ହରାଇ ଏକ ଘରର ପାଚେରୀ ଭାଙ୍ଗି ଦେଇ ଘରକୁ ପଶି ଯାଇଥିଲା।ଫଳରେ ଘରେ ଥିବା ପରିବାର ଅଳ୍ପକେ ମୃତ୍ୟୁ ମୁଖରୁ ବଞ୍ଚ ଯାଇଛନ୍ତି।ଘଟଣାଟି ଘଟିଛି ସୁବର୍ଣ୍ଣପୁର ଜିଲ୍ଲା ବିନିକା ରାମପୁର ମୁଖ୍ୟ ରାସ୍ତାର ବିନିକା ଠାରୁ ୩କିମି ଦୂର ବେଲପଡ଼ା ଛକରେ। କାରଟି ଦୃତ ଗତିରେ ରାମପୁର ପଟରୁ ବିନିକା ଆଡ଼କୁ ଆସୁଥିଲା ହେଲେ ଅଚାନକ ଭାରସାମ୍ୟ ହରାଇ ବେଲ ପଡ଼ା ଛକ ନିକଟରେ ଏକ ଘରର ପାଚେରୀ କୁ ଭାଙ୍ଗି ଦେଇ ଘରକୁ ମାଡ଼ି ଯାଇଥିଲା ଗାଡ଼ିରେ ଥିବା ୪ଜଣ ବ୍ୟକ୍ତି ମଧ୍ୟ ବର୍ତୀ ଯାଇଥିବା ବେଳେ ଘର ପରିବାର ଲୋକେ ମଧ୍ୟ ମୃତ୍ୟୁ ମୁଖରୁ ବର୍ତୀ ଯାଇଛନ୍ତି।କାରରେ ବସିଥିବା ୪ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ସାମାନ୍ୟ ଆହତ ହୋଇ ବିନିକା ମେଡ଼ିକାଲରେ ଚିକିତ୍ସା ହୋଇଥିବା ସୂଚନା ମିଳିଛି। ତେବେ କାରର ମାଲିକ ବିନିକା କୃଷି ଅଧିକାରୀ ଜ୍ୟୋତି ରଞ୍ଜନ ପ୍ରଧାନ ବୋଲି ଜଣାପଡ଼ିଛି।ତେବେ ଗାଡ଼ିଟିକୁ କୃଷି ଅଧିକାରୀ ଚଳାଉ ଥିଲେ ନା ଆଉ କିଏ ଚଳାଇଥିଲା ତାହା ସ୍ୱଷ୍ଟ ଭାବେ ଜଣା ପଡ଼ି ନଥିଲେ ମଧ୍ୟ ନିଜେ କୃଷି ଅଧିକାରୀ ଚଳାଉ ଥିଲେ ବୋଲି ସାଧାରଣରେ ଶୁଣିବାକୁ ମିଳୁଛି। ଦୁର୍ଘଟଣା ଗାଡ଼ି କୁ ପୋଲିସ ଜବତ କରିଥିବା ବେଳେ ମଦ ପାନ କରି ବେପରୁଆ ଭାବେ ଗାଡ଼ି ଚଲାଇବା ନେଇ ବିନିକା ଥାନା କେସ ନଂ ୧୮୩/୨୦୨୫, ବିଏନଏ ୨୮୧ ଓ ଏମଭି ଆକ୍ଟ ୧୮୫ ମାମଲା ରୁଜୁ ହୋଇଛି। ଅନ୍ୟ ପକ୍ଷରେ ଗାଡ଼ି ଚଲାଇବା ବେଳେ ଗାଡ଼ିର ଡ୍ରାଇଭର ମାନେ ପରିବହନ ବିଭାଗ ଜାରି କରିଥିବା ନିୟମ ପାଳନ କରିବା ନେଇ ବିଭିନ୍ନ ସମୟରେ ପ୍ରଶାସନିକ ସ୍ତରରେ ସଚେତନତା ଅଭିଯାନ ଚାଲୁ ରହିଛି। କୌଣସି ବ୍ୟକ୍ତି ନିଶା ଦ୍ରବ୍ୟ ହେଉ ଅବା ମଦ ପିଇ ଗାଡ଼ି ଚଲାଇବା ଉପରେ କଟକଣା ରହିଥିବା ଏବଂ ସେହି ବ୍ୟକ୍ତି ଉପରେ କଡା କାର୍ଯ୍ୟାନୁଷ୍ଠାନ ସହିତ ଫାଇନ ବ୍ୟବସ୍ଥା ରହିଥିଲେ ହେଁ ପୁଲିସ ପ୍ରଶାସନ ହେଉ କି ପରିବହନ ବିଭାଗ ଜାଣିଶୁଣି ବଡ଼ବଡ଼ିଆ ଲୋକଙ୍କ କ୍ଷେତ୍ରରେ କୋହଳ ମନୋଭାବ ପୋଷଣ କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି।

## ହସ୍ପିଟାଲ୍‌ର ଉନ୍ନତି ପାଇଁ ଶିବାଜୀ ଯୁବକ ସଂଘର ଅଭିନବ ପ୍ରୟାସ

**ବୈଶିଙ୍ଗା,୧୩।୯(ସଂଚାର ବ୍ୟୁରୋ):** ବୈଶିଙ୍ଗା ହସ୍ପିଟାଲର ସର୍ବାଙ୍ଗୀନ ଉନ୍ନତି ପାଇଁ ବୈଶିଙ୍ଗା ସ୍ଥିତ ଶିବାଜୀ ଯୁବକ ସଂଘ ପକ୍ଷରୁ ଏକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରି ବାକୁ ନେଇ ସଂଘ ପକ୍ଷରୁ ସଂପାଦକ ସୀତାକାନ୍ତ ମହାପାତ୍ର ଏକ ଶ୍ୱେତପତ୍ର ଜାରି କରିଛନ୍ତି। ତାଙ୍କ ଶ୍ୱେତପତ୍ର ରେ ସେ ଉଲ୍ଲେଖ କରିଛନ୍ତି ଯେ ଶ୍ରହେ ବର୍ଷ ପୂର୍ବରୁ ମୟୂରଭଞ୍ଜ ମହାରାଜା ଙ୍କ ଦ୍ୱାରା ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟସେବା ପାଇଁ ଏକ ଡାକ୍ତରଖାନା ସ୍ଥାପନା କରିଥିଲେ। ଆଜି ପର୍ଯ୍ୟନ୍ତ ରୂପରେଖ ର କୌଣସି ପରିବର୍ତ୍ତନ ହୋଇନାହିଁ। ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ସେହି ଆଞ୍ଚଳିକ ଡାକ୍ତରଖାନା ଭାବେ କାର୍ଯ୍ୟ କରୁଛି। ଦୈନିକ ୪/୫ଶହ ଆଉଟଡୋର ରୋଗୀ ଆସୁଥିବା ବେଳେ ଜଣେ ନିୟମିତ ଡାକ୍ତର, ଜଣେ ଡେପୁଟେସନ୍ ଡାକ୍ତର ଏବଂ ଜଣେ ଆୟୁଷ ଡାକ୍ତର ସେବା ଯୋଗାଇ ଆସୁଛନ୍ତି।ଗୁରୁତର ରୋଗୀ ଏବଂ ପ୍ରସୂତୀ ଙ୍କୁ ରେଫର୍ କରି ଦିଆଯାଉଛି। ନୂଆ ଡଂଶୀ ପାଇଁ ପୂର୍ବ ସରକାର ଙ୍କ ତରଫରୁ ୫କୋଟି ୨ ଲକ୍ଷ ଟଙ୍କା ମଞ୍ଜୁରୀ କରା ଯାଇଥିଲା।୨୦୨୧-୨୨ ଆର୍ଥିକ ବର୍ଷ ଠାରୁ ଏହି ମଞ୍ଜୁରୀ ମିଳିଥିଲେ ମଧ୍ୟ ଅଦ୍ୟାବଧି ଦୁଇ କୋଟି ଟଙ୍କାର ଏକ ବିଲ୍ଡିଂ, ଏକ ଆଶା ଗୃହ, ଶବ ଗୃହ ଏବଂ କିଛି ରାସ୍ତା ବାବଦରେ ୨୪ ଲକ୍ଷ ଟଙ୍କା ବ୍ୟୟ ହୋଇଥିବା ଜଣାଯାଇଛି। ବାକି ୨କୋଟି ୭୮ ଲକ୍ଷ ଟଙ୍କାର ହିସାବ ନାହିଁ କି କାମ ବି ନାହିଁ।

# ୪ ଶିକ୍ଷକଙ୍କୁ ୧୪ ପିଲା, ତଥାପି ଅବହେଳା

## ଉପାନ୍ତ ଅଞ୍ଚଳ ଛାତ୍ରାଛାତ୍ରୀଙ୍କ ପାଠପଢ଼ାରେ ସମସ୍ୟା

**ମୋରଡ଼ା,୧୩।୯(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକରେ ଶିକ୍ଷା ବ୍ୟବସ୍ଥାର ଏକ ବିଚିତ୍ର ନୀତି ଦେଖିବାକୁ ମିଳିଛି। ଏହି ବ୍ଲକ ଅଧୀନ ସୁରେଇଡ଼ିହି ପଞ୍ଚାୟତ ମୋରଡ଼ା ଏବଂ ବାରିପଦା ବ୍ଲକ ସୀମାରେ ଅବସ୍ଥିତ। ଉକ୍ତ ପଞ୍ଚାୟତରେ ନାହାଶୋଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ଏହି ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକଙ୍କ ଦାୟିତ୍ୱହୀନତା ଓ ଅବହେଳାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହି ବିଦ୍ୟାଳୟରେ ବାଲବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିଲେ ମଧ୍ୟ ମାତ୍ର ୧୪ଜଣ ଛାତ୍ରୀଛାତ୍ର ଅଧ୍ୟୟନରତ। ପ୍ରଥମ, ଦ୍ୱିତୀୟ ଏବଂ ଅଷ୍ଟମ ଶ୍ରେଣୀରେ ଆଦୌ ପିଲା ନ ଥିବା ବେଳେ ବାଲବାଟିକା, ତୃତୀୟ, ଚତୁର୍ଥ, ପଞ୍ଚମ, ସପ୍ତମ, ଅଷ୍ଟମ ଶ୍ରେଣୀରେ ଯଥାକ୍ରମେ ୪, ୧, ୨, ୪, ୧ ଏବଂ ୨ ଜଣ ପିଲା ପାଠ ପଢୁଛନ୍ତି। ରତିକାନ୍ତ ସାହୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥିବାବେଳେ ସହକାରୀ ଶିକ୍ଷକ ଭାବେ ହରେନ୍ଦ୍ର ମହାନ୍ତ, ଦେବେନ୍ଦ୍ର ଘୋଷ ଏବଂ ଶିକ୍ଷୟିତ୍ରୀ ଜସ୍ମିନ ମାର୍ଣ୍ଡି କାର୍ଯ୍ୟରତ ଅଛନ୍ତି। ତେବେ ୪ଜଣ ଶିକ୍ଷକ ଥିବା ସତ୍ତ୍ୱେ ଏଠାରେ ପାଠ ପଢ଼ାରେ ବ୍ୟତିକ୍ରମ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶୁକ୍ରବାର ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଜାସ୍ମିନ ମାର୍ଣ୍ଡି ଠିକ୍ ସମୟରେ ପହଞ୍ଚ୍ ଗୋଟିଏ ଶ୍ରେଣୀ ଗୃହରେ ପିଲାଙ୍କୁ ଶିକ୍ଷାଦାନ କରୁଥିବା ବେଳେ ଅନ୍ୟ ଶ୍ରେଣୀ ଗୃହରେ ଥିବା ପିଲାମାନେ ବସି ରହିଥିବା ଦେଖିବାକୁ ମିଳିଥିଲା। ପ୍ରଧାନ ଶିକ୍ଷକ ସାହୁଙ୍କ ସହିତ ଅନ୍ୟ ୨ଜଣ ଶିକ୍ଷକ ହରେନ୍ଦ୍ର ମହାନ୍ତ ଏବଂ ଦେବେନ୍ଦ୍ର ଘୋଷ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ବିଦ୍ୟାଳୟକୁ ଆସି ନ ଥିଲେ। ପ୍ରଧାନ ଶିକ୍ଷକ ସାହୁ ପୂର୍ବାହ୍ନ ୧୧ଟା ୧୭ ମିନିଟ ସମୟରେ ବିଦ୍ୟାଳୟରେ ପହଞ୍ଚିଥିଲେ। ଏବାବଦରେ ତାଙ୍କୁ ପଚାରିବାରୁ ଘର କାର୍ଯ୍ୟ ପାଇଁ ବିଦ୍ୟାଳୟକୁ ଆସିବାକୁ ବିଳମ୍ବ ହୋଇଛି କିନ୍ତୁ ବିଳମ୍ବରେ ଆସିବା କଥା ବିଇଓଙ୍କୁ ଜଣାଇ ନ ଥିଲେ ବୋଲି ସେ କହିଛନ୍ତି।



## ରାସ୍ତାରେ ଅଚଳ ପଡ଼ିଛି ମୁଖ୍ୟମନ୍ତ୍ରୀ ବସ୍: ସାଧାରଣ ଲୋକ ହଟହଟା



**ଲୋଇସିଂହା,୧୩।୯(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ (ଖ) ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ କେନ୍ଦୁପତ୍ର ଫଡ଼ି ଘର ନିକଟରେ ଗତ ୪ ଦିନ ହେଲା ରାସ୍ତା ଉପରେ ଅଚଳ ହୋଇ ପଡିଛି ମୁଖ୍ୟମନ୍ତ୍ରୀ ବସ। ବସକୁ ମରାମତି ପାଇଁ ନିଆ ଯାଇ ନ ଥିବାରୁ ଏହି ରାସ୍ତାରେ ଚଳାଚଳ କରୁଥିବା ମୁଖ୍ୟମନ୍ତ୍ରୀ ବସ ସେବା ବନ୍ଦ ହୋଇପଡ଼ିଛି। ଉକ୍ତ ବସ ସେବା ପାଉଥିବା କଲେଜ ଛାତ୍ରୀଛାତ୍ର ସମେତ ସାଧାରଣ ଜନତାଙ୍କୁ ହଟହଟା ସମ୍ମୁଖୀନ ହେବାକୁ ପଡୁଛି। ପ୍ରକାଶ ଯେ, ଉକ୍ତ ବସ ଆଗଲପୁର ବ୍ଲକ ଆଗଲପୁର ଆମ ବସଷ୍ଟାଣ୍ଡରୁ ବାହାରି ଭରସୁଜା, ବଡ଼ଟୀକା, ନଅଗାଁ (ଖ) ପଞ୍ଚାୟତ ଦେଇ ବଲାଙ୍ଗୀର ବରଗଡ ୨୬ ନଂ ରାଜପଥ ବୁର୍ଡା ଦେଇ ରୁଗୁଡ଼ିଖାଲ ବାଟ ଦେଇ ଆଗଲପୁର ବ୍ଲକ ବକଟି ଅଞ୍ଚଳକୁ ନିୟମିତ ଦିନକୁ ୩ଥର ଯାତାୟତ କରୁଛି। ବଡଟୀକା, ନଅଗାଁ (ଖ) ପଞ୍ଚାୟତ ଅଧୀନ ଗ୍ରାମର କଲେଜ ଛାତ୍ରୀ ଛାତ୍ର ଲୋଇସିଂହା, ଯୋଗୀସର୍ଡା କଲେଜ ଯିବା ଆସିବାରେ ବେଶ ଉପକୃତ ହେଉଛନ୍ତି। ଏହାବାଦ ସାଧାରଣ ଜନତା ମଧ୍ୟ ବଲାଙ୍ଗୀର, ଲୋଇସିଂହା ଡାକ୍ତରଖାନା ଓ ବିଭିନ୍ନ କାର୍ଯ୍ୟରେ ଯିବାରେ ଉପକୃତ ହେଉଛନ୍ତି। ୩ ଦିନ ହେଲା ବସ ଅଚଳ ହୋଇ ପଡିଥିବା କାରଣ ଛାତ୍ରୀଛାତ୍ର ଓ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକ ଓ ଜିଲା ପ୍ରଶାସନ ଦୃଷ୍ଟି ଦେଇ ଉକ୍ତ ବସ କାର୍ଯ୍ୟକ୍ଷମ କରି ସେବା ଯୋଗାଇବାକୁ ସାଧାରଣରେ ଦାବି ହେଉଛି।